# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୦/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 10/2024 | Page 16 | ₹ 7.00

୫୦ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 345 | ମୂଲ୍ୟ ₹୭/-




**ଆଡ୍‌ଭାନୀଙ୍କୁ ରେକର୍ଡ ବିଶ୍ୱ ଟାଇଟଲ**

ଭାରତର ସ୍ନୁକର ଓ ବିଲିୟାର୍ଡ୍ସ ତାରକା ପଙ୍କଜ ଆଡ୍‌ଭାନୀ କ୍ରମାଗତ ୭ ଏବଂ ମୋଟ ୨୮ଥର ବିଶ୍ୱ ଟାଇଟଲ ହାସଲ କରି ରେକର୍ଡ କରିଛନ୍ତି।

୧୪

୧୦

**ହାସିମୋଟୋ ଥାଇରଏଡିଟିସ ରୋଗରେ ପୀଡ଼ିତ ଅର୍ଜୁନ୍‌**

ଅଭିନେତା ଅର୍ଜୁନ କପୁର 'ହାସିମୋଟୋ ଥାଇରଏଡିଟିସ୍' ରୋଗରେ ପୀଡ଼ିତ ଅଛନ୍ତି। ଏନେଇ ସେ ଶନିବାର ଏକ ସାକ୍ଷାତ୍‌କାରରେ ସୂଚନା ଦେଇଛନ୍ତି।



# ଜାମିନ ନିଷ୍ପତ୍ତିରେ ଦିନେ ବିଳମ୍ବ ମୌଳିକ ଅଧିକାରକୁ ପ୍ରଭାବିତ କରେ

**ନୂଆଦିଲ୍ଲୀ,୯।୧୧(ପି.ଟି.)**



ଅଦାଲତଗୁଡ଼ିକ ଜାମିନ ଆବେଦନକୁ ବର୍ଷ ବର୍ଷ ଧରି ପକାଇ ରଖୁଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ଜାମିନ ଆବେଦନର ବିଚାର ଗୋଟିଏ ଦିନ ବିଳମ୍ବ ହେବା ଦ୍ୱାରା ନାଗରିକମାନଙ୍କ ମୌଳିକ ଅଧିକାର ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି। ବ୍ୟକ୍ତିଗତ ସ୍ୱାଧୀନତାର ଗୁରୁତ୍ୱ ଉପରେ ସର୍ବୋଚ୍ଚ ଅଦାଲତ ପୁଣିଥରେ ଜୋର୍ ଦେଇଛନ୍ତି।

ଜଣେ ଆବେଦନକାରୀଙ୍କ ଜାମିନ ଆବେଦନ ଗତବର୍ଷ ଅଗଷ୍ଟରୁ ଆଲ୍ଲାହାବାଦ ହାଇକୋର୍ଟରେ ବିଚାର ଅପେକ୍ଷାରେ ପଡ଼ିରହିଥିବାବେଳେ ଏଥିରେ କୌଣସି ଅଗ୍ରଗତି ଘଟି ନ ଥିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବିନା ଜାମିନ ଆବେଦନକୁ ବାରମ୍ବାର ସ୍ଥଗିତ ରଖାଯାଉଥିବା ସେ ଅଭିଯୋଗ କରିଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କ ପିଟିଶନର ଶୁଣାଣି କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟରେ ନଭେମ୍ବର ୧୧ରେ ଜାମିନ ଆବେଦନର ଶୁଣାଣି ହେବାକୁ ଥିବାରୁ ସେହିଦିନ ଏହାର ବିଚାର କରି ଯଥାସମ୍ଭବ ନିଷ୍ପତ୍ତି ନେବା ପାଇଁ ସମ୍ପୃକ୍ତ ବିଚାରପତିଙ୍କୁ ଖଣ୍ଡପୀଠ ଅନୁରୋଧ କରିଛନ୍ତି। ସେହିଦିନ ନିଷ୍ପତ୍ତି ନେବା ସମ୍ଭବ ନ ହେଲେ ୨ ସପ୍ତାହ ମଧ୍ୟରେ ରାୟ ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି।

# ପଦ୍ମ ବିଜେତାଙ୍କୁ ମାସିକ ମିଳିବ ୩୦,୦୦୦

**ଭୁବନେଶ୍ୱର,୯।୧୧(ଅନିଲ ଦାସ)**

ରାଜ୍ୟର ସମସ୍ତ ପଦ୍ମବିଜେତାଙ୍କୁ ମାସକୁ ୩୦ ହଜାର ଟଙ୍କାର ସହାୟତା ରାଶି ମିଳିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସମସ୍ତ ୫୫ ଜଣ ଜୀବିତ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ମାସକୁ ୩୦ ହଜାର ଟଙ୍କା ଲେଖାଏ ସମ୍ମାନସୂଚକ ସହାୟତା ରାଶି ପାଇପାରିବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ କରିବେ।

# ୪ର୍ଥ ଥର ଗ୍ରାମୀ ଆୱାର୍ଡ୍ସ ପାଇଁ ରିକି କେଜ୍ ମନୋନୀତ




**ଲସ୍ ଏଞ୍ଜେଲ୍ସ, ୯।୧୧**

୬୭ତମ ଗ୍ରାମୀ ଆୱାର୍ଡ୍ସ ପାଇଁ ଭାରତୀୟ ଆମେରିକୀୟ ସଙ୍ଗୀତଜ୍ଞ ରିକି କେଜ୍ ଓ ବ୍ରିଟିଶ ଭାରତୀୟ ସଙ୍ଗୀତଜ୍ଞ ଅନୁଷ୍କା ଶଙ୍କରଙ୍କୁ ମନୋନୀତ କରାଯାଇଛି। ପୂର୍ବରୁ ୩ ଥର ଗ୍ରାମୀ ପୁରସ୍କାର ବିଜେତା କେଜ୍‌ଙ୍କୁ ଚଳିତଥର ଚତୁର୍ଥ ଥର ପାଇଁ ତାଙ୍କ ଆଲ୍‌ବମ 'ବ୍ରେକ୍ ଅଫ୍ ଡାଉନ୍' ପାଇଁ ମନୋନୀତ କରାଯାଇଛି। 'ଆମ୍ବିଏଣ୍ଟ' ଓ 'ଚାଣ୍ଟ ଆଲ୍‌ବମ' ଶ୍ରେଣୀରେ କେଜ୍‌ଙ୍କ 'ବ୍ରେକ୍ ଅଫ୍ ଡାଉନ୍ ଆମ୍ବିଏଣ୍ଟ'କୁ ମନୋନୀତ କରାଯାଇଛି। ସେହିପରି 'ଚାପ୍ଟର ୨: ହାଓ ଡାର୍କ ଇଟ୍ ଇଜ୍ ବିଫୋର ଡନ୍' ଆଲବମ ପାଇଁ ସିତାର ବାଦକ ତଥା ସଙ୍ଗୀତଜ୍ଞ ଅନୁଷ୍କା ଶଙ୍କରଙ୍କୁ ମନୋନୀତ କରାଯାଇଛି। ସେହିପରି ପ୍ରସିଦ୍ଧ ବ୍ରିଟିଶ୍ ସଙ୍ଗୀତଜ୍ଞ ଜାକବ କୋଲିୟରଙ୍କ ☞ପୃଷ୍ଠା-୨

# ୨୪ରେ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୯।୧୧(ଅନିଲ ଦାସ)**

**ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ**

ଆସନ୍ତା ୨୪ ତାରିଖରେ 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଲଣ୍ଡନ ଗସ୍ତ ଶେଷକରି ଭୁବନେଶ୍ୱରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ନଭେମ୍ବର ୨୪ ତାରିଖରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ୫ ହଜାର ଟଙ୍କା ଦିଆଯିବ। ଏଥିଲାଗି ସୁନ୍ଦରଗଡ଼ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବେ। ଡିସେମ୍ବର ମାସରେ ଅବଶିଷ୍ଟ ମହିଳାଙ୍କୁ 'ସୁଭଦ୍ରା' ଯୋଜନା'ର ଟଙ୍କା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ୩ ଜଣିଆ କମିଟି ଗଠିତ ହୋଇଛି। ଏହି କମିଟି ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ନୂଆ ଗାଇଡ୍‌ଲାଇନ୍ ଆଣିଛନ୍ତି। ଅଯୋଗ୍ୟ ହୋଇଥିବା ହିତାଧିକାରୀ କେମିତି ପୁଣି ଥରେ ସୁଭଦ୍ରା ଯୋଜନାରେ ସାମିଲ ହେବେ ସେନେଇ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ୨ଟି ପର୍ଯ୍ୟାୟରେ ରାଜ୍ୟ ସରକାର ରାଜ୍ୟର ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ☞ପୃଷ୍ଠା-୨






**ଆଜିର ସମ୍ପାଦକୀୟ** ଚମକ ଚାଲିଯାଇଛି









## ସଂକ୍ଷେପରେ

### ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟାଙ୍କ ଘରେ ଆୟକର ଚଢ଼ାଉ

ରାଞ୍ଚି,୯।୧୧

ଝାଡ଼ଖଣ୍ଡ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି ଥିବାବେଳେ ଆୟକର ବିଭାଗ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଆୟକର ଫାଙ୍କି ଅଭିଯୋଗର ତଦନ୍ତ କରୁଥିବା ଆଇଟି ବିଭାଗ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଉପଦେଷ୍ଟା ସୁନୀଲ ଶ୍ରୀବାସ୍ତବଙ୍କ ଘର ସମେତ ରାଜଧାନୀ ରାଞ୍ଚି ଏବଂ ଜାମ୍‌ସେଦପୁରର ୯ଟି ସ୍ଥାନରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଆୟକର ଟିମ୍‌କୁ ସିଆର୍‌ପିଏଫ୍ ଯବାନମାନେ ସହଯୋଗ କରିଥିଲେ। ରାଜ୍ୟରେ ବେଆଇନ ମଦ ବ୍ୟବସାୟ ଏବଂ ଖଣି ଖନନ ଅଭିଯୋଗର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଆରମ୍ଭ କରିଥିବାବେଳେ ଆୟକର ଫାଙ୍କିକୁ ନେଇ ଶନିବାର ଚଢ଼ାଉ କରାଯାଇଛି। ଆୟକର ଚଢ଼ାଉକୁ ନେଇ ରାଜ୍ୟ କଂଗ୍ରେସ ପ୍ରତିକ୍ରିୟା ପ୍ରକାଶ କରିଛି। ଝାଡ଼ଖଣ୍ଡରେ ଏହା ନୂଆ ନୁହେଁ। ବିରୋଧୀ ଦଳ ନେତା ଓ ତାଙ୍କ କର୍ମଚାରୀମାନଙ୍କ ଘରେ ଆୟକର ବିଭାଗ ବହୁ ସମୟରେ ଚଢ଼ାଉ କରିଥାଏ। ନିର୍ବାଚନ ପୂର୍ବରୁ ଆଇଟି ଏବଂ ଇଡି ଚଢ଼ାଉ ଜରିଆରେ ଭାଜପା ରାଜ୍ୟରେ ନିଜର ସ୍ଥିତି ମଜଭୁତ କରିବାକୁ ଉଦ୍ୟମ ଚଳାଇଥିବା କଂଗ୍ରେସ ନେତା ରାକେଶ ସିହ୍ନା କହିଛନ୍ତି। ଏହା ଦ୍ୱାରା ସେମାନେ ବିରୋଧୀ ନେତାମାନଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି।

### କୋଭିଡ୍ ପାଣ୍ଠିର ଦୁରୁପଯୋଗ: ୟେଦୁରପ୍ପାଙ୍କ ବିରୋଧରେ ମକଦ୍ଦମା ହେବ

ବେଙ୍ଗାଲୁରୁ,୯।୧୧

କୋଭିଡ୍ ମହାମାରୀ ସମୟରେ କର୍ନାଟକରେ ପିପିଇ କିଟ୍ ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ଅନିୟମିତତା ଯୋଗୁ ରାଜ୍ୟକୁ ୧୫୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ମିଚେଲ ଡି' କୁହ୍ନାଙ୍କ ନେତୃତ୍ୱରେ ଗଠିତ ତଦନ୍ତ କମିଶନ ଏହି ଦୁର୍ନୀତିର ତଦନ୍ତ କରି ତତ୍କାଳୀନ ଭାଜପା ସରକାରରେ ମୁଖ୍ୟମନ୍ତ୍ରୀ ଥିବା ବି.ଏସ୍. ୟେଦୁରପ୍ପା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ବି. ଶ୍ରୀରାମୁଲୁଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନର ଦଫା ୭ ଅନୁଯାୟୀ ମକଦ୍ଦମା ଚଳାଇବା ପାଇଁ ସୁପାରିସ କରିଛନ୍ତି। ଚାଇନା କମ୍ପାନୀଠାରୁ ୩ ଲକ୍ଷ ପିପିଇ କିଟ୍ କିଣାରେ ଅନିୟମିତତା ଅଭିଯୋଗ ହୋଇଥିଲା। ପିପିଇ କିଟ୍, ଔଷଧ ଏବଂ ଡାକ୍ତରୀ ଉପକରଣ କିଣିବା ପ୍ରସ୍ତାବକୁ ୟେଦୁରପ୍ପାଙ୍କ ନେତୃତ୍ୱାଧୀନ ସରକାର ୨୦୨୦ ମାର୍ଚ୍ଚ, ଏପ୍ରିଲରେ ଅନୁମୋଦନ କରିଥିଲେ। ଭାରତୀୟ କମ୍ପାନୀ ଆବଶ୍ୟକତା ପୂରଣ କରିପାରିବେ ନାହିଁ ବୋଲି ସେତେବେଳେ ଅଧିକାରୀମାନେ କହିଥିଲେ। ତେବେ ଭାରତୀୟ କମ୍ପାନୀ ପ୍ଲାଷ୍ଟି ସର୍ଜ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ ସେତେବେଳେ ବହୁତ କମ୍ ଦାମ୍ (୩୩୦ ଟଙ୍କା ୪୦ ପଇସା)ରେ ପିପିଇ କିଟ୍ ବିକୁଥିଲା ବେଳେ ଚାଇନା କମ୍ପାନୀ ଡିଏଚ୍‌ବି ଗ୍ଲୋବାଲ ପ୍ରତି କିଟ୍‌କୁ ୨,୧୧୭ ଟଙ୍କା ୫୩ ପଇସା ନେଉଥିଲା। କର୍ନାଟକ ରାଜ୍ୟ ମେଡିକାଲ ସପ୍ଲାଇଜ୍ କର୍ପୋରେଶନ ବିନା ଟେଣ୍ଡର ପ୍ରକ୍ରିୟାରେ ସିଧାସଳଖ ଚାଇନା କମ୍ପାନୀକୁ ପିପିଇ କିଟ୍ ପାଇଁ ଅର୍ଡର ଦେଇଥିଲେ।

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୨୭ ମୃତ

ଇସ୍‌ଲାମାବାଦ,୯।୧୧(ପି.ଟି.)


ଆତ୍ମଘାତୀ ବିସ୍ଫୋରଣରେ କ୍ୱେଟା ରେଳଷ୍ଟେଶନ ଛାତ ଉଡ଼ିଯାଇଛି।

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ଏକ ରେଳଷ୍ଟେଶନରେ ଶନିବାର ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୨୭ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୪ ଜଣ ସୈନ୍ୟ ରହିଛନ୍ତି। ଆହତମାନଙ୍କୁ କ୍ୱେଟା ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କ୍ୱେଟା ଷ୍ଟେଶନରୁ ପେଶାୱର ଯିବା ଲାଗି ଜାଫର ଏକ୍ସପ୍ରେସ୍ ପୂର୍ବାହ୍ନ ୯ଟା ସମୟରେ ଛାଡ଼ିବାକୁ ଥିବାବେଳେ ପ୍ଲାଟ୍‌ଫର୍ମରେ ଯାତ୍ରୀମାନଙ୍କ ଗହଳି ଲାଗିରହିଥିଲା। ଟ୍ରେନ୍ ଛାଡ଼ିବାର କିଛି ସମୟ ପୂର୍ବରୁ ବିସ୍ଫୋରଣ ଘଟିଥିବା କ୍ୱେଟା ଡିଭିଜନ କମିଶନର କହିଛନ୍ତି। ବିସ୍ଫୋରଣ ସମୟରେ ପ୍ଲାଟ୍‌ଫର୍ମରେ ଯାତ୍ରୀଙ୍କ ଗହଳି ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ମୃତଦେହଗୁଡ଼ିକ ଛିଟିକି ପଡ଼ିବା ସହ ପ୍ଲାଟଫର୍ମର ଛାତ ଉଡ଼ିଯାଇଥିଲା। ଷ୍ଟେଶନ ରକ୍ତରଞ୍ଜିତ ହେବା ସହ ଲଗେଜ୍‌ଗୁଡ଼ିକ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଆକ୍ରମଣକୁ ନିନ୍ଦା କରିବା ସହ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଆତ୍ମଘାତୀ ବିସ୍ଫୋରଣକାରୀ ଲଗେଜ୍ ସହିତ ଷ୍ଟେଶନରେ ପ୍ରବେଶ କରିଥିଲେ। ତେବେ ସେ ବିସ୍ଫୋରଣ ଘଟାଇବା ଉଦ୍ଦେଶ୍ୟରେ ଆସିଥିବାର କୌଣସି ସୂଚନା ମିଳୁ ନ ଥିବାରୁ ତାଙ୍କୁ ଅଟକାଇବା କଷ୍ଟକର ଥିଲା। ଆତ୍ମଘାତୀ ବିସ୍ଫୋରଣ ପାଇଁ ଆତଙ୍କବାଦୀ ସଂଗଠନ ବେଲୁଚ୍ ଲିବରେଶନ ଆର୍ମି (ବିଏଲ୍‌ଏ) ନିଜକୁ ଦାୟୀ କରିଛି। ପାକ୍ ସରକାର ବେଲୁଚିସ୍ତାନର ବିକାଶକୁ ଅଣଦେଖା କରି ଏହାର ସମ୍ବଳ ଶୋଷଣ କରୁଥିବା ବିଏଲ୍‌ଏ ଅଭିଯୋଗ କରିଛି। ତେବେ ସଂଘୀୟ ସରକାର ଉକ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ବିସ୍ଫୋରଣ ପଛରେ ବିଦେଶୀ ଶକ୍ତିର ହାତ ଥିବା କହିଛି। ସୂଚନାଯୋଗ୍ୟ, ସପ୍ତାହେ ପୂର୍ବରୁ ବେଲୁଚିସ୍ତାନର ମସ୍ତୁଙ୍ଗ ଜିଲାର ଏକ ବାଳିକା ବିଦ୍ୟାଳୟ ଏବଂ ହସ୍ପିଟାଲ ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟି ୫ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଟ୍ରମ୍ପଙ୍କୁ ହତ୍ୟା ପାଇଁ ଇରାନ୍‌ର ଯୋଜନାକୁ ପଣ୍ଡ କଲା ଏଫ୍‌ବିଆଇ

ୱାଶିଂଟନ,୯।୧୧(ପି.ଟି.)


ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ତୃତୀୟ ଥର ପାଇଁ ହତ୍ୟା ଉଦ୍ୟମ ହୋଇଥିଲା। ଇରାନ ପକ୍ଷରୁ କରାଯାଇଥିବା ଏହି ଯୋଜନାକୁ ସଂଘୀୟ ତଦନ୍ତ ବ୍ୟୁରୋ (ଏଫ୍‌ବିଆଇ) ପଣ୍ଡ କରିଦେଇଛି। ଏହି ମାମଲାରେ ଇରାନର ଜଣେ ନାଗରିକଙ୍କ ନାଁରେ ମାମଲା ରୁଜୁହେବା ସହ ୨ ଜଣ ଆମେରିକୀୟଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଫାର୍‌ହାଦ ଶକେରି (୫୧) ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ସହ ସମ୍ପୃକ୍ତ ବୋଲି ଏଫ୍‌ବିଆଇ କହିଛି। ଗୁରୁବାର ନ୍ୟୁୟର୍କର ବ୍ରୁକ୍‌ଲିନ୍ ଏବଂ ଷ୍ଟାଟେନଇ ଆଇଲାଣ୍ଡରୁ ୨ ଆମେରିକୀୟ କାର୍ଲିସଲ୍ ରିଭେରା(୪୯) ଏବଂ ଜୋନାଥନ ଲୋଡ୍‌ହଲ୍ଟ (୩୬)ଙ୍କୁ ଗିରଫ କରାଯାଇଥିଲା। ଟ୍ରମ୍ପ୍‌ଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଶକେରିଙ୍କୁ ଅକ୍ଟୋବର ୭ରେ ଇରାନ ସରକାର ଦାୟିତ୍ୱ ଦେଇଥିଲେ ବୋଲି ସେ ଏକ ରେକର୍ଡେଡ୍ ସାକ୍ଷାତ୍‌କାରରେ କହିଥିଲେ। ତେବେ ଆଇଆର୍‌ଜିସି ଧାର୍ଯ୍ୟ କରିଥିବା ସମୟସୀମା ମଧ୍ୟରେ ଯୋଜନା କାର୍ଯ୍ୟକାରୀ କରିବାକୁ ଶକେରି ଚାହୁଁ ନ ଥିଲେ ବୋଲି କହିଛନ୍ତି। ଏହା ବ୍ୟତୀତ ନ୍ୟୁୟର୍କ ସହରରେ ରହୁଥିବା ୨ ଜଣ ଇହୁଦୀ ଆମେରିକୀୟଙ୍କ ଉପରେ ନଜର ରଖିବା ଲାଗି ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେମାନଙ୍କ ମଧ୍ୟରୁ ଜଣକୁ ହତ୍ୟାକଲେ ୫ ଲକ୍ଷ ଡଲାର ଦିଆଯିବ ବୋଲି ଆଇଆର୍‌ଜିସି ଶକେରିଙ୍କୁ ପ୍ରସ୍ତାବ ଦେଇଥିଲା। ଏକ ଡକାୟତି ମାମଲାରେ ୧୪ ବର୍ଷ ଜେଲରେ ରହିବା ପରେ ୨୦୦୮ରେ ତାଙ୍କୁ ଇରାନ ପ୍ରତ୍ୟର୍ପଣ କରାଯାଇଥିଲା।


ଅଷ୍ଟ୍ରେଲିଆର ଜେସିକା ଲେନ୍ (ବାମରୁ ଦ୍ୱିତୀୟ)ଙ୍କୁ ଶନିବାର ଚଳିତବର୍ଷ ନୂଆ ମିସ୍ ଆର୍ଥ ଘୋଷଣା କରାଯିବା ପରେ ଫିଲିପାଇନ୍ସର ପରାନକେସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଭବ୍ୟ କରୋନେଶନ ନାଇଟ୍‌ରେ ତାଙ୍କୁ ଅନ୍ୟ ପ୍ରତିଯୋଗୀମାନେ ଅଭିନନ୍ଦନ ଜଣାଉଛନ୍ତି।

# ଏସ୍‌ଡିଏସ୍ ଭିଜା ବନ୍ଦ କଲା କାନାଡା

ନୂଆଦିଲ୍ଲୀ,୯।୧୧

## ଭାରତୀୟ ଛାତ୍ରୀଛାତ୍ର ପ୍ରଭାବିତ ହେବେ

କାନାଡା ସରକାର ଶୁକ୍ରବାର ଏହାର ଷ୍ଟୁଡେଣ୍ଟ ଡାଇରେକ୍ଟ ଷ୍ଟ୍ରିମ୍ (ଏସ୍‌ଡିଏସ୍)କୁ ବନ୍ଦ କରିଦେଇଛନ୍ତି। ଏହି ଲୋକପ୍ରିୟ ଷ୍ଟୁଡେଣ୍ଟ ଭିଜା ଯୋଜନା ବନ୍ଦ ହେବା ଫଳରେ କାନାଡା ଯିବାକୁ ଥିବା ଭାରତ ସମେତ ଅନ୍ୟ ବିଦେଶୀ ଛାତ୍ରୀଛାତ୍ର ପ୍ରଭାବିତ ହେବେ। ଆବାସ ଏବଂ ସମ୍ବଳ ସଙ୍କଟର ସମାଧାନ ପାଇଁ ଜଷ୍ଟିନ୍ ଟ୍ରୁଡୋ ସରକାର ଏଭଳି ନୀତିଗତ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଭିଜା ବନ୍ଦ ଯୋଗୁ କାନାଡା ଯିବାକୁ ଥିବା ଭାରତର ପ୍ରାୟ ୯୦ ପ୍ରତିଶତ ଛାତ୍ରୀଛାତ୍ର ବିଶେଷକରି ପଞ୍ଜାବରୁ ଯିବାକୁ ଥିବା ପିଲାମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ପାଠପଢ଼ା ଅନୁମତି ପାଇଁ ଆବେଦନ ପ୍ରକ୍ରିୟାରେ ସମସ୍ତ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କୁ ସେଠାରେ ପହଞ୍ଚିବାର ସମାନ ଓ ଉଚିତ ସୁଯୋଗ ମିଳିବ ବୋଲି କାନାଡାର ଇମିଗ୍ରେଶନ, ରିଫ୍ୟୁଜି ଆଣ୍ଡ ସିଟିଜେନ୍‌ଶିପ୍ (ଆଇଆର୍‌ସିସି) ପକ୍ଷରୁ କୁହାଯାଇଛି। ପୋଷ୍ଟ ସେକେଣ୍ଡାରୀ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ତ୍ୱରିତ୍ ପ୍ରୋସେସିଂ ସୁବିଧା ଯୋଗାଇଦେବା ପାଇଁ ୨୦୧୮ରେ ଏସ୍‌ଡିଏସ୍ ଆରମ୍ଭ ହୋଇଥିଲା। ଏହା ଆଣ୍ଟିଗୁଆ, ବରବୁଡ଼ା, ବ୍ରାଜିଲ, ଚାଇନା, କଲମ୍ବିଆ, କୋଷ୍ଟାରିକା, ଭାରତ, ମରକ୍କୋ, ପାକିସ୍ତାନ, ପେରୁ, ଫିଲିପାଇନ୍ସ, ସେନେଗାଲ, ସେଣ୍ଟ ଭିନ୍‌ସେଣ୍ଟ ଏବଂ ଗ୍ରେନାଡାଇନ୍ସ, ତ୍ରିନିଦାଦ, ଟୋବାଗୋ ଏବଂ ଭିଏତ୍‌ନାମର ବୈଧ ବାସିନ୍ଦାଙ୍କ ପାଇଁ ଖୋଲାଯାଇଥିଲା। ନିୟମିତ ଷ୍ଟଡି ପର୍‌ମିଟ ଷ୍ଟ୍ରିମ୍ ଜରିଆରେ ସେମାନଙ୍କୁ ଆବେଦନ କରିବା ପାଇଁ ଆମନ୍ତ୍ରଣ କରାଯାଉଥିଲା। ତେବେ ଏସ୍‌ଡିଏସ୍ ବନ୍ଦ ହେଲେ ମଧ୍ୟ କାନାଡାରେ ପାଠ ପଢୁଥିବା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଭାରତରୁ ବିଶେଷ କରି ପଞ୍ଜାବରୁ ଆଗାମୀ ଦିନରେ କାନାଡା ଯିବାକୁ ଥିବା ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପ୍ରଭାବିତ ହେବେ। ତେବେ ସେଠାରେ ରହିଥିବା ପିଏଚ୍‌ଡି ସମେତ ଉଚ୍ଚତର ଶିକ୍ଷାଲାଭ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ପ୍ରଭାବିତ ହେବେ ନାହିଁ ବୋଲି ଅପ୍ରବାସନ ଆଇନଜୀବୀ ଶାମଶେର ସିଂ ସାନ୍ଧୁ କହିଛନ୍ତି। ଗତବର୍ଷ ଭାରତରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ର ଏସ୍‌ଡିଏସ୍ ସିଷ୍ଟମ୍‌ରେ କାନାଡା ଯାଇଥିଲେ।

# ଏନ୍‌ଇଇଟି ଆଶାୟୀ ଛାତ୍ରୀଙ୍କୁ ୨ କୋଚିଂ ଶିକ୍ଷକଙ୍କ ବଳାତ୍କାର

ନୂଆଦିଲ୍ଲୀ,୯।୧୧

ଏନ୍‌ଇଇଟି ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ କାନପୁର ଯାଇଥିବା ଜଣେ ନାବାଳିକାଙ୍କୁ ବହୁ ମାସ ଧରି ବଳାତ୍କାର ଓ ବ୍ଲାକ୍‌ମେଲ୍ କରାଯାଇଥିବା ଅଭିଯୋଗ ହୋଇଛି। କାନପୁରର ଏକ ଲୋକପ୍ରିୟ କୋଚିଂ ସେଣ୍ଟରର ୨ ଜଣ ଜଣାଶୁଣା ଶିକ୍ଷକ ଏହି ଅପରାଧ ଘଟାଇଛନ୍ତି। ଏନ୍‌ଇଇଟି ଆଶାୟୀ ଜଣକ ସାହସ ଜୁଟାଇ ପୋଲିସରେ ଏତଲା ଦେବା ପରେ ୨ ଶିକ୍ଷକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟ ଏକ ଯୌନ ନିର୍ଯାତନା ମାମଲାରେ କିଛି ମାସ ପୂର୍ବରୁ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି।

ପୋଲିସ କହିବା ଅନୁଯାୟୀ, ଛାତ୍ରୀ ଜଣଙ୍କ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ୨୦୨୨ରେ କାନପୁର ଯାଇ ସେଠାର ଏକ କୋଚିଂ ସେଣ୍ଟରରେ ନାମ ଲେଖାଇଥିଲେ। ଗତ ଜାନୁଆରୀରେ ବାୟୋଲୋଜି ଶିକ୍ଷକ ସାହିଲ ସିଦ୍ଦିକି ତାଙ୍କୁ ଘରେ ଏକ ପାର୍ଟିରେ ଯୋଗଦେବା ପାଇଁ ଆମନ୍ତ୍ରଣ କରିଥିଲେ। ଛାତ୍ରୀ ଜଣଙ୍କ ତାଙ୍କ ଫ୍ଲାଟ୍‌ରେ ପହଞ୍ଚିବା ପରେ ସେଠାକୁ ଅନ୍ୟ କୌଣସି ଛାତ୍ରୀଛାତ୍ର ଆସି ନ ଥିବା ଦେଖିବାକୁ ପାଇଥିଲେ। ସିଦ୍ଦିକି ତାଙ୍କୁ ନିଶା ଦେଇ ବଳାତ୍କାର କରିବା ପରେ ଏହାର ଭିଡିଓ ଶୁଟିଂ କରିଥିଲେ। ଉକ୍ତ ଭିଡିଓକୁ ସର୍ବସାଧାରଣରେ ପ୍ରକାଶ କରିଦେବା ଏବଂ ତାଙ୍କ ପରିବାର ଲୋକଙ୍କୁ ହତ୍ୟା କରିବାର ଧମକ ଦେଇ ସିଦ୍ଦିକି ଅନେକ ଥର ଉକ୍ତ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ସେ ଛାତ୍ରୀ ଜଣଙ୍କୁ ତାଙ୍କ ଘରେ କିଛିଦିନ ପଣବନ୍ଦୀ ରଖିବା ସହ ବିଭିନ୍ନ ପାର୍ଟିରେ ଯୋଗଦେବା ପାଇଁ ବାଧ୍ୟ କରୁଥିଲେ। ଏହିଭଳି ଏକ ପାର୍ଟିରେ କେମେଷ୍ଟ୍ରି ଶିକ୍ଷକ ବିକାଶ ପରୱାଲ ତାଙ୍କୁ ବଳାତ୍କାର କରିଥିଲେ। ତେବେ ସିଦ୍ଦିକି ଅନ୍ୟ ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଉଥିବାର ଭିଡିଓ ଭାଇରାଲ ପରେ ତାଙ୍କୁ ଗିରଫ କରାଯାଇଥିଲା ଓ ସେ ଜାମିନରେ ଆସିଥିଲେ।

# ୫ କୁକୁର ଛୁଆଙ୍କୁ ଜିଅନ୍ତା ଜାଳିଲେ ୨ ମହିଳା

ମିରଟ, ୯।୧୧

ଉତ୍ତରପ୍ରଦେଶର ମିରଟରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ କଙ୍କରଖେଡ଼ା ଥାନା ଖଡ଼ୌଲି କଲୋନୀରେ ୩ ଦିନ ତଳେ ଜନ୍ମ ହୋଇଥିବା ୫ କୁକୁରଛୁଆ ବାରମ୍ବାର ଶବ୍ଦ କରୁଥିବାରୁ ଏଥିରେ ବିରକ୍ତ ହୋଇ ଶୋଭା ଏବଂ ଆରତି ନାମ୍ନୀ ୨ ମହିଳା ସେମାନେ ଶୋଇଥିବା ବୁଦା ଉପରେ ପେଟ୍ରୋଲ ପକାଇ ସେମାନଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଆନିମଲ କେୟାର ସୋସାଇଟିର ଅଭିଯୋଗ ଆଧାରରେ ୨ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ମିରଟ ଏସ୍‌ଏସ୍‌ପି ବିପିନ ତାଡ଼ା କହିଛନ୍ତି। କୁକୁର ଛୁଆଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କୁ ପୋତି ଦିଆଯାଇଛି। ୨ ଅଭିଯୁକ୍ତ ମହିଳାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିରଟ ସିଟି ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଆୟୁଷ ବିକ୍ରମ ସିଂ କହିଛନ୍ତି।

DADLS - 50

ଓଡ଼ିଶା ସରକାର
**ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**
ତା.୧୦.୧୧.୨୦୨୪ ରିଖ (ଅଁଳା ନବମୀ ତିଥି)
ସକାଳ ୮.୩୦ ମିନିଟ୍ –
ଏଜି ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ପୂର୍ବାହ୍ନ ୧୦.୩୦ ମିନିଟ୍ | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ,**
ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ
ସମ୍ମାନନୀୟ ବକ୍ତା
**ଡଃ. ପ୍ରଫୁଲ କୁମାର ରଥ,**
ବିଶିଷ୍ଟ ଶିକ୍ଷାବିତ୍ ଏବଂ ପ୍ରାକ୍ତନ ଶିକ୍ଷା ପ୍ରଶାସକ
**ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ,**
ବିଶିଷ୍ଟ ଶିକ୍ଷାବିତ୍ ଓ ଐତିହାସିକ
ମଧ୍ୟାହ୍ନ ୧୨ ଘଟିକା – ଜୟୀ ରାଜଗୁରୁଙ୍କ ଜୀବନୀ ସମ୍ପର୍କିତ ଆଲୋଚନାଚକ୍ର
(ଆୟୋଜକ : ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶା)
ଉଦ୍‌ଘାଟକ
ମାନ୍ୟବର **ଶ୍ରୀଯୁକ୍ତ ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର**
ବିଚାରପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
(ଏହି ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଐତିହାସିକ, ଗବେଷକ, ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗଦେବେ)
ସାଂସ୍କୃତିକ କାର୍ଯ୍ୟକ୍ରମ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ୍ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
I&PR_15001/13/0275/2425

# ଅଙ୍ଗନୱାଡି କର୍ମୀଙ୍କ ପାଇଁ ସ୍ଥାୟୀ ସରକାରୀ କର୍ମଚାରୀ ଭଳି ସୁବିଧା କର

## କେନ୍ଦ୍ର, ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଅହମଦାବାଦ,୯।୧୧(ପି.ଟି.)



ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନଙ୍କ ପାଇଁ ସ୍ଥାୟୀ ସିଭିଲ୍ କର୍ମଚାରୀଙ୍କ ଭଳି ସୁବିଧା କରିବା ନିମନ୍ତେ ଗୁଜରାଟ ହାଇକୋର୍ଟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଶର ଅନେକ ଲକ୍ଷ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନଙ୍କ ପାଇଁ ଲାଭଦାୟକ ହେବ। ସରକାରୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ସମ୍ମାନ ମିଳୁ ନ ଥିବାବେଳେ ପକ୍ଷପାତ କରାଯାଉଥିବା ହାଇକୋର୍ଟ ଜାଣିବା ପରେ ଉପରୋକ୍ତ ରାୟ ଦେଇଛନ୍ତି। ଏହି ପଦବୀଗୁଡ଼ିକୁ ସରକାରୀ ସେବାରେ ସାମିଲ କରିବା ସହ ସେମାନଙ୍କୁ ନିୟମିତ କର୍ମଚାରୀଙ୍କ ଭଳି ସୁବିଧା ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମିଳିତ ଭାବେ ନୀତି ପ୍ରଣୟନ କରିବା ନିମନ୍ତେ ଜଷ୍ଟିସ୍ ନିଖିଲ ଏସ୍. କାରିଏଲ୍‌ଙ୍କ ଖଣ୍ଡପୀଠ କହିଛନ୍ତି।

କେନ୍ଦ୍ର ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିସି) ଯୋଜନାରେ ୧୯୮୩ରୁ ୨୦୧୦ ମଧ୍ୟରେ ନିଯୁକ୍ତି ପାଇଥିବା ଅନେକ ଅଙ୍ଗନୱାଡି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ) ଏବଂ ସହାୟିକା (ଏଡବ୍ଲ୍ୟୁଏଚ୍)ଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି। ୬ ବର୍ଷରୁ କମ୍ ବୟସର ପିଲା, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ କଲ୍ୟାଣ ଲାଗି ସାରା ଦେଶରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇ ଏଡବ୍ଲ୍ୟୁଡବ୍ଲ୍ୟୁ ଏବଂ ଏଡବ୍ଲ୍ୟୁଏଚ୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଦୈନିକ ୬ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବାବେଳେ ସରକାରୀ କର୍ମଚାରୀଙ୍କ ଭଳି ସୁବିଧା ଦିଆ ନ ଯାଇ ସ୍ୱଳ୍ପ ପରିମାଣର ପାରିତୋଷିକ ଦିଆଯାଉଛି। ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଓକିଲଙ୍କୁ ଘରେ ଏସିଡ୍ ମାଡ଼

**ଗଜପତି ଜିଲା ପାରଳାଖେମୁଣ୍ଡିରେ ଜଣେ ଆଇନଜୀବୀଙ୍କ ଉପରେ ଏସିଡ୍‌ମାଡ଼ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। କିଏ ଏବଂ କାହିଁକି ଏଭଳି ଆକ୍ରମଣ କଲେ ତାହା ଜଣାପଡ଼ି ନାହିଁ। ଜଣେ ଆଇନଜୀବୀଙ୍କୁ ଏସିଡ୍ ମାଡ଼ ଘଟଣା ପ୍ରଥମ ହୋଇଥିବାବେଳେ ଓକିଲ ସଂଘ ପକ୍ଷରୁ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।**

**ପାରଳାଖେମୁଣ୍ଡି,୯।୧୧ (ଗିରିଧାରୀ ପରିଚ୍ଛା)**

ପାରଳାଖେମୁଣ୍ଡି ବାର୍‌ର ବରିଷ୍ଠ ଆଇନଜୀବୀ ପି. ରାମାରାଓଙ୍କ ଉପରକୁ ଶନିବାର ଏସିଡ୍ ମାଡ଼ ହୋଇଛି। ଅପରାହ୍ଣରେ ସେ ଜଙ୍ଗମସାହିସ୍ଥିତ ନିଜ ବାସଭବନରେ ଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ରାମାରାଓଙ୍କ ଘରର କବାଟ ବାଡ଼େଇ ଡାକିଥିଲେ। ସେ କବାଟ ଖୋଲି ଦେଖିବା ସମୟରେ ହଠାତ୍ କେହି ଜଣେ ଗ୍ଲାସରେ ପୂର୍ବରୁ ଧରିଥିବା ଏସିଡ୍ ତାଙ୍କ ଉପରକୁ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ଏସିଡ୍ ମାଡ଼ରେ ରାମାରାଓଙ୍କ ଦେହସାରା ଜଳିଯିବା ସହ ମୁହଁର ଅଧିକାଂଶ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପଡ଼ୋଶୀ ଏବଂ ସହଯୋଗୀ ଆଇନଜୀବୀମାନେ ରାମାରାଓଙ୍କୁ ସଙ୍ଗେ ସଙ୍ଗେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆଖିରେ ଏସିଡ୍ ପଡ଼ିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଖବର ଲେଖା ହେବାଯାଏ ଏସିଡ୍ ପକାଇବା ପଛର କାରଣ ସ୍ପଷ୍ଟ ହୋଇନି। କିଏ ଏଭଳି କରିଛି ସେନେଇ କୌଣସି ସୂଚନା ମିଳିପାରି ନାହିଁ। ଏସିଡ୍ ଆକ୍ରମଣ ଘଟଣାକୁ ପାରଳାଖେମୁଣ୍ଡି ଓକିଲ ସଂଘ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଅଭିଯୁକ୍ତ ଗିରଫ ହେବା ☞ପୃଷ୍ଠା–୨



ସମ୍ବଲପୁର ପ୍ରାଣୀ ଉଦ୍ୟାନ ଗ୍ଲାସ ଏନ୍‌କ୍ଲୋଜରରେ ଏକାଠି ହୋଇଛନ୍ତି ପୁରୁଷ ଓ ମାଈ କଲରାପତରିଆ ବାଘ।

# ମହାକାଶରେ ସୁନୀତାଙ୍କ ଓଜନ ହ୍ରାସ: ନାସା

**ୱାଶିଂଟନ, ୯।୧୧**

ଆମେରିକୀୟ ମହାକାଶ ସଂସ୍ଥା ନାସାର ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର ଗତ ୫ ମାସ ହେବ ମହାକାଶରେ ଫସି ରହିଛନ୍ତି। ଆସନ୍ତା ଫେବୃଆରୀ ପର୍ଯ୍ୟନ୍ତ ଉଭୟଙ୍କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରେ ରହିବାକୁ ପଡ଼ିବ। ତେବେ ଦୀର୍ଘ ସମୟ ଧରି ମହାକାଶରେ ରହିବା ଫଳରେ ଭାରତୀୟ ବଂଶୋଦ୍ଭବ ☞ପୃଷ୍ଠା–୨



### ଆଇଏସ୍‌ଏସ୍‌ରେ କ'ଣ ଖାଆନ୍ତି ଆଷ୍ଟ୍ରୋନଟ୍

ମହାକାଶରେ ଆଷ୍ଟ୍ରୋନଟ୍‌ମାନଙ୍କ ଶରୀରର ମେଟାବୋଲିଜମର ମାତ୍ରାରେ ପରିବର୍ତ୍ତନ ଘଟୁଥିବା ହେତୁ ପୃଥିବୀରେ ଥିବା ଲୋକଙ୍କ ତୁଳନାରେ ସେମାନଙ୍କୁ ୨ ଗୁଣା ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ପଡ଼ିଥାଏ। ନିଜ ଓଜନକୁ ବଜାୟ ରଖିବା ପାଇଁ ମହାକାଶଚାରୀମାନଙ୍କୁ ଦୈନିକ ୩୫୦୦ରୁ ୪୦୦୦ କ୍ୟାଲୋରି ଥିବା ଖାଦ୍ୟ ଖାଇବାକୁ ପଡ଼ିଥାଏ। ଯଦି ସେମାନଙ୍କ ଶରୀରରେ କ୍ୟାଲୋରିର ମାତ୍ରା କମିବା ଆରମ୍ଭ କରେ ତେବେ ଏହାର ପ୍ରତିଫଳନ ☞ପୃଷ୍ଠା–୨

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୯।୧୧(ଅନିଲ ଦାସ)**

### ବିଶାଳ ଦେବଙ୍କୁ ଶକ୍ତି, ସଞ୍ଜୀୟ ସିଂଙ୍କୁ ଖାଦ୍ୟ ଯୋଗାଣ ବିଭାଗ

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ରବିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଦେଓରଞ୍ଜନ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍)ର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ସେହିପରି ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ସଚିବ ବିଶାଳ ଦେବଙ୍କୁ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଶାଳ ଦେବ ଓକାକ୍ ଏବଂ ଓଏଫ୍‌ଡିସିର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଉଭୟ ବିଭାଗ ସହିତ ସେ ଓକାକ୍‌ର ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ସେହିପରି ଦୀର୍ଘ ବର୍ଷ ଧରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଥିବା ବୀର ବିକ୍ରମ ଯାଦବଙ୍କୁ ହଟାଇ ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ☞ପୃଷ୍ଠା–୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ଭୋର ୫ଟା ୩୦।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମାଲ୍ୟାର୍ପଣ, ସ୍ଥାନ: ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିସ୍ଥଳ, ଏଜି ଛକ, ସମୟ: ସକାଳ ୮ଟା ୩୦। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଉପଲକ୍ଷେ ଚିତ୍ରକଳା ଶିବିର, ସ୍ଥାନ: କଳିଙ୍ଗ ଆର୍ଟ ଗ୍ୟାଲେରୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ, ସ୍ଥାନ: କନ୍‌ଭେନଶନ ସେଣ୍ଟର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୫ଟା।
- ଖୁସିଓ୍ୱାଁ କି ତ୍ୟୋହାର, ସିଜନ-୩, ସ୍ଥାନ: ଉତ୍କଳ କନିକା ଗ୍ୟାଲେରିଆ, ସମୟ: ଅପରାହ୍ନ ୫ଟା ୩୦।
- 'ଗାନ୍ଧିଜୀଙ୍କ ସହ ୩୦ ଦିନ' ପୁସ୍ତକ ଲୋକାର୍ପଣ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।

## କଟକ
- ରାଧାମୋହନଜୀଉ ନାଟ୍ୟ ପରିଷଦ ପକ୍ଷରୁ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୧ନଂ. ୱାର୍ଡ ରାଧାମୋହନ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ସମ୍ବଳ ସଙ୍ଗଠନର ୩ୟ ବାର୍ଷିକ ଉତ୍ସବ, ସ୍ଥାନ: ରାଧାନାଥ ଟ୍ରେନିଂ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ବିଶ୍ୱ ବିଜ୍ଞାନ ଦିବସ, ସ୍ଥାନ: ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଗଙ୍ଗାମନ୍ଦିର ସାହି ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ, ସ୍ଥାନ: ଗଙ୍ଗାମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ସ୍ୱାସ୍ଥ୍ୟ ସେବା ଶିବିର,ସ୍ଥାନ:ବଇଞ୍ଚା ବାତ୍ୟା ଆଶ୍ରୟସ୍ଥଳୀ, ବାଲେଶ୍ୱର,ସମୟ:ସକାଳ ୯ଟା।
- ଜାତୀୟ ପ୍ରେସ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ:ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ:ସକାଳ ୯ଟା।
- ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିବସ ଉପଲକ୍ଷେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜଗନ୍ନାଥ କଲ୍ୟାଣ ମଣ୍ଡପ, ନୀଳଗିରି,ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ:ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ସମାରୋହ, ସ୍ଥାନ:ପୁରାତନ ଛାତ୍ର ସଂସଦ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଆଡ଼, ଜଳେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମ୍ବର୍ଦ୍ଧନା ସଭା,ସ୍ଥାନ:ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ନେତୃତ୍ୱ ବିକାଶ ଶିବିର ଉଦ୍‌ଯାପନୀ ଦିବସ,ସ୍ଥାନ: ଗୋପାଳପୁର ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଅବସରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ:ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର,ସମୟ:ଅପରାହ୍ନ ୩ଟା।
- ବୋଇତ ବନ୍ଦାଣ ଉତ୍ସବ ଓ ସୁବର୍ଣ୍ଣରେଖା ନଦୀ ଆଳତୀ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ:ରାଜଘାଟ ବାରୁଣୀଘାଟ, ବସ୍ତା,ସମୟ:ଅପରାହ୍ନ ୩ଟା ୩୦।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ ଉଦ୍‌ଯାପନୀ,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଜଗନ୍ନାଥ ମନ୍ଦିରର ରତ୍ନମୁଦ ସ୍ଥାପନ, ସ୍ଥାନ: ଓଳମ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଦୋବଲ କାଳୀବଜାର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା, ସ୍ଥାନ: ତାରିଣୀ ମନ୍ଦିର ନିକଟସ୍ଥ ପେଟ୍ରୋଲ ପମ୍ପ, ବନ୍ତ, ସମୟ: ଅପରାହ୍ନ ୫ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଛୟାଳସିଂହ ଖଗେଶ୍ୱରର ମହାଦେବ ପୀଠସ୍ଥଳୀ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଭାଗବତ ସପ୍ତାହ ପାରାୟଣ, ସ୍ଥାନ:ମିଠିଗାଁ, ହାଟଡିହୀ, ସମୟ :ସକାଳ ୭ ଟା।
- ସତ୍ୟସାଇ ସମିତି ତରଫରୁ ବାଲ ବିକାଶ ଶିକ୍ଷା ଏବଂ ଆଧ୍ୟାତ୍ମିକ ଆଲୋଚନା, ଭଜନ, ସ୍ଥାନ:ଡ଼ଅଁର, ମରେଇଗାଁ,ହାଟଡିହୀ,ସମୟ :ସକାଳ ୭ଟା ଏବଂ ସନ୍ଧ୍ୟା ୬ଟା।
- ୬୮ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କେନ୍ଦୁଝର, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ
- ସୂର୍ଯ୍ୟ ପୂଜା, ସର୍ବଦେବାଦେବୀ ଯଜ୍ଞ ଓ ଚଣ୍ଡି ଯଜ୍ଞ, ସ୍ଥାନ: ଭାଲୁପାହାଡ଼ି,ଅଙ୍କୁରା କରଞ୍ଜିଆ, ସମୟ:ସକାଳ ୮ଟା।
- ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ସମାରୋହ, ସ୍ଥାନ: ଲାୟନ୍ସ କ୍ଲବ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ:ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ମା' ଜଗଦ୍ଧାତ୍ରୀଙ୍କ ପୂଜା ଲାଗି ଘଟୋତ୍ତଳନ, ସ୍ଥାନ: ଭଞ୍ଜପୁର ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା। ବିଶ୍ୱ ଭାତୃ ଦିବ୍ୟାତ୍ମା ପରିଷଦ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ:ହାଇସ୍କୁଲ ଛକ,ଅତୁଲ ବାବୁଙ୍କ ପଡ଼ିଆ,ଉଦଳା,ସମୟ:ସନ୍ଧ୍ୟା ୬ଟା ୩୦।
- ମା' ଭୈରବୀଙ୍କ ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଭୈରବୀ ମନ୍ଦିର ପରିସର, ଚିତ୍ରଡ଼ା, ମୋରଡ଼ା,ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଅଁଳା ନବମୀ ପାଳନ, ସ୍ଥାନ: ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ଦିନିକିଆ ମାନବାଧିକାର ପ୍ରଶିକ୍ଷଣ ଶିବିର,ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା୩୦।
- ପୁସ୍ତକ ମେଳା ଉଦ୍‌ଯାପନୀ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା୩୦।

## ଗଞ୍ଜାମ
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ପାତଳେଶ୍ୱର ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପ(ପଞ୍ଚମା ଗ୍ରାମ ),ସମୟ: ପୂର୍ବାହ୍ନ୧୦ ଟା।
- ଶ୍ରୀମଦ ଭାଗବତ କଥାର ପୂର୍ଣ୍ଣାହୁତି ଦିବସ, ସ୍ଥାନ: ପାତ୍ର କଲୋନୀ,ନୂଆଗାଁ, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ:ବୁଗୁଡା, କଦମ୍ବ ମଠ, ସମୟ:ସନ୍ଧ୍ୟା ୭ ଟା।

## କନ୍ଧମାଳ
- ଜିଲାସ୍ତରୀୟ ଆଶ୍ରମ ବିଦ୍ୟାଳୟ ଶିକ୍ଷକଙ୍କ ବୈଠକ, ସ୍ଥାନ:ଟାଉନ ହଲ, ବାଲିଗୁଡା, ସମୟ:ପୂର୍ବାହ୍ନ୧୧ଟା୩୦।

## ଢେଙ୍କାନାଳ
- ଗିରିଜା କଳା ମହାପାଠଙ୍କର ବାର୍ଷିକ ଉତ୍ସବ, ସ୍ଥାନ:ହାତୀଗିଜା ପାହାଡ ପାଦଦେଶ, ସମୟ: ସକାଳ ୭ଟା।
- ନାଟ୍ୟ ସଂସ୍ଥା 'ଭୂମିକା' ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ ଓ ନାଟକ ପରିବେଷଣ, ସ୍ଥାନ:କଳ୍ପନା କ୍ଲବ ପରିର, ସମୟ: ସନ୍ଧ୍ୟା ୬ ଟା ୩୦।

## ଅନୁଗୋଳ
- କାର୍ତ୍ତିକେଶ୍ୱର ଯଜ୍ଞ, ସ୍ଥାନ: ଅନୁଗୋଳ ସୌଭାଗ୍ୟନଗର, ସମୟ: ପୂର୍ବାହ୍ନ ୧୦ ଟା।
- ନୂଆଖାଇ ଉତ୍ସବ, ସ୍ଥାନ: ଅନୁଗୋଳ ରେଲୱେ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ଶିଶୁ ସନ୍ଧ୍ୟା, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର
- ଆୟୁର୍ବେଦ କମ୍ପାନୀ ପକ୍ଷରୁ ନୂତନ ବିତରଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ହାଉସିଂବୋର୍ଡ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦର ସାଂସ୍କୃତିକ ମହୋତ୍ସବ ଉପଲକ୍ଷେ ପ୍ରଶାସନିକ ବିଭାଗ ପକ୍ଷରୁ ନାଟକ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଜିଲା ବିଚାରାଳୟ ପକ୍ଷରୁ ହାଇସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା କୋର୍ଟ ପରିସର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ନିଗିନିପୁର ୟୁପି ସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ:ସକାଳ ୯ଟା।
- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମହାକାଳପଡ଼ା ବିଧାନସଭା ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: କେୟାରବାଙ୍କ, ମହାକାଳପଡା, ସମୟ:ସକାଳ ୯ଟା।
- କେନ୍ଦ୍ରାପଡ଼ା ବିଧାନସଭା ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଅଳପୁଆ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।

## ଯାଜପୁର
- ମାଣ୍ଡିଆ ଦିବସ ଉପଲକ୍ଷେ ଜିଲାସ୍ତରୀୟ ଶ୍ରୀଅନ୍ନ ଏବଂ ଫରଗଟନ ଫୁଡ ଫେଷ୍ଟିଭାଲ, ସ୍ଥାନ: ଯାଜପୁର ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କାଳୀ ମେଲଣ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍‌ର ଚୋରଦା କାଳୀ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀ ଉଦ୍‌ଯାପନୀ ରେ ସ୍ମୃତି ଚାରଣ ସଭା, ସ୍ଥାନ:ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ, ସମୟ: ସକାଳ ୯ଟା।
- ଅଁଳା ନବମୀ ପର୍ବ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥିତ ଗୋକୁଳାନନ୍ଦ ମନ୍ଦିର, ବଡ ଟାସେରା ମନ୍ଦିର, କଣ୍ଟିଲୋ ରାଧା ମୋହନ ଜୀଉ ମଠ, ଜଗନ୍ନାଥ ପ୍ରସାଦର ବାତେରା ମଠ, ନୟାଗଡ଼ ବ୍ଲକ୍ ଇଟାମାଟି ରାଧାକାନ୍ତ ମଠ, ସମୟ:ସକାଳ ୭ଟା।
- ରାସୋତ୍ସବର ଶୁଭାରମ୍ଭ ଦିବସରେ ନବରାତ୍ର ପୂଜା, ସ୍ଥାନ:ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦।

## ରାୟଗଡ଼ା
- ୨୪ ପ୍ରହର ନାମ ଯଜ୍ଞ ଆରମ୍ଭ, ସ୍ଥାନ: ଗୁଣପୁର ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗୁଣପୁର ଶେଫାଳୀ ପାହାଡ଼, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ସକାଳ ୯ଟା ।
- ଗୁଣପୁର ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର
- ଜିଲାସ୍ତରୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୟନ୍ତୀ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ୟୁଟିଲିଟି ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, ସ୍ଥାନ : ମାତୃ ନିବାସ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ହୀରାକୁଦସ୍ଥିତ ଜିଗ ଜାଗ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ : ସମୟ ପୂର୍ବାହ୍ନ ୧୦ଟା।
- କାରାଖାନା ପାଉଁଶ ଡମ୍ପିଂ ନେଇ ଉଚ୍ଚସ୍ତରୀୟ ବୈଠକ, ସ୍ଥାନ : ଆରଡିସି ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ବିଶ୍ୱଭାରତୀ ସମାବେଶର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁରୁ ପଦ୍ମସମ୍ଭବ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଭୋଜପୁରୀ କ୍ରିକେଟ ଲିଗ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା।
- ଡାକ୍ତର ଦୀନବନ୍ଧୁ ସାହୁଙ୍କ ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ୩୦।
- ରାତ୍ରକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- କିମ୍ସ ହସ୍ପିଟାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କିସ୍ କ୍ୟାମ୍ପସ୍, ନୂଆବସଷ୍ଟାଣ୍ଡ ପାଖ, ବଲାଙ୍ଗୀର, ସମୟ: ସକାଳ ୯ଟାରୁ ଅପରାହ୍ନ ୫ଟା।
- ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ବୈଠକ, ସ୍ଥାନ: ରୁଗୁଡ଼ିଖାଲ ସାପ୍ତାହିକ ବଜାର, ସମୟ: ପୂର୍ବାହ୍ନ ୧୦ ଟା ।
- ରୁଗୁଡ଼ିଖାଲ ରାମ ମନ୍ଦିରରେ ଅଁଳା ନବମୀ ପାଳନ ଓ ୫୬ ଭୋଗ ଅର୍ପଣ, ସ୍ଥାନ: ରାମ ମନ୍ଦିର, ପୂର୍ବାହ୍ନ ୧୦ ଟା।
- କୋଶଳ ପ୍ରବାହର ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ।
- ଓସ୍ତୁର ୧୯ତମ ଜିଲା ସମ୍ମିଳନୀ,ସ୍ଥାନ: ଏଡିଫିସ୍, ସମ୍ବଲପୁର ରୋଡ, ବଲାଙ୍ଗୀର, ସମୟ: ପୂର୍ବାହ୍ନ: ୧୦ଟା।
- ବଲାଙ୍ଗୀର ଡ୍ୟାନ୍ସ ଷ୍ଟାର କାର୍ଯ୍ୟକ୍ରମ ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ସାମୂହିକ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଅବସରରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉତ୍ସବ ଅବସରରେ ଖାଦ୍ୟ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ସକାଳ ୮ଟା।
- ୫୬ତମ ସାର୍ବଜନୀନ କାଳୀପୂଜା ମହୋତ୍ସବ ଅବସରରେ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ସୋନପୁର ମହିପଡା ନାମମଣ୍ଡପ, ସମୟ: ସକାଳ ୯ଟା।
- ଅଖଣ୍ଡ ନାମଯଜ୍ଞର ଚବିଶିତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନିମ୍ବାର୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- କ୍ରୀଷ୍ଟା ବିକାଶ ଗ୍ରୁପର ବାର୍ଷିକ କ୍ରୀଡ଼ା, ସ୍ଥାନ: ବିକାଶ ଖେଳ ପଡ଼ିଆ, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ରାମଚଣ୍ଡୀ ମନ୍ଦ, ଲାଦେରପାଲି, ଅତାବିରା, ସମୟ: ସକାଳ ୯ଟା।
- ଘାଏ ଦେଖତ କଳାପଟା ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଗାଇସିଲେଟ୍ , ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣ ସମାଜର ପରିବାର ମିଳନ, ସ୍ଥାନ: ପାର୍କ ପଛପଟ, ଗାଇସିଲେଟ୍ , ସମୟ: ପୂର୍ବାହ୍ନ ୧୦ଟା।
- ଓବିସି ସାଧାରଣ ଜନସଭା, ସ୍ଥାନ: ପଲ୍ଲବ ପ୍ୟାଲେସ, ଗୋବିନ୍ଦପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ଭାଗବତ ସପ୍ତାହ ଅବସରରେ କୁକୁରଜଂଘା ଜଗନ୍ନାଥ ମନ୍ଦିରରେ ଭରତ ଚରିତ୍ର ପଠନ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଆମ୍ ଆଦମୀ ପାର୍ଟିର ବୈଠକ, ସ୍ଥାନ: ବାସନ୍ତୀ କଲୋନୀ କାର୍ଯ୍ୟାଳୟ ଅଫିସ୍, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସେକ୍ଟର-୭, ମଧୁମଣ୍ଡପ, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ଭାଗବତ ସପ୍ତାହ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ସେକ୍ଟର-୧୫, ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସମାଜସେବୀ ମିନାକ୍ଷୀ ଶତପଥିଙ୍କ ଚତୁର୍ଥ ପୁଣ୍ୟତିଥି ନେଇ କବିତା ପର୍ବ ପାଳନ, ସ୍ଥାନ: ଗୁରୁକୁଳ ବୈଦିକ ଆଶ୍ରମ, ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରୋଜା ଡ୍ୟାନ୍ସ ଏକାଡେ଼ମୀର ଖବରଦାତା ସମ୍ମିଳନୀ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ଭବନ, କୋଏଲ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଧର ଜ୍ଞାନବିକାଶ କେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଉଦିତନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ୍ରିମ୍‌ଟିମ୍ ଫାଉଣ୍ଡେସନ ପକ୍ଷରୁ ଉତ୍ସାହ ସମାରୋହ, ସ୍ଥାନ: ସିଭିକସେଣ୍ଟର, ସେକ୍ଟର-୧୯, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- କାଳିମା'ଙ୍କ ପ୍ରାତଃ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳିପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ଆଞ୍ଚଳିକ ଖାଦ୍ୟ ମେଳା ଓ ପ୍ରଦର୍ଶନ ୨୦୨୪, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା କୋର୍ଟ ବିଲ୍ଡିଂ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ ବିଜେଡି ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉତ୍ସବ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ତଳକୁଣ୍ଡି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- କାଳୀ ମା'ଙ୍କ ଦିବ୍ୟ ସନ୍ଧ୍ୟା ଆଳତୀ ଓ ପ୍ରସାଦ ସେବନ, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ଦୈହିକ ଅସୁସ୍ଥତା ସାଙ୍ଗକୁ କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ପାଇବ। କଥା କଟାକଟିଜନିତ ପାରିବାରିକ ଅଶାନ୍ତିର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଉପର ଅଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାମ ସ୍ଥଗିତ ରହିଯାଇପାରେ।

**ବୃଷ**: ସାମୂହିକ କଲ୍ୟାଣମୂଳକ କାମରେ ନିଜଲୋକମାନଙ୍କ ସହ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ସନ୍ଦେହି ମନ ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି ଅଶାନ୍ତି ରହିବେ। ଖାଦ୍ୟପେୟ ଠିକ୍ ନ ରହିବା କାରଣରୁ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। ବନ୍ଧୁଙ୍କ ପ୍ରରୋଚନାରେ ତୀର୍ଥାଟନ କଥା ଚିନ୍ତା କରିପାରନ୍ତି।

**ମିଥୁନ**: ପୁନର୍ବସୁ ନକ୍ଷତ୍ରର ଦୀର୍ଘଦିନପରେ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଖୁସି ହୋଇଯାଇପାରେ। ଅତୀତର ଅପୂର୍ଣ୍ଣ କାମକୁ ଆଜି ଅନ୍ୟମାନଙ୍କ ସାହାଯ୍ୟ ନେଇ ସମ୍ପୂର୍ଣ୍ଣ କରିବେ। ବନ୍ଧୁଙ୍କ ସହାୟତାରେ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ପରୋକ୍ଷ ଶତ୍ରୁତା ସାମୟିକ ଭାବରେ ଟେନ୍ସନ ସୃଷ୍ଟି କରିପାରେ।

**କର୍କଟ**: ଅଶ୍ଳେଷା ନକ୍ଷତ୍ର ଉପରିସ୍ଥଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ଅର୍ଥଲାଭର ସମ୍ଭାବନା ରହିଛି। ମାତ୍ର ପୁରୁଣା ରୋଗଜନିତ ଦୈହିକ ଦୁର୍ବଳତା ଅନୁଭବ କରିପାରନ୍ତି। ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ**: ବନ୍ଧୁଙ୍କ ସହ ଆଲୋଚନା ପରିସରରେ କଡ଼ା କଥା କହି ଅପ୍ରିୟ ହୋଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର ଖର୍ଚ୍ଚ ପରିମାଣ ବୃଦ୍ଧିପାଇବାରୁ ଚିନ୍ତା ବଢ଼ିଯିବ। ବନ୍ଧୁଙ୍କ ସହ ଆଲୋଚନାକ୍ରମେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ପାରିବାରିକ ଆବଶ୍ୟକତାକୁ ନେଇ ହଠାତ୍ ମୋଟା ଅଙ୍କର ଅର୍ଥ ଦରକାର ପଡିପାରେ।

**କନ୍ୟା**: ବିବାଦୀୟ ପରିସ୍ଥିତି ଲାଗିରହିବା ଯୋଗୁ ମାନସିକ ସୁସ୍ଥତା ହରାଇବେ। ଅପେକ୍ଷା କରିବାକୁ କଥା ଦେଇଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ଭାଇଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଚିନ୍ତା କରିବେ। ତର୍କ ବିତର୍କଜନିତ ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ତୁଳା**: ସ୍ୱାତୀ ନକ୍ଷତ୍ରର ପାରିବାରିକ ପରିସ୍ଥିତି ନିୟନ୍ତ୍ରଣ ଅବସ୍ଥାରେ ରହିବ। ଆନୁଷ୍ଠାନିକ କାମରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଫଳରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଆଲୋଚନା କିମ୍ବା ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା**: ମନ ଅନୁଯାୟୀ କାମ କରିବା ସହ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଜ୍ୟେଷ୍ଠା ନକ୍ଷତ୍ର କାର୍ଯ୍ୟବ୍ୟସ୍ତତା କାରଣରୁ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ। ପିଲାଙ୍କ ଅସାବଧାନତା ଦ୍ୱାରା ଦ୍ରବ୍ୟ ନଷ୍ଟ ହେବାରୁ କ୍ଷୋଭ ପ୍ରକାଶ କରିବେ। ପ୍ରେସ୍, ପବ୍ଲିକେଶନ, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ**: ଉତ୍ତରାଷାଢ଼ା ନକ୍ଷତ୍ରର ସକାଳୁ ସକାଳୁ ଶୁଭଖବର ପାଇ ମନ ଖୁସି ହୋଇଯିବ। କର୍ମକ୍ଷେତ୍ରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ନଚେତ୍ ସମାଲୋଚିତ ହେବେ। ଜମିଜମା କାରବାରଜନିତ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ପ୍ରିୟଜନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**ମକର**: ଉତ୍ତରାଷାଢ଼ା ନକ୍ଷତ୍ର ବିଭିନ୍ନ ଦିଗରୁ ସାହାଯ୍ୟ ପାଇ କାମ ହାସଲ କରିବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କୁମ୍ଭ**: କାର୍ଯ୍ୟହାନି ସାଙ୍ଗକୁ ଆର୍ଥିକ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାରମ୍ବାର ଅସଫଳତା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଧନିଷ୍ଠା ନକ୍ଷତ୍ର ଦୂର ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ।

**ମୀନ**: ଉତ୍ତରଭାଦ୍ରପଦ ନକ୍ଷତ୍ର ପ୍ରିୟଜନଙ୍କ ସାହାଯ୍ୟ ନେଇ ସ୍ଥଗିତ କାମଟିକୁ ସମ୍ପନ୍ନ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମନାନ୍ତର ଦେଖା ଦେଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବା ସକାଶେ ଘରେ ଆଲୋଚନା କରାଯାଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, କାର୍ତ୍ତିକ ଶୁକ୍ଳପକ୍ଷର ପବିତ୍ର ଅଁଳା ନବମୀ ରବିବାର, ଶ୍ରୀରାଧାଙ୍କ ପାଦଦର୍ଶନ, ଜଗଦ୍ଧାତ୍ରୀ ପୂଜା। ରାଶିନକ୍ଷତ୍ର-ଦିବା ଘ.୧୦.୫୮ ମି. ଗତେ ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୪୦ ଗତେ ଘ.୦୮.୫୪ ମଧ୍ୟେ, ଘ.୧୨.୫୪ ଗତେ ଘ.୦୨.୫୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩.୪୧ ଗତେ ଘ.୦୫.୦୪ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ୨୪ରେ ସୁଭଦ୍ରା ...
ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ତୃତୀୟ ପର୍ଯ୍ୟାୟର ୨୦ ଲକ୍ଷକୁ ମିଶାଇ ଏହି ସଂଖ୍ୟା ମୋଟ ୮୦ ଲକ୍ଷରେ ପହଞ୍ଚାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସେହିପରି ଡିସେମ୍ବରରେ ଚତୁର୍ଥ ପର୍ଯ୍ୟାୟ ଟଙ୍କା ଦେବା ସହ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଯୋଜନାରେ ସାମିଲ କରିବା ଲାଗି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି।

## ୪ର୍ଥ ଥର ଗ୍ରାମୀ ଆୱାର୍ଡ୍ ...
ଗୀତ 'ଏ ରକ୍ ସମ୍ ହୋୟାର'ରେ ନିଜର ବିଶେଷ ଭୂମିକା ପାଇଁ ଅନୁଷ୍କା ଅତିରିକ୍ତ ଭାବେ ମନୋନୀତ ହୋଇଛନ୍ତି। କେଜ୍ ପୂର୍ବରୁ ୨୦୧୫, ୨୦୨୨ ଓ ୨୦୨୩ରେ ଗ୍ରାମୀ ପୁରସ୍କାର ଗ୍ରହଣ କରିଥିଲେ। ପ୍ରକାଶ ଯେ, ୬୭ତମ ଗ୍ରାମୀ ଆୱାର୍ଡ ଆସନ୍ତା ବର୍ଷ ଫେବୃଆରୀ ୨ରେ ଆମେରିକାର ଲସ୍ ଏଞ୍ଜେଲ୍ସରେ ଅନୁଷ୍ଠିତ ହେବ।

## ମହାକାଶରେ ସୁନୀତାଙ୍କ ...
ମହାକାଶଚାରୀ ସୁନୀତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳିଛି। ନିକଟରେ ଭାଇରାଲ ହୋଇଥିବା ଏକ ଫଟୋରେ ସୁନୀତା ଖୁବ୍ ଦୁର୍ବଳ ଦେଖାଯାଉଛନ୍ତି। ତେବେ ଏହି ମିଶନ ଉପରେ ତୀକ୍ଷ୍ଣ ନଜର ରଖିଥିବା ନାସାର ଜଣେ ଅଧିକାରୀ ଏକ ଆମେରିକୀୟ ଗଣମାଧ୍ୟମକୁ କହିଛନ୍ତି, ସୁନୀତାଙ୍କ ସ୍ୱାସ୍ଥ୍ୟ ସାମାନ୍ୟ ଚିନ୍ତାଜନକ ରହିଛି। ନାସା ଏଥିପ୍ରତି ନଜର ରଖିଛି। ସୁନୀତାଙ୍କର ଓଜନ ଯଥେଷ୍ଟ କମ୍ ହୋଇଯାଇଥିବାବେଳେ ତାଙ୍କ ଗାଲ ଭିତରକୁ ପଶିଯାଇଛି। ତାଙ୍କ ଓଜନ ସ୍ଥିର ରଖିବାକୁ ଏବେ ନାସା ପ୍ରାଥମିକତା ଦେଉଛି। ତାଙ୍କର ଏତେମାତ୍ରାରେ ଓଜନ ହ୍ରାସକୁ ନାସା ଗମ୍ଭୀରତାର ସହ ନେଇଛି।

ତେବେ ଏହି ମହାକାଶ ଯାତ୍ରା ଆରମ୍ଭ କରିବା ସମୟରେ ସୁନୀତାଙ୍କର ଓଜନ ୧୪୦ ପାଉଣ୍ଡ(ପ୍ରାୟ ୬୩.୫ କେ.ଜି.) ରହିଥିଲା। ତେବେ ଯାତ୍ରା ଆଗକୁ ବଢ଼ିବା ସହ ତାଙ୍କ ଓଜନ ହ୍ରାସ ପାଇବାକୁ ଲାଗିଲା। ଓଜନକୁ ବଜାୟ ରଖିବା ପାଇଁ ଆବଶ୍ୟକ ଉଚ୍ଚ କ୍ୟାଲୋରିର ମାତ୍ରା ଏବେ ସୁନୀତାଙ୍କ ଶରୀରରେ କମ୍ ଥିବା ନେଇ ନାସା ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ସେ କହିଛନ୍ତି, ମହାକାଶରେ ଆଷ୍ଟ୍ରୋନଟ୍‌ମାନଙ୍କୁ ନିଜ ମାଂସପେଶୀ ଏବଂ ହାଡ଼ଗୁଡ଼ିକୁ ମଜଭୁତ ରଖିବା ପାଇଁ ଦୈନିକ ଅନ୍ୟୂନ ୨ ଘଣ୍ଟା ବ୍ୟାୟାମ କରିବାକୁ ପଡ଼ିଥାଏ। ଫଳରେ ସେମାନଙ୍କ ଶରୀରକୁ ଅତିରିକ୍ତ କ୍ୟାଲୋରିର ଆବଶ୍ୟକତା ପଡ଼ିଥାଏ। ସୁନୀତାଙ୍କ ଶରୀରରେ କ୍ୟାଲୋରିର ମାତ୍ରା କମିଥିବାରୁ ସେ ଦୁର୍ବଳ ଦେଖାଯାଉଥିବା ସହ ତାଙ୍କ ଓଜନରେ ଯଥେଷ୍ଟ ହ୍ରାସ ଘଟିଛି। ପ୍ରାୟ ମାସେ ପୂର୍ବରୁ ନାସାର ଡାକ୍ତରମାନେ ସୁନୀତାଙ୍କ ଓଜନ ହ୍ରାସ ହେଉଥିବା ନେଇ ଲକ୍ଷ୍ୟ କରିଥିଲେ ଏବଂ ଏହା ଉପରେ ଧ୍ୟାନ ଦେବା ଆରମ୍ଭ କରିଥିବା ସେ କହିଛନ୍ତି। ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ମହାକାଶ ଯାତ୍ରା ସମୟରେ ଶରୀରରେ ମେଟାବୋଲିଜମର ମାତ୍ରାରେ ପରିବର୍ତ୍ତନ ଘଟୁଥିବା କାରଣରୁ ମହିଳା ଆଷ୍ଟ୍ରୋନଟ୍‌ମାନଙ୍କର ମାଂସପେଶୀ ଅପେକ୍ଷାକୃତ ଅଧିକ ଦୁର୍ବଳ ହୋଇଥାଏ। ଆଇଏସ୍‌ଏସ୍‌କୁ ଯାଉଥିବା ସମସ୍ତ ନାସା ମହାକାଶଚାରୀମାନଙ୍କର ନିୟମିତ ଚିକିତ୍ସା ମୂଲ୍ୟାୟନ କରାଯାଇଥାଏ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗତ ଜୁନ୍‌ରେ ୮ ଦିନିଆ ମିଶନରେ ମହାକାଶକୁ ଯାଇଥିବା ସୁନୀତା ଓ ତାଙ୍କ ସାଥୀ ଆଷ୍ଟ୍ରୋନଟ୍ ବୁଚ୍ ବୋଇଂ ଷ୍ଟାରଲାଇନର ମହାକାଶ ଯାନରେ ଯାନ୍ତ୍ରିକ ସମସ୍ୟା ଦେଖାଯିବା ଯୋଗୁ ୧୫୦ ଦିନରୁ ଅଧିକ ସମୟ ଧରି ସେଠାରେ ଫସି ରହିଛନ୍ତି।

## ଆଇଏସ୍‌ଏସ୍‌ରେ କ'ଣ ଖାଆନ୍ତି...
ସ୍ୱରୂପ ଓଜନରେ ହ୍ରାସ ଘଟିଥାଏ। ମହାକାଶରେ ଆଷ୍ଟ୍ରୋନଟ୍‌ମାନଙ୍କ ଭୋଜନ ପାଇଁ ଏକ ବିଶେଷ ପ୍ରକାରର ଖାଦ୍ୟ ପ୍ୟାକେଜିଂର ବ୍ୟବହାର କରାଯାଇଥାଏ। ମହାକାଶଚାରୀମାନେ ଖାଦ୍ୟ ଥଣ୍ଡା କରିଥାନ୍ତି ଏବଂ ପରେ ଖାଦ୍ୟ ଡିହାଇଡ୍ରେଟ ହେବା ପରେ ଯାଇ ଖାଇଥାନ୍ତି। ସେମାନେ ଡବା ଏବଂ ପାଉଚ୍‌ରେ ମାଛ ଏବଂ ଚିକେନ ପରି ଥର୍ମୋ ଷ୍ଟାବିଲାଇଜ୍‌ଡ ଖାଦ୍ୟପଦାର୍ଥ ମଧ୍ୟ ଖାଇପାରିଥାନ୍ତି। ସେହିପରି ସେମାନେ ପ୍ୟାକେଟ୍‌ରେ ବାଦାମ, କୁକିଜ୍ , ମିଠା ଆଦି ମଧ୍ୟ ଖାଇପାରନ୍ତି। ହାଡ଼ ଏବଂ ମାଂସପେଶୀର ଶକ୍ତିକୁ ବଜାୟ ରଖିବା ପାଇଁ ମହାକାଶଚାରୀମାନଙ୍କୁ ଦୈନିକ ୩ ଥର ଖାଇବାକୁ ପଡ଼ିଥାଏ।

## ଓକିଲଙ୍କୁ ଘରେ ...
ପରେ ତାଙ୍କ ଜାମିନ ଆବେଦନ କୌଣସି ମତେ କରାଇ ଦିଆଯିବ ନାହିଁ ବୋଲି ଓକିଲ ସଂଘ ନିଷ୍ପତ୍ତି ନେଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଆଖପାଖର ସିସି ଟିଭି ଫୁଟେଜ ଓ ଘଟଣା ଘଟିବା ସମୟରେ ପାରଳାଖେମୁଣ୍ଡି ସହରର ଜଙ୍ଗମସାହିରେ କିଏ ଚଳପ୍ରଚଳ କରୁଥିଲେ ତା'କୁ ଭିତ୍ତିକରି ତଦନ୍ତ ଚଳାଇଛି। ଏପରି ଏସିଡ୍ ମାଡ଼ ଘଟଣା ପାରଳାଖେମୁଣ୍ଡି ସହରରେ ପ୍ରଥମ ଥର ପାଇଁ ହୋଇଥିବାରୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଏସ୍‌ପି ଯତୀନ୍ଦ୍ର ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ମାମଲାର ସ୍ୱତନ୍ତ୍ର ତଦନ୍ତ ପାଇଁ ପାରଳାଖେମୁଣ୍ଡି ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। କିଛି ସିସିଟିଭି ଫୁଟେଜ ହସ୍ତଗତ ହୋଇଥିବା ଏସ୍‌ପି କହିଛନ୍ତି। ଏହାକୁ ଆଧାର କରି ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଆଇଏଏସ୍ ଅଫିସର ...
ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂଙ୍କୁ ଉକ୍ତ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲ୍‌ର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ କେନ୍ଦ୍ରୀୟ ଡେପୁଟେଶନରେ ଯାଉଥିବାରୁ ଏହି ବିଭାଗରେ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୨୦୦୨ ବ୍ୟାଚ୍ ଆଇଏଏସ୍ ଅଫିସର ଗିରିଶ ଏସ୍.ଏନ୍.ଙ୍କୁ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଗୁହା ପୁନମ୍ ତାପସ କୁମାରଙ୍କୁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ସେ ଅବକାରୀ ବିଭାଗର ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ।




# ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ ଜାତୀୟ ଶିକ୍ଷାନୀତି

ଭୁବନେଶ୍ୱର,୯।୧୧(ଅନିଲ ଦାସ)

ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷାବର୍ଷରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଏହି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦକ୍ଷେପ ରାଜ୍ୟର ଶିକ୍ଷା ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବ। ନୂତନ ଶିକ୍ଷାନୀତି-୨୦୨୦ ଅନୁସାରେ ଓଡ଼ିଶାରେ ୪ ବର୍ଷର ସ୍ନାତକ କୋର୍ସ ଆରମ୍ଭ ହେବାକୁ ଯାଉଛି; ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରୀ ଏବଂ ଡିଗ୍ରୀ ଅନର୍ସ ପ୍ରଦାନ କରାଯିବ। ୟୁ.ଜି.ସି. ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍‌ୱର୍କ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍‌ୱର୍କ ପ୍ରସ୍ତୁତ ହୋଇଛି। ଏଥିରେ ଦକ୍ଷତା ବିକାଶ ଏବଂ ଇଣ୍ଟର୍ନସିପ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ ପ୍ରଦାନ କରାଯାଇଅଛି। କମ୍ୟୁନିଟି ସର୍ଭିସ୍ ଓ ଏକ୍ସଟ୍ରା କରିକୁଲାର


ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

ଆକ୍ଟିଭିଟିଜ୍, ଏନ୍.ସି.ସି. ଏନ୍.ଏସ୍.ଏସ୍. ଇତ୍ୟାଦି ପାଇଁ ମଧ୍ୟ କ୍ରେଡିଟ ପ୍ରଦାନ କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ସ୍ୱଇଚ୍ଛାରେ ନିଜର ବିଷୟଗୁଡ଼ିକ ଚୟନ କରି ଏକାଧିକ ଥର ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ପ୍ରବେଶ ଓ ପ୍ରସ୍ଥାନ ସହିତ ୭ ବର୍ଷ ଭିତରେ ତାଙ୍କର ଡିଗ୍ରୀ କୋର୍ସକୁ ପୂର୍ଣ୍ଣ କରିପାରିବେ। ନୂତନ ଶିକ୍ଷାନୀତି-୨୦୨୦ ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ବିଭିନ୍ନ ଯୋଜନା ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାକୁ ଓ ଶିଳ୍ପ ସହିତ ଇଣ୍ଟର୍ନସିପ୍ ଆଦି ଦ୍ୱାରା ନିପୁଣତା ବଢ଼ାଇବା ଲକ୍ଷ୍ୟ କରାଯାଉଛି। ପାଠ୍ୟକ୍ରମକୁ ଅଧିକ ରୋଜଗାରଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ। ଏଥିପାଇଁ ବର୍ତ୍ତମାନ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡେଲ୍ ସିଲାବସ୍ ସହିତ ୨ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ୧୧୨ଟି ମଲ୍ଟି ଡିସିପ୍ଲିନାରି ପାଠ୍ୟକ୍ରମ, ୧୪ଟି ଧନ୍ଦା ମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଏବଂ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି। ଏହା ଦ୍ୱାରା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ନୂତନ ସିଲାବସ୍ ଓ କ୍ରେଡିଟ୍ ଫ୍ରେମ୍‌ୱର୍କ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ।

# ସ୍ୱାସ୍ଥ୍ୟ ସୁବିଧା ସହ ସଚେତନତା ଜରୁରୀ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

**'ଓଡ଼ିଶା ହେଲ୍‌ଥ କନେକ୍ଟ ସିଜନ୍-୩' କନ୍‌କ୍ଲେଭ୍**

ଓଡ଼ିଶାର ଗ୍ରାମାଞ୍ଚଳରେ ମୁଖ୍ୟତଃ ୩ଟି ସ୍ୱାସ୍ଥ୍ୟ ସମସ୍ୟା ଯଥା ଉଚ୍ଚ ରକ୍ତଚାପ, ମଧୁମେହ ଓ କ୍ୟାନ୍‌ସର ଦେଖାଯାଉଛି। ଚିକିତ୍ସା ଅଭାବରୁ ବେଳେବେଳେ ଏଗୁଡ଼ିକ ପ୍ରାଣଘାତକ ସାଜନ୍ତି। ଏବେ ଗାଁ ଗହଳିରେ କାର୍ଡିଆକ୍ ଷ୍ଟ୍ରୋକ୍‌ରେ ଅଧିକ ସଂଖ୍ୟାରେ ଲୋକ ପ୍ରାଣ ହରାଉଛନ୍ତି। ଅର୍ଥାଭାବରୁ ଏ ସବୁର ଚିକିତ୍ସା ଗାଁ ଗହଳି ଲୋକଙ୍କ ପାଇଁ ଅସମ୍ଭବ ହୋଇପଡୁଛି। ସେଥିପାଇଁ କେବଳ ସ୍ୱାସ୍ଥ୍ୟ ସୁବିଧା ଦେଲେ ହେବନି, ସ୍ୱାସ୍ଥ୍ୟ ସଚେତନତା ମଧ୍ୟ ଜରୁରୀ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଅର୍ଗସ ନ୍ୟୁଜ୍ ପକ୍ଷରୁ ଆୟୋଜିତ 'ଓଡ଼ିଶା ହେଲ୍‌ଥ କନେକ୍ଟ ସିଜନ୍-୩' କନ୍‌କ୍ଲେଭ୍‌ରେ ଯୋଗଦେଇ ମନ୍ତ୍ରୀ କହିଲେ, ୨୦୩୬ରେ ଯୁବକଙ୍କ ତୁଳନାରେ ବୟସ୍କଙ୍କ ସଂଖ୍ୟା ଅଧିକ ହେବ। ସେ ସମୟରେ ଜେରିଆଟ୍ରିକ ଟ୍ରିଟ୍‌ମେଣ୍ଟ ଆମ ପାଇଁ ଏକ ବଡ଼ ସମସ୍ୟା ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ. ଯୋଗଦେଇ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ଅଭୂତପୂର୍ବ ସଫଳତା ହାସଲ କରିଥିବା କହିଛନ୍ତି। ଦ୍ରୁତ ସହରୀକରଣ ସାମାଜିକ ବ୍ୟବସ୍ଥାକୁ ବିଗାଡ଼ିବାରେ ଲାଗିଛି। ସହରବାସୀ ବେଶି ମାନସିକ ରୋଗଗ୍ରସ୍ତ ହେଉଛନ୍ତି ବୋଲି ସେ କହିଛନ୍ତି। ଆଇସିଏମ୍‌ଆର୍‌ର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସ୍ୱାସ୍ଥ୍ୟସେବା ଜଣଙ୍କର ଦାୟିତ୍ୱ ନୁହେଁ, ଏକ ଟିମ୍‌ୱର୍କ ବୋଲି କହିଛନ୍ତି।

ଏହି ଅବସରରେ ବାତ୍ୟା 'ଦାନା' ସମୟରେ କର୍ତ୍ତବ୍ୟବୋଧତାର ପରିଚୟ ଦେଇଥିବା କେନ୍ଦ୍ରାପଡ଼ାର ଆଶାକର୍ମୀ ଶିବାନୀ ମଣ୍ଡଳ ଓ ଆମ୍ବୁଲାନ୍ସ ଡ୍ରାଇଭର ମାନସ ମଲ୍ଲିକଙ୍କୁ 'ସ୍ୱାସ୍ଥ୍ୟମିତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ନିର୍ଦ୍ଦେଶକ ଡା. ସୁବ୍ରତ ଜେନା, ପତଞ୍ଜଳି ଯୋଗପୀଠର ରାଜ୍ୟ ମୁଖ୍ୟ ସୁଧାଂଶୁ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଗସର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସିଇଓ ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଲରି ପାଇପ୍‌ଲାଇନ ଫାଟି ଫସଲ ନଷ୍ଟ

କେନ୍ଦୁଝର/ଯୋଡ଼ା,୯।୧୧
(ମାନସ ମହାନ୍ତି/ନରେଶ ଚନ୍ଦ୍ର ପଟ୍ଟନାୟକ)

- ଧାନ କ୍ଷେତରେ ମାଡ଼ିଗଲା ଜଳ ମିଶ୍ରିତ ଖଣିଜ
- ବିଲ ମଧ୍ୟରୁ ପାଇପ୍ ହଟାଇବାକୁ ଚାଷୀଙ୍କ ଦାବି

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ନୟାଗଡ଼ ପଞ୍ଚାୟତ କୋଟୁପାଲି ଗାଁରେ ସ୍ଲରି ପାଇପ୍ ଲାଇନ କୌଣସି କାରଣରୁ ଫାଟିଯାଇଛି। ଫଳରେ ଜଳ ମିଶ୍ରିତ ଖଣିଜ ଧାନ କ୍ଷେତରେ ମାଡ଼ିଛି। ଏବେ ଧାନ ଅମଳ ସମୟ ହୋଇଥିବାରୁ ସେଠାରେ ଥିବା ୩ରୁ ୪ ଏକର ଫସଲ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। କମ୍ପାନୀ କ୍ଷତିପୂରଣ ଦେବା ସହ ପାଇପ୍‌ଲାଇନ ହଟାଇବାକୁ କ୍ଷତିଗ୍ରସ୍ତ ଚାଷୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ଝୁମ୍ପୁରା ତହସିଲଦାର, ମଲଦା ରାଜସ୍ୱ ନୀରିକ୍ଷକ ଓ କମ୍ପାନୀ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ସୂଚନା ଅନୁଯାୟୀ, ଯୋଡ଼ା ବ୍ଲକ୍ ବଡ଼କାଳିମାଟି ପଞ୍ଚାୟତଠାରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କମ୍ପାନୀର ଏହି ସ୍ଲରି ପାଇପ୍‌ଲାଇନ ପଞ୍ଚାୟତର ଖାଜୁରିଡ଼ିହି ସାହି, ଝୁମ୍ପୁରା ବ୍ଲକ୍ ନୟାଗଡ଼ ପଞ୍ଚାୟତ କୋଟୁପାଲି ଗାଁ ଦେଇଯାଇଛି। ଏହି ସ୍ଲରି ପାଇପ୍‌ଲାଇନ ଦେଇ କମ୍ପାନୀର ଜଳ ମିଶ୍ରିତ ଖଣିଜ ପରିବହନ ହୋଇଥାଏ। ପାଇପ୍‌ଲାଇନ ବହୁ ଲୋକଙ୍କ ଚାଷ ଜମି ଦେଇଯାଇଛି। ଶନିବାର ପୂର୍ବାହ୍ନରେ ଝୁମ୍ପୁରା ବ୍ଲକ୍ ନୟାଗଡ଼ ପଞ୍ଚାୟତ କୋଟୁପାଲି ଗାଁର ଧାନ କ୍ଷେତ ଦେଇଯାଇଥିବା ପାଇପ୍ ଫାଟିଯାଇଥିଲା। ପାଇପ୍ ଫାଟିବା କାରଣରୁ ପରିବହନ ହେଉଥିବା ଖଣିଜ ପଦାର୍ଥ ଖୁବ୍ ଜୋର୍‌ରେ ୩୦ରୁ ୪୦ ଫୁଟ ଉଚ୍ଚକୁ ଉଠି ଚାଷ ଜମିରେ ବିଚ୍ଛୁରିତ ହୋଇପଡ଼ିଥିଲା। ଜଳ ମିଶ୍ରିତ ଖଣିଜ ମାଡ଼ି ୩ରୁ ୪ ଏକର ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବୈକୁଣ୍ଠ ବେହେରା, ସୁବାସ ଚନ୍ଦ୍ର ବେହେରା ପ୍ରମୁଖଙ୍କ ଧାନ ଫସଲରେ ଲୁହାଗୁଣ୍ଡ ଏବଂ କାଦୁଅ ଆସ୍ତରଣ ଜମି ରହିଛି। କୋଟୁପାଲି ଗ୍ରାମର ଜମି ମାଲିକ ସୁବାସ ଚନ୍ଦ୍ର ବେହେରା କହିଛନ୍ତି, ଭବିଷ୍ୟତର ପରିଣାମ ସମ୍ପର୍କରେ ଅବଗତ ନ ଥିବାରୁ ପାଇପ୍ ଲାଇନ୍‌ର ସଂଯୋଗୀକରଣ ସମୟରେ କମ୍ପାନୀକୁ ଅନୁମତି ପ୍ରଦାନ କରିଥିଲେ। ବର୍ତ୍ତମାନ ଏହା ତାଙ୍କ ଫସଲ ପାଇଁ ବିପଦ ସୃଷ୍ଟି କରୁଛି। ଜମିରେ ଯେହେତୁ ଜଳମିଶ୍ରିତ ଗୁଣ୍ଡ ଖଣିଜ ଚାରିଆଡ଼େ ବିଚ୍ଛୁରିତ ହୋଇଛି, ଜମିର ଉର୍ବରତା ନଷ୍ଟ ହେବା କାରଣରୁ ସେଥିରେ ଆଗାମୀ ଦିନରେ ଚାଷ ହେବା ଅସମ୍ଭବ। ଫସଲର କ୍ଷତିପୂରଣ କମ୍ପାନୀ ପ୍ରଦାନ କରିବା ସହ ପାଇପ୍‌ଲାଇନ ହଟାଇବା ପାଇଁ ଦାବି କରିଛନ୍ତି। ଏଥିସହ ବଡ଼ କାଳୀମାଟି ପଞ୍ଚାୟତର ଜମି ମାଲିକ ମଧ୍ୟ ପାଇପ୍ ହଟାଇବାକୁ ଦାବି କରିଛନ୍ତି। ଏ ନେଇ ଆର୍ସେଲର ମିତ୍ତଲ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି, ପୂର୍ବାହ୍ନ ୧୦ଟା ୨୪ ମିନିଟ୍‌ରେ ଦବୁନା ବେନିଫିସିଏଶନ୍ ପ୍ଲାଣ୍ଟ ବାହାରେ ଥିବା ସ୍ଲରି ପାଇପ୍‌ଲାଇନ୍‌ରେ ସାମାନ୍ୟ ଲିକେଜ୍ ହୋଇଥିଲା। ଜଣାପଡ଼ିବା ପରେ ତୁରନ୍ତ ପମ୍ପିଂ ବନ୍ଦ କରିଦିଆଯାଇଥିଲା। ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ କାର୍ଯ୍ୟ କରୁଛି। ଆବଶ୍ୟକ କ୍ଷତିପୂରଣ ପାଇଁ ସମ୍ପୃକ୍ତ ଚାଷୀଙ୍କ ସହ ଆଲୋଚନା କରାଯାଉଛି। ଉପ ଜିଲାପାଳ ପରିଡ଼ା କହିଛନ୍ତି, କ୍ଷତିଗ୍ରସ୍ତ ଚାଷୀଙ୍କୁ କମ୍ପାନୀ କ୍ଷତିପୂରଣ ଦେବାକୁ ରାଜି ହୋଇଛି। ପୁରୁଣା ପାଇପ୍ ଲାଇନ ହୋଇଥିବାରୁ ଦୁଇ ପାଇପ୍ ସଂଯୋଗ ସ୍ଥାନରେ ଫାଟିଯାଇଥିଲା। ପାଖାପାଖି ୩୦ ଡିସିମିଲି ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଛି।


ପାଇପ୍ ଫାଟି ପାଣି ମିଶ୍ରିତ ଖଣିଜ ବିଛାଡ଼ିହୋଇ ପଡୁଛି।

# ଓଡ଼ିଶାରେ ଆନ୍ଧ୍ରର ଫଳକ

ଗୁଣପୁର,୯।୧୧(ପ୍ରଦୀପ କୁମାର ପାଢ଼ୀ)




ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ଆନ୍ଧ୍ର ସୀମାନ୍ତ ମାରମା ପଞ୍ଚାୟତ କାମନାଗୁଡା ଏବଂ ତୋଟାଗୁଡା ଅଞ୍ଚଳରେ ଆନ୍ଧ୍ରର ଏକ ବେସରକାରୀ ସଂସ୍ଥାର ଫଳକ ଲାଗିଛି। ଆନ୍ଧ୍ରର କେତେଜଣ ଲୋକ ଆସି ଏପରି କରିଥିବା ଜଣାପଡ଼ିଛି। ଏହି ଫଳକଗୁଡ଼ିକ ଅନେକ ଦିନ ହେବ ଲାଗିଥିବାବେଳେ ଏଥିପ୍ରତି କାହାର ଦୃଷ୍ଟି ନ ପଡ଼ିବା ବିଡ଼ମ୍ବନାର ବିଷୟ ବୋଲି ଅଞ୍ଚଳବାସୀ କହିଛନ୍ତି। ଏଥି ପୂର୍ବରୁ ଆନ୍ଧ୍ର ପକ୍ଷରୁ ମାରମା ପଞ୍ଚାୟତ କତାଗୁଡ଼ା ଇରିଡିଘାଟି ଦେଇ ରାସ୍ତା ନିର୍ମାଣ କରାଯାଇଥିଲା। ଏହାକୁ ନେଇ ତୁମ୍ବିତୋଫାନ ହେବା ପରେ ରାସ୍ତା କାର୍ଯ୍ୟ ବନ୍ଦ ହୋଇଥିଲା। ବର୍ତ୍ତମାନ ପୁଣି ଉକ୍ତ ପଞ୍ଚାୟତ ଅଞ୍ଚଳରେ ଆନ୍ଧ୍ରର ବିଭିନ୍ନ ଯୋଜନାର ଫଳକ ଲାଗିବା ଆଉ ଏକ ବିବାଦୀୟ ସ୍ଥିତି ସୃଷ୍ଟି କରିଛି। ଆନ୍ଧ୍ର ପକ୍ଷରୁ ଓଡ଼ିଶା ଭିତରେ ପ୍ରବେଶକରି ବାରମ୍ବାର ବିଭ୍ରାଟ କରାଯାଉଥିବାବେଳେ ପ୍ରଶାସନର ଏଥିପ୍ରତି କିପରି ନଜର ପଡୁନାହିଁ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଫଳକ ଲଗାଯିବା ସମ୍ପର୍କରେ ଗୁଣପୁର ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନାହିଁ। ଏହି ବିଷୟରେ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଏକାଠି ହେଉଛନ୍ତି ରାଜା, ରାଣୀ



ସମ୍ବଲପୁର,୯।୧୧
(ପ୍ରମୋଦ ବହିଦାର)

**ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ଅଣ୍ଡିରା ସହ ମାଈ କଲରାପତରିଆ ବାଘର ଘନିଷ୍ଠତା ବୃଦ୍ଧି**

ନୂଆପଡ଼ା ଜଙ୍ଗଲରୁ ୨୦୨୩ ନଭେମ୍ବର ୫ତାରିଖରେ ଧରା ହୋଇଥିବା ମଣିଷଖିଆ କଲରାପତରିଆ ଅଣ୍ଡିରା ବାଘ(ରାଜା)କୁ ସମ୍ବଲପୁର ପ୍ରାଣୀ ଉଦ୍ୟାନ(ଡିଅର ପାର୍କ)ରେ ଥିବା ମାଈ କଲରାପତରିଆ(ରାଣୀ) ବାଘ ସହ ଶନିବାର ଛଡ଼ାଯାଇଛି। ଏଠାରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ପ୍ରଶସ୍ତ ଗ୍ଲାସ୍ ଭ୍ୟୁ ଏନ୍‌କ୍ଲୋଜର(କାଚ ପଞ୍ଜୁରି)ରେ ଉଭୟଙ୍କୁ ରଖାଯାଇ ସେମାନଙ୍କ ଉପରେ ସିସିଟିଭି ମାଧ୍ୟମରେ ନଜର ରଖାଯାଇଛି। ଏକାଠି ହେବା ପରେ ଉଭୟ ରାଜା ଓ ରାଣୀ ପରସ୍ପର ପ୍ରତି ଆକର୍ଷିତ ହୋଇଛନ୍ତି। ଘନିଷ୍ଠତା ପୂର୍ବକ ଉଭୟେ ପରସ୍ପରର ଶରୀର ଓ ଲାଞ୍ଜୁଡ ଘର୍ଷଣ, ଖେଳ ତଥା ପାଶ୍ଚାତ୍‌ଧାବନ କରୁଛନ୍ତି। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏନକ୍ଲୋଜର ମଧ୍ୟରୁ ଉଭୟ ରାଜା ଓ ରାଣୀଙ୍କ ଘନିଷ୍ଠତା ଦୃଶ୍ୟକୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବେଶ୍ ଉପଭୋଗ କରିଛନ୍ତି।

ନୂଆପଡ଼ାରେ ମଣିଷ ମାରି ଖାଇଥିବା କଲରାପତରିଆ ବାଘ(ରାଜା)କୁ ଧରାଯାଇ ୨୦୨୩ ନଭେମ୍ବର ୯ରେ ସମ୍ବଲପୁରକୁ ଆଣି ଏହି ପ୍ରାଣୀ ଉଦ୍ୟାନସ୍ଥିତ ପ୍ରାଣୀ ଉଦ୍ଧାର କେନ୍ଦ୍ରରେ ସଙ୍ଗରୋଧରେ ରଖି ଚିକିତ୍ସା କରାଯାଉଥିଲା। ଏଠାରେ ପୂର୍ବରୁ ରାଣୀ ନାମ୍ନୀ ଏକ ମାଈ କଲରାପତରିଆ ବାଘ ଥିବାରୁ ଏଠାକୁ ଆସିଲା ପରେ ଉକ୍ତ ପୁରୁଷ ବାଘକୁ ରାଜା ନାମକରଣ କରାଯାଇଥିଲା। ଏହା ସହିତ ତାର ଆଚରଣଗତ ଅଧ୍ୟୟନ ପୂର୍ବକ ବନ ବିଭାଗ ପକ୍ଷରୁ ତା' ଉପରେ କଡ଼ା ନଜର ରଖାଯାଇଥିଲା। ତେବେ କ୍ରମଶଃ ରାଜାର ଆଚରଣ ପରିବର୍ତ୍ତନ ସହ ଶାନ୍ତ ହେବା ପରେ ତାକୁ ଦୀର୍ଘ ୧୧ମାସ ପରେ ଗତ ସେପ୍ଟେମ୍ବରରେ ପ୍ରଥମେ ସଙ୍ଗରୋଧରୁ ମୁକ୍ତ କରି ପ୍ରାଣୀ ଉଦ୍ୟାନର ଗ୍ଲାସ୍ ଭ୍ୟୁ ଏନ୍‌କ୍ଲୋଜରରେ ରଖାଯାଇଥିଲା। ଯଦ୍ୱାରା ପର୍ଯ୍ୟଟକ ତାକୁ ଦେଖିବାର ସୁଯୋଗ ପାଇଲେ। ମାତ୍ର ତାକୁ ମାଈ ବାଘ ରାଣୀଠାରୁ ପୃଥକ ଭାବେ ରଖାଯାଇଥିଲା। ରାଜାର ଆଚରଣ ରାଣୀ ପ୍ରତି ସହନଶୀଳ ହେବାଦେଖି ୧ ମାସ ପରେ ଶନିବାର ଉଭୟ ରାଜା ଓ ରାଣୀଙ୍କୁ ଗ୍ଲାସ୍ ଭ୍ୟୁ ଏନକ୍ଲୋଜରରେ ଏକାଠି ଛଡ଼ାଯାଇ ପରସ୍ପର ବନ୍ଧୁତା ସୃଷ୍ଟି ସହ ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ସୁଯୋଗ ଦିଆଯାଇଛି। ପ୍ରଥମ ଦିନ ଉଭୟଙ୍କ ମଧ୍ୟରେ ଏକାଧିକ ଥର ଶାରୀରିକ ସମ୍ପର୍କ ସ୍ଥାପନ ହୋଇଛି। ଯାହା ଏହି ପ୍ରାଣୀ ଉଦ୍ୟାନ ପାଇଁ ଏକ ଶୁଭ ସୂଚନା ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ପୁରୁଷ ବାଘର ବୟସ ୮ ବର୍ଷ ଓ ମାଈବାଘର ବୟସ ୭ ବର୍ଷ। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଦ୍ୱାରା ଏହି ପ୍ରାଣୀ ଉଦ୍ୟାନରେ ୪୨ ବର୍ଷ ପରେ କଲରାପତରିଆ ବାଘବଂଶ ବୃଦ୍ଧି ନେଇ ନୂତନ ଆଶା ସଞ୍ଚାର ହୋଇଛି। ଶେଷ ଥର ପାଇଁ ଗତ ୧୯୮୨ ମସିହାରେ ଏକ କଲରାପତରିଆ ଶାବକ ଜନ୍ମ ହୋଇଥିଲା। ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ଉକ୍ତ ବାଘଦ୍ୱୟଙ୍କୁ ଦେଖିବାକୁ ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ ହୋଇଥିବା ଏଭଳି ଗ୍ଲାସ୍ ଭ୍ୟୁ ଏନକ୍ଲୋଜର ଓଡ଼ିଶାରେ ପ୍ରଥମ। ଯାହା ୨ଟି ବାଘ ରହିବା ପାଇଁ ୫୫୦ବର୍ଗମିଟରର ଏକ ପ୍ରଶସ୍ତ ଏନକ୍ଲୋଜର ବୋଲି ସେ କହିଛନ୍ତି। ପ୍ରଥମେ ଏହା ୨୦୨୩ ମସିହାରେ ତାରଜାଲିରେ ନିର୍ମାଣ ହୋଇଥିବା ବେଳେ ୨୦୨୪ ମସିହାରେ ଏହାକୁ ଗ୍ଲାସ ଏନ୍‌କ୍ଲୋଜରରେ ବିକଶିତ କରାଯାଇଥିଲା। ଏହାସହ ଏଠାରେ ରହୁଥିବା ବନ୍ୟପ୍ରାଣୀଙ୍କ ଆରାମ ପାଇଁ ଖୁଲା ଖଟିତ ପଞ୍ଜୁରି ମଧ୍ୟ ନିର୍ମାଣ କରାଯାଇଛି ବୋଲି ସେ କହିଛନ୍ତି।




**ବାଧାବିଘ୍ନମୁକ୍ତ ଟିକସ ଅଭିଜ୍ଞତା ପାଇଁ ଠିକ୍ ସୂଚନାକୁ ସୁନିଶ୍ଚିତ କରନ୍ତୁ**

ଆୟକର ବିଭାଗ ଇ-ସତ୍ୟାପନ ଯୋଜନା ଏବଂ ବିଭିନ୍ନ ଇ-କ୍ୟାମ୍ପେନ୍ ଅଧୀନରେ ସ୍ୱଚାଳିତ ପ୍ରଶ୍ନାବଳୀ ମାଧ୍ୟମରେ ଟିକସଦାତାଙ୍କ ସହିତ ସମ୍ପର୍କ କରିଥାଏ। ହେଲେ, ପୁରୁଣା ଯୋଗାଯୋଗ ସୂଚନା କାରଣରୁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଆପଣଙ୍କ ନିକଟରେ ପହଞ୍ଚିପାରି ନ ଥାଏ। ଅସୁବିଧାକୁ ଏଡ଼ାଇବା ପାଇଁ ଯୋଗାଯୋଗ ବିବରଣୀକୁ ଅପ୍‌ଡେଟ୍ କରିରଖନ୍ତୁ।

**ଲାଭ**

- **ଠିକ୍ ସମୟରେ ସୂଚନା ପ୍ରାପ୍ତ କରନ୍ତୁ:** ବିନା ବିଳମ୍ବରେ ସମସ୍ତ ଟିକସ ସମ୍ବନ୍ଧୀୟ ଅଧିସୂଚନା ପାଆନ୍ତୁ
- **ଜଟିଳତା ଏଡ଼ାନ୍ତୁ:** ସୂଚନାକୁ ହାତଛଡ଼ା ହେବାରୁ ପ୍ରତିରୋଧ କରନ୍ତୁ, ଯାହା ଅଯଥା ବିବାଦ ଏବଂ ଟିକସ ଦାବିର କାରଣ ସାଜିପାରେ।
- **ପ୍ୟାନ୍ ସୁରକ୍ଷା ସମ୍ବନ୍ଧୀୟ ଦ୍ରୁତ ସତର୍କ ସୂଚନା:** ଆପଣଙ୍କ ପ୍ୟାନ୍‌ର ଅପବ୍ୟବହାର ସମ୍ପର୍କରେ ଶୀଘ୍ର ଜାଣନ୍ତୁ।

**କେଉଁଠି ଅପଡେଟ୍ କରିବେ**

- ଆୟକର ଇ-ଫାଇଲିଂ ପୋର୍ଟାଲ୍
  https://eportal.incometax.gov.in/iec/foservices/#/dashboard
- ୟୁଟିଆଇଆଇଟିଏସ୍ଏଲ୍ ପୋର୍ଟାଲ୍
  https://www.pan.utiitsl.com/panonline_ipg/forms/csfPan.html/csfPreForm

CBC 15401/13/0007/2425

ସହାୟତା ପାଇଁ, ଇ-ଫାଇଲିଂ ପୋର୍ଟାଲ୍ ହେଲ୍ପଡେସ୍କ ସହିତ +୯୧-୨୦-୨୭୨୧୮୦୮୦ରେ ଯୋଗାଯୋଗ କରନ୍ତୁ କିମ୍ବା tininfo@nsdl.co.inରେ ଇମେଲ୍ କରନ୍ତୁ

ସୁରୁଖୁରୁ ଯୋଗାଯୋଗକୁ ସୁନିଶ୍ଚିତ କରିବା ପାଇଁ ନିଜର ଯୋଗାଯୋଗ ବିବରଣୀକୁ ଅପ୍‌ଡେଟ୍ କରି ରଖନ୍ତୁ !

ଇଂରାଜୀ ବିଜ୍ଞାପନ ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ
For more information, please visit: www.incometax.gov.in

ଅଧିକ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

@IncomeTaxIndia @incometaxindiaofficial @incometaxindiaofficial @incometaxindiaofficial @Income Tax India Official

"ମୋର ସନ୍ତାନମାନେ ଯେତେବେଳେ ମିଥ୍ୟାର ପ୍ରବେଗ ଦ୍ୱାରା ଚାଳିତ ହୋଇ କିଛି ଭାବନ୍ତି, କହନ୍ତି କିମ୍ବା କାର୍ଯ୍ୟ କରନ୍ତି- ସେତେବେଳେ ତାହା ମୋ ଶରୀର ଉପରେ ଏକ ଭୀଷଣ ଆଘାତ ସୃଷ୍ଟିକରେ। -ଶ୍ରୀମା

-ଅଁଳା ନବମୀ, ଶ୍ରୀ ରାଧାଙ୍କ ପାଦ ଦର୍ଶନ ଓ ଜଗଦ୍ଧାତ୍ରୀ ପୂଜା



# ଚମକ ଚାଲିଯାଇଛି



ଆକାର ପଟେଲ

ଆମେରିକୀୟ ସାମ୍ବାଦିକ ବବ୍ ଉଡ୍‌ୱାର୍ଡ (ୱାଟରଗେଟ ଦୁର୍ନୀତିର ରିପୋର୍ଟ ପାଇଁ ପ୍ରସିଦ୍ଧ) ବିଲ୍ କ୍ଲିଣ୍ଟନ୍‌ଙ୍କ ପରଠାରୁ ଆମେରିକାର ରାଷ୍ଟ୍ରପତିମାନଙ୍କ କାର୍ଯ୍ୟକାଳ ଏବଂ ଘଟଣାଗୁଡ଼ିକ ବିଷୟରେ ବହି ଲେଖିଆସୁଛନ୍ତି। ଭାରତରେ ରାଜଦୀପ ସର୍ଦ୍ଦେଶାଇ ସମାନ କାର୍ଯ୍ୟ କରୁଛନ୍ତି ଏବଂ ଗତ ତିନିଟି ଲୋକ ସଭା ଉପରେ ବହି ଲେଖି ଆସିଛନ୍ତି। ସେ ୨୦୧୪ ଏବଂ ୨୦୧୯ ନିର୍ବାଚନ ଉପରେ ରିପୋର୍ଟ ପ୍ରସ୍ତୁତ କରିବା ସହ ପୁସ୍ତକ ଲେଖିଛନ୍ତି ଏବଂ ଏବେ ସେ '୨୦୨୪: ନିର୍ବାଚନ ଯାହା ଭାରତକୁ ଆଶ୍ଚର୍ଯ୍ୟ କରିଛି' ଶୀର୍ଷକ ଏକ ବହି ପ୍ରକାଶ କରିଛନ୍ତି। ସ୍ୱାଭାବିକ ଭାବରେ ନିର୍ବାଚନ ପ୍ରଚାର ବିଷୟରେ ପୁସ୍ତକ ଲେଖାଯାଇଥିଲେ ମଧ୍ୟ ଏଥିରେ କୋଭିଡ୍ ମହାମାରୀ ଏବଂ ଏହାର ପରିଚାଳନାଗତ ଅପାରଗତା ଉପରେ ଏକ ଅଧ୍ୟାୟ ଅଛି। ଆଉ ଏକ ଅଧ୍ୟାୟ କୃଷକଙ୍କ ଆନ୍ଦୋଳନ ଉପରେ ରହିଛି। ସମ୍ଭବତଃ ମୋଦି ସରକାରଙ୍କ ଅବନତି ୨୦୧୯ ମସିହାର ଶେଷ ଭାଗରେ ଶାହିନ ବାଗ ଆନ୍ଦୋଳନରୁ ଆରମ୍ଭ ହୋଇ ୨୦୨୧ ଶେଷଭାଗରେ କୃଷକଙ୍କ ନିକଟରେ ଆତ୍ମସମର୍ପଣ କରିବାବେଳେ ଶୀର୍ଷରେ ପହଞ୍ଚିଥିବା ଲକ୍ଷ୍ୟ କରାଯାଏ। ବହିର ଶେଷଭାଗରେ ଆକର୍ଷଣୀୟ ବିଷୟ ରହିଛି, ଯେଉଁଥିରେ ସର୍ଦ୍ଦେଶାଇଙ୍କୁ ବାରମ୍ବାର ପଚରାଯାଉଥିବା ପ୍ରଶ୍ନର ଉତ୍ତର ସେ ଦେଇଛନ୍ତି। ସେଥିମଧ୍ୟରୁ ତିନୋଟି ବିଷୟ ଆଲୋଚନା କରିବା। ପ୍ରଥମଟି ହେଉଛି: ମୋଦି ଯୁଗ ଧୀରେ ଧୀରେ ଶେଷ ହୋଇ ଆସୁଛି କି? କିଛି କାରଣ ପାଇଁ ଉତ୍ତରରେ ସର୍ଦ୍ଦେଶାଇ ନା କହିଛନ୍ତି। ଏହା ବୁଝିବା ଜରୁରୀ ଯେ, ଏହି ପ୍ରଶ୍ନ ଉପରେ ତାଙ୍କ ଦୃଷ୍ଟିକୋଣ ଭିନ୍ନ ଏବଂ ତାହା ହେଉଛି, ମୋଦି କ୍ଷମତାରୁ ଚାଲିଯାଉଛନ୍ତି କି? ସେ ଲେଖିଛନ୍ତି ଯେ, ଦୃଢ଼ ପ୍ରତିବଦ୍ଧତା ଏବଂ କ୍ଷମତାରେ ରହିବା ପାଇଁ ଯାହା ଆବଶ୍ୟକ ତାହା କରିବାକୁ ପ୍ରସ୍ତୁତ ଭଳି ମନୋଭାବ ଯୋଗୁ ମୋଦି ତାଙ୍କ ତୃତୀୟ କାର୍ଯ୍ୟକାଳ ପୂରଣ କରିବେ। ଏହାର ଏକ ସଙ୍କେତ ଭାବରେ ଲାଟେରାଲ ନିଯୁକ୍ତି ସମେତ ନୀତିରେ ମୋଦି ପଛକୁ ହଟିବା ସ୍ଥିତିକୁ ସେ ସୂଚିତ କରିଛନ୍ତି। ମୋଦିଙ୍କ 'ସହଯୋଗୀ' ଅର୍ଥାତ୍ ଚନ୍ଦ୍ରବାବୁ ନାଇଡୁଙ୍କ ଭଳି ତାଙ୍କୁ ସରକାରରେ ସମର୍ଥନ କରୁଥିବା ବ୍ୟକ୍ତିଙ୍କ ଆଞ୍ଚଳିକ ଏଜେଣ୍ଡାଗୁଡ଼ିକ ରହିଛି ଏବଂ ସେମାନଙ୍କ ବ୍ୟବସ୍ଥାକୁ ଅସ୍ଥିର କରିବାକୁ ସେମାନେ ଚାହୁଁନାହାନ୍ତି। ଏହାବାଦ୍ ସଫଳତାର ଆଉ ଏକ ସୁଯୋଗ ଅଛି। ସର୍ଦ୍ଦେଶାଇ କହିଛନ୍ତି ଆର୍‌ଏସ୍‌ଏସ୍ ସ୍ୱୀକାର କରେ ଯେ, ମୋଦି ଭାଜପାଠାରୁ ଅଧିକ ଲୋକପ୍ରିୟ (ସର୍ଭେ ଅନୁଯାୟୀ)। ଚାରି ଜଣ ଭୋଟରଙ୍କ ମଧ୍ୟରୁ ଜଣେ କହନ୍ତି ଯେ, ସେମାନେ ମୋଦି ପାଇଁ ପାର୍ଟିକୁ ଆସିଛନ୍ତି। ଏହି ଅନୁପାତ ୨୦୧୯ ତୁଳନାରେ ହ୍ରାସ ପାଇଛି ଓ ସେତେବେଳେ ପ୍ରତି ତିନି ଜଣରେ ଜଣେ ଏହି କଥା କହୁଥିଲେ। ଏବେ ଆଭ୍ୟନ୍ତରୀଣ ଝଗଡ଼ା ନ ଥିବାରୁ ମୋଦି ତାଙ୍କ ୭୫ତମ ଜନ୍ମଦିନ (ବର୍ଷକରୁ କମ୍ ସମୟ ଅଛି) ପରେ ମଧ୍ୟ ଶାସନ ଜାରି ରଖିବେ। ଦ୍ୱିତୀୟ ପ୍ରଶ୍ନଟି ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ରହିଛି। ଜଣେ ରାଜନେତା ଭାବେ ରାହୁଲ ଗାନ୍ଧୀ ସରକାର ଚଳାଇବାକୁ ଯୋଗ୍ୟ କି? ଏହି ପ୍ରଶ୍ନର ଉତ୍ତରରେ ସର୍ଦ୍ଦେଶାଇ ହଁ କହିଥିଲେ ବି ସମ୍ପୂର୍ଣ୍ଣ ଏକମତ ହୋଇନାହାନ୍ତି। ସେ କହିଛନ୍ତି, ଅତୀତ ତୁଳନାରେ ଏକ ପରିବର୍ତ୍ତନ ଆସିଛି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ଏବଂ ନିର୍ବାଚନ ଫଳାଫଳ ଏବଂ ଏହା ପରେ ସଂସଦରେ ପରିବର୍ତ୍ତନ ଏହାର ପ୍ରମାଣ। ତେବେ କିଛି କାର୍ଯ୍ୟ ବାକି ଅଛି ବୋଲି ସର୍ଦ୍ଦେଶାଇ ଲେଖିଛନ୍ତି ଏବଂ ରାଜ୍ୟ ନିର୍ବାଚନରୁ ଗାନ୍ଧୀଙ୍କ ନେତୃତ୍ୱର ପରାକାଷ୍ଠା ଏବଂ ଦକ୍ଷତା ବିଷୟରେ ଅଧିକ ଜଣାପଡ଼ିବ। ସେ ଉଲ୍ଲେଖ କରିଥିବା ତୃତୀୟ ପ୍ରଶ୍ନ ହେଉଛି: ଗଣତନ୍ତ୍ର ମୋଦି ଯୁଗରେ ତିଷ୍ଠି ରହିବ କି? ଏହାର ଉତ୍ତରରେ ଲେଖକ ଦୁଇଟି ବିଷୟକୁ ମାନକ ଭାବରେ ଆଲୋଚନା କରିଛନ୍ତି। ପ୍ରଥମେ ଅର୍ଥନୈତିକ ବିକାଶର ବ୍ୟାପକ ଦୁର୍ବଳତା ଏବଂ ଦ୍ୱିତୀୟରେ ମୋଦିଙ୍କ ଶାସନରେ ଏକଛତ୍ରବାଦ ଆଡ଼କୁ ଗତି କରିବା। ଯଦି ପ୍ରଶ୍ନର ଉତ୍ତର 'ହଁ' ହେବ, ତେବେ ଉଭୟଙ୍କୁ ଦୂର କରାଯିବା ଆବଶ୍ୟକ।

ସର୍ଦ୍ଦେଶାଇ ଯାହା କହିଛନ୍ତି ସେସବୁ ସାଧାରଣ କଥା। ଆଉ ଏକ ଉପାୟରେ ମୋଦିଯୁଗ ଏବଂ ଏହା ଶେଷ ହେଉଛି କି ନାହିଁ ତାହାର ଉତ୍ତର ଦିଆଯାଇପାରେ। ବାସ୍ତବରେ ଯୁଗର ଅର୍ଥ କ'ଣ ଥିଲା? ଏହା ଏକ ସମୟ ବା ଦଶନ୍ଧି, ଯେଉଁଥିରେ ବ୍ୟକ୍ତିଗତ ଭାବରେ ଜଣେ ଏକ ପରିବର୍ତ୍ତନ ଆଣି ଯାହା ହୋଇ ପାରି ନ ଥିଲା ସେସବୁ କରନ୍ତି ବୋଲି ଦାବି କରୁଥିଲେ। ଗତ ଦଶନ୍ଧିର ଏକ ବାସ୍ତବ ମୂଲ୍ୟାଙ୍କନ ଦେଖିଲେ ଜଣାଯାଏ ଯେ, ଏହି ଦାବି ଅସତ୍ୟ ଏବଂ ଏହାର ପ୍ରଭାବ କିଛି ନାହିଁ। ୨୦୧୪ ତୁଳନାରେ ଆଜି ଅଧିକାଂଶ ଭାରତୀୟଙ୍କ ଜୀବନ ମଧ୍ୟ ଭିନ୍ନ ନୁହେଁ। ସଂସଦରେ ପଶ୍ଚାତ୍‌ଗତିରୁ ଏହା ଦେଖାଯାଇଛି ଯେ, ମୋଦିଙ୍କ କ୍ଷମତା ସୀମିତ। ସେ ୨୪୦ଜଣ ସାଂସଦଙ୍କୁ ନେଇ ଏଚଟାଟିଆ ଭାବେ କିଛି କରିପାରିବେ ନାହିଁ। ସେ ଆଉ ସ୍ୱତନ୍ତ୍ର ଏବଂ ଅନନ୍ୟ ବୋଲି ଦାବି କରିବାର କୌଣସି ପ୍ରଶ୍ନ ନାହିଁ। ବିମୁଦ୍ରୀକରଣ ଓ ଲକ୍‌ଡାଉନ ସମ୍ପର୍କରେ କ୍ୟାବିନେଟ୍ ନ ଜାଣିପାରିବା ମୋଦିଙ୍କ ଏଜେନ୍ସି 'ମାଷ୍ଟରଷ୍ଟ୍ରୋକ୍' କହୁଥିଲେ। ଏବେ ତାହା ଆଉ ଶୁଣାଯାଉନାହିଁ। ସହଯୋଗୀମାନଙ୍କୁ ନିୟନ୍ତ୍ରଣ କରିବା ତଥା କୌଣସି ଆଭ୍ୟନ୍ତରୀଣ ମତଭେଦ ନ ହେବା ପାଇଁ ବହୁ ସମୟ ଓ ଶକ୍ତି ବିନିଯୋଗ କରାଯାଉଛି ଏବଂ ଆଗକୁ ହେବ ବୋଲି ସର୍ଦ୍ଦେଶାଇ ଉଲ୍ଲେଖ କରିଛନ୍ତି। ସେ ଏବେ ଆଉ ଏକ ପ୍ରକାର ରାଜନେତା ଏବଂ ସର୍ବେସର୍ବାର ଚମକ ସବୁଦିନ ପାଇଁ ଚାଲିଯାଇଛି। ସର୍ଦ୍ଦେଶାଇ ଉଲ୍ଲେଖ କରିଥିବା କାରଣଗୁଡ଼ିକ ପାଇଁ ସମ୍ଭବତଃ ସେ ଏହି ପାଳିର ଅବଶିଷ୍ଟ ସମୟ କ୍ଷମତାରେ ରହିପାରନ୍ତି। ୨୦୧୪ ଏବଂ ୨୦୧୯ରେ ଲୋକମାନେ ତାଙ୍କୁ ଯାହା ଭାବିଥିଲେ, ସେହି ସ୍ତରରେ ସେ ଅଛନ୍ତି ବୋଲି ମନେକଲେ ମୋଦି କ୍ଷମତାରେ ରହିପାରିବେ ନାହିଁ। ମନେରଖିବାକୁ ହେବ ଯେ, ଆମେ ନିୟମିତ ରାଜନୀତିର ଏକ ସମୟକୁ ଫେରିଛୁ। ଆମେ ୫୦ ଲକ୍ଷ ଲୋକଙ୍କୁ କିଭଳି ଦାରିଦ୍ର୍ୟରୁ ସମୃଦ୍ଧି ପଥକୁ ନେବା ଏବଂ ଏକ ସମୟରେ ଅନେକ କୋଟି ନିଯୁକ୍ତି ସୃଷ୍ଟି କରିବା ତାହା ଉପରେ ଗୁରୁତ୍ୱ ଦେବା। ପୂର୍ବାପେକ୍ଷା ଏହା ଏବେ ଅଧିକ କଷ୍ଟ ହୋଇଥିଲେ ମଧ୍ୟ ଆମେ ହାସଲ କରିପାରିବା। ଯଦି ଆମେ ଏହା କରିବାକୁ ସକ୍ଷମ ହେବା, ତେବେ ଏହା ହେବ ଗଣତନ୍ତ୍ରର ସର୍ବୋତ୍ତମ ସଫଳତା।

Email:aakar.patel@gmail.com

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 7 | | 4 | | | |
| | 7 | | | 9 | | | | |
| | | | | | | | 2 | |
| | | 7 | | 2 | | | 3 | |
| | | 1 | | | 3 | | 4 | |
| | 5 | 9 | | | | | | |
| | | | | 6 | 7 | 4 | | 5 |
| 9 | | | 5 | | 1 | 6 | | |
| | | | | | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 8 | 3 | 7 | 9 | 1 | 2 |
| 9 | 3 | 8 | 2 | 4 | 1 | 7 | 6 | 5 |
| 2 | 7 | 1 | 5 | 9 | 6 | 4 | 3 | 8 |
| 8 | 2 | 9 | 6 | 7 | 3 | 5 | 4 | 1 |
| 4 | 5 | 7 | 9 | 1 | 8 | 3 | 2 | 6 |
| 6 | 1 | 3 | 4 | 2 | 5 | 8 | 9 | 7 |
| 3 | 4 | 5 | 7 | 6 | 2 | 1 | 8 | 9 |
| 7 | 9 | 2 | 1 | 8 | 4 | 6 | 5 | 3 |
| 1 | 8 | 6 | 3 | 5 | 9 | 2 | 7 | 4 |

ଗତକାଲିର ଉତ୍ତର

# ଗୋବର ଘଷିରେ ଶବଦାହ ବନାମ ଜୈବ ଚାଷ



ନଟବର ଖୁଣ୍ଟିଆ

ସ୍ୱର୍ଗଦ୍ୱାରରେ ଏଣିକି କାଠ ବଦଳରେ ଗୋବର ଘଷିରେ ଶବଦାହ ହେବ ବୋଲି ନିକଟରେ ସରକାର ସୂଚନା ଦେଇଛନ୍ତି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗୋବରକୁ ଶବଦାହରେ ବ୍ୟବହାର କରାଯିବ ବୋଲି କୁହାଯାଇଛି। ଅବଶ୍ୟ ଆମର ଏତେ ଅଧ୍ୟୟନ ନାହିଁ ଯେ ଶାସ୍ତ୍ରରେ ଏଭଳି ବ୍ୟବସ୍ଥା ଅଛି ବୋଲି । ଆମେ ହେତୁ ପାଇଲା ବେଳୁ ଦେଖି ଆସୁଛୁ ହିନ୍ଦୁ ଧର୍ମରେ ଶବକୁ କାଠରେ ଦାହ କରାଯାଏ ଆଉ ଯେଉଁମାନେ ମୁନି, ଋଷି, ସନ୍ନ୍ୟାସୀ ଓ ଧର୍ମଗୁରୁ ସେମାନଙ୍କ ମରଶରୀରକୁ ସମାଧି ଦିଆଯାଏ। କାଠରେ ପୋଡ଼ିବା ଶାସ୍ତ୍ରସମ୍ମତ ହୋଇ ନ ଥିଲେ ମନବୋଧ ଚଉତିଶାରେ କବି ଭକ୍ତ ଚରଣ ଦାସ ଲେଖି ନ ଥାନ୍ତେ:

''ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା,
ଛଖଣ୍ଡି କାଠ ହେବ ତୋ ପାଇଁ ଲୋଡ଼ା।''

ଯଦି କାଠ ଅଭାବକୁ ଦୂର କରିବା ପାଇଁ ଚାହୁଁଛନ୍ତି ତେବେ କାଠ ପରିବର୍ତ୍ତେ ବିଦ୍ୟୁତ ଚୁଲାରେ ଶବଦାହ କରାଯାଉ। ଘଷିରେ ଜୁଇ ପ୍ରସ୍ତୁତ କରି ଶବଦାହ କେତେ ସଫଳତାର ସହ ହୋଇପାରିବ ସେ ପ୍ରଶ୍ନ ଆମେ ଉତ୍ଥାପନ କରୁନାହୁଁ। ଆମର ପ୍ରଶ୍ନ ହେଲା ଏବେ ବିଶ୍ୱ ସାରା ଜୈବ କୃଷି ପ୍ରତି ଗୁରୁତ୍ୱ ଦିଆଯାଉଛି। ଗୋବରକୁ ଖତ ରୂପେ ବ୍ୟବହାର ନ କରି ଶବଦାହରେ ବ୍ୟବହାର କରିବା କେତେଦୂର ଯୁକ୍ତିଯୁକ୍ତ? ଏବେ୍ବ ଚାଷୀମାନେ ବଳଦ ରଖୁନାହାନ୍ତି, ଯାହାଫଳରେ ଗୋବର ଖତର ଅଭାବ ପଡୁଛି। ବିକଳ୍ପ ଜୈବ ଖତ ଅଧିକ ମୂଲ୍ୟ ହେଉଥିବାରୁ ଉତ୍ପାଦନ ଖର୍ଚ୍ଚ ବଢ଼ିଯାଇ ଚାଷକୁ ଲାଭଜନକ କରିପାରିବ ନାହିଁ। ଏପରି ସ୍ଥିତିରେ ଗୋଶାଳାରେ ଗୋବରରୁ ଘଷି ପ୍ରସ୍ତୁତ କରି ସ୍ୱର୍ଗଦ୍ୱାରରେ ଶବଦାହ କରିବା ଏକ ଠିକ ନିଷ୍ପତ୍ତି ନୁହେଁ।

ଗୋ ସୁରକ୍ଷା ଓ ଗୋଶାଳା ବୃଦ୍ଧିକୁ ସରକାର ଗୁରୁତ୍ୱ ଦେଉଥିବା ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର କାମଧେନୁ ଯୋଜନା ଆରମ୍ଭ କରିଥିବା ସ୍ୱାଗତଯୋଗ୍ୟ। କିନ୍ତୁ ଏହି ପରିପ୍ରେକ୍ଷୀରେ ଗୋ ସୁରକ୍ଷା ଓ ଗୋପାଳନ ଏବଂ ଗୋସମ୍ବନ୍ଧୀୟ କୃଷି ଉତ୍ପାଦନ ସମ୍ବନ୍ଧିତ ଅନେକ ସମସ୍ୟା ରହିଛି,ଯାହାକୁ ସରକାର ଦୃଷ୍ଟି ଦେବା ଆବଶ୍ୟକ।

ଓଡ଼ିଶାରେ ଗୋହତ୍ୟା ନିରୋଧ ଆଇନ ୧୯୬୦ରେ ପାରିତ ହୋଇଛି। ଏହି ଆଇନ ଅନୁଯାୟୀ ଗାଈ କିମ୍ବା ଷଣ୍ଢ ଅବା ବଳଦଙ୍କୁ ହତ୍ୟା କରାଯାଇ ପାରିବ ନାହିଁ ଯେପର୍ଯ୍ୟନ୍ତ ଅଧିକୃତ ଅଧିକାରୀ ସାର୍ଟିଫିକେଟ ଦେବେ ନାହିଁ ଯେ ଗାଈ,ବଳଦ ଅବା ଷଣ୍ଢ ନିଜ ନିଜର କାମ ସମାପନ କରିବାକୁ ଅକର୍ମଣ୍ୟ ହୋଇପଡ଼ିଛନ୍ତି। କଥା ହେଲା ଗାଈ,ବଳଦ,ଷଣ୍ଢ ରଖିଥିବା ଚାଷୀଟିଏ କ'ଣ ଏହି ସାର୍ଟିଫିକେଟ ଯୋଗାଡ଼ କରିପାରିବ? ସାଧାରଣତଃ କଂସେଇଖାନାର ମାଲିକମାନେ ଏହି ଅକର୍ମଣ୍ୟ ଗୋରୁଙ୍କୁ ଏଜେଣ୍ଟମାନଙ୍କ ମାଧ୍ୟମରେ କିଣି ନେଇ ଆବଶ୍ୟକ ସାର୍ଟିଫିକେଟ ସଂଗ୍ରହ କରୁଥିବେ। କିନ୍ତୁ ଯେଉଁମାନେ ଅକର୍ମଣ୍ୟ ଗୋରୁ କିଣୁଛନ୍ତି,ସେମାନେ ସମୟ ସମୟରେ ବେଆଇନ ଗୋରୁ ଚାଲାଣ କରୁଛନ୍ତି ବୋଲି ସର୍ବସାଧାରଣଙ୍କ ଆକ୍ରୋଶର ସମ୍ମୁଖୀନ ହେଉଛନ୍ତି। ତେଣୁ ଗୋପାଳନ କରୁଥିବା ଚାଷୀମାନେ ଅକର୍ମଣ୍ୟ ଗୋରୁଙ୍କୁ ବିକିବାକୁ ସମସ୍ୟାର ସମ୍ମୁଖୀନ ହୋଇ ଗାଈ ପାଳନ ପାଇଁ ଆଗଭର ହେଉନାହାନ୍ତି। ଆଇନରେ ଆଉ ଏକ ପ୍ରାବଧାନ ଅଛି, ସରକାର କିମ୍ବା ସରକାରଙ୍କ ସମ୍ମତିରେ ଯଦି କୌଣସି ଅନୁଷ୍ଠାନ ଗଢା ଯାଇଥାଏ ଗୋରୁମାନଙ୍କ ଯତ୍ନ ନେବାକୁ, ଯେପରି ଗୋଶାଳା, ସେହି ଗୋଶାଳାର ଗୋପାଳକ ଅକର୍ମଣ୍ୟ ଗୋରୁଙ୍କୁ ଦାଖଲ କରିପାରିବ, କିନ୍ତୁ ଗୋଶାଳାରେ ସେହି ଅକର୍ମଣ୍ୟ ଗୋରୁଙ୍କୁ ରଖିବା ପାଳିବା ପାଇଁ ଚାଷୀଙ୍କୁ ଆବଶ୍ୟକ ଖର୍ଚ୍ଚ ଜମା ଦେବାକୁ ପଡ଼ିବ। ଜଣେ ଚାଷୀ ଏ ଖର୍ଚ୍ଚ ଦେଇପାରିବ?



ଏ ତ ଗଲା ଅକର୍ମଣ୍ୟ ଗୋରୁଙ୍କ କଥା । ଏବେ ଯେଉଁମାନେ ଗାଈ ପାଳୁଛନ୍ତି, ଯଦି ଗାଈ ଅଣ୍ଡିରା ବାଛୁରି ଜନ୍ମ କଲା ତା' ମୁଣ୍ଡରେ ଚଡ଼କ ପଡ଼ିଲା। ଚାଷ ପାଇଁ ଆଉ ବଳଦ ଦରକାର ହେଉ ନ ଥିବାରୁ ଆଉ ଆଇନ ଅନୁଯାୟୀ କଂସେଇକୁ ବିକି ପାରୁ ନ ଥିବାରୁ ଅନ୍ୟ ଉପାୟ ନ ପାଇ ଅଣ୍ଡିରା ବାଛୁରିକୁ ଷଣ୍ଢ କରି ଛାଡ଼ି ଦେଉଛନ୍ତି। ଏହି ଷଣ୍ଢମାନେ ଫସଲ ନଷ୍ଟ କରି ଚାଷୀର ଆୟ କମାଇ ଦେଉଛନ୍ତି। କେତେକ ଗୋପାଳକ ଗାଈକୁ ପଦାରେ ବୁଲି ଚରିବାକୁ ଛାଡି ଦେଉଛନ୍ତି ସହରମାନଙ୍କରେ। ଏହି ଗାଈ ଠିକ୍ ଭାବରେ ଖାଇବାକୁ ପାଉନାହାନ୍ତି ଏବଂ ସହରରେ ଲୋକଙ୍କ ବଗିଚାରେ ପଶି ବଗିଚା ନଷ୍ଟ କରୁଛନ୍ତି। ଟ୍ରାଫିକ ସମସ୍ୟା ସୃଷ୍ଟି କରି ଦୁର୍ଘଟଣା ଘଟାଉଛନ୍ତି। ରାସ୍ତାରେ ଗୋବର ଓ ମୂତ୍ର ତ୍ୟାଗ କରି ପରିବେଶ ନଷ୍ଟ କରୁଛନ୍ତି। ଗ୍ରାମାଞ୍ଚଳରେ ଧାନକଟା ପରେ ଅନେକ ଅଞ୍ଚଳରେ ଗୋରୁମାନଙ୍କୁ ଛାଡ଼ି ଦେଉଛନ୍ତି ଗୋପାଳକମାନେ। ଖୋଲାରେ ଗୋରୁ ରବି ଫସଲ ବିଶେଷ କରି ମୁଗ,ବିରି ଫସଲକୁ ଖାଇ ନଷ୍ଟ କରିଦିଅନ୍ତି। ତେଣୁ ଅନେକ କ୍ଷେତ୍ରରେ ଚାଷୀମାନେ ମୁଗ ଚାଷ କରନ୍ତି ନାହିଁ, ଯେଉଁମାନେ କରନ୍ତି ସେମାନଙ୍କର ଅମଳ କମିଯାଏ।

ଓଡ଼ିଶାରେ ପ୍ରଥମ ଥର ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା) ଏକାକୀ ସରକାର ଗଠନ କରିଛି। ଏହି ପାଞ୍ଚ ବର୍ଷ ଶାସନକାଳ ମଧ୍ୟରେ ଗୋ ସୁରକ୍ଷା ସହିତ କୃଷିର ଦୀର୍ଘମିଆଦୀ ବିକାଶ ପାଇଁ ନିମ୍ନୋକ୍ତ ପଦକ୍ଷେପ ନେଲେ ଓଡ଼ିଶାରେ କୃଷି ତଥା କୃଷି ଆନୁଷଙ୍ଗିକ ବୃତ୍ତିର ବିକାଶ ହୋଇ ବେକାରି ଓ ଦାରିଦ୍ର୍ୟ ଦୂର ହୁଅନ୍ତା।

କେତେଗୋଟି ହାତଗଣତି ଗୋଶାଳା ସାରା ରାଜ୍ୟର ଗୋ ସମ୍ପଦ ଓ କୃଷି ବିକାଶର ସମନ୍ୱିତ ବିକାଶ ଆଣିପାରିବ ନାହିଁ। ସୁତରାଂ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଅନ୍ତତଃ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖା ଗୋଶାଳା ସ୍ଥାପନ କରିବାର ଲକ୍ଷ୍ୟ ରଖି ଏବେଠାରୁ କାମ କରିବାକୁ ହେବ। ସାରା ରାଜ୍ୟର ଗୋଶାଳା ପାଇଁ ଏକ ରାଜ୍ୟସ୍ତରୀୟ ଟ୍ରଷ୍ଟ ଗଠନ କରାଯାଉ। ଏହି ଟ୍ରଷ୍ଟ ପର୍ଯ୍ୟାୟକ୍ରମେ ବ୍ଲକରେ ବ୍ଲକ୍‌ସ୍ତରୀୟ ଗୋଶାଳା ସ୍ଥାପନ କରିବାର ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁ। ଗୋଶାଳା ପରିଚାଳନା ପାଇଁ ଅର୍ଥ ବରାଦ ବଦାନ୍ୟ ବ୍ୟକ୍ତି, ଅନୁଷ୍ଠାନ, ସିଏସଆର୍ ପାଣ୍ଠି, ସରକାରୀ ଅନୁଦାନରୁ ହେଉ। ଯଦି ଆବଶ୍ୟକ ପଡ଼େ ସରକାର ସତନ୍ତ୍ର ଟିକସ ବସାନ୍ତୁ ଗୋଶାଳା ଖର୍ଚ୍ଚ ମେଣ୍ଟାଇବା ପାଇଁ। ମହାତ୍ମା ଗାନ୍ଧୀ ମଧ୍ୟ ଗୋଶାଳା ପରିଚାଳନାର କିଛି ଭାଗ ଟିକସରୁ ଆଦାୟ କରିବା ପାଇଁ ମତ ରଖିଥିଲେ।

ଗୋଶାଳା ମଧ୍ୟ ବ୍ୟବସାୟିକ ଭିତ୍ତିରେ ଗାଈ ରଖି ଦୁଗ୍ଧ ଉତ୍ପାଦନ କରି ବିକିବା ସହ ଦୁଗ୍ଧଜାତ ଦ୍ରବ୍ୟ ବିକନ୍ତୁ। ଛେଳି, ମେଣ୍ଢା ବ୍ୟବସାୟିକ ଭିତ୍ତିରେ ପାଳନ୍ତୁ। ଗୋଶାଳା ଗୋବରରୁ ଖତ ପ୍ରସ୍ତୁତ କରି ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିକନ୍ତୁ। ଗୋବର ଗ୍ୟାସ ବାହାର କରି ସିଲିଣ୍ଡରରେ ବଟଲିଂ କରି ଏଲପିଜି ଗ୍ୟାସ ପରି ବିକନ୍ତୁ। ଗୋବର ଗ୍ୟାସ ପ୍ଲାଣ୍ଟରୁ ବାହାରୁଥିବା ସ୍ଲରୀ ଅତି ଉତ୍କୃଷ୍ଟ ଖତ। ତାକୁ ପ୍ୟାକେଜିଂ କରି ଚାଷୀମାନଙ୍କୁ ବିକନ୍ତୁ। ଗୋରୁ ମରିଗଲେ ଆଧୁନିକ ଜ୍ଞାନକୌଶଳରେ ଚମଡା ଉତାରି ପ୍ରକ୍ରିୟାକରଣ କରି ବିଭିନ୍ନ ପ୍ରକାର ଚମଡା ଜାତ ଦ୍ରବ୍ୟ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ରାଜ୍ୟର ଗୋଟିଏ ଦୁଇଟି ଗୋଶାଳାର ଟ୍ୟାନେରୀ ହେଉ। ଗୋରୁର ହାଡ଼ରୁ ହାଡ଼ଗୁଣ୍ଡ ପ୍ରସ୍ତୁତ କରି ସାର ରୂପେ ବ୍ୟବହାର ହେଉ। ଗୋଶାଳାର ନିଜସ୍ୱ ଆୟ ଗୋଶାଳାକୁ ଆତ୍ମନିର୍ଭର କରିପାରିବ। ଗୋଶାଳା ଗୋସୁରକ୍ଷା ଦେବା ସହିତ କୃଷି କ୍ଷେତ୍ରକୁ ଜୈବ ସାର ଯୋଗାଇବ,ବୁଲା ଗୋରୁ ଦାଉରୁ ଫସଲକୁ ରକ୍ଷା କରିବ, ଅକର୍ମଣ୍ୟ ଗୋରୁର ଦାୟିତ୍ୱ ଚାଷୀ ଉପରେ ପଡ଼ିବ ନାହିଁ। ଆମର ଗୋସମ୍ପଦର ବିକାଶ ହେବ, କୃଷି ଉତ୍ପାଦନ ବଢ଼ିବ। ତେଣୁ ଗୋବର ଘଷିରେ ଶବଦାହ କରି କୃଷି ପାଇଁ ଗୋବର ଖତର ସଂକଟ ସୃଷ୍ଟି ନ କରି ବିଦ୍ୟୁତ ଚୁଲାରେ ଶବଦାହର ବ୍ୟବସ୍ଥା କରି ଆମ ଗୋଶାଳା ସମ୍ପ୍ରସାରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କଲେ ସବୁ ସମସ୍ୟାର ସମାଧାନ ହୋଇ ପାରିବ।

ଏ/୫୦୨, ମୋତି ବ୍ଲକ, ତୋଷାଳି ଆପାର୍ଟମେଣ୍ଟ, ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଜହ୍ନ ଓ ଶୈଶବ



ଚନ୍ଦନ କୁମାର ଦାସ

ଜହ୍ନ ଗୋଟେ ନାଆ ନୁହେଁ, ଜହ୍ନ ଗୋଟେ ଗାଁ। ସେ ଆମ ହସ ଲୁହରୁ ଆରମ୍ଭ କରି ପ୍ରେମ ପ୍ରଣୟର ଏକ ସାମଗ୍ରିକ ଜୀବନ୍ତ ରୂପଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ଆମ ସ୍ମୃତି ବିସ୍ମୃତିର ବନଫୁଲ, ଯାହାକୁ ନାଇ କୁଆଁରୀଟିଏ ଅନୁଭବ କରେ ତା' ଆଦ୍ୟ ଯୌବନର ଆଦିମ ଶିହରଣ। ଯାହାକୁ ନାଇ ଆମ ସୁଲଳିତ ଶୈଶବ କୋପଦୃଷ୍ଟିର କୁପ୍ରଭାବରୁ ମୁକ୍ତ ହୁଏ। ସେ ଆମ ଅନ୍ତୁଡ଼ିର କୁଆଁ କୁଆଁ ସ୍ୱରରେ ସ୍ୱର ମିଶାଏ, ଆମ ଅନ୍ତିମ ଅନଳର ସାକ୍ଷୀ ହୁଏ। ସେ ଶୈଶବର ମାମୁ, ସେ ଯୌବନର ପ୍ରେମିକା। ସେ ଅନୁପମ, ସେ ଅନୁପମା, ସେ ନିରୁପମ, ସେ ନିରୁପମା । ଜହ୍ନକୁ ନେଇ ଏତେ ଭାବବିହ୍ୱଳ ହେବାର ପ୍ରକାରାନ୍ତରେ ରହିଛି ଏକ ପ୍ରାଚୀନ ତଥା ପ୍ରମୁଖ କାରଣ। ତାହା ହେଲା ଜହ୍ନ ସହ ଆମ ଗ୍ରାମ୍ୟ ଜୀବନର ଏକ ଚିର ଅମଳିନ ଅମୃତ ସମ୍ପର୍କ। ପୁଣି ଏହି ଗ୍ରାମ୍ୟଜୀବନ ଭିତରେ ଶୈଶବ ସହିତ ଜହ୍ନର ଯେ ଏକ ମୁକ୍ତ ଓ ଅନାବିଳ ସ୍ନେହର ବୈଭବୀ ବନ୍ଧନ ଥିଲା ତାହା କଦାଚିତ୍ ଅସ୍ୱୀକାର କରାଯାଇପାରେନା। ଆମ ପରମ୍ପରାରେ ସ୍ଥାନିତ ଅଧିକାଂଶ ପର୍ବପର୍ବାଣିରେ ଜହ୍ନ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ଶୈଶବର ଚରମ ଅଝଟପଣର ପ୍ରଶମନ ନିମନ୍ତେ ଜହ୍ନ ଥିଲା ଏକ ଅପୂର୍ବ ଔଷଧି।

ମାଆଙ୍କ କଣ୍ଠରୁ ଭାସି ଆସୁଥିବା 'ଆ ଜହ୍ନ ମାମୁ ଶରଦ ଶଶି ମୋ କାହ୍ନୁ ହାତରେ ପଡ଼ରେ ଖସି'– ଏହି ପଦୁଟିଏ ସମ୍ବୋଧନରେ ଆମ ଶିଶୁପ୍ରାଣରେ ଝରାଇ ଦେଉଥିଲା ଅମୃତର ନିର୍ଝର। ଏହି ପଦୁଟିଏ ସମ୍ବୋଧନରେ ଜହ୍ନ ଆସି ମାଆ ପଣତରେ ଦୋଳି ଖେଳୁଥିଲା। ଜହ୍ନକୁ ହାତପାହାନ୍ତାରେ ପାଇ ଶୈଶବର ଆନନ୍ଦ ବହୁଗୁଣିତ ହୋଇଯାଉଥିଲା। ଜହ୍ନ ସହିତ ଲୁଚକାଳି ଖେଳୁଥିଲୁ, ସ୍ନେହରେ ଜହ୍ନକୁ ଚୁମା ଦେଉଥିଲୁ। ତେଣୁ ସ୍ୱଚ୍ଛନ୍ଦରେ କୁହାଯାଇପାରେ ଜହ୍ନ ସହିତ ଶୈଶବର ଏମନ୍ତ ଅନନ୍ୟ ସମ୍ପର୍କ ଶିଶୁପ୍ରାଣରେ ନବୋନ୍ମୁଖୀ ଆବେଗର ସଞ୍ଚରଣ ସହିତ ଆବେଗିକ ଭାରସାମ୍ୟ ରକ୍ଷାରେ ସାହାଯ୍ୟ କରୁଥିଲା। ଏତାଦୃଶ ଆନନ୍ଦର ଉପଲବ୍ଧି ତା' ପରେ ଏ ପର୍ଯ୍ୟନ୍ତ ମିଳିନାହିଁ ବୋଲି ମନେହୁଏ।

ମାଆ ଯେତେବେଳେ ଆମକୁ ମୁଣ୍ଡରେ କଳାଟିକା ଘିନେଇବାରେ ସଜଳ ପ୍ରସ୍ତୁତି ପଥେ ଅଗ୍ରସର ହେଉଥିଲେ, ଆମ ଅଝଟପଣରୁ ମୁକ୍ତି ନିମନ୍ତେ ମାଆ ଜହ୍ନକୁ ଏହା କହି ନିମନ୍ତ୍ରଣ କରୁଥିଲେ–'ଏ ଜହ୍ନ ଆ ଆ ମୋ କୁନା ମୁଣ୍ଡରେ ଆସି ବସିଯା !' ଆମ ଶୈଶବର ମୁକ୍ତ ଚେତନାର ଦିଗ୍‌ବଳୟରେ ସତେଯେମିତି ଉଇଁ ଆସୁଥିଲା ଜହ୍ନ। ବେଳେବେଳେ ମାଆ ବାପାଙ୍କ ସହିତ ରାତିରେ ମେଳା ବୁଲି ଗଲେ ଜହ୍ନ ଆମ ସହିତ ଯାଉଥିଲା। ସେତିକିବେଳେ ମନରେ ଆନନ୍ଦ କହିଲେ ନ ସରେ। ବାପା ମାଆଙ୍କୁ କେତେ କେତେ ପ୍ରଶ୍ନ, ପୁଣି ଶିଶୁ ହୃଦୟରେ ନବ ଉନ୍ମାଦନା ଓ ନୂତନ ଶିହରଣ। ଏହି ସବୁ ଘଟଣାବଳୀର ବର୍ଣ୍ଣନା ବେଳେ ସତେଯେମିତି ଆମେ ଫେରିଯାଉ ଜହ୍ନମାମୁର ସେହି ଅପୂର୍ବ ଦୁନିଆ ଭିତରକୁ, ଯେଉଁଠି ଜହ୍ନ ବିନା ଶୈଶବର ପରିକଳ୍ପନା ଅସମ୍ଭବ ବୋଲି ମନେହୁଏ।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଏ ପ୍ରାକୃତିକ ପରିଘଟଣା ଯେତିକି ରୁଚିକର ଥିଲା, ସେତିକି ପରିମାଣରେ ଆମ ଶରୀର ତଥା ମନ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସହାୟକ ଥିଲା। ଆମେ ଆମ ଆବେଗର ଉନ୍ମୁକ୍ତ ଉତ୍ତରଣ କରିପାରୁଥିଲୁ। ଆମେ ଉନ୍ମୁକ୍ତ ଭାବେ କାନ୍ଦିପାରୁଥିଲୁ, ଉନ୍ମୁକ୍ତ ଭାବେ ହସିପାରୁଥିଲୁ। ତେଣୁ ଜହ୍ନ ଆମ ଆବେଗିକ ଭାରସାମ୍ୟର ଏକ ପ୍ରମୁଖ ସାଧନ ଥିଲା।

ଆମେ ଜହ୍ନକୁ ଦେଖି ନିଜକୁ ସଜେଇ ହେଉଥିଲୁ, ଜହ୍ନକୁ ଦେଖି ଗୀତ ଗାଉଥିଲୁ। ଜହ୍ନ ହସିଲେ ହସୁଥିଲୁ, ଜହ୍ନ ମେଘର ଉହାଡରେ ଲୁଚିଗଲେ ରୁଷି ବସୁଥିଲୁ। କହିବାର ଅର୍ଥ ଜହ୍ନ ସହିତ ଆମ ଶୈଶବର ଏକ ଅନ୍ତରଂଗ ସମ୍ପର୍କ ରହିଥିଲା, ଯାହା ଆମ ଶୈଶବକୁ ପରିତୃପ୍ତ ତଥା ପରିପୁଷ୍ଟ କରିପାରିଥିଲା। ଜହ୍ନ ଥିଲା ଆମ ଶୈଶବ ପାଇଁ ପ୍ରକୃତିର ଅନନ୍ୟ ଏକ ଉପହାର । ଆମ ଶୈଶବର ହସ ଆଉ ଲୁହକୁ ଫେଣ୍ଟି ଏକ ସୁଷମ ସଞ୍ଚରଣର ଉଦ ବର୍ତ୍ତକ ଥିଲା ଜହ୍ନ। କିନ୍ତୁ ବେଦନା ଓ ପରିତାପର ବିଷୟ ଏହି କି ଯେ ଏତେ ଆଲୋଚନା ପର୍ଯ୍ୟାଲୋଚନା ପରେ ଅତି ସହଜରେ ଏଠାରେ ଘୋଷଣା କରାଯାଇପାରେ କି ଜହ୍ନ ଆଜି ଅଲୋଡ଼ା ଅଖୋଜା। ଅଲୋଡ଼ା ବାର୍ଦ୍ଧକ୍ୟ ପରି ସେ ବି କେଉଁଠି ଏକ ଜରାଶ୍ରମରେ ବୋଧେ ଗୁମୁରି ଗୁମୁରି କାନ୍ଦୁଛି। ଶୈଶବ ଆଜି ତା' ରାସ୍ତାରେ ବାଟବଣା ଆଉ ଜହ୍ନ ହୋଇଛି ଅଲୋଡ଼ା। ଶୈଶବ ପାଇଁ ଆଜି ଲୋଡ଼ା ନାହିଁ ଜହ୍ନ କି ଜହ୍ନମାମୁର ସଂଗୀତ। ଚେତନାର ଦିଗ୍‌ବଳୟରୁ ଜହ୍ନ ବୋଧେ ଲେଉଟି ଯାଇ ଶୈଶବ ପାଇଁ ହଜିସାରିଛି। ଶୈଶବ ପାଇଁ ଜହ୍ନ ଖାଲି ଅଲୋଡ଼ା ନୁହେଁ, ମାଆଟିଏର ମଧ୍ୟ ଏ ଜହ୍ନର ଆଉ ପ୍ରୟୋଜନ ପଡୁନାହିଁ। ସବୁ କିଛି ଆଜି ଗୋଟିଏ ସ୍ମାର୍ଟ ଫୋନର ଚାରିକାନ୍ଥ ମଧ୍ୟରେ ସୀମାବଦ୍ଧ ହୋଇ ରହିଯାଇଛି। ଶୈଶବ ଆଜି ଦେଖୁଛି ଗୋଟେ ମଲା ଜହ୍ନର ପ୍ରତିଛବି। ଜହ୍ନ କଥା ହେଉନି, ଜହ୍ନ ହସୁନାହିଁ କି ଜହ୍ନ ହାତଠାରି ଆଉ ଡାକୁ ନାହିଁ। ଜହ୍ନ ପାଇଁ ମାଆର ପ୍ରତୀକ୍ଷା ଆଉ ମାଆ ପାଇଁ ଜହ୍ନର ପ୍ରତୀକ୍ଷା କେବେଠୁ ଶେଷ ହୋଇସାରିଛି। ସେଇଥିପାଇଁ ତ ଶୈଶବ ଆଜି ବସ୍ତୁବାଦର ସମ୍ମୋହନରେ ଜୀର୍ଣ୍ଣ, ଶୀର୍ଣ୍ଣ, ଅବହେଳିତ। ଜହ୍ନ ବିନା ଶୈଶବ ଆଜି ପଥହୁଡ଼ା ବାଟୋଇ ପରି ନା ମନଖୋଲି ହସିପାରୁଛି ନା ମନଖୋଲି କାନ୍ଦି ପାରୁଛି। ସ୍ମାର୍ଟଫୋନର ସ୍ମାର୍ଟ ଚରିତ୍ର ତଳେ ଅଧାଗଢ଼ା ଆବେଗ ସବୁ ଭାରସାମ୍ୟ ହରାଇ ତା' ଶୈଶବର ଭିତ୍ତିଭୂମିକୁ ଦୁର୍ବଳ କରିଚାଲିଛି। ଆଜି ଆଧୁନିକ ଆଲୁଅର କୃତ୍ରିମ ତେଜରେ ଜହ୍ନ କଦାପି ନିଷ୍ପ୍ରଭ ନୁହେଁ;ପରନ୍ତୁ ନିଷ୍ପ୍ରଭ ଆଜି ଶୈଶବ। ଏ ନିଷ୍ପ୍ରଭ ଶୈଶବ ପରିପୁଷ୍ଟ ହେବାପାଇଁ ଏକାନ୍ତ ଲୋଡା ଆଧାର ରୂପି ଜହ୍ନର ଏ ଅମୃତମୟ ଦ୍ୟୁତି।

ସର୍ବଶେଷରେ ଆମକୁ ମନେରଖିବାକୁ ହେବ ଯେ ଶିଶୁଟିଏକୁ ଅଧିକ ବସ୍ତୁ ମନସ୍କ ନ କରି ତା'ର ଶୈଶବକୁ ଏକ ନିରନ୍ତର ପ୍ରାକୃତିକ ପ୍ରବାହରେ ସାମିଲ କରିପାରିଲେ, ତା'ର ଶୈଶବ ସରସ ସୁନ୍ଦର ହୋଇପାରିବା ସହିତ ଜହ୍ନ ଫେରିପାଇଯିବ ତା' ଅତୀତର ସ୍ମୃତିସିକ୍ତ ସାଥୀଟିଏ। ନା ଶୈଶବ ହେବ ଅବହେଳିତ ନା ଜହ୍ନହେବ ଅଲୋଡ଼ା।

ଭୋଗରାଇ, ବାଲେଶ୍ୱର
ମୋ: ୮୧୧୪୩୪୫୯୮୮

## ଏଇ ଭାରତରେ

ପରିବେଶ ପ୍ରଦୂଷଣଜନିତ ବିପଦ ଦୂର କରିବା ପାଇଁ ଏବେ ବାଉଁଶ ତିଆରି ଜିନିଷ ଲୋକମାନଙ୍କର ପସନ୍ଦ ହେଉଛି। ବାଉଁଶରେ ଘର ତିଆରି ହେଉଛି। ଏହା ସହ ବାଉଁଶରେ ବିଭିନ୍ନ ପ୍ରକାର ଗୃହ ଉପକରଣର ବଜାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ମୁମ୍ବାଇ ଆଇଆଇଟିର ପ୍ରଡକ୍ଟ ଡିଜାଇନ ଛାତ୍ର ଅଙ୍କାଶ ଚତୁର୍ବେଦୀ ବାଉଁଶରେ ଏକ ହେଡ୍‌ଫୋନ ତିଆରି କରିଛନ୍ତି। ଏହାର ନାମ ବମ୍ବାଶ ଓ ଅତ୍ୟାଧୁନିକ ଧାତବ ହେଡ୍ ଫୋନ୍ ଭଳି ବି କାମ କରୁଛି। ବମ୍ବାଶ ପରିବେଶ ଉପଯୋଗୀ ଓ ଏହା ୭୦ ପ୍ରତିଶତ ସହଜରେ ମାଟିରେ ମିଶିଯାଇପାରିବ ବୋଲି କହନ୍ତି ଅଙ୍କାଶ। ଏହା ମଧ୍ୟ ରିସାଇକେଲଯୋଗ୍ୟ। ଅଙ୍କାଶଙ୍କ ବୟସ ଏବେ ୨୬। ଆଧୁନିକ ଡିଜାଇନରେ ଏହାକୁ ପାରମ୍ପରିକ ପଦ୍ଧତିରେ ନିର୍ମାଣ କରାଯାଇଛି। ବାଉଁଶ ହେଡ୍‌ଫୋନ ତିଆରି କରିବା ଲାଗି ସେ ସାଧାରଣ ହେଡ୍‌ଫୋନଗୁଡ଼ିକ ଉପରେ ବହୁ ଗବେଷଣା କରିଥିଲେ। ଏହି କାର୍ଯ୍ୟରେ ତାଙ୍କୁ ବିଭାଗୀୟ ପ୍ରାଧ୍ୟାପକଙ୍କ ସମେତ ବାଉଁଶ ଲାବ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ। ଏହାର ପ୍ରତିକୃତି ପାଇଁ ସ୍କେଚ୍, ଡିଜାଇନ ଲାଗି ୪ ମାସ ସମୟ ଲାଗି ଯାଇଥିଲା। ପରେ ଚୂଡ଼ାନ୍ତ ଉତ୍ପାଦ ପ୍ରସ୍ତୁତ କରିବାରେ ସେ ସଫଳ ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୭୫

- ଜାତୀୟ ଶିଳ୍ପ ବିକାଶ କର୍ପୋରେସନ ଜାଞ୍ଜିବର ଓ ଗୁୟାନାରେ କାଗଜ ଓ କାଗଜ ମଣ୍ଡ କାରଖାନା ସ୍ଥାପନ କରିବେ।
- କୃଷି ସ୍ନାତକମାନଙ୍କୁ କୃଷି ଉପଯୋଗୀ ଜମି କିଣିବାକୁ ଋଣ ଦେବା ପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।
- ଭାଷା ଦୃଷ୍ଟିରୁ ସଂଖ୍ୟାଲଘୁମାନଙ୍କର ସ୍ୱାର୍ଥ ସଂରକ୍ଷଣ ଲାଗି କେନ୍ଦ୍ର ସରକା ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

କେଉଁ ପଥେ ଚାଲିଛି ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ !
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟକ୍ଷେତ୍ରରେ ଅଧିକ ଖର୍ଚ୍ଚ କରାଯାଉ

ମହାଶୟ,
ସ୍ୱାଧୀନତା ପ୍ରାପ୍ତିର ୭୬ ବର୍ଷ ପରେ ମଧ୍ୟ ଭାରତରେ ସରକାରୀ ଚିକିତ୍ସାଳୟଗୁଡ଼ିକରେ ସ୍ୱାସ୍ଥ୍ୟସେବା ପାଉଥିବା ବହିର୍ବିଭାଗ ରୋଗୀ ସଂଖ୍ୟା ମାତ୍ର ୧୮% ଥିବା ବେଳେ ଅନ୍ତର୍ବିଭାଗ ରୋଗୀସଂଖ୍ୟା ୪୪%। ଅର୍ଥାତ୍ ୮୨% ରୋଗୀ ବହିର୍ବିଭାଗରେ ଓ ୫୬% ରୋଗୀ ଅନ୍ତର୍ବିଭାଗରେ ଚିକିତ୍ସିତ ହେଉନାହାନ୍ତି। ଏମାନଙ୍କ ମଧ୍ୟରୁ ଅନେକେ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ଏହା ଦେଶର ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ଦର୍ଶାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକ ଅନୁସାରେ ଦେଶର ଜିଡିପିର ଅନ୍ତତଃ ୫% ସ୍ୱାସ୍ଥ୍ୟକ୍ଷେତ୍ରରେ ଖର୍ଚ୍ଚ ହେବା ଉଚିତ। ଭାରତରେ ଏବେ ଜିଡିପିର ୨.୧% ସ୍ୱାସ୍ଥ୍ୟକ୍ଷେତ୍ରରେ ଖର୍ଚ୍ଚ ହେଉଛି। ଏହା ଆଦୌ ଯଥେଷ୍ଟ ନୁହେଁ। ଏହା ଅନ୍ତତଃ ୪%କୁ ବୃଦ୍ଧି ହେବା ଉଚିତ। କାରଣ, ସ୍ୱାସ୍ଥ୍ୟ ହିଁ ସଂପଦ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ସବୁଜ ସ୍ୱର



ସିଦ୍ଧାନ୍ତ ମହାପାତ୍ର, ଅଭିନେତା ତଥା ବିଧାୟକ



ଐଶ୍ୱର୍ଯ୍ୟା ବେହେରା, ଅଭିନେତ୍ରୀ



ପ୍ୟାରୀ ଖାଖା, ଫୁଟବଲ୍ ଖେଳାଳି



ବୈଦ୍ୟନାଥ ଦାଶ, ସଙ୍ଗୀତ ନିର୍ଦ୍ଦେଶକ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଓଡିଏମ୍ ସ୍କୁଲ, ଭୁବନେଶ୍ୱର



ଏରୋନଟିକ୍ସ ମହାବିଦ୍ୟାଳୟ, ସୁନାବେଡ଼ା, କୋରାପୁଟ



ବିକାଶ ହାୟର ସେକେଣ୍ଡାରି ସ୍କୁଲ, ଭବାନୀପାଟଣା



ସ୍ନାତକ ମହିଳା ମହାବିଦ୍ୟାଳୟ, ଦେବଗଡ଼

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ଅନ୍ୟାନ୍ୟ ଖବର

# ଆସିଲାନି ଆମ୍ବୁଲାନ୍ସ, ପିକ୍‌ଅପ୍‌ରେ ବୁହାହେଲେ ଗୁରୁତର

ଅନୁଗୋଳ,୯।୧୧(ମାନସ ବିଶ୍ୱାଳ)

ଦୁର୍ଘଟଣାରେ ଗୁରୁତର ହୋଇଥିବା ସ୍ୱାମୀଙ୍କୁ ମେଡିକାଲ ନେବାକୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ ସ୍ତ୍ରୀ। ହେଲେ ଦୀର୍ଘ ସମୟ ପରେ ବି ଆମ୍ବୁଲାନ୍ସ ନ ଆସିବାରୁ ଶେଷରେ ଏକ ପିକ୍‌ଅପ୍‌ଭ୍ୟାନ୍‌ଡାଲାରେ ସ୍ୱାମୀଙ୍କୁଆଣି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ ସ୍ତ୍ରୀ। ହେଲେ ସେଠାରେ ଡାକ୍ତର ଗୁରୁତର ସ୍ୱାମୀଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ଜିଲା କଣ୍ଟାବଣିଆ ଅଞ୍ଚଳରେ ଶନିବାର ଘଟିଥିବା ଏପରି ଘଟଣା ଜିଲାରେ ଥିବା ସରକାରୀ ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ଘଟଣାରୁ ପ୍ରକାଶ, ଝାଡ଼ଖଣ୍ଡ ରାଜ୍ୟର ଥାଇରେଶ କୁଜୁରଙ୍କ ପୁଅ ପ୍ରମୋଦ କୁଜୁର ଅନୁଗୋଳ ଜିଲା କଣ୍ଟାବଣିଆ ଅଞ୍ଚଳରେ କାର୍ଯ୍ୟ


ପିକ୍‌ଅପ୍ ଭ୍ୟାନ୍ ଡାଲାରୁ ଗୁରୁତରଙ୍କୁ ଡାକ୍ତରଖାନା ଭିତରକୁ ନିଆଯାଉଛି।

କରୁଥିଲେ। ପ୍ରମୋଦଙ୍କ ସହ ତାଙ୍କ ସ୍ତ୍ରୀ ମଧ୍ୟ କଣ୍ଟାବଣିଆରେ ରହୁଥିଲେ। ଶନିବାର ଅପରାହ୍ନରେ ପ୍ରମୋଦ ଘର ଟାଜା ଉପରେ ଚଢ଼ି କିଛି କାର୍ଯ୍ୟ କରୁଥିବା ବେଳେ ଅସାବଧାନତାରୁ ତଳକୁ ଖସି ପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ଯୋଗୁ ପ୍ରମୋଦଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପାଖରେ ଥିବା ସ୍ତ୍ରୀ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଦୀର୍ଘ ସମୟ ଅପେକ୍ଷା ସତ୍ତ୍ୱେ ଆମ୍ବୁଲାନ୍ସ ତାଙ୍କ ନିକଟରେ ପହଞ୍ଚିପାରି ନ ଥିଲା। ତେଣୁ ବାଧ୍ୟହୋଇ ଏକ ପିକ୍‌ଅପ୍ ଭ୍ୟାନ୍ ଡାଲାରେ ଗୁରୁତର ପ୍ରମୋଦଙ୍କୁ ନେଇ ସ୍ତ୍ରୀ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ପ୍ରମୋଦଙ୍କ ଜୀବନ ଦୀପ ଲିଭି ସାରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରମୋଦଙ୍କୁ ମୃତ ଘୋଷଣା କରିଥିଲେ।

# ବାଣ ତିଆରି ବେଳେ ବିସ୍ଫୋରଣ, ଦମ୍ପତି ଗୁରୁତର

## ସ୍ତ୍ରୀଙ୍କ ୨ ହାତର ପାପୁଲି ଛିଣ୍ଡିଲା, ସ୍ୱାମୀ କ୍ଷତବିକ୍ଷତ

ଶରଣକୁଳ/ନୟାଗଡ଼,୯।୧୧
(ଦୀପକ କର/ଲୋକନାଥ ମିଶ୍ର)

ଶନିବାର ଅପରାହ୍ନରେ ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ ଗୋଲଗାଁ ଗ୍ରାମରେ ବାଣ ବିସ୍ଫୋରଣ ଘଟି ଏକ ଦମ୍ପତି ଗୁରୁତର ହୋଇଛନ୍ତି। ଉଭୟେ ନିଜ ଘର ବାଡ଼ିପଟେ ବାଣ ତିଆରି କରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ଆହତ ଦମ୍ପତି ହେଲେ ସଂସାରୀ ସେଠୀ(୭୦) ଏବଂ ତାଙ୍କ ସ୍ତ୍ରୀ ନିଶାମଣି ସେଠୀ(୬୫)। ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘଟଣାସ୍ଥଳରେ ନିଶାମଣିଙ୍କ ୨ ହାତର


ଡାକ୍ତରଖାନାରେ ନିଶାମଣୀଙ୍କ ଚିକିତ୍ସା କରାଯାଉଛି।

ପାପୁଲି ଛିଣ୍ଡି ପଡିଛି। ସଂସାରୀଙ୍କ ଶରୀରର ବିଭିନ୍ନ ସ୍ଥାନ କ୍ଷତବିକ୍ଷତ ହୋଇଛି। ତାଙ୍କ ଗୋଡ, ହାତ ଓ ନାକ ପୋଡ଼ିଯାଇଛି। ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆହତ ଦମ୍ପତିଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ନୟାଗଡ଼ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ସଂସାରୀ ବଜାରରୁ ବାଣ କିଣିଆଣି ବିଭିନ୍ନ ବିବାହ,ବ୍ରତ, ଯାନିଯାତ୍ରା ସହିତ ଦୀପାବଳିରେ ବିକ୍ରି କରୁଥିଲେ। ହେଲେ ଗତ ୮ ବର୍ଷ ହେବ ସେ ନିଜେ ବାଣ ତିଆରି କୌଶଳ ଶିଖି ଘରେ ବାଣ ତିଆରି କରି ବିକ୍ରି କରୁଥିଲେ। ସ୍ତ୍ରୀ ନିଶାମଣି ଏହି କାର୍ଯ୍ୟରେ ସ୍ୱାମୀଙ୍କୁ ସହଯୋଗ କରୁଥିଲେ। ଏହି କାର୍ଯ୍ୟରୁ ବିରତ ହେବା ପାଇଁ ଗ୍ରାମବାସୀ ଏକାଧିକ ଥର ସଂସାରୀଙ୍କୁ କହିଥିଲେ। ହେଲେ ଅଧିକ ଅର୍ଥ ଉପାର୍ଜନ ଆଶାରେ ସେ ଏହି କାର୍ଯ୍ୟ କରିଆସୁଥିଲେ। ସବୁଦିନ ପରି ଶନିବାର ଅପରାହ୍ନରେ ଉଭୟେ ବାଣ ତିଆରି କରୁଥିବା ବେଳେ କୌଣସି କାରଣରୁ ସେଠାରେ ବିସ୍ଫୋରଣ ଘଟିଥିଲା। ଏ ସଂକ୍ରାନ୍ତରେ ଖବର ପାଇ ଶରଣକୁଳ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପୋଲିସ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ଜରିରେ ଥିବା ବାରୁଦ ଓ କରତ ଗୁଣ୍ଡ ଜବତ କରିଛି।



## ଗୋଷ୍ଠାଷ୍ଟମୀରେ ଏକପତ୍ରୀ ଭୋଜନ

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଡେକୁରୀ ହରିହାଟ ପଡ଼ିଆଠାରେ ଥିବା ହରିହର କ୍ଷେତ୍ରରେ ଶନିବାର ଗୋଷ୍ଠାଷ୍ଟମୀ ପାଳନ ଅବସରରେ ସାମୂହିକ ଭୋଜନ କରୁଛନ୍ତି ଶ୍ରଦ୍ଧାଳୁ। ଏଥିପାଇଁ କଦଳୀପତ୍ରଗୁଡ଼ିକୁ ଧାଡ଼ିରେ ବିଛାଯାଇଥିବାବେଳେ ଉଭୟ ପାର୍ଶ୍ୱରେ ମହିଳା ଓ ପୁରୁଷଭକ୍ତ ବସି ଭୋଜନ କରୁଛନ୍ତି। ଏହାକୁ ଏକପତ୍ରୀ ଭୋଜନ ବୋଲି କୁହାଯାଉଛି।

ଫଟୋ: ପ୍ରଦୀପ୍ତ କୁମାର ପୃଷ୍ଟି, ଚଣ୍ଡିଖୋଲ

# ଏନ୍‌କ୍ଲୋଜରରୁ ମୁକୁଳିଲା 'ଯମୁନା'

ବାରିପଦା,୯।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଷ୍ଟ୍ରରୁ ମୟୂରଭଞ୍ଜକୁ ଅଣାଯାଇଥିବା ମହାବଳ ବାଘୁଣୀ 'ଯମୁନା' ଏନ୍‌କ୍ଲୋଜରରୁ ମୁକୁଳିଛି। ଶିମିଳିପାଳ ଅଭୟାରଣ୍ୟ ଏନ୍‌କ୍ଲୋଜର ମଧ୍ୟରେ ଯମୁନାର ଚଳପ୍ରଚଳ ଓ ଖାଦ୍ୟପେୟକୁ ନିରୀକ୍ଷଣ କରିବା ପରେ ବନ ବିଭାଗ ପକ୍ଷରୁ କୋର୍ ଅଞ୍ଚଳକୁ ଛଡ଼ାଯାଇଛି। ବର୍ତ୍ତମାନ ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ଯମୁନା ଘୁରିବୁଲୁଛି। ତାଲିମପ୍ରାପ୍ତ କର୍ମଚାରୀମାନେ ପ୍ରତିଦିନ ଏହାର ମନଟରିଂ କରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ମହାବଳ ବାଘବଂଶ ବୃଦ୍ଧିରେ ପ୍ରକୃଷ୍ଟ ସ୍ଥାନ ଭାବେ


ଡ୍ରୋନ୍ କ୍ୟାମେରାରେ ଯମୁନାର ଗତିବିଧିକୁ ନିରୀକ୍ଷଣ କରାଯାଉଛି।

ଶିମିଳିପାଳ ଅଭୟାରଣ୍ୟକୁ ନେଇ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ମହାବଳ ବାଘର ଜେନେଟିକରେ ପରିବର୍ତ୍ତନକୁ ନେଇ ରିପୋର୍ଟ ପ୍ରକାଶିତ ହେବା ପରେ ଅନ୍ୟ ରାଜ୍ୟରୁ ବାଘୁଣୀକୁ ଅଣାଯିବା ନେଇ ମିଶନ ଆରମ୍ଭ ହୋଇଥିଲା। ଅକ୍ଟୋବର ୨୭ରେ ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ମହାବଳ ବାଘୁଣୀ 'ଯମୁନା'କୁ ଏକ ସ୍ୱତନ୍ତ୍ର ଗାଡ଼ିରେ ତାଲିମପ୍ରାପ୍ତ କର୍ମଚାରୀମାନେ ଆଣି ଶିମିଳିପାଳରେ ପହଞ୍ଚିଥିଲେ। ପରେ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ଯମୁନାକୁ ଛଡ଼ାଯାଇ ତାର ଗତିବିଧି ଉପରେ ନଜର ରଖାଯାଇଥିଲା। ପାଣି ପିଇବା ସହ ଖାଦ୍ୟ ପାଇଁ ସେ ଶିକାର ଆରମ୍ଭ କରିଥିଲା। ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ସହ ୩ ବନ୍ୟପ୍ରାଣୀଙ୍କୁ ଶିକାର କରିବା ପରେ ଶନିବାର ପୂର୍ବାହ୍ନ ୧୦ଟାରେ ଯମୁନା ଦେହରେ ରେଡିଓକଲର ଲଗାଯାଇ ଶିମିଳିପାଳ ଅଭୟାରଣ୍ୟ କୋର ଅଞ୍ଚଳରେ ଛଡ଼ାଯାଇଛି। ସେ ଏବେ ନିର୍ଦ୍ୱନ୍ଦ୍ୱରେ ଘୁରି ବୁଲୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଶିମିଳିପାଳକୁ ଅନ୍ୟ ଏକ ବାଘୁଣୀ ଆଣିବା ପାଇଁ ବିଭାଗୀୟ କର୍ମଚାରୀ ୩ ଦିନ ପୂର୍ବରୁ ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ଜଙ୍ଗଲରେ ପହଞ୍ଚି ମିଶନ ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ଏକ ବାଘୁଣୀ ପହଞ୍ଚିବା ପରେ ତାକୁ ମଧ୍ୟ ଏନ୍‌କ୍ଲୋଜରରେ ରଖାଯିବା ଦେଇ ପ୍ରସ୍ତୁତି କରାଯାଇଛି।

# ହୋମ୍‌ଗାର୍ଡ ନିଯୁକ୍ତି ରହିତାଦେଶ ପ୍ରତ୍ୟାହୃତ

## ଖୁବ୍‌ଶୀଘ୍ର ପୂରଣ ହେବ ଖାଲି ପଦବୀ

ଭୁବନେଶ୍ୱର,୯।୧୧(ଅନିଲ ଦାସ)

ରାଜ୍ୟରେ ହୋମ୍‌ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ରାଜ୍ୟ ସରକାର ହଟାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ରହିତାଦେଶକୁ ପ୍ରତ୍ୟାହାର କରାଯାଇଛି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ୍‌ଗାର୍ଡ ପଦବୀଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ ହୋଇ ପାରିବ। ସୂଚନା ଯୋଗ୍ୟ ଯେ ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭,୬୭୫ ଥିବା ବେଳେ ୧୫,୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି। ୨୩୬୯ ପଦବୀ ଖାଲି ଅଛି। ଏହି ନିଷ୍ପତ୍ତି ଦ୍ୱାରା ଖାଲି ଥିବା ପଦବୀ ଗୁଡ଼ିକ ଆବଶ୍ୟକତା ଅନୁଯାୟୀ ପୂରଣ କରାଯାଇ ପାରିବ।

## ସଂକ୍ଷେପରେ

### ଉଦ୍ଧାର ନାବାଳକଙ୍କୁ ପରିବାରକୁ ହସ୍ତାନ୍ତର

ପାଣିକୋଇଲି,୯।୧୧(ବିକାଶ ମଲ୍ଲିକ): ଭଦ୍ରକ ଜିଲ୍ଲା ବାସୁଦେବପୁରରୁ ଘରୁ ରାଗି ସାଇକେଲ ଯୋଗେ ଆସିଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇ ପାଣିକୋଇଲି ଥାନା ଜରିଆରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ନାବାଳକ ଜଣକ ଗତ ୮ତାରିଖରେ ଘରୁ ରାଗି ପଳାଇ ଆସିଥିଲେ। ସଠିପୁର ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ନାରାୟଣ ଦାସ ଉଦ୍ଧାର କରି ନିଜ ହେପାଜତରେ ରଖିଥିଲେ। ଏନେଇ ନାରାୟଣ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳଙ୍କୁ ଜଣାଇବା ପରେ ସେ ନାବାଳକଙ୍କୁ ଥାନାକୁ ଆଣି ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ଶନିବାର ଅପରାହ୍ନରେ ନାବାଳକଙ୍କ ମା' ଓ ମଉସା ଆସି ଥାନାରୁ ନାବାଳକଙ୍କୁ ନେଇଥିଲେ।

### ହୁତାତ୍ମା ଦିବସରେ ରକ୍ତଦାନ ଶିବିର

ରସୁଲପୁର,୯।୧୧(ରଂଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ଅତାଳାପୁର ପଞ୍ଚାୟତରେ ଯାଜପୁର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଶ୍ରୀରାମପୁର ପ୍ରଖଣ୍ଡ ତରଫରୁ ହୁତାତ୍ମା ଦିବସ ଅବସରରେ ପଞ୍ଚାୟତର ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ବ୍ଲଡ୍ ବ୍ୟାଙ୍କ ସହଯୋଗରେ ଅନୁଷ୍ଠିତ ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

ଶ୍ରୀରାମ ଜନ୍ମଭୂମି ମୁକ୍ତି ଆନ୍ଦୋଳନର ଦିବଂଗତ ବଳିଦାନୀ ଓ ବୀରଗତି ପ୍ରାପ୍ତ ଦୁଇ ଭାଇ ସନାତନୀ ହିନ୍ଦୁ ବୀର ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ରାମକୋଠାରୀ ଓ ଶରଦ କୋଠାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଶିବିରକୁ ଜିଲା ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ରାଜକିଶୋର ମଲିକ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର, ବିଶ୍ୱ ହିନ୍ଦୁ ପରିଷଦ କୋଷାଧ୍ୟକ୍ଷ ଯଶୋବନ୍ତ ଦାସ, ପ୍ରଖଣ୍ଡ ସମ୍ପାଦକ ଅମିୟ ରଞ୍ଜନ ସାହୁ, ଜିଲା ବଜରଙ୍ଗ ଦଳ ମିଳନ କେନ୍ଦ୍ର ପ୍ରମୁଖ ଧର୍ମେନ୍ଦ୍ର ଗୁଇଁ ଓ ଦୁର୍ଗା ବାହିନୀ ସହସଂଯୋଜିକା ସୌଭାଗ୍ୟରାଣୀ ପଣ୍ଡା ଉପସ୍ଥିତ ଥିଲେ।

ଡାକ୍ତରୀ ଟିମକୁ ପ୍ରଖଣ୍ଡ ତରଫରୁ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ସମୀର କୁମାର ନାୟକ ଉପହାର ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଖଣ୍ଡ ବଜରଙ୍ଗ ଦଳ ସଂଯୋଜକ ବିଶ୍ୱଜିତ ସାହୁ ସଂଯୋଜନା କରିଥିବାବେଳେ ସର୍ବବ୍ୟବସ୍ଥା ପ୍ରମୁଖଭାବେ ଅତାଳାପୁର ଗ୍ରାମର ଯୁବ ସଂଗଠକ ନିରାକାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଅନିରୁଦ୍ଧ ଗୁଇଁ, ଦିନବନ୍ଧୁ ଗୁଇଁ, ପ୍ରଦୀପ ଗିରି, ମାୟାଧର ଦାଶ, ପଙ୍କଜ ପଣ୍ଡା, ରାମଚନ୍ଦ୍ର ସିଂ, ଦେବାଶିଷ ସିଅ, ଅଚ୍ୟୁତାନନ୍ଦ ମହାଳିକ, ପ୍ରଖଣ୍ଡ ଦୁର୍ଗା ବାହିନୀର ସତ୍ୟଭାମା ଦାସ, ସୀମାରାଣୀ ଦାସ, ମଧୁସ୍ମିତା ମଲିକ, ଯାଜପୁର ପ୍ରଖଣ୍ଡର ସଂଯୋଜକ ରାଜେଶ ସାହୁ, ସର୍ବେଶ୍ୱର ଶର୍ମା, ମଣିନାଥ ସେନାପତି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୧୪,୦୭୩.୫୮୮ ଏମ୍‌ଟି ଚାଉଳ ସଂଗ୍ରହ ବାକି

- ନୂଆ ଧାନ ସଂଗ୍ରହ ଅପେକ୍ଷାରେ ଖିଲାପି ମିଲର୍ସ
- ଚାଉଳ ହରିଲୁଟ୍‌କୁ ପ୍ରୋତ୍ସାହନ
- ଫିଜିକାଲ ଭେରିଫିକେଶନ ନିର୍ଦ୍ଦେଶକୁ ଅବମାନନା

ଯାଜପୁର, ୯।୧୧ (ହର୍ଷବର୍ଦ୍ଧନ ବେହେରା)

ଧାନ ସଂଗ୍ରହ ଓ ଚାଉଳ ଦାଖଲ ପ୍ରକ୍ରିୟାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏକାଧିକ ନିର୍ଦ୍ଦେଶକୁ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ଅବମାନନା କରୁଛନ୍ତି। ଚାଉଳ ହରିଲୁଟ୍ କିମ୍ବା କଳାବଜାରି ନିୟନ୍ତ୍ରଣ ପାଇଁ ସରକାରୀ ଗୋଦାମ ଗୃହ ଓ ମିଲ୍‌ଗୁଡ଼ିକରେ ଧାନ ଓ ଚାଉଳ ପରିମାଣ ଜାଣିବାକୁ ନିୟମିତ ବ୍ୟବଧାନରେ ଫିଜିକାଲ ଭେରିଫିକେଶନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଯାଜପୁର ଜିଲାରେ ପାଣିର ଗାର ହୋଇଛି। ଜିଲାରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରସ୍ତୁତି ଚାଲିଥିବାବେଳେ ଏଯାଏ ଗତବର୍ଷର ଚାଉଳ ସଂଗ୍ରହ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବିଭାଗୀୟ ରିପୋର୍ଟ ଅନୁସାରେ ୭।୧୧।୨୦୨୪ ସୁଦ୍ଧା ୧୪,୦୭୩.୫୮୮ ମେଟ୍ରିକ ଟନ୍(ଏମ୍‌ଟି) ଚାଉଳ ୬ ଜଣ ମିଲର୍ସଙ୍କଠାରୁ ସଂଗ୍ରହ ହୋଇ ପାରିନାହିଁ। ଏଥିରେ ପାଣିକୋଇଲିସ୍ଥିତ ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟସ୍ ପ୍ରା.ଲି. ସର୍ବାଧିକ ୬,୬୨୮.୬୬୯ ଏମ୍‌ଟି ଚାଉଳ ଦାଖଲ କରିପାରିନାହିଁ। ଏଥିରୁ ଖିଲାପି ମିଲ୍‌ଗୁଡ଼ିକରେ ଧାନ ଓ ଚାଉଳ ପରିମାଣ ଭେରିଫିକେଶନ ନୈରାଶ୍ୟଜନକ ହେଉଥିବା ସ୍ପଷ୍ଟ ମନେ ହେଉଛି। ଏହିକ୍ରମରେ ଚାଉଳ ହଡପକୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଥିବା ମତପ୍ରକାଶ ପାଇଛି।

ଅନାହାର କିମ୍ବା ଅପପୁଷ୍ଟିର କେହି ଯେଭଳି ଶିକାର ନ ହେବେ ସେଥିପାଇଁ ସରକାର ଗରିବ ଲୋକଙ୍କୁ ମାଗଣାରେ ଚାଉଳ ଯୋଗାଉଛନ୍ତି। ଏହି ବ୍ୟବସ୍ଥାରେ କୌଣସି ପ୍ରକାର ଖିଲାପୀ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। ହେଲେ ଫଳ ଓଲଟା ହେଉଛି। ଏହାର ଫାଇଦା ନେଉଛନ୍ତି ଅନେକ ଥିଲାବାଲା। ଦିନ ଦ୍ୱିପ୍ରହରରେ ବହୁ ହଜାର କୁଇଣ୍ଟାଲ ସରକାରୀ ଚାଉଳ ବାଟମାରଣା ହେଉଛି। ଅର୍ଥାତ୍ ଯୋଗାଣ ବିଭାଗର ଗୋଦାମରୁ ଚାଉଳ ବଣ୍ଟନକାରୀ ସଂସ୍ଥାକୁ ଯାଉଛି। ହିତାଧିକାରୀଙ୍କୁ ଉପଯୁକ୍ତ ଭାବେ ବଣ୍ଟା ନ ଯାଇ କିମ୍ବା ଜାଲ୍ ହିତାଧିକାରୀଙ୍କ ନାଁରେ ହଡ଼ପ ହେଉଥିବା ଚାଉଳକୁ ପୁଣି ସେଠାରୁ ଅନ୍ୟ ଏକ ଟ୍ରକରେ ଚାଲିଯାଉଛି ମିଲର୍ସଙ୍କ ଗୋଦାମକୁ। ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଚାଉଳ ପୁଣି ମୂଳ ଗୋଦାମରେ ପହଞ୍ଚିଯାଉଛି। ଏହି ବାଟମାରଣାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ଯୋଗାଣ ବିଭାଗ ତତ୍ପର ନ ଥିବା ମନେହେଉଛି। ରାଜ୍ୟ ସରକାର ଚଳିତ ବର୍ଷ ବାହାର ରାଜ୍ୟରୁ ଯେପରି ଧାନ ନ ଆସିବ ସେଥିପାଇଁ ସୀମା ସିଲ୍ ହେବ ବୋଲି ଘୋଷଣା କରିଛନ୍ତି। ଏହାର ନିରୀକ୍ଷଣ କରିବାକୁ ଜଣେ ମନ୍ତ୍ରୀ ୨ ଜିଲାର ଦାୟିତ୍ୱରେ ରହିବେ। ତେବେ ଖିଲାପି ମିଲର୍ସମାନେ ନୂଆ ଧାନ ସଂଗ୍ରହ ଆରମ୍ଭକୁ ଅପେକ୍ଷା କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। କାରଣ ସେମାନେ ସେହି ଧାନରୁ ବାକି ଥିବା ଚାଉଳ ମିଲିଂ କରି ଦାଖଲ କରିବାକୁ ଯୋଜନା କରୁଛନ୍ତି। ଏଥିରେ କେତେଜଣ ବିଭାଗୀୟ ଅଧିକାରୀ ମିଲର୍ସମାନଙ୍କୁ ସହଯୋଗ କରୁଥିବା କୁହାଯାଉଛି।

ରିପୋର୍ଟ ଅନୁସାରେ ୨୦୨୩-୨୪ ଧାନ ସଂଗ୍ରହ ବର୍ଷରେ ୯ ଜଣ ମିଲର୍ସଙ୍କୁ ନିୟୋଜିତ କରାଯାଇ ସମୁଦାୟ ୧,୬୨,୯୮୨.୫୦୭ ଏମ୍‌ଟି ଧାନ ସଂଗ୍ରହ ହୋଇଥିଲା। ତଦନୁସାରେ ୧,୧୧,୭୬୮.୫୮୬ ଏମ୍‌ଟି ଚାଉଳ ଦାଖଲ ହେବା ସ୍ଥାନରେ ୯୭,୬୯୪.୯୯୮ ଏମ୍‌ଟି (୮୭.୪୧%) ଦାଖଲ ହୋଇଥିବାବେଳେ ୧୪,୦୭୩.୫୮୮ ଏମ୍‌ଟି ଚାଉଳ ବାକି ପଡିଛି। ଏହି ପ୍ରକ୍ରିୟାରେ କଣ୍ଟିଗଡିଆସ୍ଥିତ ମହାବଳି ମଡର୍ନ ରାଇସ୍ ମିଲ୍ ୨୦୩୫.୫୧୨ ଏମ୍‌ଟି, ବଡ଼ଚଣାସ୍ଥିତ ସାନ୍ତୁକା ଫୁଡ୍‌ସ ପ୍ରା.ଲି. ୨୬୧୪.୩୭୯ ଏମ୍‌ଟି, ପଥରପଦାସ୍ଥିତ କୃପାଳୁ ରାଇସ୍ ଇଣ୍ଡଷ୍ଟ୍ରିଜ ୯୭୩.୧୧୫ ଏମ୍‌ଟି, ପାଣିକୋଇଲିସ୍ଥିତ ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟସ୍ ପ୍ରା.ଲି. ୬୬୨୮.୬୬୯ ଏମ୍‌ଟି, ରଙ୍ଗିଦାସପୁରସ୍ଥିତ ଇଷ୍ଟର୍ନ ଜୋନ୍ ଇଣ୍ଡଷ୍ଟ୍ରିଜ୍ ୧୭୪୮.୬୪୫ ଏମ୍‌ଟି, ରଗଡ଼ିସ୍ଥିତ ଏସ୍‌ଜିଏସ୍ ଫୁଡ୍ ପ୍ରଡକ୍ଟସ୍ ପ୍ରା.ଲି. ୭୩.୨୬୮ ଏମ୍‌ଟି ଚାଉଳ ଦାଖଲ କରିପାରିନାହାନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏଭଳି ଅବହେଳା ଯୋଗୁ ଯାଜପୁର, ଭଦ୍ରକ, ଗଞ୍ଜାମ ଓ ନବରଙ୍ଗପୁର ଜିଲାର ୨୩ ଜଣ ଯୋଗାଣ ବିଭାଗ ଅଧିକାରୀ ୨ କୋଟି ୨୧ ଲକ୍ଷ ୪୬ ହଜାର ୯୪୮ ଟଙ୍କାର ସରକାରୀ ଚାଉଳ ହଡ଼ପ କରିଥିବା ସ୍ୱତନ୍ତ୍ର ଅଡିଟ ରିପୋର୍ଟରେ ଧରାପଡ଼ିଥିଲା। ଏଥିରେ ଯୋଗାଣ ନିରୀକ୍ଷକ(ଆଇଏସ୍), ମାର୍କେଟିଂ ଇନ୍ସପେକ୍ଟର(ଏମ୍‌ଆଇ) ଓ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କ ସମ୍ପୃକ୍ତି ରହିଥିଲା। ତେବେ ସେତେବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସେଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏଭଳି କୋହଳ ମନୋଭାବ ଯୋଗୁ ଧାନ ସଂଗ୍ରହ ଓ ଚାଉଳ ଯୋଗାଣରେ ସ୍ୱଚ୍ଛତା ବଜାୟ ରଖାଯାଇ ପାରିନାହିଁ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସଲାଉଦ୍ଦିନ ଖାଁଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।



### ଇନ୍ସପେକ୍ଟରସ୍ତରରେ ପୁଣି ଅଦଳବଦଳ

ଯାଜପୁର ଜିଲାରୁ ଯିବେ ୪, ଆସିବେ ୩

ପାଣିକୋଇଲି,୯।୧୧(ବିକାଶ ମଲ୍ଲିକ): ଇନ୍ସପେକ୍ଟରସ୍ତରରେ ପୁଣି ଅଦଳବଦଳ ହୋଇଛି। ଏଥିରେ ଯାଜପୁର ଜିଲାରୁ ୪ ଇନ୍ସପେକ୍ଟରଙ୍କ ଅନ୍ୟ ଜିଲାକୁ ବଦଳି ହୋଇଥିବାବେଳେ ୩ ଜଣ ଜିଲାକୁ ଆସିବାକୁ ସେଣ୍ଟ୍ରାଲ ରେଞ୍ଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଇନ୍ସପେକ୍ଟର ତପନ କୁମାର ନାୟକ ଓ ଶ୍ରୀକାନ୍ତ କୁମାର ବାରିକଙ୍କୁ ଯାଜପୁର ଜିଲାରୁ କେନ୍ଦ୍ରାପଡ଼ା ଜିଲା, ରଞ୍ଜନ କୁମାର ପ୍ରଧାନ ଓ ସୁମତୀ କୁମାରୀ ମହାନ୍ତିଙ୍କୁ ଯାଜପୁର ଜିଲାରୁ କଟକ ଜିଲାକୁ ବଦଳି କରାଯାଇଛି। ସେହିପରି ପୁରୀ ଜିଲାରୁ ରାକେଶ କୁମାର ତ୍ରିପାଠୀ ଓ ଚିନ୍ମୟୀ ବେହେରାଙ୍କୁ ଯାଜପୁର ଜିଲା ଏବଂ ଜଗଦୀଶ କୁମାର କରଙ୍କୁ ନୟାଗଡ଼ ଜିଲାରୁ ଯାଜପୁର ଜିଲାକୁ ବଦଳି କରାଯାଇଛି।

### ଅଜଣା ଗାଡ଼ି ଧକ୍କାରେ ୨ ଷଣ୍ଢ ମୃତ

ପାଣିକୋଇଲି,୯।୧୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ସମ୍ମୁଖ ବିଦ୍ୟା କଲେଜ ନିକଟରେ ଶୁକ୍ରବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଦୁଇ ଷଣ୍ଢଙ୍କ ମୃତ୍ୟୁ ହୋଇଛି। ଷଣ୍ଢଙ୍କ ମୃତଦେହକୁ ସ୍ଥାନୀୟ ଗୋସେବକମାନେ ଉଦ୍ଧାର କରି ଶେଷକୃତ ସମ୍ପନ୍ନ କରିଛନ୍ତି।

# 'ସାହିତ୍ୟ ପରସ୍ପର ମଧ୍ୟରେ ସମ୍ପର୍କ ଯୋଡ଼େ'



ଗୋକର୍ଣ୍ଣିକା ସାହିତ୍ୟ ସମାଜ ସୁବର୍ଣ୍ଣ ଜୟନ୍ତୀ ସମ୍ବତ୍ସରରେ ସମ୍ବର୍ଦ୍ଧିତ ହୋଇଥିବା ଲେଖକମାନେ।

ଧର୍ମଶାଳା,୭।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସୁବର୍ଣ୍ଣ ଜୟନ୍ତୀ ସମ୍ବତ୍ସରରେ ଏକ ସ୍ୱତନ୍ତ୍ର ସାହିତ୍ୟ ସମାରୋହ ସୋରସ୍ଥିତ ଗାଁ ମଜଲିସ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଉତ୍ସବକୁ ବିଶିଷ୍ଟ ସାହିତ୍ୟିକ ତଥା ଗାଁ ମଜଲିସ ସଭାପତି ଡ. ରମାକାନ୍ତ ବେହେରା ଉଦ୍‌ଘାଟନ କରି ସାହିତ୍ୟ ପରସ୍ପର ମଧ୍ୟରେ ସମ୍ପର୍କ ଯୋଡ଼େ ଓ ସମାଜକୁ ମାର୍ଗଦର୍ଶନରେ ସହାୟତା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ସାହିତ୍ୟ ହୃଦୟର ତଲ୍ଲିନପଣରେ ଆତ୍ମିୟତା ପରଖେ, ଝୁଣ୍ଟି ପଡୁଥିବା ମଣିଷକୁ ସିଧା ହୋଇ ଚାଲିବାକୁ ପ୍ରେରଣା ଦିଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଓ ପ୍ରାବନ୍ଧିକ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ ଗୋକର୍ଣ୍ଣିକା ପତ୍ରିକା ଗ୍ରାମାଞ୍ଚଳରୁ ପ୍ରକାଶ ପାଇ ଏବେ ରାଜ୍ୟର ପ୍ରମୁଖ ସାହିତ୍ୟ ପତ୍ରିକା ରୂପେ ପରିଚୟ ସୃଷ୍ଟି କରିପାରିଛି ବୋଲି ମତପ୍ରକାଶ କରିଥିଲେ। ଗାଁ ମଜଲିସ ସାହିତ୍ୟ ସଂସଦ ପକ୍ଷରୁ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ସମ୍ପାଦକ ମହେଶ୍ୱର ପାଢ଼ୀ ସୂଚନା ପ୍ରଦାନ କରିଥିଲେ। ଦେବେନ୍ଦ୍ର କୁମାର ପ୍ରଧାନ ମଞ୍ଚ ଆବାହନ କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ କବି ସମରେନ୍ଦ୍ର ମହାପାତ୍ର, ରଶ୍ମିରାଣୀ ଦାସ, ଅଞ୍ଜଳି କର, ସୁରଞ୍ଜନ ପାତ୍ର ପ୍ରମୁଖ ୧୨ ଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ ପ୍ରସ୍ତୁତି ବୈଠକ

ଧର୍ମଶାଳା/କାଏମା,୯।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ଡିସେମ୍ବର ୧୦ରେ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ପାଳିତ ହେବ। ଏହି ଉପଲକ୍ଷେ ଜାତୀୟ ମାନବ ଅଧିକାର ସଙ୍ଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରୀୟ ଉପସଭାପତି ତପନ କୁମାର ପତି, ରାଜ୍ୟ ସଂଯୋଜକ ସତ୍ୟ ରଞ୍ଜନ ନାୟକ, ଜିଲା ସଭାପତି ନାରାୟଣ ମଲିକ, ଜିଲଶ କାର୍ଯ୍ୟକାରୀ ସଭାପତି ଜିତୁ ବେହେରା, ଉପଦେଷ୍ଟା କୃଷ୍ଣ ଜେନା, କାର୍ଯ୍ୟକର୍ତ୍ତା ଶୁଭକାନ୍ତ ନାୟକ, ମନୋଜ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କିଭଳି ସୁଚାରୁ ରୁପେ କରାଯିବ ସେ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ରବିନାରାୟଣ ବେହେରା, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ସିମଲ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସଂଗଠନର ମୁଖପତ୍ର 'ମୋ ଅଧିକାର' ପତ୍ରିକା ଉନ୍ମୋଚିତ ହେବ। ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ଅନିୟମିତତାକୁ ନେଇ ବିଧାୟକଙ୍କ ଅସନ୍ତୋଷ




ବୈଠକରେ ବିଧାୟକଙ୍କ ସମେତ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ।

### ରୋଗୀ କଲ୍ୟାଣ ସମିତି ବୈଠକ

ବରୀ,୯।୧୧(ମହେନ୍ଦ୍ର ସ୍ୱାଇଁ): ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ଧରି ରୋଗୀ କଲ୍ୟାଣ ସମିତିର ବୈଠକ ନ ହେବା ଏବଂ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଆର୍ଥିକ ଅନିୟମିତତାକୁ ନେଇ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ଯୋଗଦେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କ ଅନୁପସ୍ଥିତ ଓ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେବା ଘଟଣାକୁ ଗୁରୁତ୍ୱ ଦେବାକୁ ତାଗିଦ କରିଛନ୍ତି। ନିକଟରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୪ ଡାକ୍ତର ନିଯୁକ୍ତି ପାଇଥିବାବେଳେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତର ନିଯୁକ୍ତି ନ ପାଇବା ସରକାରଙ୍କ ବରୀ ପ୍ରତି ଅବହେଳା ବୋଲି ବିଧାୟକ ଅଭିଯୋଗ କରିଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ପାଳି କରି ଡ୍ୟୁଟି କରୁଥିବାରୁ ଦୂର ଦୁରାନ୍ତରୁ ଆସୁଥିବା ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଯଦି ସରକାର ଏଠାରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ନ କରନ୍ତି ତେବେ ଆଗାମୀ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏନେଇ ପ୍ରଶ୍ନ କରିବେ ବୋଲି ବିଧାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅଧିକାରୀମାନେ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କୁ ସାକ୍ଷାତ କରୁଛନ୍ତି।

ଚଣ୍ଡିଖୋଲ,୯।୧୧(ପ୍ରଦୀପ୍ତ କୁମାର ପୃଷ୍ଟି): ଓଡ଼ିଶା ମାଟିର ପୁଅ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଓ ବିଶିଷ୍ଟ ଲେଖକ ପ୍ରଫୁଲ୍ଲ ମହାନ୍ତିଙ୍କୁ ତାଙ୍କ ଲଣ୍ଡନସ୍ଥିତ ବାସଭବନରେ ଭେଟିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ୯୦ ବର୍ଷ ବୟସରେ ପଦାର୍ପଣ କରିଥିବା ଚିତ୍ରଶିଳ୍ପୀ ମହାନ୍ତି ୬୦ ବର୍ଷ ହେବ ଲଣ୍ଡନରେ ରହି ଆସୁଛନ୍ତି। ତାଙ୍କର ୨୦ ସକସେସ ରୋଡସ୍ଥିତ ଲଣ୍ଡନ ସହରର ନିଜ ବାସଭବନରେ ଉପମୁଖ୍ୟମନ୍ତ୍ରୀ ଗତ ୭ ତାରିଖରେ ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଥିବା ଏହି ବିଶିଷ୍ଟ ଲେଖକ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଭାବେ ବେଶ ଜଣାଶୁଣା। ସେ ୧୪ ଦେଶରେ ନିଜର ଚିତ୍ର ପ୍ରଦର୍ଶିତ କରି ବେଶ ପ୍ରଶଂସିତ ହୋଇଛନ୍ତି। ସେହିଭଳି ସେ ଇଂଲିଶରେ ୭ ପୁସ୍ତକ ରଚନା କରିଛନ୍ତି। ତାଙ୍କର ସମସ୍ତ ପୁସ୍ତକ ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍ ପ୍ରକାଶନ କରିଛି। ତାଙ୍କ ନିଜ ଗ୍ରାମ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁରଠାରେ। ସେ ପ୍ରତ୍ୟେକ ବର୍ଷ ୨ ମାସ ନିଜ ଗ୍ରାମକୁ ଆସିଥାନ୍ତି। ବର୍ଷକର ୧୦ମାସ ଲଣ୍ଡନରେ ରହୁଥିବାବେଳେ ଦୁଇ ମାସ ଗ୍ରାମରେ କଟାଇ ଥାଆନ୍ତି। ଉପମୁଖ୍ୟମନ୍ତ୍ରୀ ଲଣ୍ଡନ ଗସ୍ତରେ ଥିବା ବେଳେ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିବା ସହ ଆଶିଷ ଭିକ୍ଷା କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟମାନେ ସାମିଲଥିଲେ। ମହାନ୍ତି ସମସ୍ତଙ୍କୁ ତାଙ୍କ ରଚିତ ପୁସ୍ତକ ପ୍ରଦାନ କରିଥିଲେ।

# ବିଦ୍ୟାର୍ଥୀଙ୍କ ମଧ୍ୟରେ ଲିଙ୍ଗଗତ ପ୍ରଭେଦ ଦୂର ଉପରେ ଗୁରୁତ୍ୱ

### ମଣ୍ଡଳସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ ଶିବିର




ମଣ୍ଡଳସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଦକ୍ଷତା ବୃଦ୍ଧି ତାଲିମ ଶିବିରର ଯୋଗଦେଇଥିବା ଅତିଥିମାନେ।

ରସୁଲପୁର,୯।୧୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଗାଁ ପଞ୍ଚାୟତ ବଡ଼ଚଅପୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିରରେ ବ୍ଲକ ଅଞ୍ଚଳରୁ ୫୪ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି। ବିଦ୍ୟାର୍ଥୀଙ୍କ ମଧ୍ୟରେ ଲିଙ୍ଗଗତ ପ୍ରଭେଦ ଦୂର କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ବିଦ୍ୟାଳୟ ପରିଚାଳନାଗତ ଦକ୍ଷତା ବଢ଼ାଇବା, ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଗୁଣାତ୍ମକ ଶିକ୍ଷା ପ୍ରଦାନ, ବିଦ୍ୟାର୍ଥୀମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବା, ବିଦ୍ୟାଳୟର ସଫଳତା ଓ ଆବଶ୍ୟକତା ଆଦି ପୂରଣ, ବିଦ୍ୟାଳୟରେ ସମସ୍ତ ସରକାରୀ ଯୋଜନାକୁ ସଫଳ ରୂପାୟନ ଦିଗରେ ପଦକ୍ଷେପ ଓ ୟୁ-ଡାଇସ୍ ରିପୋର୍ଟ କିପରି ପ୍ରସ୍ତୁତ କରାଯିବ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ସିଆରସିସି ଜିତେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ଶାନ୍ତିଲତା ରାଉତ, ରସୁଲପୁର କ୍ଲଷ୍ଟର ସିଆର୍‌ସିସି ଦେବକୀ ପାତ୍ର, ବିଜୟ କୁମାର ସାହୁ, ସଞ୍ଜୀବ ସୁତାର, ପୂର୍ବତନ ସିଆର୍‌ସିସି ମାନସ ରଞ୍ଜନ ସାହୁ ଓ ସଞ୍ଜୟ ଦଳାଇ ପ୍ରମୁଖ ଯୋଗଦେଇ ତାଲିମ ଶିବିରର ଲକ୍ଷ୍ୟ ଏବଂ ତାହାର ଉପଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମହାନ୍ତି ଶିବିରକୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ବାରିକ୍, କେଶବ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବଳ ଶିକ୍ଷକ ଭାବରେ ସୁଦେବ ସାହୁ, ଦିବାକର ସାହୁ, ଶ୍ରୀବତ୍ସ ସାହୁ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିକ୍ଷକ ଆଲୋକ ଦାସ ଧନ୍ୟବାଦ ଦେଇଥିଲେ।

# ମଦ ଦୋକାନରେ ଗଣ୍ଡଗୋଳକୁ ନେଇ ଉତ୍ତେଜନା

**ମହାକାଳପଡ଼ା,୯।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

■ ଟାୟାର ଜାଳି ରାସ୍ତା ଅବରୋଧ
■ ମାଜିଷ୍ଟ୍ରେଟଙ୍କୁ ଟଣାଓଟରା
■ ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ
■ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

ମଦ ଦୋକାନରେ ଗଣ୍ଡଗୋଳକୁ କେନ୍ଦ୍ରକରି କେନ୍ଦ୍ରାପଡ଼ା ଜିଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ବାବର ବଜାରରେ ଶନିବାର ପୂର୍ବାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା। ମା'ଦୁର୍ଗା ବଣିକ ସଂଘ ଓ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ସ୍ଥାନୀୟ ଲୋକମାନେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ୮ଟା ବେଳେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ବାବର ବଜାରରେ ଥିବା ମଦ ଦୋକାନରେ ଗଣ୍ଡଗୋଳକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। କେତେଜଣ ଯୁବକ ଉକ୍ତ ମଦ ଦୋକାନରେ ପଶି ଲୋକମାନଙ୍କୁ ମାରପିଟ୍ କରିଥିଲେ। ଏହାର ପ୍ରତିବାଦରେ ବଣିକ ସଂଘ ଓ ସ୍ଥାନୀୟ ଲୋକମାନେ ବଜାରରେ ଶାନ୍ତି ପ୍ରତିଷ୍ଠା, ଆଇନ ଅନୁସାରେ ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରିବା ଦାବିରେ ଜମ୍ବୁ – ବାବର – ବଡ଼ିଡ଼ି – ବିଜୟନଗର ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଯାତ୍ରୀବାହୀ ବସ୍ ସହିତ ଟ୍ରକ ଓ ଅନ୍ୟାନ୍ୟ ଯାନବାହାନ ରାସ୍ତାର ବିଭିନ୍ନ ସ୍ଥାନରେ ଅଟକି ରହିଥିଲା । ଏ ନେଇ ମଦ ଦୋକାନ ପକ୍ଷରୁ ତନ୍ତିଆ ପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେହି ଅଭିଯୋଗକୁ ଭିତ୍ତି କରି ଶନିବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ସଦର ଥାନା ଅଧୀନ ତେରୋଇ ଗ୍ରାମର ଗଣେଶ୍ୱର ମିଶ୍ର(୪୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୧୫୭/୨୪) ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକମାନେ ଫେରାର ଅଛନ୍ତି । ହେଲେ ଆନ୍ଦୋଳନକାରୀମାନେ ଗଣ୍ଡଗୋଳରେ ଜଡିତ ଥିବା ଅନ୍ୟ ଯୁବକମାନଙ୍କୁ ଗିରଫ କରିବାକୁ ଅଡ଼ି ବସିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ମହାକାଳପଡ଼ା ତହସିଲଦାର ଶିବ ଚରଣ ମଲିକ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ହେଲେ ତହସିଲଦାର ଅଫିସ ଗାଡ଼ିରେ ନ ଆସି ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଗାଡ଼ିରେ ସେଠାରେ ପହଞ୍ଚିବାରୁ ରାସ୍ତା ଅବରୋଧ କରିଥିବା ଲୋକମାନେ ତାଙ୍କୁ ବିରୋଧ କରିଥିଲେ। ଏପରି କି ଉତ୍ତ୍ୟକ୍ତ ଲୋକମାନେ ମାଜିଷ୍ଟ୍ରେଟଙ୍କୁ ଗାଳିଗୁଲଜ କରିବା ସହ ଟଣାଓଟରା କରିବାକୁ ପଛାଇ ନ ଥିଲେ । ଏଥିରେ ମାଜିଷ୍ଟ୍ରେଟ ସାମାନ୍ୟ ଆହତ ହୋଇଥିଲେ । ଉତ୍ତ୍ୟକ୍ତ ଲୋକମାନେ ମାଜିଷ୍ଟ୍ରେଟ୍ ଆସିଥିବା ଗାଡ଼ିର ଚାଳକଙ୍କୁ ବି ବିରୋଧ କରିଥିଲେ । ଘଟଣାସ୍ଥଳରେ ତନ୍ତିଆପାଳ ଥାନା ଆଇଆଇସି ସଞ୍ଜୟ କୁମାର ଜେନା ଓ ପୋଲିସ ଟିମ୍ ପହଞ୍ଚି ମାଜିଷ୍ଟ୍ରେଟଙ୍କୁ ସୁରକ୍ଷା ଦେବା ସହିତ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ଶ୍ରୀ ଦଧିବାମନଜୀଉଙ୍କ ମାଉସୀମା ମନ୍ଦିର ଦଧିନଉତି ପ୍ରତିଷ୍ଠା


ମାଉସୀମା ମନ୍ଦିର ଦଧିନଉତି ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

**ଡେରାବିଶ,୯।୧୧(ବେବର୍ତ୍ତା ଅଜୟ ଦାସ)**

ଡେରାବିଶର ଆରାଧ୍ୟ ଶ୍ରୀ ଦଧିବାମନ ଜୀଉଙ୍କ ଗୋଲରାହାଟ ପଞ୍ଚାୟତର ଦୁମୁକୁହାଟ (ରଥପଡିଆ) ଠାରେ ନୂତନ ଭାବେ ନିର୍ମାଣାଧୀନ ମାଉସୀମା ମନ୍ଦିର ଦଧିନଉତି ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ରୀତିନୀତି ଅନୁଯାୟୀ ପ୍ରାତଃରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପାଟନାଳୀରୁ ପବିତ୍ର ଜଳ ଜଳସୀରେ ଅଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ବିଚିତ୍ରାନନ୍ଦ ମହାପାତ୍ର ଓ ସମିତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞାନୁଷ୍ଠାନରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ପୂଜାର୍ଚ୍ଚନା ପରେ ଅପରାହ୍ନରେ ଘଣ୍ଟ,ସଂକୀର୍ତ୍ତନ ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନୀରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଧି ବିଧାନ ଅନୁସାରେ ପୁରୋଧା ପଣ୍ଡିତଙ୍କ ଦ୍ୱାରା ଦଧିନଉତି କଳସ ସନ୍ଧ୍ୟାରେ ସ୍ଥାପନ କରାଯାଇଥିଲା। ଦଧିନଉତି ସ୍ଥାପନ ପାଇଁ ଶ୍ରଦ୍ଧାଳୁ ବିଭିନ୍ନ ପ୍ରକାର ଶସ୍ୟ ଓ ଅଳଙ୍କାର ସହ ଅଷ୍ଟଧାତୁ ପ୍ରଦାନ କରିଥିଲେ । ଯଜ୍ଞାନୁଷ୍ଠାନରେ କର୍ତ୍ତା ଭାବେ କୈଳାସ ଚନ୍ଦ୍ର ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଦଧିବାମନଜୀଉ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ନାରାୟଣ ସାହୁ, ରାମଚନ୍ଦ୍ର ରାଉତ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ, ଭଗବାନ ରଣା, ରଘୁନାଥ ପଣ୍ଡା, ରତ୍ନାକର ପଣ୍ଡା, ବିଷ୍ଣୁଦେବ ବେହେରା, ରତ୍ନାକର ଲେଙ୍କା ଓ ଗୌରାଙ୍ଗ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଓଡ଼ିଆ ବିଭାଗ ଆଲୁମ୍ନି ବୈଠକ



ଆଲୁମ୍ନି ବୈଠକରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ପଟ୍ଟାମୁଣ୍ଡାଇ,୯।୧୧(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ଆଲୁମ୍ନି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୁରାତନ ଛାତ୍ରୀଛାତ୍ର ପ୍ରକାଶ ବେହେରା, ଶୋଭନ ମହାନ୍ତି, ବିଶ୍ୱଜିତ ବେହେରା,ସୁଶାନ୍ତ ବେହେରା, ରମାକାନ୍ତ ସେଠୀ, ନମିତା ପାଢ଼ୀ,ସରସ୍ୱତୀ ମଲିକ, ଦିବ୍ୟଜ୍ୟୋତି ପ୍ରଧାନ, ସ୍ମୃତିପ୍ରିୟା ପ୍ରଧାନ ଅନୁସୂୟା ଦାସ ପ୍ରମୁଖ କଲେଜ ଜୀବନର ସ୍ମୃତି ଚାରଣ କରିବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବାକୁ ନିବେଦନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଡ଼ ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ଚିନ୍ମୟ ସାମଲ ବିଭାଗର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ ଓ ଶେଷରେ ଅଧ୍ୟାପିକା ଶାନ୍ତି ସିଂ ଧନ୍ୟବାଦ ଦେଇଥିଲେ।

## କିଶୋର କ୍ଲବ୍ ଓ ପପୁଲାର କ୍ଲବ ମଧ୍ୟରେ ମୁକାବିଲା

**ରାଜକନିକା,୯।୧୧(ସଞ୍ଜୟ କୁମାର ଦାଶ)**

■ ଆଜି ଫାଇନାଲ ମ୍ୟାଚ୍
■ ରାଜକନିକା କପ ଫୁଟବଲ-୨୦୨୪

ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଆର୍.ଏନ. ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ୪୩ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରାଜକନିକା କପ୍ ଫୁଟବଲ–୨୦୨୪ର ଶନିବାର ଷଷ୍ଠ ଦିବସ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ କ୍ରୀଡ଼ା ଛାତ୍ରାବାସ, କଟକ ବନାମ ପପୁଲାର କ୍ଲବ, ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ, ଦ୍ୱିତୀୟାର୍ଦ୍ଧ ଶେଷ ସୁଦ୍ଧା ପପୁଲାର କ୍ଲବ ଏକ ଗୋଲ ସ୍କୋର କରି ଟିମ୍‌କୁ ୧–୦ରେ ପହଞ୍ଚାଇ ଫାଇନାଲ ଖେଳିବାରେ ସୁଯୋଗ ସୃଷ୍ଟି କରିଛି । ଏହି ସେମି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ଓଡିଶା ମେଡିକାଲ ଟିଚର୍ସ ଆସୋସିଏଶନର ସଭାପତି ଡା. ଆଶିଷ କୁମାର ବାରିକ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଇଂ. ପ୍ରମୋଦ କୁମାର ସିଂ, ସମ୍ମାନିତ ଅତିଥି ଭାବେ ପିସିସି ସଭ୍ୟ ହେମନ୍ତ କୁମାର ବିଶ୍ୱାଳ, ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷା ମିସ୍ ଡଲି, ଉଦ୍ୟୋଗପତି ଇଂ. ସତ୍ୟବ୍ରତ ବିଶ୍ୱାଳ, ସାମାଜିକ କର୍ମୀ ଅବନ୍ତୀ ଭୂଷଣ ମହଲା ଓ ଭାରିଗଦା ପଞ୍ଚାୟତ ସମିତିସଭ୍ୟ ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପପୁଲାର କ୍ଲବର ଗୋଲରକ୍ଷକ ମୁନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଆସୋସିଏଶନର ସଭାପତି ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଉପସଭାପତି ଏସ. ଏନ. କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଧ୍ୟାପକ ବୈକୁଣ୍ଠନାଥ ପରିଡା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ ଓ ସଞ୍ଜୟ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ଼. ଫକୀର ଚନ୍ଦ୍ର ପ୍ରଧାନ, ଇଂ. ପ୍ରଶାନ୍ତ କୁମାର ବିଶ୍ୱାଳ ଓ ପ୍ରାଣବନ୍ଧୁ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସେଲ ସମ୍ପାଦକ ଅଜୟ ରାଉତ, ଉପଦେଷ୍ଟା ସଦସ୍ୟ ବିସିକେଶନ ଦାସ ଓ ଆଦିକନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ରବିବାର ଅପରାହ୍ଣ ୨ଟା:୪୫ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ନାୟକ ସୂଚନା ଦେଇଛନ୍ତି ।


ଅତିଥିମାନଙ୍କ ଗହଣରେ ଦୁଇ ଦଳର ଫୁଟବଲ ଖେଳାଳିମାନେ।

## ତମାଖୁ ସେବନ ନିୟନ୍ତ୍ରଣ କାର୍ଯ୍ୟକ୍ରମ–୨୦୨୪


ତମାଖୁ ସେବନ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଜଣେ କୃତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ରାଜନଗର,୯।୧୧(ଭାସ୍କର ରାଉତରାୟ)**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଶୁକ୍ରବାର ଓସ୍ତିଆ ବନ୍ଧପାଟଣା ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ତମାଖୁ ସେବନ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡାକ୍ତର ନିଳାଦ୍ରୀ ପଣ୍ଡା, ପିଏଚ୍‌ଓ ତରୁଲତା ନାୟକ, ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ହେମନ୍ତ କୁମାର ମଲିକ, ଶିକ୍ଷୟିତ୍ରୀ କଳ୍ପନା ଦାସ, ସବିତା ମିଶ୍ର, ପ୍ରଲ୍ୟ କୁମାର ମଲିକ, ମନସ୍ୱିନୀ ରଥ, ରାଜେଶ କୁମାର ପ୍ରଧାନ, ତାରିଣୀ ପ୍ରିୟଦର୍ଶନୀ ଓ ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ଯୋଗଦେଇ ସମାଜରେ କିପରି ତମାଖୁ ସେବନକୁ ନିୟନ୍ତ୍ରଣ କରାଯାଇପାରିବ ସେନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଶପଥପାଠ କରାଇଥିଲେ। ତମାଖୁ ସେବନ ଦ୍ୱାରା ହେଉଥିବା ମାରାତ୍ମକ କର୍କଟ ରୋଗ ଉପରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଗାମୀ ଦିନରେ ବ୍ୟାପକ ପଦକ୍ଷେପ ହାତକୁ ନେଇ ଫଳପ୍ରଦ କରାଇବାକୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଆଗେଇ ଆସିବାକୁ ଡାକ୍ତର ପଣ୍ଡା ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବଡ଼ପାଳ ଅନୁକୂଳ ଚନ୍ଦ୍ର ଆଶ୍ରମରେ ସତ୍‌ସଙ୍ଗ

**ପଟ୍ଟାମୁଣ୍ଡାଇ,୯।୧୧(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଡପାଳ ଅନୁକୂଳ ଚନ୍ଦ୍ର ଆଶ୍ରମରେ ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ବୃନ୍ଦାବନ ଦାସଙ୍କ ଦେହାନ୍ତରେ ଏକ ସ୍ମୃତି ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି । ସତ୍‌ସଙ୍ଗ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ରିତିକି ବଳରାମ ସିଂହଙ୍କ ପୌରୋହିତ୍ୟ ଓ ଧ୍ରୁବ ଅନ୍ନପୂର୍ଣ୍ଣା ସେବା ପରିଷଦ ସଭାପତି ନଳିନୀକନ୍ତେ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରିତିକି ରବିନ୍ଦ୍ର ଜେନା, ରମେଶ ଚନ୍ଦ୍ର ରାଉତ କମଳାକାନ୍ତ ରାୟ, ଯାଜକ ସୁନାକର ମଲ୍ଲିକ, ଶୁଭକାନ୍ତ ନାୟକ,ଅନିରୁଦ୍ଧ ପଡିହାରୀ, ବଳରାମ ପ୍ରଧାନ, ଅମିୟପ୍ରଭା ସିଂହ, ସରୋଜିନୀ ଦାସ,ହରେକୃଷ୍ଣ ପାତ୍ର,ବିବେକାନନ୍ଦ ସୂତାର ନିତ୍ୟାନନ୍ଦ ବାରିକ, ରାମଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ପରିଡ଼ା, ଜ୍ଞାନରଞ୍ଜନ ରାଉତ, ଚିତ୍ତରଞ୍ଜନ ଦାସ, ଭଗବାନ ଦାସ, ଅଭିରାମ ବେହେରା, ଅଞ୍ଜଳି ସିଂହ,ଭରତ ମଲ୍ଲିକ, ଯଦୁମଣି ପ୍ରଧାନ, ବିଚିତ୍ର ସିଂହ, ଉର୍ବଶୀ ପାତ୍ର, ଦାଶରଥୀ ଦାସ, ଅମର ଦାସ, ବଂଶୀଧର ଦାସ ସମେତ ଶତାଧିକ ଭକ୍ତ ସାମିଲ ହୋଇଥିଲେ ।


ଅନୁକୂଳ ଚନ୍ଦ୍ର ଆଶ୍ରମରେ ଅନୁଷ୍ଠିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

## ସମବାୟବିତ୍ ପଦ୍ମଚରଣଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା,୯।୧୧ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଗୁଲନଗରଠାରେ ବିଶିଷ୍ଟ ସମବାୟବିତ ପଦ୍ମଚରଣ ନାୟକଙ୍କ ନବମ ଶ୍ରଦ୍ଧାଞ୍ଜଳୀ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ମୃତିକମିଟି ସଭାପତି ଆକବର ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଆଇନଜୀବୀ ସରୋଜରାଜ ସିଂହ, ରମଣୀରଞ୍ଜନ ରାଉତରାୟ, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ଅଜୟ କୁମାର ସାମଲ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଯୁବନେତା ରାଜେଶ ପଣ୍ଡା, ଗୟାଧର ଧଳ, ସାହିତ୍ୟିକ ବାସୁଦେବ ଦାସ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ସେମାନେ କହିଥିଲେ, ସ୍ୱର୍ଗତ ନାୟକ ସମବାୟ ଆନ୍ଦୋଳନକୁ କେନ୍ଦ୍ରାପଡା ଜିଲାରେ ତ୍ୱରାନ୍ୱିତ କରିଥିଲେ। ଏଥିସହିତ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି କାର୍ଯ୍ୟ କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ । ସ୍ମୃତିକମିଟି ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

# ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଅଧିକାରୀ

**ପଟ୍ଟାମୁଣ୍ଡାଇ,୯।୧୧ (କଳ୍ପତରୁ ନାୟକ)**



ଜବରଦଖଲରେ ଥିବା ଜାଗା।

■ ପଟ୍ଟାମୁଣ୍ଡାଇ ସହରର ସରକାରୀ ଜମି ଜବରଦଖଲ
■ ହଟାଇବାକୁ ୫ ମାସ ତଳେ ମୁଖ୍ୟମନ୍ତ୍ରୀ ଦେଇଥିଲେ ନିର୍ଦ୍ଦେଶ
■ ମାମଲା ସପକ୍ଷରେ ଥିଲେ ବି ହେଉନାହିଁ ଉଚ୍ଛେଦ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାମ ପାଇଁ ଜମି ଜବରଦଖଲ ବାଧକ ସାଜୁଛି। ଅନେକ ସ୍ଥାନରେ ବହୁ ମୂଲ୍ୟବାନ୍ ଜମିସବୁ ବେଆଇନ ଭାବେ ଜବରଦଖଲ କରାଯାଉଛି। କେତେକ ସ୍ଥାନରେ ଏହାକୁ ନେଇ ମକଦ୍ଦମା ମଧ୍ୟ ହୋଇଛି। ଏପରିକି ରାଜ୍ୟର ସମସ୍ତ ଜିଲାରେ ସରକାରୀ ଜମି ଜବରଦଖଲ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ଚିନ୍ତା ପ୍ରକଟ କରି ଜୁଲାଇରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜବରଦଖଲ ହଟାଇବାକୁ ରାଜ୍ୟ ରାଜସ୍ୱ ସଚିବ ଓ ସବୁ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ପଟ୍ଟାମୁଣ୍ଡାଇ ପୌର କାର୍ଯ୍ୟାଳୟର ଉଦାସୀନତା ପାଇଁ ତାହା କାର୍ଯ୍ୟକାରୀ ହୋଇପାରୁନି ବୋଲି ଜନଅସନ୍ତୋଷ ବୃଦ୍ଧି ପାଇବା ସହ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ଉପେନ୍ଦ୍ର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ବହୁ ମୂଲ୍ୟବାନ୍ ସରକାରୀ ଜମି ବିଭିନ୍ନ ସାମାଜିକ ସଂସ୍ଥା ଆଳରେ ଜମି ବ୍ୟବସାୟୀ କବ୍‌ଜା କରି ନେଉଛନ୍ତି। ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସରକାରୀ ନିଷିଦ୍ଧାଞ୍ଚଳ ଫଳକକୁ ବି ଉପାଡ଼ି ଫୋପାଡ଼ି ଦେଉଛନ୍ତି। ସରକାରୀ ଜମିକୁ ଜବରଦଖଲ କଲା ପରେ ଘର କରି ବିକ୍ରି କରାଯାଉଛି। ରାସ୍ତା ଉପରେ ବି ଘର କରି ଭଡ଼ା ଲଗାଯାଉଛି। ଯିଏ ବି ପ୍ରତିବାଦ କରୁଛି, ତାଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦିଆଯାଉଛି। ପ୍ରଶାସନ ପାଖରେ ସବୁ ଖବର ରହିଥିଲେ ମଧ୍ୟ 'ଏହା ଓଡ଼ିଶା ସରକାରଙ୍କ ସମ୍ପତ୍ତି, ଅନାଧିକାର ପ୍ରବେଶ ଦଣ୍ଡନୀୟ' ଫଳକ ଲେଖି ସରକାରୀ ବାବୁମାନେ ଚୁପ୍ ହୋଇ ବସି ପଡୁଛନ୍ତି। ପରିଣାମ ସ୍ୱରୂପ ସରକାରୀ ଜମି ଶାଗମାଛ ଦରରେ ବିକ୍ରି ଚାଲିଛି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ନୟନଯୋରୀ ଜାଗାକୁ ଜବରଦଖଲ ନେଇ ଏକ ମଠ ପକ୍ଷରୁ ଜିଲା ପ୍ରଶାସନ ଏବଂ ପୌର ପରିଷଦ ବିରୋଧରେ ମାମଲା (୧୫୨/୨୦୧୬) କରାଯାଇଥିଲା। ଆଇନଜୀବୀ ପ୍ରମୋଦ ସାହୁ ପୌର ପରିଷଦ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ବିଚାରପତି ମାମଲାକୁ ଖାରଜ କରି ପୌର ପ୍ରଶାସନ ସପକ୍ଷରେ ଆଦେଶ ଦେଇଛନ୍ତି। ହେଲେ ଉକ୍ତ ଆଦେଶ ବର୍ଷ ବର୍ଷ ଧରି ପୌର ପରିଷଦର ଫାଇଲ ତଳେ ଚାପି ହୋଇଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ଗ୍ରହଣ କରାଯାଇନାହିଁ। ଫଳରେ ଉକ୍ତ ଜାଗା ଉପରେ ଘର ହୋଇ ଭଡ଼ା ଦିଆଚାଲିଛି। ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିଲେ ବିଭିନ୍ନ ବାହାନା କରି ୟା' ତା' ଉପରେ ଦୋଷ ଲଦି ସମୟ ଗଡ଼ାଇ ଚାଲିଛନ୍ତି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଓ ପୌରାଞ୍ଚଳର ଏହି ସରକାରୀ ଜମି ଜବରଦଖଲ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେତେଜଣ ବ୍ୟକ୍ତି ସରକାରୀ ଜାଗା ମାଡ଼ି ବସି ଘର କରି ତାହାକୁ ଭଡ଼ାରେ ଲଗାଉଛନ୍ତି। ଆଉ କିଏ ବିନା କାଗଜପତ୍ରରେ ମେଡିସିନ ଦୋକାନ କରିଥିବା ବେଳେ ଆଉ କିଛି ଲୋକ ଜବରଦଖଲ ଗୋବରୀ ନଦୀ ଜାଗାରେ ଘର କରି ବିକ୍ରି କରୁଛନ୍ତି। କେହି କେହି ସାମାଜିକ ଅନୁଷ୍ଠାନ ନାମରେ ସରକାରୀ ନଦୀ ଜମି ଦଖଲ କରି ନେଉଛନ୍ତି। ଏଠାରେ କେତେଜଣ ବ୍ୟକ୍ତି ଇତିମଧ୍ୟରେ ରାସ୍ତାକୁ ବି କବ୍‌ଜା କରି ନେଲେଣି। ସେମାନଙ୍କ ଘରଗୁଡ଼ିକ ରାସ୍ତା ଉପରେ ନିର୍ମାଣ ହୋଇଛି, ଯେଉଁଥିପାଇଁ ଯିବାଆସିବା ସମୟରେ ରାସ୍ତା ଜାମ୍ ହେଉଛି। ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି, ଯେଉଁଥିପାଇଁ ହଜାର ହଜାର ଲୋକ ଏବେ ଜବରଦଖଲ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ମୋହନ ସରକାରଙ୍କ ଉଚ୍ଛେଦ ନୀତିକୁ ବେଖାତିର କରି କେତେଜଣ ରାଜନେତା, ସ୍ଥାନୀୟ ପ୍ରଶାସନର ପ୍ରୋତ୍ସାହନ ଏହି ସରକାରୀ ଜମି ଜବରଦଖଲରେ ରହିଛି ବୋଲି ଅଭିଯୋଗ ହେଉଛି। ବୁଦ୍ଧିଜୀବୀ ଅନନ୍ତ ଦାଶ କହିଛନ୍ତି, ବେଲତଳ, ଦକ୍ଷିଣଦିଆ, ପଟ୍ଟାମୁଣ୍ଡାଇ ଓ ପୋଖରିଆପଡ଼ା ମୌଜା ଦେଇ ଯାଇଥିବା ଗୋବରୀ ନଦୀ ଜମିକୁ ଜମିଦାରଙ୍କ ଗୁମାସ୍ତାଙ୍କ ହାତଲେଖା ଆଣି କେତେଜଣ ଚତୁର ଲୋକ ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗ ଦଖଲ କରିବା ସହ ୧୯୩୦ ଓ ୧୯୮୦ ମସିହାରେ ହୋଇଥିବା ବନ୍ଦୋବସ୍ତରେ ନିଜ ନାମରେ ବିକ୍ରି ପଟ୍ଟା କରି ନେଇଛନ୍ତି। ବିଶେଷକରି ପୋତା ଗୋବରୀ ନଦୀ କିସମ ଥିବାବେଳେ ଏହା କିପରି ନାମରେ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗିରିଙ୍କୁ ପଚାରିବାରେ ଏହା ଉପରେ ତହସିଲଦାରଙ୍କ ସହ କଥା ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଜିଲାସାରା ପରିକ୍ରମା କରୁନି ଶ୍ରୀଅନ୍ନ ଅଭିଯାନ ରଥ

ନୟାଗଡ଼,୯।୧୧(ଲୋକନାଥ ମିଶ୍ର)




■ କେବଳ ମାଣ୍ଡିଆ ଚାଷ ଅଞ୍ଚଳରେ ସୀମିତ

■ ପୁଷ୍ଟି ଶସ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ବାର୍ତ୍ତା କାଗଜକଲମରେ

ପୁଷ୍ଟି ଶସ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ବାର୍ତ୍ତା ପ୍ରଚାର ପାଇଁ ସରକାର ଶ୍ରୀଅନ୍ନ ଯୋଜନାରେ ୫ଟି ରଥ ନୟାଗଡ଼ ଜିଲାରେ ପରିକ୍ରମାର ବ୍ୟବସ୍ଥା କରାଯାଇଛି। ପରିକ୍ରମା ରଥ ପରିକ୍ରମା ଗତ ୫ ତାରିଖ ମଙ୍ଗଳବାରଠାରୁ ଶୁଭାରମ୍ଭ ହୋଇଛି। ତେବେ ମାଣ୍ଡିଆ ଚାଷ ହେଉଥିବା ଅଞ୍ଚଳରେ ରଥ ପରିକ୍ରମା କରୁଛି ବୋଲି ଅଭିଯୋଗ ହୋଇଛି। ସରକାର ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଥିବାବେଳେ ନୟାଗଡ଼ ଜିଲାରେ ଚାଷୀଙ୍କ ଆଗ୍ରହ କାହିଁକି ରହୁନି ତାର କାରଣ ଖୋଜା ଯାଉନି। ମାଣ୍ଡିଆ ଚାଷରେ ଚାଷୀଙ୍କୁ ଅଣଦେଖା କରାଯାଉଥିବାବେଳେ ସଚେତନତାରେ ମଧ୍ୟ ଉପେକ୍ଷା କରାଗଲା। ଏ ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ଶ୍ରୀ ଅନ୍ନ ଯୋଜନା ବାଟବଣା ହୋଇ ଚାଲିଛି ବୋଲି ଅଭିଯୋଗ ହୋଇ ଆସୁଛି। ଏଭଳି ସ୍ଥଳେ କୃଷି ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ଦିଆଯାଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ଧାର୍ଯ୍ୟଲକ୍ଷ୍ୟ ଓ ଧାର୍ଯ୍ୟ ହାସଲକୁ ଦେଖିଲେ ମାଣ୍ଡିଆ ଚାଷ ନୟାଗଡ଼ ଜିଲାରେ ବିଫଳ ହୋଇଥିବା ସ୍ପଷ୍ଟ ହୋଇ ଯାଉଛି। ବିଗତ ଦିନରେ ଗଞ୍ଜାମ ଜିଲାରୁ ମାଣ୍ଡିଆ କିଣି ନୟାଗଡ଼ ଜିଲାରେ ଚାଷକୁ ସଫଳ କରାଯାଉଛି ବୋଲି ଅଭିଯୋଗ ହୋଇଛି।

ଜିଲାରେ ୮ଟି ବ୍ଲକ୍ ରହିଥିବାବେଳେ ଓଡ଼ଗାଁ, ଦଶପଲ୍ଲା, ନୂଆଗାଁ, ଗଣିଆ ଓ ଭାପୁର ଆଦି ୫ ବ୍ଲକର କେତେକ ଅଞ୍ଚଳରେ ମାଣ୍ଡିଆ ଚାଷ ହେଉଛି। ନୟାଗଡ, ଖଣ୍ଡପଡା ଓ ରଣପୁର ମାଣ୍ଡିଆ ଚାଷରୁ ବାଦ୍ ପଡିଛି। ଜିଲାର ଓଡ଼ଗାଁ ବ୍ଲକର ୨୦ ପଞ୍ଚାୟତ, ଦଶପଲ୍ଲା ବ୍ଲକର ୮, ନୂଆଗାଁ ବ୍ଲକର ୧୭, ଗଣିଆ ବ୍ଲକର ୮, ଭାପୁର ବ୍ଲକର ୧୩ ଏପରି ମୋଟରେ ୬୬ ପଂଚାୟତରେ ମାଣ୍ଡିଆ ଚାଷ ହେଉଛି ବୋଲି ସରକାରୀ ରିପୋର୍ଟ କହୁଛି। ୬୬ ପଞ୍ଚାୟତ ମଧ୍ୟରୁ ଓଡ଼ଗାଁ ବ୍ଲକରେ ୧୦୬୩, ଦଶପଲ୍ଲା ବ୍ଲକରେ ୧୪୬୭, ନୂଆଗାଁ ବ୍ଲକରେ ୧୪୯୩, ଗଣିଆ ବ୍ଲକରେ ୧୦୧୪, ଭାପୁର ବ୍ଲକରେ ୭୫୫ ଚାଷୀ ମାଣ୍ଡିଆ ଚାଷରେ ସାମିଲ ରହିଥିବା କୁହାଯାଉଛି। ଅପରପକ୍ଷେ ଜିଲାରେ ମାଣ୍ଡିଆ ଚାଷ ପାଇଁ ୨୨୭୫ ହେକ୍ଟର ଜମି ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ମାତ୍ର ୬୯୨.୪୦ ହେକ୍ଟର ଜମିରେ ଚାଷ ହୋଇଛି। ୫ଟି ଯାକ ବ୍ଲକରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରି ନ ଥିବା ରିପୋର୍ଟରୁ ଜଣାପଡୁଛି। ଓଡ଼ଗାଁ ବ୍ଲକରେ ୫୦୫ ହେକ୍ଟର ମାଣ୍ଡିଆ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୩୮.୨୦ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଛି। ସେହିଭଳି ୫୦୫ ହେକ୍ଟର ଧାର୍ଯ୍ୟଲକ୍ଷ ମଧ୍ୟରୁ ଦଶପଲ୍ଲା ବ୍ଲକରେ ୩୫.୮୦ହେକ୍ଟର, ନୂଆଗାଁ ବ୍ଲକରେ ୩୨୨.୬୦ ହେକ୍ଟର, ଗଣିଆ ବ୍ଲକରେ ୧୮୫.୮୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ଧାର୍ଯ୍ୟ ହାସଲ ହୋଇଛି। ପୁଣି ଭାପୁର ବ୍ଲକରେ ୨୫୫ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେବାକୁ ଧାର୍ଯ୍ୟଲକ୍ଷ୍ୟ ଥିବାବେଳେ ମାତ୍ର ୧୧୦ ହେକ୍ଟର କରାଯାଇଛି। ଜିଲାରେ ସବୁଠାରୁ ନୂଆଗାଁ ବ୍ଲକରେ ଅଧିକ ଓ ଦଶପଲ୍ଲା ବ୍ଲକରେ ସବୁଠାରୁ କମ ମାଣ୍ଡିଆ ଚାଷ ହୋଇଛି। ୨୦୨୪ ଆର୍ଥିକ ବର୍ଷରେ ମାଣ୍ଡିଆ ଚାଷ ଲକ୍ଷ୍ୟଧାର୍ଯ୍ୟ ପୂରଣ କରି ପାରି ନ ଥିବାରୁ ରବି ଋତୁରେ ଏହାକୁ ପୁଣି ଟାର୍ଗେଟ କରାଯାଇଛି। ହେଲେ ରବି ଋତୁରେ ଟାର୍ଗେଟ ଲକ୍ଷ୍ୟ ପୂରଣ କରି ପାରିବ ନାହିଁ ବୋଲି କେତେଜଣ ସାମାଜିକ କର୍ମୀ ମତ ରଖିଛନ୍ତି।

ଏନେଇ ଓଡ଼ଗାଁର ଚାଷୀ ମକରନ୍ଦ ବେହେରା, ଗଣିଆର ସୁଦାମ ସାହୁ, ନୂଆଗାଁର ସନାତନ ନାୟକ କୁହନ୍ତି ସୁଆଁ, ଜହ୍ନା, ବାଜରା, କାଙ୍ଗୁ ପରି ଅଣ ମାଣ୍ଡିଆ ଚାଷରେ ବି ନୟାଗଡ଼ ପଛୁଆ ହୋଇ ରହିଛି ବୋଲି କୃଷି ବିଭାଗ ରିପୋର୍ଟ କହୁଛି। ସେହିପରି ମାଣ୍ଡିଆ ଚାଷରେ ବି ସରକାରୀ ଟାର୍ଗେଟକୁ ମଧ୍ୟ ପୂରଣ କରି ପାରି ନାହିଁ। ଆମେ ସରକାରୀ ରିପୋର୍ଟରେ ପଛୁଆ ଥାଇ ସଚେତନତାରେ ବି ପଛରେ ପଡିଗଲେ। ଜିଲାର ସବୁ ଅଞ୍ଚଳର ପୁଷ୍ଟି ଶସ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ବାର୍ତ୍ତା ପ୍ରଚାର ପାଇଁ ବ୍ୟବସ୍ଥା ନ ହେବା ଅସନ୍ତୋଷ ଓ ଉଦ୍‌ବେଗର କାରଣ ପାଲଟିଛି।

# ବିଜ୍ଞାନ ମେଳା, ୧୦ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ


ବିଜ୍ଞାନମେଳାକୁ ଅତିଥିମାନେ ବୁଲିଦେଖୁଛନ୍ତି।

ଶରଣକୁଳ,୯।୧୧(ଦୀପକ କର)

ଶରଣକୁଳ କେଏସ୍‌ବି ପବ୍ଲିକ ସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ପିଲାଙ୍କ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଓ ଅଧ୍ୟକ୍ଷ ନୀଳମାଧ ତ୍ରିପାଠୀ ଉଦଘାଟନ କରିଥିଲେ। ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ଏହିପରି ୩ ବିଭାଗରେ ମୋଟ ୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ସେଥିମଧ୍ୟରୁ ୧୦ ଟି ପ୍ରକଳ୍ପ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି।

ଅପରାହ୍ନରେ ବିଦ୍ୟାଳୟର ସଭାପତି ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅବସର ପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ ମୁଖ୍ୟଅତିଥି ରୁପେ ଯୋଗ ଦେଇ ବିଜ୍ଞାନ ମେଳା ଶିଶୁମାନଙ୍କ ବିଜ୍ଞତାର ପରିଚୟ ଦେଇଥାଏ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ପ୍ରତି ଗୁରୁତ୍ୱଦେଇ ସେମାନଙ୍କ ମନରେ ପ୍ରତିଟି ସତ୍ୟତାକୁ ପରୀକ୍ଷଣ ମାଧ୍ୟମରେ ପ୍ରତିପାଦିତ କରି ପାରିଲେ, ଶିଶୁଟି ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ଦେଶ ଓ ଜାତିର ମଙ୍ଗଳରେ ନିଜକୁ ନିୟୋଜିତ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ରୂପେ ବିଜ୍ଞାନ ଶିକ୍ଷକ ତଥା ସ୍ତମ୍ଭକାର ଲକ୍ଷ୍ମୀଧର ସାହୁ ଯୋଗଦେଇ ବିଜ୍ଞାନ ମେଳା ଶିଶୁ ମାନଙ୍କର ଦେଖିବା ଓ ଶିଖିବାର ଏକ ପ୍ରକୋଷ୍ଠସ୍ଥଳ, ଶିଶୁର ବିଜ୍ଞାନ ମନୋବୃତ୍ତି ସୃଷ୍ଟି କରିବା ଶିକ୍ଷକମାନଙ୍କ ଏକ ଉତ୍ତମ ପ୍ରୟାସ ବୋଲି ମତ ରଖିଥିଲେ। ସମ୍ମାନୀତ ଅତିଥି ରୂପେ ଶିକ୍ଷକ ପ୍ରଦୀପ କୁମାର ସାହୁ ଓ ବିଶ୍ୱନାଥ ସାହୁ ଯୋଗଦେଇଥିଲେ। ସମ୍ପାଦକ ଦାଶ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟକ୍ଷ ତ୍ରିପାଠୀ ବିବରଣୀ ପ୍ରଦାନ କରିଥିଲେ। ୩ ବିଭାଗରୁ ମନୋନୀତ ହୋଇଥିବା ୧୨ ପ୍ରକଳ୍ପକାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଜାତୀୟ ଆଇନସେବା ଦିବସ ପାଳିତ

ଖଣ୍ଡପଡା,୯।୧୧
(ଅଜୟ କୁମାର ମହାରଣା)

ଜାତୀୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ଅବସରରେ ଜନସାଧାରଣଙ୍କୁ ଆଇନ ସେବା ସମ୍ପର୍କରେ ସଚେତନ କରିଥିଲେ। ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କ ସମେତ ବାର ଆସୋସିଏଶନର ବରିଷ୍ଠ ସଦସ୍ୟ ବୃନ୍ଦ, ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ। ଖଣ୍ଡପଡା ବରିଷ୍ଠ ଦେୱାନୀ ଜଜ୍ ବିଭୁତି ଭୂଷଣ ନାୟକ ଓ ଖଣ୍ଡପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାସ କାର୍ଯ୍ୟକ୍ରମରେ ଯୋଗଦେଇ କିପରି ଜନସାଧାରଣ ସ୍ୱଳ୍ପ ସମୟ ମଧ୍ୟରେ ଏବଂ ବିନାମୂଲ୍ୟରେ ନ୍ୟାୟ ପାଇବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।



ଆଇନସେବା ଦିବସ ପାଳନ ସଭାରେ ଯୋଗଦେଇଥିବା ଅତିଥି।

# ଘାସ ତୁଳନାରେ ଗୋରୁଙ୍କ ସଂଖ୍ୟା କମ୍


ମହିଳାମାନେ ଗୋପୂଜନ କରୁଛନ୍ତି।

ଖଣ୍ଡପଡ଼ା,୯।୧୧
(ଅଜୟ କୁମାର ମହାରଣା)

## ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ

ଖଣ୍ଡପଡା, ଖଳିସାହି, କୋସକା, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ସିଧାମୂଳା, ଶାଳଝରିଆ ଆଦି ଅଞ୍ଚଳରେ ଶନିବାର ପବିତ୍ର ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉ ମଠରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ଶ୍ରୀଜୀଉଙ୍କ ବିଗ୍ରହକୁ ଏକ ଶୋଭା ଯାତ୍ରାରେ ନିକଟସ୍ଥ ମାଘମେଳା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରିବା ପରେ ସମସ୍ତ ଗୋରୁମାନଙ୍କୁ ଘାସ ଓ ଖାଦ୍ୟ ପ୍ରଦାନ କରିଥିଲେ। ପୂଜାର୍ଚ୍ଚନା ପରେ ଶ୍ରୀଜୀଉ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ପୂଜା ଦେଖିବାକୁ ଶ୍ରଦ୍ଧାଳୁ ଓ କାର୍ତ୍ତିକ ବ୍ରତ ପାଳନ କରୁଥିବା ମହିଳାମାନଙ୍କ ସମାଗମ ହୋଇଥିଲା। ସେହିପରି ଅନୁରୁପ ଭାବେ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନିକଟସ୍ଥ ରାମଲୀଳା ସ୍ଥଳୀକୁ ବିଜେ କରାଯାଇ ଗାନ୍ଧୀପାର୍କଠାରେ ସେ ଅଞ୍ଚଳର ଗାଈ ଗୋରୁମାନଙ୍କୁ ଏକାଠି କରାଯାଇ ମହିଳାମାନେ ବନ୍ଦାପନା କରି ଘାସ ଖାଇବାକୁ ଦେଇଥିଲେ। ତେବେ ଗୋଷ୍ଠାଷ୍ଟମୀରେ ମହିଳାମାନେ ଘାସ ବିଛାଇ ରଖିଥିଲେ ମଧ୍ୟ ହାତଗଣତି ଗୋରୁ ଥିଲେ।

# ରଣ ଟଙ୍କା ପରିଶୋଧ ନ କରିବାରୁ କାର୍ଯ୍ୟାନୁଷ୍ଠାନ

## ଚମ୍ପତିପୁର ସରପଞ୍ଚଙ୍କ ଘର ସିଲ୍

ନୟାଗଡ,୯।୧୧(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ଚମ୍ପତିପୁର ସରପଞ୍ଚ ଅମର ପ୍ରସାଦ ସାଥୁଆଙ୍କ ଗାଁ ଚମ୍ପତିପୁର ଘରକୁ ଇଟାମାଟି ଥାନା ପୋଲିସ ସିଲ୍ କରିଛି। ମାଜିଷ୍ଟ୍ରେଟ ନୟାଗଡ଼ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଇଟାମାଟି ଥାନା ପୋଲିସ ଘରକୁ ସିଲ୍ କରିଥିଲା। ଏକ ହାଉସିଂ ଫାଇନାନ୍ସ କମ୍ପାନୀରୁ ସେ ୨୫ ଲକ୍ଷ ରଣ ନେଇଥିଲେ। ରଣ ପରିଶୋଧ ନ କରିବାରୁ ହାଉସିଂ ଫାଇନାନ୍ସ କମ୍ପାନୀ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପକ୍ଷରୁ ଘର ସିଲ୍ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ଇଟାମାଟି ଥାନା ଆଇଆଇସି ଜଗଦୀଶ କର କୁହନ୍ତି କୋର୍ଟ ଓ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପତିପୁରର ଅମର ପ୍ରସାଦ ସାଥୁଆଙ୍କ ଘର ସିଲ୍ କରାଯାଇଛି। ଅମର ଭାଜପା ସମର୍ଥନରେ ସରପଞ୍ଚ ଭାବେ କାର୍ଯ୍ୟ କରି ଆସୁଛନ୍ତି।

# ଦାଦନ ଖଟିବାକୁ ଯାଇ ଆନ୍ଧ୍ରରେ ଶ୍ରମିକଙ୍କ ମୃତ୍ୟୁ

କୋରୁକୋଣ୍ଡା, ୯।୧୧(ଶିବଦତ୍ତ ସାହୁ)

ଦାଦନ ଖଟିବାକୁ ଯାଇ ଆନ୍ଧ୍ର ପ୍ରଦେଶରେ ଜଣେ ଶ୍ରମିକଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ସୋମନାଥପୁର ପଞ୍ଚାୟତ ଖାରିଗୁଡ଼ା ଗ୍ରାମର ଗୋପୀନାଥ ଖିଲ। କିଛିଦିନ ତଳେ ଗୋପୀନାଥ ମଛଲିପଟନମ୍ ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀକୁ କାମ କରିବାକୁ ଯାଇଥିଲେ। ସେଠାରେ ବୁଧବାର ସେ ଗାଧୋଇବା ସମୟରେ ବନ୍ଧରେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ସେଠାର ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଶନିବାର ଗ୍ରାମକୁ ଅଣାଯାଇଥିଲା। ପ୍ରଥମେ ଓର୍କେଲ ଥାନାରେ ମୃତଦେହକୁ ନେଇ ସେହି ଘରୋଇ କମ୍ପାନୀ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା।

# ଅଁଳା ନବମୀ ଯାତ୍ରା ନେଇ ପ୍ରସ୍ତୁତି

ଖଣ୍ଡପଡ଼ା,୯।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ସନ୍ନିକଟ ସଂରକ୍ଷିତ ଜଙ୍ଗଲ ମଧ୍ୟସ୍ଥ ବଡଟାସେରା ପୀଠରେ ରବିବାର ପବିତ୍ର ଅଁଳା ନବମୀ ଯାତ୍ରା ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ସମସ୍ତ ପ୍ରସ୍ତୁତି ପର୍ବ ସେଠାରେ ଶେଷ ହୋଇଥିବା ଯାତ୍ରା କମିଟିର କର୍ମକର୍ତ୍ତା ମାନଙ୍କଠାରୁ ପ୍ରକାଶ। ଜନସାଧାରଣଙ୍କ ସମାଗମକୁ ଦୃଷ୍ଟିରେ ରଖି ସେଠାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବିଷ୍ଣୁ ପ୍ରସାଦ ନନ୍ଦଶର୍ମା କହିଛନ୍ତି।

# ଜାତୀୟ ଆଇନ ସେବା ଦିବସ

ନୟାଗଡ଼,୯।୧୧(ଲୋକନାଥ ମିଶ୍ର)

ନୟାଗ ଜାତୀୟ ଆଇନ ସେବା ଦିବସ ଶନିବାର ପାଳିତ ହୋଇ ଯାଇଛି। ଏ ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ, ରଙ୍ଗୋଲୀ, ରାଲି, ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ଜିଲା ଜଜ ଆନନ୍ଦ ନାରାୟଣ ମହାରଣା ରାଲିକୁ ଉଦଘାଟନ କରି, ରାଲିରେ ଅଂଶ ଗ୍ରହଣ କରିଥିଲେ। ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ପୋକ୍ସୋ ଅଦାଲତ ବିଚାରପତି ମାନସ କୁମାର ପଣ୍ଡା, ମହିଳା ଅଦାଲତ ବିଚାରପତି ସୟଂପ୍ରଭା ଆଚାର୍ଯ୍ୟ, ବରିଷ୍ଠ ସିଭିଲ ଜଜ ରବିନାରାୟଣ ବେହେରା, ରେଜିଷ୍ଟ୍ରର ନିଶାକର ସାହୁ ଏବଂ ଏସ୍‌ଡିଜେଏମ ସୋନାଲୀ ସରିତା ପ୍ରମୁଖ ଉପସ୍ଥିତ ଥିଲେ। ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ, ନ୍ୟାୟ ଅଧିକାର ମିତ୍ର, ଆଇନଜୀବୀ, ପୋଲିସ ସହଯୋଗ କରିଥିଲେ।ନୟାଗଡ ଟ୍ରାଫିକ ପୋଷ୍ଟ ପାଖରେ ସମସ୍ତଙ୍କ ପାଇଁ ନ୍ୟାୟ ବିଷୟରେ ଏକ ପଥପ୍ରାନ୍ତ ନାଟକ, ନ୍ୟାୟ ଅଧିକାର ମିତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପରେ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜାତୀୟ ଆଇନ ସେବା ପ୍ରାଧିକରଣ ସଙ୍ଗୀତ ଏକ ମୁଠି ଆସମାନ ସଙ୍ଗୀତ ଗାନ ସହ, ପବନ କୁମାର ବେହେରାଙ୍କ ସଂଯୋଜନାରେ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ଅଞ୍ଜଳି ମଛଖଣ୍ଡ, ବରିଷ୍ଠ ବର୍ଗ ବିଚାରପତି ରବିନାରାୟଣ ବେହେରା, ବରିଷ୍ଠ ସରକାରୀ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ, ସଦସ୍ୟ ମହମ୍ମଦ ଓମାର ମାଲିକ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାରଣା, ଏହି ଦିବସ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ଉଷା ପଟ୍ଟନାୟକ, ପ୍ରାଧିକରଣ ସଭ୍ୟା କ୍ଷଣପ୍ରଭା କର, ଅଧିକାର ମିତ୍ର ମାନସ ବଳବନ୍ତ ରାୟ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଛାତ୍ରୀ ଲୋପାମୁଦ୍ରା ଦାସ ଏବଂ ପ୍ରିୟଦର୍ଶିନୀ ଦୋରା ଏକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଅଜୟ କୁମାର ମିଶ୍ର ଏବଂ ପ୍ରାଧିକରଣର କର୍ମଚାରୀ ବୃନ୍ଦ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆଇନ ସେବା ଦିବସ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

# ଶିକ୍ଷାବିତ୍ ଉପେନ୍ଦ୍ର କୁମାର ରାଉତଙ୍କ ପରଲୋକ

ରଣପୁର,୯।୧୧
(ସୁକାନ୍ତ କିଶୋର ନୟାଗଡ଼)



ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଝାଡପଡା ଗ୍ରାମର ଶିକ୍ଷାବିତ୍ ଉପେନ୍ଦ୍ର କୁମାର ରାଉତଙ୍କର ଶନିବାର ଭୋର ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୯୨ବର୍ଷ ହୋଇଥିଲା। ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଭାବେ ପରିଚିତ ଥିଲେ। ସେ ନିଜ ଅଞ୍ଚଳର ବିକାଶ ଦିଗରେ ବହୁ କାମ କରିଥିଲେ। ତାଙ୍କର ବଡ଼ପୁଅ ପ୍ରଶାନ୍ତ ରାଉତ ମୁଖାଗ୍ନୀ ଦେଇଥିଲେ। ଡାକ୍ତର ବିଜୟ ସିଂହଙ୍କ ସମେତ ଜୟ ଗୁରୁ ଦୀକ୍ଷିତ ଅନେକ ବିଶିଷ୍ଟ ବ୍ୟକ୍ତି, ଝାଡପଡା ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ରଘୁନାଥ ପରିଡ଼ା,ମାଧବ ଚନ୍ଦ୍ର ରାଉତ, ଭାସ୍କର ଚନ୍ଦ୍ର ପ୍ରଧାନ,ଭାଗ୍ୟଧର ଦଳେଇ , କାଶୀନାଥ ପ୍ରଧାନ, ନିତ୍ୟାନନ୍ଦ ଜେନା,ସରପଞ୍ଚ ସୌରୀବନ୍ଧୁ ସାହୁ, ଶିକ୍ଷାବିତ ସଞ୍ଜୀବ ପରିଡ଼ା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ସୁନାରେ ନିର୍ମିତ ହେବ ନୀଳମାଧବଙ୍କ ଶ୍ରୀଭୁଜ

ଖଣ୍ଡପଡ଼ା,୯।୧୧
(ଅଜୟ କୁମାର ମହାରଣା)



## ଖର୍ଚ୍ଚ ହେବ ୭୦ ଲକ୍ଷ ଟଙ୍କା

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ ଶ୍ରୀ ନୀଳମାଧବଙ୍କ ଶ୍ରୀଭୁଜ(ଦୁଇ ହାତ) ସୁବର୍ଣ୍ଣରେ ନିର୍ମିତ କରାଯିବା ପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁଇ ଭୁଜ(ହାତ) ପାଇଁ ଆନୁମାନିକ ୧ କିଲୋରୁ ଊର୍ଦ୍ଧ୍ୱ ଓଜନର ସୁନାର ଆବଶ୍ୟକତା ରହିଛି ବୋଲି ପୂଜକ ସମାଜ ପକ୍ଷରୁ ସୂଚନା ମିଳିଛି।

ଠାକୁରଙ୍କ ଗଚ୍ଛିତ ବିଭିନ୍ନ ସୁନା, ରୁପା ଅଳଙ୍କାର ବ୍ୟବହୃତ ନ ହୋଇ ଖଣ୍ଡପଡା ଟ୍ରେଜେରୀରେ ମହଜୁଦ ରହିଛି। ସେଥିରୁ କିଛି ଅବ୍ୟବହୃତ ସୁନାକୁ ତତ୍କାଳୀନ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ତଥା ତହସିଲଦାର ଅନୀତା ପଣ୍ଡା ଓ ନୀଳମାଧବ ପୂଜକ ସମାଜର ମିଳିତ ସହଯୋଗରେ ୭ ଲକ୍ଷ ଟଙ୍କା ବ୍ୟୟରେ ଠାକୁରଙ୍କ ଏକ ସୁନାକିରଟି ନିର୍ମାଣ କରାଯାଇଥିଲା। ଠାକୁରଙ୍କ ପୌଷ ପୂର୍ଣ୍ଣମୀ ତିଥି ସୁନାବେଶରେ ୨୦୧୬ ଜାନୁଆରୀ ୨୪ରେ ଏହି କିରଟିକୁ ଲାଗି କରାଯାଇଥିଲା। ପରବର୍ତ୍ତୀ ସମୟରେ ଗତବର୍ଷ ତପୂଜକ ସମାଜ ପକ୍ଷରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ଠାକୁରଙ୍କ ଆସ୍ଥାନ ଚତୁଃପାର୍ଶ୍ୱରେ ରୁପା ନିର୍ମିତ ବିଭିନ୍ନ କାରୁକାର୍ଯ୍ୟ ଖୋଦିତ ଛାଉଣି କରାଯାଇଥିଲା।

ଗୁରୁବାର ଖଣ୍ଡପଡା ଭାରପ୍ରାପ୍ତ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ଉପସ୍ଥିତିରେ ନୀଳମାଧବ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, ଶ୍ରବଣରାମ ମିଶ୍ରଙ୍କ ସମେତ ପୂଜକ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ କଣ୍ଟିଲୋ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ଅପରାହ୍ନରେ ଠାକୁରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସୁନା ନିର୍ମିତ ଠାକୁରଙ୍କ ଶ୍ରୀଭୁଜ ନିର୍ମାଣ କରିବାକୁ ପୂଜକ ସମାଜ ପକ୍ଷରୁ ତହସିଲଦାର ଛତ୍ରିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥି ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ କିଛି ସହଯୋଗ କାମନା କରାଯାଇଥିଲା। ଠାକୁରଙ୍କ ଏହି କାର୍ଯ୍ୟ ପାଇଁ ଛତ୍ରିଆ ପୂଜକ ସମାଜଙ୍କୁ ସାଧୁବାଦ ଜଣାଇବା ସହ ସହ ଏ ଦିଗରେ ଆବଶ୍ୟକ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ୨ ସୁନା ହାତ ପାଇଁ ଅନ୍ୟୁନ ୧ କିଲୋରୁ ଊର୍ଦ୍ଧ୍ୱ ପରିମାଣର ସୁନାର ଆବଶ୍ୟକ ରହିଥିବା ବେଳେ ପୂଜକ ସମାଜ ଏଥିପାଇଁ ୫୦ରୁ ୭୦ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଏପରି ପ୍ରସ୍ତାବ ଛତ୍ରିଆ ଅବଗତ ହେବା ପରେ ଠାକୁରଙ୍କ ନିମନ୍ତେ ସୁନାର ୨ ପୟର(ପାଦ) ନିର୍ମାଣ ଦିଗରେ ତାଙ୍କର ପ୍ରଚେଷ୍ଟା ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ସଂଘ ଭବନ କାନ୍ଥ ଭାଙ୍ଗି ଟଙ୍କା, ସାମଗ୍ରୀ ଚୋରି



କୁଜଙ୍ଗ,୯।୧୧(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ଭବନର ପଛ କାନ୍ଥ ଭାଙ୍ଗି ଦୁର୍ବୃତ୍ତମାନେ ଆସବାବପତ୍ର, ଟଙ୍କା ଓ ଜରୁରୀ କାଗଜପତ୍ର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି ନରେନ୍ଦ୍ର ମହାରଣା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଭବନର କିଛି ଅଂଶ ଭଙ୍ଗା ଯାଇଥିବା ନେଇ ତାଙ୍କୁ ସୂଚନା ମିଳିବା ପରେ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ସେ ଦେଖିଲେ ସଂଘ ଭବନର ପଛ କାନ୍ଥ ଭଙ୍ଗାଯାଇଥିବାବେଳେ ୨ ଷ୍ଟିଲ ଆଲମିରା, ଦୁଇଶହ ପ୍ଲାଷ୍ଟିକ ଚୌକି, ସଂଘର ଜରୁରୀ କାଗଜପତ୍ର ଓ ଅନ୍ୟାନ୍ୟ ଜିନିଷ ସମେତ ସଂଘର ପଚାଶ ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଜଣାଇ ଦିଆଯାଇଥିବାବେଳେ ରବିବାର ଜରୁରୀ ବୈଠକ ଡକାଯିବ। ଏହାପରେ ପୋଲିସରେ ଅଭିଯୋଗ କରାଯିବ ବୋଲି ମହାରଣା କହିଛନ୍ତି।

### ଗ୍ୟାରେଜ ସହ ବାଇକ୍ ଜଳିଗଲା

କୁଜଙ୍ଗ,୯।୧୧(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ କଟକ ପାରାଦୀପ ରାଜ୍ୟ ରାଜପଥ କଡ଼ ତାଳଦଣ୍ଡା ଚୌଧୁରୀ ଗଡ଼ା ନିକଟ ବାଘୁଆଠେଙ୍ଗ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଗ୍ୟାରେଜ ସହ ସେଠାରେ ଥିବା ଏକ ବାଇକ୍ ଜଳିଯାଇଛି। ଏଥିରେ ଭରତ ଭୂଷଣ ପରିଡ଼ା କ୍ଷତିଗ୍ରସ୍ତ ହୋଇଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ତାଙ୍କ ଗ୍ୟାରେଜ୍‌ରେ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଭରତ ରାତିରେ ଗ୍ୟାରେଜ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ଡ୍ୟୁଟି ସାରି ଫେରୁଥିବା ବେଳେ ଗ୍ୟାରେଜ ଘର ଜଳୁଥିବା ଦେଖି ଗ୍ୟାରେଜ ମାଲିକ ଓ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀର ପ୍ରଦୀପ୍ତ ଲେଙ୍କା, ରବୀନ୍ଦ୍ର ନାୟକ, ଧର୍ମେନ୍ଦ୍ର ବେହେରା, କେଦାର ବେହେରା ଓ ବିକାଶ ସାହୁ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ନାଉଗାଁ ପଞ୍ଚାୟତରେ ସମ୍ବର୍ଦ୍ଧନା ସଭା



ନାଉଗାଁ,୯।୧୧(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ସାଧୁ ଗୋସ୍ୱାମୀ ପୀଠରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଶନିବାର ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ବିପିନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଭାଜପା କର୍ମୀ ଅଶୋକ ମହାନ୍ତି, ଯୁଧିଷ୍ଠିର ସ୍ୱାଇଁ, ନାରାୟଣ ମୁଦୁଲି, ଅଲେଖ ସାହୁ, ସିକନ ସ୍ୱାଇଁ, ପ୍ରତାପ ସାହୁ, ପୂର୍ବତନ ସରପଞ୍ଚ ପ୍ରଭାସିନୀ ବେହେରା, ପଞ୍ଚାୟତ ସଭାପତି ଧ୍ରୁବଚରଣ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଦାସ କହିଥିଲେ, ଭାଜପା ଉପରେ ଭରସା କରି ଯେଉଁମାନେ ତାଙ୍କୁ ଭୋଟ୍ ଦେଇଥିଲେ, ସେମାନଙ୍କ ପାଇଁ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଛି। ସମୟ ସହ ଶାସନ ବଦଳିଛି। ଜନସାଧାରଣ କିପରି ସୁବିଧାରେ ସରକାରୀ କାର୍ଯ୍ୟାଳୟରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲାଭ ଉଠାଇପାରିବେ ସେଥିପାଇଁ ପ୍ରୟାସ ଜାରି ରହିଛି । ଏନେଇ ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ସଭା ଆୟୋଜନ କରାଯିବ ବୋଲି ଦାସ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ଥିଲେ।

# ପାର୍ଶ୍ୱରୁ ମାଟି ଖୋଳାଯାଇ ନିର୍ମାଣ ଚାଲିଛି ପାଦଚଲା ରାସ୍ତା

ନାଉଗାଁ,୯।୧୧(ସୁଧା ବେହୁରା)

**ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା**
- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ୨ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ
- ରାସ୍ତା ପାର୍ଶ୍ୱରୁ ମାଟି ଉଠୁଥିବାରୁ ଖାଲ ହୋଇଯାଉଛି
- ଛାତ୍ରୀଛାତ୍ର, ବାଇକ୍ ଆରୋହୀ ଅସୁବିଧାରେ ପଡୁଛନ୍ତି

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର-ତିରୁଣା ରାସ୍ତା ସମ୍ପ୍ରସାରଣ ଓ ପୁନଃ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ୩ କିମି ୭ଶହ ମିଟର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତାର ଉଭୟ ପାର୍ଶ୍ୱ ୧ ମିଟର ଲେଖାଏ ସମ୍ପ୍ରସାରଣ କରାଯାଉଥିବା ବେଳେ ରାସ୍ତାରେ ଡଷ୍ଟ ବିଛାଯାଇଛି। ସୂଚନାଫଳକ ତଥ୍ୟ ଅନୁସାରେ ଏହି ରାସ୍ତାରେ ୨ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱରେ ପାଦଚଲା ରାସ୍ତା ନିର୍ମାଣ ପାଇଁ ୧୫ ହଜାର ୯୬୩ ଘନ ମିଟର ଅର୍ଥାତ ୧ହଜାର ୭ଶହ ୭୪ ଟ୍ରକ ମାଟି ପକାଯିବ। ଏନେଇ ରାସ୍ତାର ତିରୁଣା ହାଇସ୍କୁଲ ନିକଟରୁ ଗଙ୍ଗଦାପାଇକସାହି ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ମାଟିରେ ପାଦଚଲା ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ କାର୍ଯ୍ୟ କରୁଥିବା ଠିକାଦାର ରାସ୍ତା ପାର୍ଶ୍ୱରୁ ମାଟି ଉଠାଇ ରାସ୍ତାରେ ପକାଉଥିବା ଦେଖିବାକୁ ମିଳିଛି। ରାସ୍ତା ପାର୍ଶ୍ୱରୁ ମାଟି ଉଠୁଥିବାରୁ ତାହା ଖାଲ ହୋଇଯାଉଛି। ଫଳରେ ବର୍ଷା ହେଲେ ମାଟି ଧୋଇ ଯାଇ ପୁନର୍ବାର ରାସ୍ତା ପାର୍ଶ୍ୱ ନଷ୍ଟ ହେବାର ଆଶଙ୍କା ରହିଛି। ଏହାଛଡ଼ା ଏହି ରାସ୍ତାରେ ଭାରିଯାନ ଯାତାୟାତ କରିବା ଦ୍ୱାରା ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ନିର୍ମାଣାଧୀନ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କେବଳ ସେତିକି ନୁହେଁ, ଉକ୍ତ ରାସ୍ତାର ତିରୁଣା ଚାରିଛକଠାରୁ ପାଇକସାହି, ଡେରିକିଠାରୁ ଶାଳିଜଙ୍ଗା ରାସ୍ତାରେ ଡଷ୍ଟ ବିଛାଯାଇଛି। ମାତ୍ର ତିରୁଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବିଛାଯାଇଥିବା ଡଷ୍ଟ ପାର୍ଶ୍ୱକୁ ହଟିଯିବାରୁ ବଡ଼ ମେଟାଲଗୁଡ଼ିକ ବାହାରକୁ ଦେଖାଯାଉଛି। ଏଭଳି ସ୍ଥିତିରେ ଏହି ରାସ୍ତା ଦେଇ ସାଇକେଲରେ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡୁଥିବାବେଳେ ବାଇକ୍ ଆରୋହୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ଡଷ୍ଟ ବିଛାଯାଇ ପାଣି ପକାଯାଉ ନ ଥିବାରୁ ଗାଡ଼ି, ମୋଟର ଯିବା ସମୟରେ ଡଷ୍ଟ ଉଡ଼ି ରାସ୍ତାସାରା ଧୂଳିମୟ ହୋଇଯାଉଛି। ଫଳରେ ପଥଚାରୀମାନେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଏହି ରାସ୍ତା ଦେଇ ତିରୁଣା, ଡାବର, ଡେରିକି, କୋରୁଅ ଆଦି ପଞ୍ଚାୟତର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ନିକଟସ୍ଥ ବ୍ୟାଙ୍କ, ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରୀ ଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟ, ଗଙ୍ଗଦାହାଟ ଓ ବିଭିନ୍ନ ବିଦ୍ୟାଳୟକୁ ଯାତାୟାତ କରିଥାନ୍ତି। ମାତ୍ର ଡଷ୍ଟ ଉଡ଼ିବା ଦ୍ୱାରା ଯାତାୟାତରେ ବାଧା ଉପୁଜୁଛି। ତେଣୁ ରାସ୍ତା ନିର୍ମାଣ ସମୟରେ ରାସ୍ତା ପାର୍ଶ୍ୱରୁ ମାଟି ନ ଉଠାଇବା ସହ ଉଡୁଥିବା ଡଷ୍ଟର ସ୍ଥାୟୀ ପ୍ରତିକାର କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ, ଉକ୍ତ କାର୍ଯ୍ୟର ତଦାରଖ କରାଯାଇ ଠିକ୍ ଭାବେ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।



ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଆୟୋଜିତ ନାଟକ 'ଶେଷରୁ ଆରମ୍ଭ'ର ଏକ ଦୃଶ୍ୟ।

### ନାଟକ 'ଶେଷରୁ ଆରମ୍ଭ' ମଞ୍ଚସ୍ଥ

ପାରାଦୀପ, ୯।୧୧(ଶରତ ରାଉତ)

ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଜୟଦେବ ଭବନରେ ଚାଲିଥିବା ସାଂସ୍କୃତିକ ମହୋତ୍ସବର ଶନିବାର ସନ୍ଧ୍ୟାରେ ନାଟକ 'ଶେଷରୁ ଆରମ୍ଭ' ମଞ୍ଚସ୍ଥ ହୋଇଛି। ବିଦ୍ୟୁତ୍ /ଯାନ୍ତ୍ରିକ ବିଭାଗ ଦ୍ୱାରା ପ୍ରଯୋଜିତ ଦିଲୀପ ବଳବନ୍ତରାୟଙ୍କ ରଚିତ ଏବଂ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶିତ 'ଶେଷରୁ ଆରମ୍ଭ' ନାଟକରେ ଅନ୍ତୁଡିଶାଳରୁ ଯୁବାବସ୍ଥା ଉପରେ ପର୍ଯ୍ୟବସିତ ଥିଲା। ମା'ବାପା ଜନ୍ମରୁ ସନ୍ତାନ ପାଇଁ ଅନେକ ତ୍ୟାଗ କରି ମଣିଷ କରିଥାନ୍ତି ମାତ୍ର ପରବର୍ତ୍ତୀ ସମୟରେ ପିଲାମାନେ ମା'ବାପାଙ୍କ ଠାରୁ ଦୂରରେ ରହି ହତାଦର କରୁଛନ୍ତି। ସେମିତି ଏକ ଭିନ୍ନ ସ୍ୱାଦର ଘଟଣାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ମିହିର ସେଣ, ତନ୍ମୟ ଦାସ, ଯଶୋବନ୍ତ ସାହୁ ଓ ରଶ୍ମିରଞ୍ଜନ ଶତପଥୀ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।

# ଶକ୍ତିଚାଳିତ ନଡ଼ିଆଛଡ଼ା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ




ଚାଷୀଙ୍କୁ ନଡ଼ିଆଛଡ଼ା ଯନ୍ତ୍ର ସମ୍ପର୍କରେ ସୂଚନା ଦିଆଯାଉଛି।

ଜଗତ୍‌ସିଂହପୁର, ୯।୧୧ (ପ୍ରମୋଦ କୁମାର ନାୟକ)

ନଡ଼ିଆ ଛଡ଼ାଇବା ପାଇଁ ଚାଷୀମାନେ ସାଧାରଣତଃ କତୁରି ଓ ସଣ୍ଡୁଆଶି ଆଦିର ବ୍ୟବହାର କରିଥାନ୍ତି, ଯେଉଁଥିରେ ଅଧିକ ଶ୍ରମ ଖର୍ଚ୍ଚ ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଓୟୁଏଟିସ୍ଥିତ ସର୍ବଭାରତୀୟ ସଂଯୋଜିତ କୃଷିଯନ୍ତ୍ରପାତି ଗବେଷଣା ପ୍ରକଳ୍ପ (ଏଆଇସିଆରପି ଅନ୍ ଫାର୍ମ ଇମ୍ପ୍ଲିମେଣ୍ଟସ୍ ଆଣ୍ଡ ମେଶିନେରି) ତରଫରୁ ଶକ୍ତି ଚାଳିତ ନଡ଼ିଆ ଚୋପା ଛଡ଼ା ଯନ୍ତ୍ର ଉଦ୍‌ଭାବନ କରାଯାଇଛି। ଏହି ଯନ୍ତ୍ର ୦.୫ ଅଶ୍ୱଶକ୍ତି ବିଶିଷ୍ଟ ବିଦ୍ୟୁତ୍ ମୋଟର ଦ୍ୱାରା ଚାଲୁଥିବାବେଳେ ଘଣ୍ଟାକରେ ୧୫୦ରୁ ୧୮୦ ନଡ଼ିଆର ଚୋପା ଛଡ଼ାଇ ପାରୁଛି। ଏହି ଯନ୍ତ୍ର ମାଧ୍ୟମରେ ମାତ୍ର ଗୋଟିଏ ନଡ଼ିଆ ଛଡ଼େଇବା ପାଇଁ ୪୫ ପଇସା ଖର୍ଚ୍ଚ ହେଉଛି। ଏହାର ଓଜନ ମାତ୍ର ୫୩ କିଲୋ। ତେଣୁ ଯନ୍ତ୍ରକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା କରିବାରେ ବିଶେଷ ଅସୁବିଧା ହେଉନାହିଁ। ଏହାର ବଜାର ମୂଲ୍ୟ ମେଶିନ ପ୍ରତି ଟ.୧୨,୦୦୦ ରଖାଯାଇଛି। ବୋଧେଇ ପଞ୍ଚାୟତ ଅଫିସ ପରିସରରେ ଏହି ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ହୋଇଛି। ଏଥିରେ ପିମ୍ପଳମାଧବ ଓ ବୋଧେଇ ପଞ୍ଚାୟତର ଏକାଧିକ ଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓୟୁଏଟି କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ତରଫରୁ ପ୍ରଫେସର୍ ପଦ୍ମଲୋଚନ ପ୍ରଧାନ, ଓୟୁଏଟି ସର୍ବଭାରତୀୟ ସଂଯୋଜିତ କୃଷିଯନ୍ତ୍ରପାତି ଗବେଷଣା ପ୍ରକଳ୍ପ ମୁଖ୍ୟ ଡ.ପ୍ରଦୀପ୍ତ କୁମାର ସାହୁ, ସ୍ନାତକୋତ୍ତର ଛାତ୍ର ଦିଗ୍‌ଦର୍ଶନ କୁମାର ଓ ମେକାନିକ ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର ଜିଲାରେ ନଡ଼ିଆ ଏକ ଅର୍ଥକରୀ ଫସଲ। ପାକଳ ନଡ଼ିଆକୁ ବିକ୍ରୟ କରିବା ପୂର୍ବରୁ ଏହାର ଶକ୍ତ ଆବରଣ ବା ଚୋପାକୁ ଛଡ଼ାଯାଇଥାଏ। ତିର୍ତ୍ତୋଲ ୪ଏସ୍‌୪ଆର୍ କୃଷକ ଉତ୍ପାଦକ ସଙ୍ଗଠନ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲା।

# ସାଂସ୍କୃତିକ ପରିବେଶ ଭାଇଚାରାକୁ ବାନ୍ଧି ରଖେ



ଡ୍ରାମା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### ହରିଶପୁରରେ ୭୫ ତମ ଡ୍ରାମା ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର,୯।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁର ସ୍ଥିତ ରାଧାଗୋବିନ୍ଦ ଡ୍ରାମାଟିକ କ୍ଲବ ପକ୍ଷରୁ ୭୫ ତମ ଡ୍ରାମା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ 'କେତେ ଦୁଃଖ ଦେବୁ କହ ଦଇବ' ଏବଂ ଶନିବାର 'ଆଖିର ଜନମ କାନ୍ଦିବା ପାଇଁ 'ନାଟକ ମଞ୍ଚସ୍ଥ ହୋଇଯାଇଛି। ଏହି ଉପଲକ୍ଷେ ବରିଷ୍ଠ କଳାକାର ବିନୋଦ ବିହାରୀ ମହାନ୍ତିଙ୍କ ପରିଚାଳନାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଏଲଆଇସି ଶାଖା ପରିଚାଳକ ରାହାମା ଅରୁଣ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀର୍ଘ ଦିନର ଏହି ଅନୁଷ୍ଠାନକୁ ପ୍ରଶଂସା କରିବା ସହ ସାଂସ୍କୃତିକ ପରିବେଶ ଭାଇଚାରାକୁ ବାନ୍ଧି ରଖେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଅମୂଲ୍ୟ ଚନ୍ଦ୍ର ଦାସ,ବରିଷ୍ଠ କଳାକାର ଦୁର୍ଗାପ୍ରସାଦ ମହାନ୍ତି, ପ୍ରହ୍ଲାଦ ସାହୁ ପରିଚାଳନାରେ ସହଯୋଗ କରିଥିବାବେଳେ କ୍ଲବର ଛୋଟବଡ କଳାକାରମାନେ ନାଟକ ମଞ୍ଚସ୍ଥ କରିଥିଲେ।

# ଅବହେଳିତ, ନିଷ୍ପେଷିତଙ୍କୁ ମାଗଣାରେ ଆଇନସେବା ଯୋଗାଇଦିଅ

କୁଜଙ୍ଗ,୯।୧୧(ମନୋଜ ପ୍ରଧାନ)

ସମାଜର ନିଷ୍ପେଷିତ, ଅବହେଳିତ ଓ ନିମ୍ନବର୍ଗର ଲୋକେ କିପରି ମାଗଣାରେ ଆଇନ ସହାୟତା ପାଇପାରିବେ ସେଥିପାଇଁ ତାଲୁକ ଆଇନସେବା କମିଟି କାର୍ଯ୍ୟ କରିଆସୁଛି। ସମସ୍ତ ଆଇନଜୀବୀ ସମାଜର ଏହି ଲୋକଙ୍କୁ ମାଗଣାରେ ଆଇନ ସେବା ଯୋଗାଇଦେବା ଉଚିତ। ତାଲୁକ ଆଇନସେବା କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ଜାତୀୟ ସେବା ଦିବସରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ତାଲୁକ ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ମୁନସିଫ ଅନୁରାଧା ଶର୍ମା ଓ ଜେଏମ୍‌ଏଫ୍‌ସି ବିଶ୍ୱଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘ ସଭାପତି ସୁଶାନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଅନ୍ତର୍ଯାମୀ ନାରାୟଣ ଦାସ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅମୃତ ଦାସ, ସତ୍ୟାନନ୍ଦ ବିଶାଳ, ନୃସିଂହ ପ୍ରଧାନ, କୈଳାସ ପରିଡ଼ା, ଦାମୋଦର ସ୍ୱାଇଁ, ଦେବାଶିଷ କଣ୍ଠ, ନମିତା ମହାନ୍ତି, ସତ୍ୟଶଙ୍କର ମିଶ୍ର, କୈଳାସ ମହାପାତ୍ର ଓ ସାମାଜିକ କର୍ମୀ ଅଟଳ ବିହାରୀ ଦାସ ପ୍ରମୁଖ ଯୋଗଦେଇଥିଲେ। ତାଲୁକ ଆଇନସେବା କମିଟି କର୍ମଚାରୀ ପ୍ରଦୀପ ମୁଦୁଲି ଏହାକୁ ପରିଚାଳନା କରିଥିଲେ।

# ପଥଶ୍ରାନ୍ତ ସୁବିଧା କେନ୍ଦ୍ର ଉଦ୍‌ଘାଟନ

**କୁଜଙ୍ଗ,୯।୧୧(ମନୋଜ ପ୍ରଧାନ):** ଜଗତ୍‌ସିଂହପୁର ଜିଲାର ପ୍ରମୁଖ ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟିକ ପେଣ୍ଠସ୍ଥଳ ରୂପେ ପରିଚିତ କୁଜଙ୍ଗଠାରେ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମିତ ଏକ ଅତ୍ୟାଧୁନିକ ପଥଶ୍ରାନ୍ତ ଗୃହକୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଜେଏସ୍‌ଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ଡି.କେ. ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ, କୁଜଙ୍ଗରେ ଏଭଳି ଅତ୍ୟାଧୁନିକ ପଥଶ୍ରାନ୍ତ ଗୃହର ଆବଶ୍ୟକତା ଥିଲା। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିବାରୁ ସେ କମ୍ପାନୀକୁ ଧନ୍ୟବାଦ ଦେଇଥିଲେ। ଏଥିରେ ଅତ୍ୟାଧୁନିକ ଶୌଚାଳୟ ବ୍ୟବସ୍ଥା ସହ କଫିବାର ଖୋଲିବାର ସୁବିଧା ରହିଛି। ଏହାଛଡ଼ା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହାଦ୍ୱାରା ଯାତ୍ରୀମାନେ ଉପକୃତ ହେବା ସହ ମା'ମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏହି ଅବସରରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଶୌଚାଳୟ ସଫା ରଖିବା ନିମନ୍ତେ ଦୁଇଜଣ କର୍ମଚାରୀ ନିୟୋଜିତ କରାଯିବ ବୋଲି ସିହ୍ନା ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇଥିଲେ। କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ ଭୁତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଯୁବ ନେତା ତପନ କୁମାର ତ୍ରିପାଠୀ, ଶରତ ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପଥଶ୍ରାନ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ଶିଶୁର ବିକାଶରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମାତୃ କର୍ମୀ ସମ୍ମିଳନୀ**

ରଘୁନାଥପୁର,୯।୧୧ (ରାଜେନ୍ଦ୍ର ନାରାୟଣ ସିଂହ)



ବିରିଡି ବ୍ଲକ କୂଳକଇଜଙ୍ଗା ଶିଶୁବିଦ୍ୟା ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶିଶୁ ବାଟିକାରେ ଅଧ୍ୟୟନ କରୁଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମା'ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଏନ୍‌ଏମ୍ ହେମଲତା ପରିଡା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସାଧ୍ୱୀ ଚିନ୍ମୟୀ ସରସ୍ୱତୀ, ସଭାପତି ବାମଦେବ ସ୍ୱାଇଁ, ଜଗନ୍ନାଥପୁର ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ମୀନାକ୍ଷୀ ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ପ୍ରତିମା ସାହୁ ଯୋଗଦେଇ ଶିଶୁର ବିକାଶରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡ ମାତୃକର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ଅତିଥି ମିନାକ୍ଷୀ ଶିକ୍ଷା କିଭଳି ଆଗାମୀ ଦିନରେ ଉପଯୋଗୀ ହୋଇପାରିବ ସେବିଷୟରେ ବକ୍ତବ୍ୟ ଦେଇଥିଲେ। ଆଚାର୍ଯ୍ୟା ହରପ୍ରିୟା ଗୁରୁମା ମଞ୍ଚ ପରିଚାଳନା ଓ ଆଚାର୍ଯ୍ୟ ପ୍ରତିନିଧି ଦିବ୍ୟ ଗୁରୁଜୀ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ଶିଶୁ ବାଟିକା ପ୍ରମୁଖ ମଧୁସ୍ମିତା ଦାଶଙ୍କ ତତ୍ତ୍ୱାବଧାନରେ ମା'ମାନଙ୍କୁ ନେଇ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀ ଏବଂ ଅଭିଭାବିକାମାନେ ଉପସ୍ଥିତ ଥିଲେ।

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002
Tel - MD 0674 - 2340573, Email - mdossCltd456@gmail.com
**TENDER CALL NOTICE**
No.-OSSC/Engg-90/2024
**No.CAD-1571** : The Managing Director, Odisha State Seeds Corporation Ltd. invites the following tenders through ONLINE through e-procurement site of Govt. of Odisha www.tenderodisha.gov.in.
**Percentage Rate Tenders** from eligible Civil works contractors registered under Competent authority of Govt of Odisha.
Values in Rs.

| Sl. | Name of the work | Estimated Amt | EMD | Cost of tender document | Completion Period | Eligibility class of Contractors |
|---|---|---|---|---|---|---|
| 1 | Construction of Office Building for accommodation of office of the SPMO, Puri At Satasankh | 17,63,321.00 | 17,633/- | 7,080/- | 180 | D or above |

The details of location of work, estimated amount regarding construction work along-with cost of Tender Document, EMD and other criteria along with critical dates for above Tenders can be seen in the **Detailed Tender Call Notice** posted in Website of Govt. of Odisha www.tenderodisha.gov.in.
The last date for uploading of tender to tender portal is **dt. 21.11.2024**
OIPR-01106/11/0052/2425 Sd./- Managing Director

**कार्यालय कार्यपालन अभियंता**
**जल संसाधन संभाग धरमजयगढ़ जिला - रायगढ़ (छ.ग.)**
(ई-मेल: eewrdmj@cgwrd.in)
**// निविदा निरस्तीकरण आदेश //**
पत्र क्रमांक /व.ले.लि./ 2024-25/धरमजयगढ़ दिनांक / / 2024
प्रमुख अभियंता, जल संसाधन विभाग, शिवनाथ भवन, सेक्टर-19 नार्थ ब्लॉक, अटल नगर, छ.ग., रायपुर का पृ.क. 4263243/निविदा प्रकोष्ठ/2024/13058(TC) रायपुर दिनांक 25.10.2024 द्वारा प्राप्त सूचना के आधार पर इस कार्यालय द्वारा आमंत्रित निविदा सूचना क. 07/व.ले.लि./2024-25 दिनांक 30.09.2024 सिस्टम नं. 159160 (प्रथम आमंत्रण) "**सलखेता जलाशय के शीर्ष एवं नहरों का रिमाडलिंग एवं लाईनिंग कार्य**" (लागत राशि रू 256.47 लाख) की निविदा को प्रथम आमंत्रण में निविदाकार की संख्या केवल एक होने के कारण उक्त निविदा को "**निरस्त**" किया जाता है।
स्वा./- कार्यपालन अभियंता
जल संसाधन संभाग धरमजयगढ़
जिला: रायगढ़ (छ.ग.)
G-242503675/3

**GOVERNMENT OF ODISHA** No.O-597
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in
**'E' PROCUREMENT NOTICE NO. RWD-II/KPD-05/24-25**
**DTD 05.11.2024**

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2024-25 |
| 2 | Total No. of Work | : | 1 No. of road |
| 3 | Estimated Cost | : | Rs. 59.34 Lakhs (Approx.) |
| 4 | Period of Completion | : | 3 (Three) Months |
| 5 | Class of contractors | : | B Class |

**Other details as follows :**

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 13.11.2024 at 11:00 A.M. to 25.11.2024 up to 5:00 P.M. |
| c) | Last date & time of seeking of tender clarification | : | 22.11.2024 up to 5:00 P.M. |
| d) | Opening of Technical Bid | : | 26.11.2024 at 11:30 A.M. |
| e) | Opening of Financial Bid | : | 29.11.2024 at 11.00 A.M. |

Further details can be seen from the Govt. website www.tendersorissa.gov.in
Sd./- Superintending Engineer
Rural Works Division-II
Kendrapara
OIPR-25098/11/0005/2425

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834008, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
No. B-566 Email: eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SEDKL (R&B), 20/2024-25
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Single Cover System in ONLINE MODE only, for construction of Building Work as detailed below. | | |
| 2. | Nature of Work | : | 10 Nos. Bridge Rehabilitation Works |
| 3. | No. of Work | : | 10 Nos. |
| 4. | Bid Cost | : | Rs.6,000/- each |
| 5. | Class of Contractor | : | 'D', 'C' & 'B' Licence |
| 6. | Availability of Bid Documents in the website | : | From 10.00 A.M. of 12.11.2024 to 5.00 P.M. of 26.11.2024 |
| 7. | Date of Opening of Bid | : | Dt.27.11.2024 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0016/2425

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ସରିଲା କାଳୀପୂଜା ଭସାଣି

- ୨ୟ ଦିନରେ ୨୫ରୁ ଊର୍ଦ୍ଧ୍ୱ ମେଢ଼ ବିସର୍ଜନ
- ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେତାଳେ ଝୁମିଲେ ଦର୍ଶକ

**ଯାଜପୁର ଟାଉନ,୯।୧୧ (ପ୍ରଯନ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ପ୍ରସିଦ୍ଧ କାଳୀପୂଜା ୭ଦିନ ବ୍ୟାପି ଚାଲିଥିବାବେଳେ ଶନିବାର ୨ୟ ଦିନରେ ଭସାଣି ଉତ୍ସବ ଶେଷ ହୋଇଛି। ମେଢ଼ଗୁଡିକ ଗରିଆପୁରଛକ ଦେଇ ଦେବୀଗଡ଼ାକୁ ଆସିଥିଲେ। ଭସାଣି ଶୋଭାଯାତ୍ରାରେ ସମଗ୍ର ସହର ପ୍ରକମ୍ପିତ ହୋଇଥିଲା। ୨ୟ ପର୍ଯ୍ୟାୟରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ବିସର୍ଜନ ହୋଇଥିବା ଦେଖିବାକୁ ମିଳିଛି। ଏହି ଭସାଣି ସକାଳ ୯ରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଯାଜପୁରର ନାରାୟଣଛକ, ଗରିଆପୁର, ସାନବଜାର, ବିରଜା ସିନେମାହଲ, ଶୀତଳେଶ୍ୱର, ଅମ୍ବିକାଇ, ଯୋଡ଼ିକୁଅ, ସଂସ୍କୃତ ଟୋଲ, ତେନ୍ତୁଳିମାଳ, ଚଣ୍ଡେଶ୍ୱର, କୁଆଁସରପୁର, ବିରଜା ହାଇସ୍କୁଲ ଛକ, ବେଲାରପୁର ଭଳି ପ୍ରସିଦ୍ଧ କାଳୀ ଓ ଲକ୍ଷ୍ମୀନାରାୟଣ ମେଢ଼ଗୁଡ଼ିକ ମଣ୍ଡପରୁ ବାହାରି ଦେବୀଗଡ଼ା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଣ୍ଡପାର୍ଟି, ପାରମ୍ପରିକବାଦ୍ୟ, ସିଂହବାଜା, ଢ଼ୋଲ ଓ ଘଣ୍ଟବାଦ୍ୟ ଧ୍ୱନୀରେ ଆସିଥିଲେ। ଭସାଣି ଶୋଭଯାତ୍ରାରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଦର୍ଶକମାନେ ଝୁମୁଥିବା ଦେଖାଯାଇଥିଲା। ଏଥିସହିତ ବିଭିନ୍ନ ଆକର୍ଷଣୀୟ ଆଲୋକ ସାଜସଜ୍ଜା ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଭସାଣି ଉତ୍ସବରେ ଅଘୋରି ନୃତ୍ୟ ପରିବେଷଣ ଦର୍ଶକମାନଙ୍କ ମନମୋହିଥିଲା। ଯାଜପୁର ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନ୍‌ଗୋ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଯାଜପୁର ଥାନାଧିକାରୀ ଶରତ କୁମାର ପାତ୍ରଙ୍କ ସମେତ ବହୁ ପୋଲିସ ଅଧିକାରୀ ଯୋଗଦେଇ ଭସାଣି ଉତ୍ସବକୁ ଶୃଙ୍ଖଳାର ସହ ସମାପନ କରିଥିଲେ। ଶାନ୍ତି କମିଟି ସଭ୍ୟ କର୍ଣ୍ଣାଟ କେଶରୀ ଦାସ, ଦିଗମ୍ବର କର, ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ସମରଜିତ ମହାନ୍ତି, ସନ୍ତୋଷ ମଲ୍ଲିକ, ରାଜୀବ ମହାନ୍ତି, ବଳଭଦ୍ର ଦାସ ଓ ତୁଷାରକାନ୍ତ ବେହେରା ପ୍ରମୁଖ ଭସାଣି କାର୍ଯ୍ୟକୁ ପରିଚାଳନା କରିଥିଲେ।




ମା' କାଳୀଙ୍କ ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ପରିବେଷଣ କରାଯାଉଛି।




ଭସାଣି ଉତ୍ସବରେ ଅଘୋରୀ ନୃତ୍ୟ ପରିବେଷଣ କରାଯାଉଛି।






ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣଙ୍କ ମେଢ଼।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହରପ୍ରିୟା



@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ODISHA CONSTRUCTION CORPORATION LTD.
(A GOVERNMENT OF ODISHA UNDERTAKING)
CENTRAL STORE & MACHINERY PROJECT,
BHUBANESWAR - 751012 (ODISHA)

**TENDER CALL NOTICE NO. : 58/OCC/CST-04/ Works/981/2021 Dated. 06.11.2024**

**No.CAD-1562** : Sealed tenders in conformity with term & conditions are invited from the enlisted job-workers of "OCCL" in M-IV grade and above for "CONSTRUCTION OF EXTRA BAY, 2ND STAGE CONCRETING, DISMANTLING OF EXISTING CONCRETE IN STOPLOG GROVES AND FIXING OF ANCHOR BOLTS IN BAGH BARRAGE PROJECT." For further details can be seen from our website www.odishaconstruction.com.

The last date and time of submission of tender document is 18.11.2024 at 3.00 P.M. and will be opened on same date at 4.00 P.M. (Bidders are requested to visit above website regularly for any changes, since it will not be published in newspaper again.

Sd./-
Senior Manager (Mech.)
OIPR-34120/11/0021/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DHARMAGARH
Email : rw_dharmagarh@yahoo.com
**BID IDENTIFICATION NO. DMGH/Online-07 of 2024-25 Dates : 07.11.2024**

**"e" PROCUREMENT NOTICE**

**No.O-613** : Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Road works in the District of Kalahandi as mentioned in DTCN
2. Total No. of Works : 01 No.
3. Estimated Cost : Rs. 75.63 lakhs
4. Period of Completion : 60 days
5. Other Details :

| Availability of Tender online for bidding | | Last date & time seeking tender clarification | Date & time of Opening of tender |
|---|---|---|---|
| From | To | | |
| 13.11.2024 At 10.00 A.M. | 21.11.2024 Up to 5.00 P.M. | 20.11.2024 Up to 5.00 P.M. | 22.11.2024 At 11.00 A.M. |

Further details can be seen from the website www.tendersorissa.gov.in
Sd./- Executive Engineer
Rural Works Division
Dharmagarh
OIPR-25100/11/0010/2425

## INSTITUTE OF MANAGEMENT OF AGRICULTURAL EXTENSION (IMAGE)
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph.- (0674) 2974145, E-mail:imagebbsr1999@gmail.com
No.5032/IMAGE Dated: 08.11.2024

**CORRIGENDUM NOTICE**
with reference to Tender/EoI Call Notice No.4723/IMAGE dt.23.10.2024 on "Tender for Catering Service of IMAGE, Siripur, Bhubaneswar"

No.CAD-The details of information relating to the Corrigendum with reference to Tender/EoI Call Notice No.4723/ IMAGE dt.23.10.2024 on "Tender for Catering Service of IMAGE, Siripur, Bhubaneswar" can be downloaded from **www.agriodisha.gov.in** from dt.08.11.2024. Other terms and conditions as mentioned in the RFP document remains unchanged.

Date Extension:
Sale of Bid documents : upto 14.11.2024
Date of Receipt : upto 19.11.2024 (3.00 PM)
Date of Opening : 20.11.2024 (at 3.30 PM)

Sd./-
DIRECTOR, IMAGE
OIPR-01408/11/0012/2425

## ODISHA TOURISM DEVELOPMENT CORPORATION LTD
LEWIS ROAD, BHUBANESWAR – 751014

**REQUEST FOR PROPOSAL**

**No.CAD-1573:**Odisha Tourism Development Corporation Limited (OTDC Ltd) now invites Request for Proposal (RFP) from experienced operators / restaurant / food chain operators / firms / hotel owners in India to operate and manage at multiple locations i.e. food stalls at Dilli Haat, New Delhi for 05 (Five) years and food court Central Vista, New Delhi for 03(Three) years respectively. Interested Operators / restaurant / food chain operators / firms / hotel owners may download the information and operational Guidelines from our website https://otdc.odisha.gov.in The Tender documents will be received in the office of Divisional Manager (HS), OTDC Ltd., Lewis Road, Bhubaneswar up to 15.00 Hrs dated 18.11.2024.

Sd./- MANAGING DIRECTOR
OIPR-37002/11/0036/2425

No.C-884:
## OFFICE OF THE GENERAL MANAGER WATCO DIVISION, ROURKELA, ODISHA
Ph.No.0661-2664791 (O), e-mail:phdrourkela@gmail.com
**No.8324/ Date.29.10.24**
**NATIONAL COMPETITIVE BIDDING THROUGH e-Procurement Identification No.GM_WATCORKL-15/2024-25 dt.29.10.2024**

1. No. of the Works : 3 Nos. (Electrical)
2. Estimated Cost : From Rs.69.99 lakh to 8.63 lakh
3. Period of Completion : 4 (Four) Months
4. Date & Time of availability of bid document in the portal. : From 11.00 AM of 11.11.2024 to 5.00 PM of 20.11.2024
5. Last date/time of receipt of bids in the portal : 5.00 P.M. of 20.11.2024
6. Date & Time of opening of bids : 21.11.2024 at 12.30 P.M.
7. Name and address of the Officer Inviting Bid : General Manager, WATCO Division Rourkela

The bidders have to participate in ONLINE bidding only. For details can be seen from the Government website www.tendersorissa.gov.in.

Sd./- (Er.Subrat Kumar Nayak)
General Manager,
WATCO Division, Rourkela
OIPR-13211/11/0004/2425

## TENDER CALL NOTICE FOR SUPPLY OF MANNEQUINS & DIFFERENT LAB INSTRUMENTS
Notice No. 864/ Date : 7.11.24/

**No.E-484** : Selected tenders are invited from different bidders having valid GST registration & license for supply of items as per the specification given by Principal, Govt. College of Nursing, DHH Dhenkanal. The detailed terms & conditions along with list of items are available on the website www.dhenkanal.nic.in which may be downloaded for reference. Interested parties may submitted their offers in sealed covers super scribing as "Tender for Supply of **Mannequins & different lab instruments** reference to Advertisement No.______ dt__________/" to the undersigned through registered post/speed post only, which should reach on or before 5.00 P.M. of dt. 7.12.2024 positively and will be opened on next day at 11 A.M. By District purchase Committee at office of the CDM & PHO Dhenkanal in presence of the participants, who wish to attend the Tender opening meeting. In case of any bid amendment and clarification responsibility i.e with the bidders to collect the same from the website. The Principal, Govt. College of Nursing, DHH Dhenkanal shall have no responsibility for any delay/omission on part of the bidder. The tender paper will be reject if the bidder charges any clause or annexure of the bid document download from the website. The undersigned reserves the right on reject any or all the tenders without assigning any reason thereof.

Sd./- Principal
Govt. College of Nursing,
DHH Dhenkanal
OIPR-10259/11/0001/2425

**e-Tender Notice** No.n-146
## OFFICE OF THE DIRECTOR, TEXT BOOK PRODUCTION AND MARKETING
KHARAVEL NAGAR, BHUBANESWAR - 751001
TEL. NO. 0674-2380871 / 72
Bid letter No. 7790 Date : 7.11.24

1. Description of tender : National Tender for Transportation of Nationalised Text books & Allied books from Truck Owners / Transport Agencies / Transport Contractors having registered "Agent License" for transportation of N.T. Books & Allied Books to different district headquater/Blocks all over Odisha for the Academic Session - 2025-26.
2. Date & Time of availability of bid documents in the portal
Start Date & Time : 11.11.2024, 10.00 A.M.
Closing Date & Time : 02.12.2024, 5.00 P.M.
3. Name and address of the O.I.T. O/O the Director, Text Book Production & Marketing, Kharvel Nagar, Bhubaneswar - 751001.

Further details regarding downloading of bid documents, online participation can be seen from the e-procurement portal https://tendersodisha.gov.in. Subsequent addendum/corrigendum if any require will be hosted on same website. The Director reserves the right to accept or reject (Fully/Partly) tender without assigning any reason thereof.

Sd./- Director
Text Book Production and Marketing
OIPR-02005/11/0016/2425

## OFFICE OF THE EXECUTIVE ENGINEER NATIONAL HIGHWAY DIVISION, BOLANGIR
E-MAIL I.D. : eenhbolangir@gmail.com

**E-TENDER CALL NOTICE**
**Bid Identification No. 03/EE NH (BGR) of 2024-25**
**No. 2718//Dated 06.11.2024** No.b-14

| | | | |
|---|---|---|---|
| 1 | The **Superintending Engineer, N.H. Division, Bolangir** invites **Percentage Rate bids** for construction of works detailed in the table below in **Single Cover (for 2 nos. works) & Double Cover (for 1 no. work)** system on **ONLINE MODE** from eligible contractors for road works as mentioned below. | | |
| 2 | Nature of work | : | Road Works & Building Works |
| 3 | No. of Work | : | 3 nos. |
| 4 | Tender paper cost | : | Varies from Rs. 6,000.00 to 10,000.00 |
| 5 | E.M.D@1% | : | Varies from Rs. 18,900.00 to Rs. 83,400.00 |
| 6 | Class of Contractor | : | 'D', 'C' & 'B' |
| 7 | Available of Bid Document in the Website | : | From 11.00 hour of 14.11.2024 to 17.00 hour of 27.11.2024 |
| 8 | Date of opening of bid | : | At 11.30 hour of 28.11.2024 |
| 9 | The bidders have to participate in online bidding only. Further details can be seen in the bidding documents from the e-procurement portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
NH Division, Bolangir
OIPR-34101/11/0002/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI
e-mail ID : eepwd.pkl@rediffmail.com
**Letter No. 7703 dt.07.11.2024**
**1st Corrigendum to Bid Identification No. SE, Pkl (R&B) 10/2024-25**

**No.B-592** : In partial Modification to this office Bid Invitation Notice referred herein above, the amendment is made as detailed below.

| | | | |
|---|---|---|---|
| 1 | Number of Works Put to Bid | : | 37 (Thirty seven) Only |
| 2 | Estimated Cost put to Bids Varies from | : | Rs. 53.02 Lakh to Rs. 65.23 lakh |
| 3 | Date and Time of availability of Bid Document in the Web Portal | : | From 11:00 A.M. of Dt. 08.11.2024 till 3:00 P.M. of Dt. 22.11.2024 |
| 4 | Date and Time of receipt of Bid Document in the Web Portal | : | From 11:00 A.M. of dt. 08.11.2024 till 3:00 P.M. of Dt. 22.11.2024 |
| 5 | Date of Opening of Bid | : | 5:00 P.M. of Dt. 22.11.2024 |

Sd./- Additional Chief Engineer
(I/C) Superintending Engineer
Panikoili (R&B) Division
OIPR-34067/11/0004/2425

Government of Odisha "e" Procurement Notice
## WORKS DEPARTMENT
**Bid Identification No. CCEKC - 25/2024-25** No.B-548
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
**Letter No. 5024 dt.29.10.2024**

| | | | |
|---|---|---|---|
| 1 | Name of the work | : | Costruction of Deep RCC drain-cum-Road from Ring Road to E-Bus Terminal at Rourkela |
| 2 | Estimated cost | : | Rs. 811.67 Lakhs |
| 3 | Class of Contractor | : | "A" & "Special" Class |
| 4 | Period of completion | : | 11 (Eleven) Calendar Months |
| 5 | Date and Time of availability of Bid document in the portal | : | From 11.30 Hours of 11.11.2024 to 16.00 Hours of 25.11.2024 |
| 6 | Last date / Time for receipt of bids in the portal | : | 16.00 Hours of 25.11.2024 |
| 7 | Date of opening of Bid from Portal | : | 11.30 Hours on 26.11.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"

Sd./-
Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0055/2425

No.C-952
## OFFICE OF THE NOTIFIED AREA COUNCIL, BOUDHGARH
e-mail : boudhgarhnac@yahoo.co.in, Ph. No. - 06841-222024
**"e" procurement Notice**
**Bid Identification No. : ORULB/BUD/06/2024-25**
**Tender Call Notice No. : 2840/dtd. 05.11.2024**

| | | | |
|---|---|---|---|
| 1 | Name of work | : | Civil works as mentioned in website |
| 2 | No. of works | : | 01 No. of Civil works |
| 3 | Bid value | : | Rs. 87,28,196/- Lakhs |
| 4 | Date and time of availability, received of the bid documents in the portal | : | From 10.00 A.M. of dt. 11.11.24 to dt. 18.11.2024 up to 5.00 P.,M. only |
| 5 | Bids received online shall be opened on Dt. 19.11.2024 at 11.00 A.M. | | |
| 6 | Submission of original documents | : | On or before 10.30 A.M. of Dt. 19.11.24 |
| 7 | Name & Address of the Officer inviting Bid | : | EXECUTIVE OFFICER, BOUDHGARH NAC |

For further details can be seen from the Procurement portal : www.tendersorissa.gov.in

Sd./- Executive Officer
NAC, Boudhgarh
OIPR-13155/11/0005/2425

## WORKS DEPARTMENT
No.B-552
## OFFICE OF THE SUPERINTENDING ENGINEER
Mayurbhanj (R&B) Division, Baripada
e-mail : bpd_eerb@rediffmail.com
Government of Odisha "e" Procurement Notice
**Bid Identification No. - S.E 41/2024-25**

| | | | |
|---|---|---|---|
| 1 | Number of works | : | 06 (Six) number of works |
| 2 | Approximate estimated cost | : | 41.96 lakh to 57.83 lakh |
| 3 | Period of Completion | : | 06 (Six) Calendar Months |
| 4 | Date & Time of availability of bid documents in the portal | : | Dt. 11.11.2024 to 25.11.2024 |
| 5 | Last date / Time of receipt of bid in the portal | : | Dt. 25.11.2024 up to 5.00 P.M. |
| 6 | Date of Opening of bid | : | Dt. 26.11.2024 at 11.00 A.M. |
| 7 | Name & address of the Office inviting bid | : | Superintending Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in

Sd./- R.G. Ray
Superintending Engineer
Mayurbhanj (R&B) Division
OIPR-34025/11/0009/2425

# ଜଣେ ଶିକ୍ଷକରେ ଚାଲିଛି ହାଇସ୍କୁଲ ପାଠପଢ଼ା

- କାପ୍ତାପଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
- ପଡ଼ିରହିଛି କମ୍ପ୍ୟୁଟର, ବନ୍ଧାହୋଇ ରହିଛି ସାଇନ୍ସ ଲାବ୍ ସାମଗ୍ରୀ
- ହାଇସ୍କୁଲ ଖୋଲିଲା ଶିକ୍ଷକ ନିଯୁକ୍ତି ହେଲାନି

ନୂଆଗାଁ,୯।୧୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତ କାପ୍ତାପଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଟି ନାନା ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ ହେଉଛି। ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ଶିକ୍ଷା ବିଭାଗ। କେବଳ ଜଣେ ଶିକ୍ଷକରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢା ଯାଉଥିବା ନେଇ ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତରେ ହାଇସ୍କୁଲ ନ ଥିବାରୁ ୨୦୨୨ ମସିହାରେ ହାଇସ୍କୁଲ ଖୋଲି କାପ୍ତାପଲି ପଞ୍ଚାୟତର କାପ୍ତାପଲି ୟୁଜିଏମ୍ଇ ସ୍କୁଲ ସହିତ ହାଇସ୍କୁଲକୁ ଯୋଡି ଦିଆଯାଇଥିଲା। ହାଇସ୍କୁଲ ଖୋଲିବାର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ରେଗୁଲାର ଶିକ୍ଷକ ଦିଆଯାଇନାହିଁ। ନବମ ଓ ଦଶମ ଶ୍ରେଣୀରେ ୨୩ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ଦିଆଯାଇଛି। ଉକ୍ତ ସ୍କୁଲକୁ ୫ଟି ଯୋଜନାରେ ସାମିଲ କରି ଆଧୁନିକ ଜ୍ଞାନ କୌଶଳରେ ଡିଜିଟାଲ ଶିକ୍ଷା ଦେବା ପାଇଁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲେ ମଧ୍ୟ ଟାୱାର ଓ ଶିକ୍ଷକ ଅଭାବରୁ କମ୍ପ୍ୟୁଟର କୌଣସି କାମରେ ଲାଗୁନି। କମ୍ପ୍ୟୁଟର ଆସି ୪ ମାସ ହେଲା ଇନଷ୍ଟାଲ କରାଯାଇଥିଲେ ମଧ୍ୟ ସେପରି ପଡିରହିଛି। ଛାତ୍ରୀଛାତ୍ରମାନଙ୍କ କାମ କରିବା ପାଇଁ ଆମକୁ ଅନ୍ୟ ସ୍କୁଲ କିମ୍ବା ଜନସେବା କେନ୍ଦ୍ର ଯିବାକୁ ପଡୁଛି ବୋଲି ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ କହିଛନ୍ତି।

ସେହିଭଳି ସାଇନ୍ସ ଲ୍ୟାବ ପାଇଁ ଆନୁସଙ୍ଗିକ ସାମଗ୍ରୀ ଦିଆଯାଇଥିଲେ ମଧ୍ୟ ଗୃହ ଅଭାବରୁ ସେଗୁଡିକ ପେଟି ମଧ୍ୟରେ ଡୋରି ବନ୍ଧା ହୋଇ ରହିଛି। ଅନୁରୂପ ଭାବେ ଖେଳସାମଗ୍ରୀ ମଧ୍ୟ ପଡି ରହିଛି। ୧୯୪୩ରେ ପ୍ରତିଷ୍ଠା ହୋଇଥିବା ଉକ୍ତ ସ୍କୁଲରେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୯୨ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ମାତ୍ର ୫ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ହାଇସ୍କୁଲରେ ଶିକ୍ଷକଙ୍କ ଅଭାବ ରହିଥିବାରୁ ପ୍ରାଥମିକ ସ୍କୁଲର ଶିକ୍ଷକମାନେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି। ତେବେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ପିଲାମାନେ ବିନା ଶିକ୍ଷକରେ କି ପାଠପଢି ପରୀକ୍ଷା ଦେବେ ତାହା ଅଭିଭାବକମାନଙ୍କ ମନରେ ଚିନ୍ତା ବଢାଇଛି। ଉକ୍ତ ସ୍କୁଲରେ ୯୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ମଧ୍ୟ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର ନାହିଁ। ସେଠାରେ ରୋଷେୟା ଭାବେ ନିୟୋଜିତ ଥିବା ମଲି ପ୍ରଧାନ ଓ ସୁକୁମାରୀ ଜାନି କୁହନ୍ତି ଆମେ ୯ ବର୍ଷ ହେଲା ଏମିତି ଖରା ବର୍ଷାରେ ବାହାରେ ରୋଷେଇ କରି ଖାଇବାକୁ ଦେଉଛୁ। କେତେ କାହାରିକୁ ଗୁହାରୀ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ସ୍କୁଲର ଏପରି ସମସ୍ୟା ବାବଦରେ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କୁ ପଚାରିବାରେ ସେ ସ୍କୁଲରେ ଥିବା ସମସ୍ୟା ବାବଦରେ ଆମେ ଅବଗତ ଅଛୁ। ଏ ନେଇ ଆମେ ଅଧିକାରୀମାନଙ୍କୁ ଜଣାଇଛୁ ଏବଂ ସ୍କୁଲ ସମସ୍ୟା ଦୂର କରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି।



ସାଇନ୍ସ ଲାବ୍ ସାମଗ୍ରୀ ବନ୍ଧାହୋଇ ରହିଛି।

# କାମ କରୁଥିବା ବେଳେ ଶ୍ରମିକ ମୃତ

ନୟାଗଡ଼,୯।୧୧(ଲୋକନାଥ ମିଶ୍ର)

ଦଶପଲ୍ଲା ବ୍ଲକର ଜାମୁସାହିସ୍ଥିତ ରେଳ ଲାଇନର ଟନେଲ କାମ କରୁଥିଲା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସତ୍ୟଜିତ ସରକାର (୨୮)। ଘର ପଶ୍ଚିମବଙ୍ଗରେ। ସତ୍ୟଜିତ ଶୁକ୍ରବାର କାମ କରୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ବାଣିଗୋଛା ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୯ ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ସାଧାରଣ ଅଧିବେଶନ

ଖଣ୍ଡପଡ଼ା,୯।୧୧
(ଅଜୟ କୁମାର ମହାରଣା)

ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ସାଧାରଣ ଅଧିବେଶନ ଶନିବାର ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁଙ୍କ ପୌରୋହିତ୍ୟରେ ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବ୍ଲକର ପୂର୍ବତନ ଅଧକ୍ଷ ସ୍ୱର୍ଗତ ମହେନ୍ଦ୍ର ସ୍ୱାଇଁଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲା ଅଧୀନ ତିଗିରିଆ, ଡମପଡା,ଦଶପଲ୍ଲା, ବଡମ୍ବା ରାଜ୍ୟ ସଭାପତି ଯଥାକ୍ରମେ କବିରାଜ ପରିଡା, ଅଜୟ କୁମାର ରାଉତ, ଦୁର୍ଯ୍ୟୋଧନ ସାହୁ, ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ସମାଜର ଅନ୍ୟ ରାଜ୍ୟର ସଭାପତି, ସମ୍ପାଦକମାନେ ଯୋଗ ଦେଇଥିଲେ। ଏ ଅବସରରେ ସମାଜର ପୂର୍ବତନ ସଭାପତି ଦିବଂଗତ ଜନନେତା ମହେନ୍ଦ୍ର ସ୍ୱାଇଁଙ୍କ ଖଣ୍ଡାୟତ ମହାନାୟକ ସମାଜପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରାଯିବା ସହ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ପରେ ସମାଜର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା। ସମାଜର ବରିଷ୍ଠ ସଦସ୍ୟ ଆର୍ତବନ୍ଧୁ ଗୋଛି, କୈଳାସ ଚନ୍ଦ୍ର ଖୁଣ୍ଟିଆ, ବୈକୁଣ୍ଠ ପ୍ରଧାନ, ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ୯ ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ଉନ୍ନତି କଳ୍ପେ ବିଭିନ୍ନ ପ୍ରସ୍ତାବ ଉପରେ ମତ ରଖିଥିଲେ।



ସାଧାରଣ ଅଧିବେଶନରେ ଯୋଗଦେଇଥିବା ଖଣ୍ଡାୟତ ମହାନାୟକ ସମାଜର କର୍ମକର୍ତ୍ତା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ହରପ୍ରିୟା



@ ସୌରଭ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ODISHA CONSTRUCTION CORPORATION LTD.

(A GOVERNMENT OF ODISHA UNDERTAKING)
CENTRAL STORE & MACHINERY PROJECT,
BHUBANESWAR - 751012 (ODISHA)

TENDER CALL NOTICE NO. : 58/OCC/CST-04/ Works/981/2021 Dated. 06.11.2024

**No.CAD-1562** : Sealed tenders in conformity with term & conditions are invited from the enlisted job-workers of "OCCL" in M-IV grade and above for "CONSTRUCTION OF EXTRA BAY, 2ND STAGE CONCRETING, DISMANTLING OF EXISTING CONCRETE IN STOPLOG GROVES AND FIXING OF ANCHOR BOLTS IN BAGH BARRAGE PROJECT." For further details can be seen from our website www.odishaconstruction.com.

The last date and time of submission of tender document is 18.11.2024 at 3.00 P.M. and will be opened on same date at 4.00 P.M. (Bidders are requested to visit above website regularly for any changes, since it will not be published in newspaper again.

Sd./-
Senior Manager (Mech.)
OIPR-34120/11/0021/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DHARMAGARH

Email : rw_dharmagarh@yahoo.com

BID IDENTIFICATION NO. DMGH/Online-07 of 2024-25 Dates : 07.11.2024

"e" PROCUREMENT NOTICE

**No.O-613** : Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Road works in the District of Kalahandi as mentioned in DTCN
2. Total No. of Works : 01 No.
3. Estimated Cost : Rs. 75.63 lakhs
4. Period of Completion : 60 days
5. Other Details :

| Availability of Tender online for bidding | | Last date & time seeking tender clarification | Date & time of Opening of tender |
|---|---|---|---|
| From | To | | |
| 13.11.2024 At 10.00 A.M. | 21.11.2024 Up to 5.00 P.M. | 20.11.2024 Up to 5.00 P.M. | 22.11.2024 At 11.00 A.M. |

Further details can be seen from the website www.tendersorissa.gov.in

Sd./- Executive Engineer
Rural Works Division
Dharmagarh
OIPR-25100/11/0010/2425

## INSTITUTE OF MANAGEMENT OF AGRICULTURAL EXTENSION (IMAGE)

(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph.- (0674) 2974145, E-mail:imagebbsr1999@gmail.com

No.5032/IMAGE Dated: 08.11.2024

### CORRIGENDUM NOTICE

with reference to Tender/EoI Call Notice No.4723/IMAGE dt.23.10.2024 on "Tender for Catering Service of IMAGE, Siripur, Bhubaneswar"

No.CAD-The details of information relating to the Corrigendum with reference to Tender/EoI Call Notice No.4723/ IMAGE dt.23.10.2024 on "Tender for Catering Service of IMAGE, Siripur, Bhubaneswar" can be downloaded from **www.agriodisha.gov.in** from dt.08.11.2024. Other terms and conditions as mentioned in the RFP document remains unchanged.

Date Extension:
Sale of Bid documents : upto 14.11.2024
Date of Receipt : upto 19.11.2024 (3.00 PM)
Date of Opening : 20.11.2024 (at 3.30 PM)

Sd./-
DIRECTOR, IMAGE
OIPR-01408/11/0012/2425

## ODISHA TOURISM DEVELOPMENT CORPORATION LTD

LEWIS ROAD, BHUBANESWAR – 751014

REQUEST FOR PROPOSAL

**No.CAD-1573:**Odisha Tourism Development Corporation Limited (OTDC Ltd) now invites Request for Proposal (RFP) from experienced operators / restaurant / food chain operators / firms / hotel owners in India to operate and manage at multiple locations i.e. food stalls at Dilli Haat, New Delhi for 05 (Five) years and food court Central Vista, New Delhi for 03(Three) years respectively. Interested Operators / restaurant / food chain operators / firms / hotel owners may download the information and operational Guidelines from our website https:// otdc.odisha.gov.in The Tender documents will be received in the office of Divisional Manager (HS), OTDC Ltd., Lewis Road, Bhubaneswar up to 15.00 Hrs dated 18.11.2024.

Sd./- MANAGING DIRECTOR
OIPR-37002/11/0036/2425

No.C-884:

## OFFICE OF THE GENERAL MANAGER WATCO DIVISION, ROURKELA, ODISHA

Ph.No.0661-2664791 (O), e-mail:phdrourkela@gmail.com
No.8324/ Date.29.10.24

NATIONAL COMPETITIVE BIDDING THROUGH e-Procurement Identification No.GM_WATCORKL-15/2024-25 dt.29.10.2024

1. No. of the Works : 3 Nos. (Electrical)
2. Estimated Cost : From Rs.69.99 lakh to 8.63 lakh
3. Period of Completion : 4 (Four) Months
4. Date & Time of availability of bid document in the portal. : From 11.00 AM of 11.11.2024 to 5.00 PM of 20.11.2024
5. Last date/time of receipt of bids in the portal : 5.00 P.M. of 20.11.2024
6. Date & Time of opening of bids : 21.11.2024 at 12.30 P.M.
7. Name and address of the Officer Inviting Bid : General Manager, WATCO Division Rourkela

The bidders have to participate in ONLINE bidding only. For details can be seen from the Government website www.tendersorissa.gov.in.

Sd./- (Er.Subrat Kumar Nayak)
General Manager,
WATCO Division, Rourkela
OIPR-13211/11/0004/2425

## TENDER CALL NOTICE FOR SUPPLY OF MANNEQUINS & DIFFERENT LAB INSTRUMENTS

Notice No. 864/ Date : 7.11.24/

**No.E-484** : Selected tenders are invited from different bidders having valid GST registration & license for supply of items as per the specification given by Principal, Govt. College of Nursing, DHH Dhenkanal. The detailed terms & conditions along with list of items are available on the website www.dhenkanal.nic.in which may be downloaded for reference. Interested parties may submitted their offers in sealed covers super scribing as "Tender for Supply of **Mannequins & different lab instruments** reference to Advertisement No.______ dt________/" to the undersigned through registered post/speed post only, which should reach on or before 5.00 P.M. of dt. 7.12.2024 positively and will be opened on next day at 11 A.M. By District purchase Committee at office of the CDM & PHO Dhenkanal in presence of the participants, who wish to attend the Tender opening meeting. In case of any bid amendment and clarification responsibility i.e with the bidders to collect the same from the website. The Principal, Govt. College of Nursing, DHH Dhenkanal shall have no responsibility for any delay/omission on part of the bidder. The tender paper will be reject if the bidder charges any clause or annexure of the bid document download from the website. The undersigned reserves the right on reject any or all the tenders without assigning any reason thereof.

Sd./- Principal
Govt. College of Nursing,
DHH Dhenkanal
OIPR-10259/11/0001/2425

e-Tender Notice No.n-146

## OFFICE OF THE DIRECTOR, TEXT BOOK PRODUCTION AND MARKETING

KHARAVEL NAGAR, BHUBANESWAR - 751001
TEL. NO. 0674-2380871 / 72

Bid letter No. 7790 Date : 7.11.24

1. Description of tender : National Tender for Transportation of Nationalised Text books & Allied books from Truck Owners / Transport Agencies / Transport Contractors having registered "Agent License" for transportation of N.T. Books & Allied Books to different district headquater/Blocks all over Odisha for the Academic Session - 2025-26.
2. Date & Time of availability of bid documents in the portal
Start Date & Time : 11.11.2024, 10.00 A.M.
Closing Date & Time : 02.12.2024, 5.00 P.M.
3. Name and address of the O.I.T. O/O the Director, Text Book Production & Marketing, Kharvel Nagar, Bhubaneswar - 751001.

Further details regarding downloading of bid documents, online participation can be seen from the e-procurement portal https:// tendersodisha.gov.in. Subsequent addendum/corrigendum if any require will be hosted on same website. The Director reserves the right to accept or reject (Fully/Partly) tender without assigning any reason thereof.

Sd./- Director
Text Book Production and Marketing
OIPR-02005/11/0016/2425

## OFFICE OF THE EXECUTIVE ENGINEER NATIONAL HIGHWAY DIVISION, BOLANGIR

E-MAIL I.D. : eenhbolangir@gmail.com

E-TENDER CALL NOTICE

Bid Identification No. 03/EE NH (BGR) of 2024-25
No. 2718//Dated 06.11.2024

No.b-14

| | | | |
|---|---|---|---|
| 1 | The **Superintending Engineer, N.H. Division, Bolangir** invites **Percentage Rate bids** for construction of works detailed in the table below in **Single Cover (for 2 nos. works) & Double Cover (for 1 no. work)** system on **ONLINE MODE** from eligible contractors for road works as mentioned below. | | |
| 2 | Nature of work | : | Road Works & Building Works |
| 3 | No. of Work | : | 3 nos. |
| 4 | Tender paper cost | : | Varies from Rs. 6,000.00 to 10,000.00 |
| 5 | E.M.D@1% | : | Varies from Rs. 18,900.00 to Rs. 83,400.00 |
| 6 | Class of Contractor | : | 'D', 'C' & 'B' |
| 7 | Available of Bid Document in the Website | : | From 11.00 hour of 14.11.2024 to 17.00 hour of 27.11.2024 |
| 8 | Date of opening of bid | : | At 11.30 hour of 28.11.2024 |
| 9 | The bidders have to participate in online bidding only. Further details can be seen in the bidding documents from the e-procurement portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
NH Division, Bolangir
OIPR-34101/11/0002/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI

e-mail ID : eepwd.pkl@rediffmail.com

Letter No. 7703 dt.07.11.2024

1st Corrigendum to Bid Identification No. SE, Pkl (R&B) 10/2024-25

**No.B-592** : In partial Modification to this office Bid Invitation Notice referred herein above, the amendment is made as detailed below.

| | | | |
|---|---|---|---|
| 1 | Number of Works Put to Bid | : | 37 (Thirty seven) Only |
| 2 | Estimated Cost put to Bids Varies from | : | Rs. 53.02 Lakh to Rs. 65.23 lakh |
| 3 | Date and Time of availability of Bid Document in the Web Portal | : | From 11:00 A.M. of Dt. 08.11.2024 till 3:00 P.M. of Dt. 22.11.2024 |
| 4 | Date and Time of receipt of Bid Document in the Web Portal | : | From 11:00 A.M. of dt. 08.11.2024 till 3:00 P.M. of Dt. 22.11.2024 |
| 5 | Date of Opening of Bid | : | 5:00 P.M. of Dt. 22.11.2024 |

Sd./- Additional Chief Engineer
(I/C) Superintending Engineer
Panikoili (R&B) Division
OIPR-34067/11/0004/2425

Government of Odisha "e" Procurement Notice

## WORKS DEPARTMENT

Bid Identification No. CCEKC - 25/2024-25

No.B-548

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 5024 dt.29.10.2024

| | | | |
|---|---|---|---|
| 1 | Name of the work | : | Costruction of Deep RCC drain-cum-Road from Ring Road to E-Bus Terminal at Rourkela |
| 2 | Estimated cost | : | Rs. 811.67 Lakhs |
| 3 | Class of Contractor | : | "A" & "Special" Class |
| 4 | Period of completion | : | 11 (Eleven) Calendar Months |
| 5 | Date and Time of availability of Bid document in the portal | : | From 11.30 Hours of 11.11.2024 to 16.00 Hours of 25.11.2024 |
| 6 | Last date / Time for receipt of bids in the portal | : | 16.00 Hours of 25.11.2024 |
| 7 | Date of opening of Bid from Portal | : | 11.30 Hours on 26.11.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http:// tendersodisha.gov.in"

Sd./-
Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0055/2425

No.C-952

## OFFICE OF THE NOTIFIED AREA COUNCIL, BOUDHGARH

e-mail : boudhgarhnac@yahoo.co.in, Ph. No. - 06841-222024

"e" procurement Notice

Bid Identification No. : ORULB/BUD/06/2024-25
Tender Call Notice No. : 2840/dtd. 05.11.2024

| | | | |
|---|---|---|---|
| 1 | Name of work | : | Civil works as mentioned in website |
| 2 | No. of works | : | 01 No. of Civil works |
| 3 | Bid value | : | Rs. 87,28,196/- Lakhs |
| 4 | Date and time of availability, received of the bid documents in the portal | : | From 10.00 A.M. of dt. 11.11.24 to dt. 18.11.2024 up to 5.00 P.,M. only |
| 5 | Bids received online shall be opened on Dt. 19.11.2024 at 11.00 A.M. | | |
| 6 | Submission of original documents | : | On or before 10.30 A.M. of Dt. 19.11.24 |
| 7 | Name & Address of the Officer inviting Bid | : | EXECUTIVE OFFICER, BOUDHGARH NAC |

For further details can be seen from the Procurement portal : www. tendersorissa.gov.in

Sd./- Executive Officer
NAC, Boudhgarh
OIPR-13155/11/0005/2425

## WORKS DEPARTMENT

No.B-552

## OFFICE OF THE SUPERINTENDING ENGINEER

Mayurbhanj (R&B) Division, Baripada
e-mail : bpd_eerb@rediffmail.com

Government of Odisha "e" Procurement Notice

Bid Identification No. - S.E 41/2024-25

| | | | |
|---|---|---|---|
| 1 | Number of works | : | 06 (Six) number of works |
| 2 | Approximate estimated cost | : | 41.96 lakh to 57.83 lakh |
| 3 | Period of Completion | : | 06 (Six) Calendar Months |
| 4 | Date & Time of availability of bid documents in the portal | : | Dt. 11.11.2024 to 25.11.2024 |
| 5 | Last date / Time of receipt of bid in the portal | : | Dt. 25.11.2024 up to 5.00 P.M. |
| 6 | Date of Opening of bid | : | Dt. 26.11.2024 at 11.00 A.M. |
| 7 | Name & address of the Office inviting bid | : | Superintending Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http:// www.tendersodisha.gov.in

Sd./- R.G. Ray
Superintending Engineer
Mayurbhanj (R&B) Division
OIPR-34025/11/0009/2425

# ଝାଡ଼ଖଣ୍ଡକୁ ଭାଜପା ଲେମ୍ବୁ ଭଳି ଚିପୁଡ଼ି ଦେଇଛି: ହେମନ୍ତ

ରାଞ୍ଚି, ୯।୧୧ (ପି.ଟି.)

ଭାଜପା ଝାଡ଼ଖଣ୍ଡକୁ ଦୁଇ ଦଶନ୍ଧି ଧରି ଲେମ୍ବୁ ଭଳି ଚିପୁଡ଼ି ଦେଇଛି ବୋଲି ଜେଏମ୍ଏମ୍ ନେତା ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି। ପିଟିଆଇକୁ ଏକ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ଗରିବ ରାଜ୍ୟଗୁଡ଼ିକର ମେରୁଦଣ୍ଡକୁ ଏହି ଗୈରିକ ଦଳ ଭାଙ୍ଗି ଦେଇଛି। ଡବଲ ଇଞ୍ଜିନ ସରକାର ନାମରେ ଭାଜପା ପରିଚାଳିତ କେନ୍ଦ୍ର ସରକାର ଦେଶର ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିଦେଇଛି। ଅନେକ କ୍ଷେତ୍ରରେ ଅନ୍ୟ ଦଳର ବିଧାୟକ, ସାଂସଦଙ୍କୁ କିଣିଆଣି ସରକାର ଗଢ଼ିବାରେ ଭାଜପା ଧୁରନ୍ଧର ବୋଲି ହେମନ୍ତ ଅଭିଯୋଗ କରିଛନ୍ତି।


ହେମନ୍ତ ସୋରେନ୍

ସେ କହିଛନ୍ତି, ଝାଡ଼ଖଣ୍ଡ ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ। ହେଲେ ଭାଜପା କୌଶଳ କରି ଏଠାରୁ ସବୁ ନେଇଯାଉଥିଲେ ହେଁ ଏଠାକାର ଲୋକଙ୍କୁ ତାହାର ସୁଫଳ ମିଳୁନାହିଁ। ଏହା ହିଁ ହେଉଛି ବିରୋଧାଭାସ। ସେ କହିଛନ୍ତି, 'ଆମେ ଗାଈକୁ ଖାଇବାକୁ ଦେଉଛୁ, କିନ୍ତୁ ଭାଜପା ଦୁହିଁ କ୍ଷୀର ନେଇଯାଉଛି।' କୋଇଲା, ଲୁହାପଥର, ବକ୍ସାଇଟ୍, ଡୋଲୋମାଇଟ୍‌ରେ ଏହି ରାଜ୍ୟ ଭରପୂର ଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ବ୍ୟବସ୍ଥା ଯୋଗୁ ଏଠାକାର ରାଜସ୍ୱ ବାଧାପ୍ରାପ୍ତ ହେଉଛି। ସେ କହିଛନ୍ତି, କୋଇଲା ରାଜସ୍ୱ ବକେୟା ୧ ଲକ୍ଷ ୩୬ ହଜାର କୋଟି ଟଙ୍କା ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବାରମ୍ବାର ଲେଖିଥିଲେ ମଧ୍ୟ ଅଦ୍ୟାବଧି ତାହା ମିଳିପାରି ନାହିଁ। ସେ କହିଛନ୍ତି, ଭାଜପା ବିଭାଜନ ରାଜନୀତି, ହିନ୍ଦୁ-ମୁସଲମାନ ଧ୍ରୁବୀକରଣ ଓ ସାମ୍ପ୍ରଦାୟିକ ଘୃଣାଭାବ ସୃଷ୍ଟି କରି କ୍ଷମତା ହାସଲ କରୁଛି। ଏହାର ନେତାଙ୍କର ବିକାଶ, ନିଯୁକ୍ତି କିମ୍ବା ଅର୍ଥନୈତିକ ଉନ୍ନତି କରିବା ଲାଗି କାର୍ଯ୍ୟସୂଚୀ ନାହିଁ। ଝାଡ଼ଖଣ୍ଡରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ୫ ବର୍ଷ ପୂରା କରୁ ବୋଲି ଭାଜପା ଚାହେଁ ନାହିଁ। ସେଥିପାଇଁ ଏହାର ନେତାମାନେ ଅନ୍ୟ ଦଳରୁ ନେତାଙ୍କୁ ନେବାରେ ଶିକାରୀ ସାଜିଛନ୍ତି ବୋଲି ହେମନ୍ତ ଅଭିଯୋଗ କରିଛନ୍ତି। ଝାଡ଼ଖଣ୍ଡ ନିର୍ବାଚନ ପରିପ୍ରେକ୍ଷୀରେ ହେମନ୍ତଙ୍କ ଏଭଳି ମନ୍ତବ୍ୟ ରାଜନୈତିକ ଚର୍ଚ୍ଚାକୁ ବଢ଼ାଇ ଦେଇଛି।

# ଚାଷୀଙ୍କ ମୁହଁରେ ହସ ଫୁଟାଇବା ମୋଦି ସରକାରଙ୍କ ପ୍ରତିବଦ୍ଧତା: ଧର୍ମେନ୍ଦ୍ର

## ଝାଡ଼ଖଣ୍ଡରେ କିଷାନ ସମ୍ମିଳନୀରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୯।୧୧ (ଅନିଲ ଦାସ)

ଚାଷୀଙ୍କ ମୁହଁରେ ହସ ଫୁଟାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରତିବଦ୍ଧତା। ଗତ ୧୦ ବର୍ଷ ମଧ୍ୟରେ ମୋଦି ସରକାରରେ ଅନ୍ନଦାତାଙ୍କ ଆୟ ବୃଦ୍ଧିକରିବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଝାଡ଼ଖଣ୍ଡ ନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ଶନିବାର ବହଡ଼ାଗୋଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ କିଷାନ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଓଡ଼ିଆ ବହୁଳ ଅଞ୍ଚଳ ପାରୁଳିଆ ପଞ୍ଚାୟତର ତାଡୁଆ ଗ୍ରାମରେ ଦଳୀୟ ପ୍ରାର୍ଥୀ ଦିନେଶାନନ୍ଦ ଗୋସ୍ୱାମୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଚାର କରିଛନ୍ତି। କିଷାନ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି, କୃଷିର ବିକାଶ ଓ ଚାଷୀଙ୍କ କଲ୍ୟାଣ ପାଇଁ ମୋଦି ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି। ଏଥର ଝାଡ଼ଖଣ୍ଡରେ ଭାଜପା ସରକାର ଆସିଲେ ଓଡ଼ିଶା ଭଳି ଧାନର ଏମ୍ଏସ୍‌ପି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ଭାଜପା ସରକାରରେ କୃଷକଙ୍କ ଉନ୍ନତି ଓ ପ୍ରଗତି ହେବ। ମା' ଭଉଣୀମାନଙ୍କ ସମୃଦ୍ଧି, ଯୁବକମାନଙ୍କୁ ଚାକିରି, ଗୁଣାତ୍ମକ ଶିକ୍ଷା ଏବଂ ଝାଡ଼ଖଣ୍ଡର ନିରନ୍ତର ବିକାଶ କରିବା ହେଉଛି ଭାଜପାର ସଂକଳ୍ପ। ଭାଜପା ସରକାର ଆସିଲେ ରାଜ୍ୟରେ ଗୋଗୋ ଦିଦି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୨୧୦୦ ଟଙ୍କା ଦିଆଯିବ। ମୋଦି ସରକାରରେ ଆଦିବାସୀ ଲୋକମାନେ ବିଶେଷ ଲାଭ ପାଇଛନ୍ତି। ପୂର୍ବରୁ ଆଦିବାସୀ ଅଧ୍ୟୁଷିତ ଜିଲାର ଖଣିଜ ସମ୍ପଦକୁ ଶାଗ ମାଛ ମୂଲ୍ୟରେ ପୁଞ୍ଜିପତିମାନଙ୍କୁ ବିକ୍ରି କରାଯାଉଥିଲା। ମାତ୍ର ଆଜି ମୋଦି ସରକାରଙ୍କ ସଂସ୍କାର କାରଣରୁ ଜିଲାର ଅର୍ଥ ଜିଲାରେ ରହୁଛି। ଖଣି ରାଜସ୍ୱ କୋଟି କୋଟି ଟଙ୍କା ବୃଦ୍ଧି ପାଇଛି। ଡିଏମ୍ଏଫ୍ ପାଣ୍ଠିରୁ ମିଳୁଥିବା ଅର୍ଥରାଶିକୁ ଜନଜାତିଙ୍କୁ ମୌଳିକ ସୁବିଧା ଯୋଗାଇବା ଦିଗରେ ସଦୁପଯୋଗ କରାଯାଉଛି। ଅନ୍ୟପଟେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଲୁଟ୍ ମାମଲାରେ ପୂର୍ବରୁ ଜେଲ୍ ଯିବାକୁ ପଡ଼ିଛି। ତେଣୁ ଝାଡ଼ଖଣ୍ଡରେ ବିକାଶ କରିବା ପାଇଁ ପଦ୍ମଫୁଲରେ ଭୋଟ୍ ଦେବାକୁ ଧର୍ମେନ୍ଦ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଶୁକ୍ରବାର ପ୍ରଧାନ ଜାମ୍‌ସେଦପୁରରେ ବସବାସ କରୁଥିବା ଓଡ଼ିଆ ସମୁଦାୟଙ୍କ ସହ ଭେଟ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ଭାବାବେଗକୁ ବଞ୍ଚାଇ ରଖିବା ସହ ଝାଡ଼ଖଣ୍ଡର ବିକାଶ ଓ ଅଭିବୃଦ୍ଧି ଦିଗରେ ଓଡ଼ିଆ ଲୋକଙ୍କର ଥିବା ଅବଦାନକୁ ପ୍ରଶଂସା କରିବା ସହ ଜାମସେଦପୁରକୁ ବିକାଶର ସ୍ରୋତରେ ଆଗେଇ ନେବା ସହିତ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବା ଲାଗି ସେ ନିବେଦନ କରିଥିଲେ।


ବହଡ଼ାଗୋଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ କିଷାନ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଡବଲ ଧୋକା ଦେଲା ଡବଲ ଇଞ୍ଜିନ ସରକାର


ନୟାଗଡ଼ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଅରୁଣ ସାହୁଙ୍କ ସମେତ ଅନ୍ୟାନ୍ୟ ନେତା ଓ ଦଳୀୟ କର୍ମୀ।

## ନୟାଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ନୟାଗଡ଼, ୯।୧୧ (ଲୋକନାଥ ମିଶ୍ର)

ଡବଲ୍ ଇଞ୍ଜିନ ସରକାର ଲୋକଙ୍କୁ ଡବଲ୍ ଧୋକା ଦେଇଛି ବୋଲି ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ନୟାଗଡ଼ ବ୍ଲକ ଓ ପୌର ପରିଷଦ ପକ୍ଷରୁ ଶନିବାର ଅନୁଷ୍ଠିତ ବିଜେଡି ଜନସମ୍ପର୍କ ପଦଯାତ୍ରା ବେଳେ ସ୍ଥାନୀୟ ନେତା କହିଛନ୍ତି। ନୟାଗଡ଼ ଖେଳପଡ଼ିଆରୁ ପଦଯାତ୍ରା ଆରମ୍ଭ ହୋଇ ଶାଳଭଞ୍ଜ ଚୋଟାଠାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ଭାଜପା ସରକାର ମିଛ ପ୍ରତିଶ୍ରୁତି ଦେଉଥିବା କହି ବିଜେଡି ନେତାମାନେ ତାହାର ଜୋରଦାର ବିରୋଧ କରିଥିଲେ। ଦରବୃଦ୍ଧି ନିୟନ୍ତ୍ରଣରେ ସରକାର ବିଫଳ ହୋଇଥିବା ଏବଂ ୩ ହଜାର ଭତ୍ତା ଓ ୩ ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ କୁଆଡ଼େ ଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ମହିଳାଙ୍କୁ ମାସିକ ୧ ହଜାର ଟଙ୍କା ପ୍ରଦାନ ପାଇଁ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଆବଶ୍ୟକ ବୋଲି ମହିଳା ନେତ୍ରୀମାନେ କହିଛନ୍ତି। ଶାଳଭଞ୍ଜ ଚୋଟାଠାରେ ଅନୁଷ୍ଠିତ ସଭାରେ ଡବଲ୍ ଇଞ୍ଜିନ ସରକାର ଡବଲ୍ ଧୋକା ବିଷୟରେ ଉପସ୍ଥିତ ନେତାମାନେ ବକ୍ତବ୍ୟ ରଖିବା ସହ ନବୀନ ଆଜି ବି ଲୋକପ୍ରିୟ ବୋଲି କହିଥିଲେ। ଅରୁଣ କହିଥିଲେ ଏବେକାର ସରକାର ଖାଦ୍ୟ ସୁରକ୍ଷା ଯୋଜନାକୁ ଠିକ୍ ଭାବେ ପରିଚାଳନା କରିପାରୁ ନାହିଁ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଥିଲା। ଭାଜପା ପାଇଁ ଆମ୍ବଟାକୁଆର ଯୁଗ ଆରମ୍ଭ ହେଲା ବୋଲି ସାହୁ କହିବା ସହ ସରକାରଙ୍କୁ ସମାଲୋଚନା କରିଥିଲେ। ବିରୋଧୀ ଦଳରେ ରହି ବିଜେଡି ଲୋକଙ୍କ ସ୍ୱର ହୋଇ କାମ କରିବ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲାର ବିଭିନ୍ନ ବ୍ଲକର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା, ପୌର ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ପ୍ରମୁଖ ସାମିଲ ହୋଇଥିଲେ।

# ଜୟଦେବଙ୍କ ଝିଅ ରାଜନୀତିକୁ ଆସିବା ଚର୍ଚ୍ଚା

**ବଉଳା, ୯।୧୧ (ଦୁର୍ଗାପ୍ରସାଦ ଆୟଚ):** କେନ୍ଦୁଝର ଜିଲା ଆନନ୍ଦପୁରର ପୂର୍ବତନ ବିଧାୟକ ତଥା ପିସିସିର ପୂର୍ବତନ ସଭାପତି ଜୟଦେବ ଯେନାଙ୍କ ଝିଅ ସସ୍ମିତା ଯେନା ରାଜନୀତିକୁ ଆସିବା ନେଇ ଚର୍ଚ୍ଚା ହେଉଛି। ସସ୍ମିତା ଚଳିତବର୍ଷ କାଳୀପୂଜାରେ ଆନନ୍ଦପୁରଠାରୁ ଆରମ୍ଭ କରି ଫକିରପୁର ଏବଂ ହାଟଡିହୀ ବ୍ଲକ୍‌ର ଢେଙ୍କା ଆଦି ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଏଥିସହ ସ୍ଥାନୀୟ ନେତୃମଣ୍ଡଳୀ ଓ କର୍ମିଟି କର୍ମକର୍ତ୍ତାଙ୍କ ସହ ଯେଭଳି ଭାବେ ମିଶିଥିବା ଦେଖାଯାଇଛି, ସେଥିରୁ ତାଙ୍କ ରାଜନୀତି ପ୍ରବେଶ ନେଇ ଆଭାସ ମିଳିଥିବା ଜଣାପଡ଼ିଛି।

୪ ଥର ବିଧାୟକ ଜୟଦେବ ଯେନା ୧୯୮୦ରୁ ରାଜନୀତିକୁ ଆସିଥିଲେ। ମନ୍ତ୍ରୀପଦ ମଧ୍ୟ ପାଇଥିଲେ। ସେ ଗତ ନିର୍ବାଚନରେ ହାରିଥିଲେ ମଧ୍ୟ ଭୋଟ ହାରରେ ଦ୍ୱିତୀୟ ସ୍ଥାନରେ ଥିଲେ। ବଡ଼ ପୁଅ ସଂଗ୍ରାମଙ୍କ ଦେହାନ୍ତ ପରେ ସାନପୁଅ ମନୋଜ ୨୦୨୪ ନିର୍ବାଚନରେ ପିତାଙ୍କ ରାଜନୈତିକ ମଙ୍ଗ ଧରିଥିଲେ। ଜୟଦେବଙ୍କ ଘର ହାଟଡିହୀ ବ୍ଲକ୍ ସଙ୍ଗଣା ଗ୍ରାମରେ ହୋଇଥିବାରୁ ତାଙ୍କ ଝିଅ ନିଜ ଅଞ୍ଚଳରେ ସଂଗଠନକୁ ମଜଭୁତ କରୁଥିବା ଲୋକେ କୁହାକୁହି ହେଉଛନ୍ତି।

# ବିଜେଡି ସମର୍ଥକ ସରପଞ୍ଚଙ୍କ ହାତ: ଭାଜପା

## ଆର୍‌ଟିଆଇ କର୍ମୀଙ୍କୁ ଆକ୍ରମଣ ଘଟଣା

ଯାଜପୁର, ୯।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାହାସୋଇ ପଞ୍ଚାୟତରେ ସରକାରୀ ଅନୁଦାନ ହରିଲୁଟ୍ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ବଢ଼ିବାରେ ଲାଗିଥିବା ଅଭିଯୋଗ ହେଉଛି। ଏନେଇ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ସମସ୍ତ ପ୍ରକଳ୍ପର ସବିଶେଷ ତଥ୍ୟ ମାଗିବାରୁ ଆର୍‌ଟିଆଇ କର୍ମୀ ଅଶୋକ କୁମାର ପତି ଏବଂ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବାବେଳେ ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ କହିଛନ୍ତି, ଯେଉଁମାନେ ଆକ୍ରମଣ କରିଛନ୍ତି ସେମାନେ ସରପଞ୍ଚଙ୍କ ସମର୍ଥକ। ଏହି ଘଟଣାରେ ବଡ଼ବଡ଼ିଆଙ୍କ ହାତ ରହିଛି। ସମ୍ପୃକ୍ତ ସରପଞ୍ଚ ବିଜେଡିର ସମର୍ଥକ ହୋଇଥିବାବେଳେ ରାହାସୋଇ ପଞ୍ଚାୟତରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରି ବାସ୍ତବତା ଲୋକଲୋଚନକୁ ଆସିବା କଥା। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ତତ୍ପରତା ପ୍ରକାଶ କରିଥିବା ରାୟ କହିଛନ୍ତି। ସେହିପରି ବିଞ୍ଝାରପୁରରେ ଗତ ବିଧାନସଭା ନିର୍ବାଚନରେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ବବିତା ମଲ୍ଲିକ କହିଛନ୍ତି, ରାଜ୍ୟରେ ୨୪ ବର୍ଷର ବିଜେଡି ସରକାରର ପତନ ଘଟିଥିଲେ ସୁଦ୍ଧା ସେହି ଦଳର କର୍ମୀମାନଙ୍କ ଅହଙ୍କାରର ପତନ ଘଟିନାହିଁ। ଯେଉଁ ବିଜେଡି ଦିନେ ମା'କୁ ସମ୍ମାନ ଗାଁକୁ ଯାଇ କାମ କର ସ୍ଲୋଗାନ ଦେଉଥିଲା, ତାହାର ଓଲଟା ରାହାସୋଇ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଘଟଣା ସମ୍ପର୍କରେ ବିଞ୍ଝାରପୁରରୁ ୭ ଥର ନିର୍ବାଚିତ ବିଧାୟିକା ଓ ବିଜେଡି କାହିଁକି ଚୁପ୍ ବୋଲି ବବିତା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ଘଟଣାର ପୋଲିସ ତଦନ୍ତ କରୁଛି। ଯିଏ ଦୋଷୀ, ସେମାନେ ନିଶ୍ଚିତ ଭାବେ ଦଣ୍ଡ ପାଇବା ଆବଶ୍ୟକ। ଯେଉଁ ଘଟଣାଟି ଘଟିଛି ତାହା ଆଦୌ ଗ୍ରହଣୀୟ ନୁହେଁ।

# ମାଣ୍ଡିପଙ୍କା ଆସି ୩ ଘଣ୍ଟା ସମୟ ଦିଅନ୍ତୁ ମୁଖ୍ୟମନ୍ତ୍ରୀ: ବିଜୟ


ମାଣ୍ଡିପଙ୍କା ଅଞ୍ଚଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର।

ଦାରିଙ୍ଗବାଡ଼ି, ୯।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କାରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ପୃକ୍ତ ଅଞ୍ଚଳକୁ ଆସି ୩ ଘଣ୍ଟା ସମୟ ଦିଅନ୍ତୁ ବୋଲି ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି। ଶନିବାର ମାଣ୍ଡିପଙ୍କାରେ ସେ ମୃତକ ଓ ଅସୁସ୍ଥଙ୍କ ପରିବାର ଲୋକଙ୍କୁ ଭେଟିବା ପରେ ଏହା କହିଛନ୍ତି।

କେଉଁ ପରିସ୍ଥିତିରେ ଲୋକେ ଆମ୍ବଟାକୁଆ ଜାଉ ଖାଇଥିଲେ ସେନେଇ ବିଜୟ ପଚାରି ବୁଝିଥିଲେ। ଗାଁରେ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଚାଉଳ ମିଳୁ ନ ଥିବା ବେଳେ ଏବେ ନଭେମ୍ବରରେ ପ୍ରଦାନ କରାଗଲା ବୋଲି ଗ୍ରାମବାସୀ ତାଙ୍କୁ ଜଣାଇଥିଲେ। ଅଞ୍ଚଳରେ ନେଟୱର୍କ ନ ଥିବାରୁ ସେମାନେ ରାଶନ କାର୍ଡକୁ ଇ-କେୱାଇସି କରିପାରି ନ ଥିଲେ, ଯଦ୍ୱାରା ସେମାନଙ୍କୁ ଚାଉଳ ମିଳୁ ନ ଥିଲା ବୋଲି ସେ ଜାଣିବାକୁ ପାଇଥିଲେ। ଏକ ଖବରଦାତା ସମ୍ମିଳନୀରେ ବିଜୟ କହିଛନ୍ତି, ମାଣ୍ଡିପଙ୍କାର ସ୍ଥିତି ଜଟିଳ। ଲୋକଙ୍କୁ ଯଦି ପ୍ରତିମାସରେ ଚାଉଳ ମିଳିଥା'ନ୍ତା, ତେବେ ସେମାନେ ଏଭଳି ଆମ୍ବଟାକୁଆ ଜାଉ ଖାଇ ନ ଥାନ୍ତେ। ଏବେ ଏଠାରେ ଜିଲା ପ୍ରଶାସନ ୧ ମାସ ରିଲିଫ୍ ଭାବେ ରନ୍ଧାଖାଦ୍ୟ ଦେବା ସହ କ୍ୟାମ୍ପ କରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ତାଙ୍କ ସହ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


## Government of Odisha
### Higher Education Department

No.N-125:

**Timeline for SPOT Admission into U.G., P.G. & 2 years B.Ed./ M.Ed. Courses in the Higher Education Institutions participating under SAMS for the Academic Session: 2024-25**

- This is to inform all concerned that admission to the remaining vacant seats in U.G., P.G. and 2 years B.Ed. /M.Ed. courses at the Higher Education Institutions participating under SAMS will be conducted through a SPOT admission process.
- The eligibility for the aforementioned courses are mentioned in the Common Prospectus available on the SAMS portal. Accordingly, the applicants are hereby instructed to fill-up the Common Application Form by visiting the SAMS portal as per the timeline mentioned below.
- In this SPOT admission process for admission into P.G. & B.Ed./M.Ed. Courses, applicants must have appeared in the CPET-2024 & B.Ed./M.Ed. Entrance Examination respectively and must have obtained a rank.
- In the SPOT admission process, both admitted and non-admitted students are eligible to participate in U.G., P.G. & 2 years B.Ed. /M.Ed. Courses.
- If an applicant has taken admission in any of the HEIs in earlier Phase(s) and got selected in this SPOT admission round, s/he has to obtain the CLC physically from the last admitted HEI within maximum 7 days( on or before 28th Nov, 2024) from the date of selection.
- The selection of the applicants will be done purely on merit basis. There will be no reservation and weightage for this SPOT admission round.
- In the SPOT round, applicants can apply for minimum one (1) and maximum three (3) options (HEI + Subject), where seats are available for admission into U.G., P.G & 2 years B.Ed. /M.Ed, courses.
- Before applying, applicants can view the number of seats available in their desired subjects and HEIs by visiting the "Individual College Profile" option on the SAMS portal for each course.
- As per the timeline, the rank-wise merit list of the applicants will be made available in the HEI's e-Space.
- Applicants who apply for this SPOT admission round must report to their chosen HEI physically with the required documents and remain present until 03.45 PM of the reporting date to participate in the SPOT admission process. Applicants who do not report within this timeframe will not be permitted to participate.
- Further, the HEIs will prepare the merit list among the reported applicants and publish the same on their Notice Board. The selected applicants will be informed by the HEIs to validate their documents and pay the full admission fees directly at the respective HEI and complete their admission process.
- The HEIs are requested to fill up the remaining vacant seats by calling the reported applicants rank wise till the last date of admission updation.
- The timeline for all the aforementioned courses are as mentioned below.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 11-Nov-2024 (04.00 PM) |
| 2 | Last date of applying the online CAF through SAMS portal | 15-Nov-2024 (11:45 PM) |
| 3 | Publication of Rank wise list of applicants in HEI's e-Space as well as in the Student's Login | 19-Nov-2024 (04.00 PM) |
| 4 | Reporting of the applicants physically at the HEIs along with the relevant documents for participating in the SPOT admission round | 21-Nov-2024 (10.00 AM to 03:45 PM) |
| 5 | HEIs will prepare and publish the merit list among those reported applicants on their notice board and communicate to the selected applicants for validation of documents and payment of total admission fees directly at the concerned HEIs. | 21-Nov-2024 (04:30 PM) |
| 6 | Admission updation of the selected applicant's data in the e-space by the respective HEIs. | 21-Nov-2024 (04:30 PM) to 28-Nov-2024 (11:45 PM) (Except Holiday) |

**For more details please contact: e-Admission Helpline (Toll Free) Number 155335/ 1800-345-6770**

N.B.: Applicants who have already applied in the earlier Phase (s) should login to the SAMS Portal using their existing username and password and fill up a new Common Application Form (CAF) with the required information to get the CAF Fees exemption. **However, the new applicants will be required to pay the CAF fees as mentioned in the Common Prospectus.**

**Sd./- Deputy Director, PTC Section**

OIPR-11001/11/0033/2425



## ODISHA PUBLIC SERVICE COMMISSION, CUTTACK
### NOTICE

**No.6340/ P.S.C., Dt.08.11.2024**

**No.D-173:** It is for information of all 47 (02-w) provisionally qualified candidates for recruitment to the posts of Lecturers in Mechanical Engineering, pursuant to Advt. No.01 of 2023-24 that, **Document Verification & Interview (Personality Test)** for the said post will be held on 19.11.2024 & 20.11.2024 respectively, in the Office of the Commission, at 19, Dr. P.K. Parija Road, Cuttack- 753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Team | Time of reporting by the candidates | Time of Document verification | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | 100952, 100964, 100994, 101013, 201038,201071, 201113, 201163, 305327 = 9 Candidates | 19.11.2024 | Team I | 08.00 A.M. | 8.30 A.M. | 10.30 A.M. |
| | 305355, 305407, 305442, 305447, 305551, 305558, 305560 = 07 Candidates | | | 12.00 P.M. | 12.30 P.M. | 2.30 P.M. |
| 2. | 305592, 305595, 305626, 305709, 305712, 305788, 305893, 305928, 305934 = 09 Candidates | 19.11.2024 | Team II | 08.00 A.M. | 8.30 A.M. | 10.30 A.M. |
| | 305987, 306073, 306136, 306282, 306286,306288, 306464 =07 Candidates | | | 12.00 P.M. | 12.30 P.M. | 2.30 P.M. |
| 3. | 306623, 306704, 306705, 306720, 401683, 401784, 401785, 401881 = 08 candidates | 20.11.2024 | Team I | 08.00 A.M. | 8.30 A.M. | 10.30 A.M. |
| 4. | 401900, 501420, 501439, 501467, 501548, 501565, 501571 = 07 candidates | 20.11.2024 | Team II | 08.00 A.M. | 8.30 A.M. | 10.30 A.M. |

The candidates are required to produce following **original documents along with self-attested photocopies of all certificates/documents at the time of document verification failing which their candidature will be rejected.**

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. Or equivalent certificate** in support of declaration of age.
4. **Intermediate/+ 2 / Diploma examination Certificate** issued by the concerned Board/ Council.
5. **B.E./B.Tech.** Degree Certificate in **Mechanical Engineering** from a recognized University.
6. **M.E/M.Tech**. Degree Certificate from a recognized University, wherever applicable.
7. **Marksheets** of the above examinations passed (HSC to B.E./B.Tech. Degree or M.E./M. Tech. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested),** which has been uploaded with online application form.
17. **No objection Certificate** (in case of in-service candidates), wherever applicable.
18. **Document in support of Identity.** (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANDIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**Sd./- Secretary**

OIPR-12002/11/0090/2425

# ବିବାହ ଖର୍ଚ୍ଚ ଆକଳନ ୪.୨୫ ଟ୍ରିଲିୟନ

## ନଭେମ୍ବରରୁ ଡିସେମ୍ବର ମଧ୍ୟରେ ୩୫ ଲକ୍ଷ ବାହାଘର

ନୂଆଦିଲ୍ଲୀ,୯।୧୧



ଆଉ ଦିନ କେଇଟା ପରେ ସାରା ଦେଶରେ ବିବାହ ଉତ୍ସବ ଆରମ୍ଭ ହେବାକୁ ଯାଉଛି। ୨୦୨୪ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ଚଳିତ ଥରର ବିବାହ ଋତୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି। ଜୀବନରେ ବିବାହ ଏକ ବଡ ପର୍ବ ହୋଇଥିଲାବେଳେ ଏଥିରେ ମଧ୍ୟ ଏକ ବୃହତ୍ କାରବାର ସବୁ କ୍ଷେତ୍ରକୁ ଚଳଚଞ୍ଚଳ କରାଇବା ସହିତ ବଜାର ଅଂଶ ମଧ୍ୟ ବଢ଼ାଇବାରେ ବିବାହ ଋତୁ ବଡ ଭୂମିକା ଗ୍ରହଣ କରିଥାଏ। ଅପରପକ୍ଷରେ ବିବାହ ଉତ୍ସବ ଯୋଗୁ ଉଭୟ କାରବାର ଓ କର୍ମନିଯୁକ୍ତି କ୍ଷେତ୍ରରେ ମଧ୍ୟ ନୂଆ ସମ୍ଭାବନା ସୃଷ୍ଟି ହୋଇଥାଏ। ଉଲ୍ଲେଖଯୋଗ୍ୟ, ୨୦୨୪ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ପ୍ରାୟ ୩୫ ଲକ୍ଷ(୩.୫ମିଲିୟନ) ବାହାଘର ସାଙ୍ଗକୁ ବିବାହ ଖର୍ଚ୍ଚ ୪.୨୫ ଟ୍ରିଲିୟନ ଛୁଇଁବ ବୋଲି କନ୍‌ଫେଡରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ଆକଳନ କରାଯାଇଛି। ଏପରିକି ସାରା ବିଶ୍ୱରେ ଭାରତ ଦ୍ୱିତୀୟ ସର୍ବବୃହତ୍ ବିବାହ ବଜାର ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ସିଏଆଇଟି ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ୨୦୨୩ର ଏହି ଅବଧି ମଧ୍ୟରେ ପ୍ରାୟ ୩.୨ ମିଲିୟନ ବିବାହ ଉତ୍ସବ ଆୟୋଜିତ ହୋଇଥିଲାବେଳେ ବିବାହ ଖର୍ଚ୍ଚ ୪ ଟ୍ରିଲିୟନରୁ ଅଧିକ ଥିଲା। ଏପରିକି ବିବାହ ଉତ୍ସବ ପାଇଁ ସୁନା ବଜାରଠାରୁ ଆରମ୍ଭକରି ଫ୍ୟାଶନ ବଜାର ପର୍ଯ୍ୟନ୍ତ କାରବାର ବେଶ୍ ଉତ୍ସାହଜନକ ରହିଥିଲାବେଳେ ଟେଣ୍ଟ ହାଉସଠାରୁ ଆରମ୍ଭକରି କ୍ୟାଟରିଂ ସେବା କ୍ଷେତ୍ରରେ କର୍ମନିଯୁକ୍ତି ୨ ଗୁଣ ବୃଦ୍ଧି ପାଇଥିଲା। ଅପରପକ୍ଷରେ ଫୁଲବଜାର ଓ ଟ୍ରାଭେଲ ବଜାରର କାରବାର ଓ କର୍ମନିଯୁକ୍ତିରେ ନୂଆ ସମ୍ଭାବନା ସୃଷ୍ଟି ହୋଇଥିଲା। ଅପରପକ୍ଷରେ ବଜାର ଶେୟାର ଓ କାରବାରରେ ମଧ୍ୟ ବେଶ୍ ପ୍ରଭାବ ପଡ଼ିଥିଲା। କାରଣ କପଡ଼ାଠାରୁ ଆରମ୍ଭକରି ରାଶନ ସାମଗ୍ରୀ ପର୍ଯ୍ୟନ୍ତ ବିବାହ ଉତ୍ସବରେ ସର୍ବାଧିକ ଅତ୍ୟାବଶ୍ୟକ ଭାବେ ବ୍ୟବହାର ହୋଇଥାଏ।

## ଭାରତ ଭାଲ୍ୟୁ ଫଣ୍ଡ୍ ଠାରୁ ୩୫କୋଟିର ନିବେଶ ହାସଲ

ନୂଆଦିଲ୍ଲୀ,୯।୧୧

ପ୍ରାଇଭେଟ୍ ପ୍ଲେସ୍‌ମେଣ୍ଟ ଜରିଆରେ ହଲଦୀରାମ ଭୁଜିଆୱାଲା ପାଣ୍ଟୋମାଥର ଭାରତ ଭାଲ୍ୟୁ ଫଣ୍ଡ (ବିଭିଏଫ୍) ଠାରୁ ସଂଖ୍ୟାଲଘୁ ଅଂଶଧନ ବଦଳରେ ୨୩୫କୋଟି ଟଙ୍କାର ନିବେଶ ହାସଲ କରିଛି। ଏପରିକି ହଲଦୀରାମ ଭୁଜିଆୱାଲା ପକ୍ଷରୁ ପ୍ରଭୁଜୀ ବ୍ରାଣ୍ଡ୍ ନାମରେ ଏହାର ଉତ୍ପାଦ ବିକ୍ରି କରାଯାଉଛି। ସେହିଭଳି ଭାରତରେ ସ୍ନାକ୍ସ ହେଉଛି ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର, ଯାହାର ପରିମାଣ ୨୦୨୩-୨୪ ଆର୍ଥିକ ବର୍ଷରେ ୪୨୬ ବିଲିୟନ ଟଙ୍କା ଥିଲା ଏବଂ ୨୦୩୧-୩୨ ଆର୍ଥିକ ବର୍ଷ ସୁଦ୍ଧା ତାହା ବାର୍ଷିକ ୧୧% ହାରରେ ଆଗକୁ ବଢ଼ି ୯୫୫ବିଲିୟନ ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସ୍ନାକ୍ସ ଶିଳ୍ପରେ ହଲଦୀରାମ ଭୁଜିଆୱାଲାର ଦୀର୍ଘ ୬ ଦଶନ୍ଧିରୁ ଅଧିକ ସମୟର ଦୃଢ଼ ପରମ୍ପରା ରହିଛି।

## ବଂଶୀଧର ସିଜିୟୁର ନୂଆ କୁଳପତି

ଭୁବନେଶ୍ୱର,୯।୧୧(ଅନୁରାଧା ମହାରଣା)


ବଂଶୀଧର ମାଝୀ

ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ(ସିଜିୟୁ)ର ନୂତନ କୁଳପତି ଭାବେ ପ୍ରଫେସର ବଂଶୀଧର ମାଝୀ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ମାଝୀ ଆର୍‌ଇସି ରାଉରକେଲା (ବର୍ତ୍ତମାନ ଏନ୍‌ଆଇଟି)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂରେ ପିଏଚ୍‌ଡି କରିଛନ୍ତି। ସେ ଏହାପୂର୍ବରୁ ଏନ୍‌ଆଇଟି ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂ ବିଭାଗରେ ଜଣେ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ। ଏଥିସହ ସେ ଭିଏସ୍‌ଏସ୍‌ୟୁଟି ବୁର୍ଲାର କୁଳପତି ଏବଂ ଚେନ୍ନାଇର ଆଇଆଇଟିଡିଏମ୍ କାଞ୍ଚିପୁରମ୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଶିକ୍ଷାଦାନ, ଅନୁସନ୍ଧାନ ଓ ପ୍ରଶାସନରେ ୩୩ ବର୍ଷରୁ ଅଧିକ ଏବଂ ଶିଳ୍ପ କ୍ଷେତ୍ରରେ ୩ ବର୍ଷର ଅଭିଜ୍ଞତା ରହିଛି। ବିଶ୍ୱବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରାଉତ, ଆଡ୍‌ଭାଇଜର ପ୍ରଫେସର ଗଣପତି ପଣ୍ଡା, ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ ପ୍ରମୁଖ ପ୍ରଫେସର ମାଝୀଙ୍କୁ ସ୍ୱାଗତ କରିଛନ୍ତି।

## ଟାଟା ଇଣ୍ଡିଆ ଇନୋଭେଶନ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର,୯।୧୧

ଟାଟା ଆସେଟ ମ୍ୟାନେଜମେଣ୍ଟ (ଟିଏଏମ୍)ର ନୂତନ ଉତ୍ପାଦ 'ଟାଟା ଇଣ୍ଡିଆ ଇନୋଭେଶନ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏକ ଅଭିନବ ରଣନୀତି ଓ ବିଷୟ ଗ୍ରହଣକରି ଲାଭବାନ୍ ହେବାକୁ ଚାହୁଁଥିବା କମ୍ପାନୀଗୁଡ଼ିକରେ ନିବେଶ କରିବା ସହ ନିବେଶକମାନଙ୍କୁ ଦୀର୍ଘକାଳୀନ ଭିତ୍ତିରେ ପାଣ୍ଠି ବୃଦ୍ଧିର ସୁଯୋଗ ପ୍ରଦାନ କରିବା ଲାଗି ଏହି ଫଣ୍ଡର ଶୁଭାରମ୍ଭ କରାଯାଇଛି। ଟିଏଏମ୍‌ର ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ୨୦୨୪ ନଭେମ୍ବର ୧୧ରେ ଖୋଲିବ। ଏହି ଫଣ୍ଡରେ ସେହି କମ୍ପାନୀଗୁଡ଼ିକୁ ଚୟନ କରିବା ଉପରେ ଗୁରୁତ୍ୱାରୋପ କରାଯିବ, ଯେଉଁମାନେ ରୂପାନ୍ତରିତ ନବସୃଜନ ଯଥା ଗବେଷଣା ଓ ବିକାଶକୁ ବ୍ୟବହାର କରିବା, ମେଶିନ ଲର୍ନିଂ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଡିଜିଟାଲ ରୂପାନ୍ତରଣ ଉପରେ ଧ୍ୟାନ ଦେଉଛନ୍ତି। ଏ ସମ୍ପର୍କରେ ଟିଏଏମ୍‌ର ସିବିଓ ଆନନ୍ଦ ବର୍ଦ୍ଧରାଜନ କହିଛନ୍ତି, ନିବେଶରେ ଦୁଇଟି ବିଷୟ ଗୁରୁତ୍ୱପୂର୍ଣ୍ଣ ରହିଛି। ତାହା ହେଉଛି ଆଗାମୀ ୧୦ରୁ ଅଧିକ ବର୍ଷ ପାଇଁ ଏକ କମ୍ପାନୀ ଚିହ୍ନଟ କରିବା ଏବଂ ଆଗାମୀ ଦଶନ୍ଧି ମଧ୍ୟରେ ଟଙ୍କା ରୋଜଗାର କରିବାର କ୍ଷମତା ହାସଲ କରିବା। ସେହିଭଳି ଟିଏଏମ୍‌ର ସିଆଇଓ ରାହୁଲ ସିଂହ କହିଛନ୍ତି, ଭାରତରେ ଅର୍ଥ,ସ୍ୱାସ୍ଥ୍ୟ, ପ୍ରଯୁକ୍ତି, ଗମନାଗମନ ସମାଧାନ, ଉପଭୋକ୍ତା ପ୍ରଯୁକ୍ତି ବିଦ୍ୟା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଡିଜିଟାଲାଇଜେଶନ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ବୈଶ୍ୱିକ ଉଦ୍ଭାବନ ମାନ୍ୟତାରେ ଆମର କ୍ରମାଗତ ବୃଦ୍ଧିକୁ ଆଧାରକରି ଆମେ ଡିଜିଟାଲ ବାଣିଜ୍ୟ, ସବୁଜ ଗମନାଗମନ, ଇଭି ବ୍ୟାଟେରି ଭିତ୍ତିଭୂମି, ମହାକାଶ ଜ୍ଞାନକୌଶଳ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରୁଛୁ। ଟାଟା ଇଣ୍ଡିଆ ଇନୋଭେଶନ ଫଣ୍ଡ ଏହି ପରିବର୍ତ୍ତନଗୁଡ଼ିକ ଉପଯୋଗ କରିବା ପାଇଁ ପ୍ରସ୍ତୁତ କରାଯାଇଛି,ଯାହା ନିବେଶକମାନଙ୍କୁ ଏହି ଉଦ୍ଭାବନ ତରଙ୍ଗ ନେତୃତ୍ୱ ନେଉଥିବା କମ୍ପାନୀଗୁଡ଼ିକର ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରୁଛି। ଦେଶ ଏକ ନୂଆ ଡିଜିଟାଲ ଯୁଗରେ ପ୍ରବେଶ କରୁଥିବାବେଳେ ଭାରତର ଆର୍ଥିକ ସେବା ଶିଳ୍ପ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିକୁ ବ୍ୟବହାରକରି ସାରା ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସମ୍ପ୍ରସାରଣ କରୁଛି।

## ପରିବହନ କ୍ଷେତ୍ରରେ ଏୟାର ଓର୍‌କା ନୂଆ ସମ୍ଭାବନା

ଭୁବନେଶ୍ୱର,୯।୧୧



ବର୍ତ୍ତମାନ ସମୟରେ ପରିବହନ ସେବା ଏକ ପ୍ରମୁଖ ସମସ୍ୟା ହୋଇଥିଲାବେଳେ ପରିବହନ କ୍ଷେତ୍ରରେ ଡ୍ରୋନ୍‌ର ଉପଯୋଗ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏପରିକି ବିପର୍ଯ୍ୟୟ ମୁକାବିଲାଠାରୁ ଆରମ୍ଭକରି ଅତ୍ୟଧିକ ଉଚ୍ଚ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ଓ ପରିଚାଳନା ପର୍ଯ୍ୟନ୍ତ ଡ୍ରୋନ୍ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରାଯାଉଛି। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଓଡ଼ିଶାରେ ଏକ ଅତ୍ୟାଧୁନିକ ତଥା ଭାରତର ପ୍ରଥମ ଫୁଲି ଅଟୋନୋମସ୍ ଲଜିଷ୍ଟିକ୍ସ ଡ୍ରୋନ୍ ଏୟାର ଓର୍‌କାର ଔପଚାରିକ ଶୁଭାରମ୍ଭ ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟର ପ୍ରମୁଖ ଟେକ୍ ଷ୍ଟାର୍ଟଅପ୍ ବନ୍ ଭି ଏରୋ ପକ୍ଷରୁ ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି କ୍ୟାମ୍ପସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ପ୍ରଥମ ଫୁଲି ଅଟୋନୋମସ୍ ଲଜିଷ୍ଟିକ୍ସ ଡ୍ରୋନ୍ ଏୟାର ଓର୍‌କାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଟେସ୍‌ଲା ଏବଂ ହଟ୍‌ମେଲ୍ ଭଳି କମ୍ପାନୀରେ ପୁଞ୍ଜିନିବେଶ ପାଇଁ ଜଣାଶୁଣା ପ୍ରଖ୍ୟାତ ଉଦ୍ୟୋଗପତି ଟିମ୍ ଡ୍ରେପରଙ୍କ ସମେତ ଇନ୍‌ଫ୍ଲୁଏନ୍ସ ପଏଣ୍ଟ ଭେଞ୍ଚର୍ସ, ହେଡ୍‌ଷ୍ଟାର୍ଟ, ବିୟଣ୍ଡ ଭେଞ୍ଚର୍ସ, ଇଣ୍ଡସ୍ ବ୍ରିଜ୍ ଭେଞ୍ଚର୍ସ, ଆଇଆଇଟି ମଣ୍ଡି କ୍ୟାଟାଲିଷ୍ଟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭଳି ଅନେକ ଶିଳ୍ପ ବିଶେଷଜ୍ଞ ଓ ନିବେଶକଙ୍କ ଉପସ୍ଥିତି ଦ୍ୱାରା ଭାରତର ଡ୍ରୋନ୍ ଏବଂ ଲଜିଷ୍ଟିକ୍ ଟେକ୍ନୋଲୋଜିରେ ଏହି ନୂତନ ମାଇଲଖୁଣ୍ଟର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଏ ସମ୍ପର୍କରେ ବନ୍ ଭି ଏରୋର ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, ଏୟାର ଓର୍‌କାର ଶୁଭାରମ୍ଭ ଭାରତର ପରିବହନ କ୍ଷେତ୍ର ଏବଂ ଓଡ଼ିଶା ଭିତ୍ତିକ କମ୍ପାନୀ ଭାବେ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଚିହ୍ନିତ କରିଛି। ଏହି ଡ୍ରୋନ୍‌କୁ ସ୍ୱଦେଶୀ ଭାବେ ବିକାଶ ଓ ନିର୍ମାଣ କରିବା ସହିତ ଆମକୁ ଭାରତର ସ୍ୱତନ୍ତ୍ର ଆବଶ୍ୟକତା ପାଇଁ ମଧ୍ୟ ଅନୁମତି ମିଳିଛି। ସେହିଭଳି ଟିମ୍ ଡ୍ରେପର କହିଛନ୍ତି, ଓଡ଼ିଶାରେ ଏୟାର ଓର୍‌କାର ଶୁଭାରମ୍ଭ ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ଏୟାର ଓର୍‌କା ଭଳି ଅଟୋନୋମସ୍ ଡ୍ରୋନ୍‌ଗୁଡିକ ବିପର୍ଯ୍ୟୟ ମୁକାବିଲାଠାରୁ ଆରମ୍ଭକରି ଅତ୍ୟଧିକ ଉଚ୍ଚସ୍ଥାନରେ ପରିଚାଳନା ପର୍ଯ୍ୟନ୍ତ ଅସଂଖ୍ୟ ବ୍ୟବହାର ମାମଲା କ୍ଷେତ୍ରରେ ପହଞ୍ଚ,ନମନୀୟତା ଓ ନିର୍ଭରଯୋଗ୍ୟତା ବିସ୍ତାର କରି ଆଧୁନିକ ପରିବହନ ପାଇଁ ବ୍ୟାବହାରିକ ସମାଧାନ ପ୍ରଦାନ କରୁଛି।

## ରିଲାଏନ୍ସ ଫାଉଣ୍ଡେଶନର ନୂତନ ଅଭିଯାନ

ଭୁବନେଶ୍ୱର,୯।୧୧ (ଅଭୟ ଦାଶ)

ରିଲାଏନ୍ସ ଇଣ୍ଡଷ୍ଟ୍ରିର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ରିଲାଏନ୍ସ ଫାଉଣ୍ଡେଶନର ନୂତନ ଅଭିଯାନ 'ଜନସ୍ୱାସ୍ଥ୍ୟ ବିପଦ ପରିଚାଳନା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଓଡ଼ିଶାର ଲୋକମାନଙ୍କୁ ଜନସ୍ୱାସ୍ଥ୍ୟ ପରିଚାଳନା ପାଇଁ ଆବଶ୍ୟକ ସଚେତନତା ଓ ସଶକ୍ତ କରିବାକୁ ଫାଉଣ୍ଡେଶନ ଉଦ୍ୟମ ଆରମ୍ଭ କରିଛି। ଏପରିକି ବାତ୍ୟା 'ଦାନା' ପରବର୍ତ୍ତୀ ସମୟରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ତୃଣମୂଳସ୍ତରର ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅପରପକ୍ଷରେ ଶୁକ୍ରବାର ବାଲେଶ୍ୱର ଜିଲା ସୋରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଜନସ୍ୱାସ୍ଥ୍ୟ ବିପଦ ପରିଚାଳନା ଉପରେ ପ୍ରଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ) ଆୟୋଜିତ ହୋଇଯାଇଛି। ନିକଟରେ ଭଦ୍ରକ ଜିଲା ତିହିଡ଼ିଠାରେ ମଧ୍ୟ ସମାନ ଧରଣର ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ବାତ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରେ ରୋଗ ପ୍ରକୋପକୁ ରୋକିବା ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ସ୍ଥାନୀୟ ପ୍ରଶିକ୍ଷକମାନଙ୍କୁ ଅତ୍ୟାବଶ୍ୟକ କୌଶଳ ଓ ଜ୍ଞାନ ପ୍ରଦାନ ଜରିଆରେ ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶାରେ ବାତ୍ୟା ଦାନା ତଥା ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କ ପାଇଁ ସୁରକ୍ଷିତ ଓ ସୁସ୍ଥ ପରିବେଶ ସୃଷ୍ଟିକରିବା ନେଇ ଉଦ୍ୟମ ଜାରି ରଖିଛି। ସେହିଭଳି ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ବାତ୍ୟା ଦାନା ଏବଂ ପରବର୍ତ୍ତୀ ବନ୍ୟା ପରିସ୍ଥିତି ଦ୍ୱାରା ପ୍ରଭାବିତ ସ୍ଥାନୀୟ ଲୋକଙ୍କୁ ଫସଲ ସୁରକ୍ଷା ପଦକ୍ଷେପ ସହିତ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ ସହାୟତା ଏବଂ ଜନସ୍ୱାସ୍ଥ୍ୟ ଅଭିଯାନ ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ରିଲାଏନ୍ସ ଫାଉଣ୍ଡେଶନ ବାତ୍ୟା ଓ ପରବର୍ତ୍ତୀ ସମୟରେ କାର୍ଯ୍ୟ ପାଇଁ ଅକ୍ଳାନ୍ତ ପ୍ରୟାସକୁ ଓଡ଼ିଶା ସରକାର ଓ ଭଦ୍ରକ ଜିଲା ପ୍ରଶାସନ ଉଚ୍ଚ ପ୍ରଶଂସା କରିବା ସହ ସ୍ୱୀକୃତି ପ୍ରଦାନ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଦାନା ବାତ୍ୟା ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀରେ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଯାଇଥିଲା। ଏପରିକି ବାତ୍ୟା ପ୍ରଭାବିତ ଲୋକଙ୍କ ସହ ଠିଆହୋଇ ରିଲାଏନ୍ସ ଫାଉଣ୍ଡେଶନ ସରକାର ଏବଂ ଅନ୍ୟ ସଂଗଠନ ସହ ମିଶି କ୍ଷତିଗ୍ରସ୍ତଙ୍କୁ ସହାୟତା କରିବା ସହିତ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାରେ ମଧ୍ୟ ଆବଶ୍ୟକ ସାହାଯ୍ୟ କରିଛି।

ଫୁର୍‌ସତ୍

# ଶିକ୍ଷୟିତ୍ରୀ ସାଜିଲେ ଡ୍ରାଇଭର

## ସ୍କୁଲ ଭ୍ୟାନ୍‌ରେ ପିଲାଙ୍କୁ ନେବାଆଣିବା କରୁଛନ୍ତି

ପାଟନା



କୁହାଯାଏ ଯେ ସାହସ ଏବଂ ଦକ୍ଷତାର ସହ କାର୍ଯ୍ୟ କଲେ ସମସ୍ତ ଅସୁବିଧା ସହଜ ହୋଇଯାଇଥାଏ। ବିହାରର ଭୋଜପୁର ଜିଲା କୋଇଲୱର ବ୍ଲକ କସାପ୍ ଗ୍ରାମର ବାସିନ୍ଦା ଗୌରୀ ତ୍ରିପାଠୀ ନାମ୍ନୀ ଜଣେ ଶିକ୍ଷୟିତ୍ରୀ ନିଜେ ସ୍କୁଲ୍ ଭ୍ୟାନ୍‌କୁ ଡ୍ରାଇଭିଂ କରି ୧୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ପିଲାମାନଙ୍କୁ ଘରୁ ସ୍କୁଲକୁ ଓ ସ୍କୁଲରୁ ଘରକୁ ନିରାପଦରେ ନେବା ଆଣିବା କରୁଛନ୍ତି। ସେ ୨୦୧୬ରୁ କାସପ ଗ୍ରାମରେ 'ଆର୍. ଆର୍. ଶିକ୍ଷା ନିକେତନ' ନାମରେ ଏକ ଘରୋଇ ବିଦ୍ୟାଳୟ ଚଳାଉଛନ୍ତି, ଯେଉଁଠାରେ ଗୌରୀ ଗରିବ ଏବଂ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଦୂର ସ୍ଥାନରୁ ଅନେକ ପିଲା ତାଙ୍କ ବିଦ୍ୟାଳୟକୁ ପଢ଼ିବାକୁ ଆସିଥାନ୍ତି। ତେବେ ପୂର୍ବରୁ ଗୌରୀ ପିଲାମାନଙ୍କର ପରିବହନ ପାଇଁ ଜଣେ ଡ୍ରାଇଭରଙ୍କୁ ଏକ ସ୍କୁଲ୍ ଭ୍ୟାନ୍ ସହ ପଠାଉଥିଲେ। ଦିନେ ଉକ୍ତ ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ଫଳରେ ପିଲାମାନଙ୍କୁ ନେଇ ଯାଉଥିବା ସ୍କୁଲ୍ ଭ୍ୟାନ ସହ ସେ ନିୟନ୍ତ୍ରଣ ହରାଇଥିଲେ ଏବଂ ସ୍କୁଲ୍ ଭ୍ୟାନ୍‌ଟି ଏକ ପୋଲରେ ଯାଇ ମାଡ଼ ହୋଇଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ପିଲା ଆହତ ହୋଇ ନ ଥିବା ବେଳେ ସ୍କୁଲ୍ ଭ୍ୟାନ୍‌ଟି ନଷ୍ଟ ହୋଇଯାଇଥିଲା। ଏହି ଘଟଣା ପରେ ଗୌରୀ ନିଜେ ଡ୍ରାଇଭିଂ ଶିଖିବାକୁ ସ୍ଥିର କରିଥିଲେ, ଯାହାଦ୍ୱାରା ସେ ପିଲାମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ଘରୁ ସ୍କୁଲକୁ ଓ ସ୍କୁଲରୁ ଘରକୁ ନବାଆଣିବା କରି ପାରିବେ। ଗୌରୀ କହିଛନ୍ତି, ପ୍ରାରମ୍ଭିକ ଦିନଗୁଡ଼ିକରେ ଯେତେବେଳେ ସେ ସ୍କୁଲ ଭ୍ୟାନ ଚଳାଇ ପିଲାମାନଙ୍କୁ ନେବାଆଣିବା କରୁଥିଲେ, ଗ୍ରାମର ଲୋକମାନେ ତାଙ୍କୁ ଡ୍ରାଇଭିଂ କରୁଥିବା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଏବଂ ତାଙ୍କ ଆଡ଼କୁ ଚାହିଁ ରହୁଥିଲେ। ପରେ ଧୀରେ ଧୀରେ ସବୁକିଛି ସ୍ୱାଭାବିକ ହୋଇଥିବା ଗୌରୀ କହିଛନ୍ତି। ବର୍ତ୍ତମାନ ସେ ବିନା ଦ୍ୱିଧାରେ ପିଲାମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ଘରୁ ସ୍କୁଲକୁ ନେବାଆଣିବା କରୁଛନ୍ତି। ତେବେ ଗୌରୀ କେବଳ ପିଲାମାନଙ୍କୁ ନୁହେଁ ସେହି ମାର୍ଗରେ ଯାତାୟାତ କରିବାକୁ ଥିବା ଅନ୍ୟ ଯାତ୍ରୀମାନଙ୍କୁ ମଧ୍ୟ ନିଜ ଗନ୍ତବ୍ୟ ସ୍ଥଳରେ ଛାଡ଼ି ଦେଇଥାନ୍ତି। ପ୍ରତ୍ୟେକ ଦିନ ପିଲାଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କୁ ନିରାପଦ ଭାବେ ଘରୁ ସ୍କୁଲକୁ ଓ ସ୍କୁଲରୁ ଘରକୁ ନେବାଆଣିବା କରୁଥିବାରୁ ଅଭିଭାବକମାନେ ଗୌରୀଙ୍କର ବେଶ୍ ପ୍ରଶଂସା କରିଛନ୍ତି। ଗୌରୀଙ୍କ ଡ୍ରାଇଭିଂ ଉପରେ ଅଭିଭାବକମାନଙ୍କର ଢେର ଆତ୍ମବିଶ୍ୱାସ ରହିଛି। ଗୌରୀ ଏବେ ସମଗ୍ର ବିହାରରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିପାରି ପୁରୁଷଙ୍କ ସହ ସମାନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ଏହାକୁ ନେଇ ସେ କହିଛନ୍ତି, କୌଣସି କାମ ଛୋଟ କିମ୍ବା ବଡ଼ ନୁହେଁ। ଆତ୍ମବିଶ୍ୱାସର ସହ ପ୍ରତ୍ୟେକ କାର୍ଯ୍ୟକୁ ସହଜରେ କରାଯାଇପାରିବ।

## ହାସିମୋଟୋ ଥାଇରଏଡିଟିସ୍ ରୋଗରେ ପୀଡ଼ିତ ଅର୍ଜୁନ

ମୁମ୍ବାଇ



ଅଭିନେତା ଅର୍ଜୁନ କପୁର ନିକଟରେ ତାଙ୍କ ଫିଲ୍ମ 'ସିଂଘମ ଏଗେନ୍'ରେ ଖଳନାୟକ ଭୂମିକାରେ ନଜର ଆସି ଦର୍ଶକଙ୍କ ବହୁ ପ୍ରଶଂସା ସାଉଁଟିଛନ୍ତି। ତେବେ ସେ ଗତ କିଛି ଦିନ ହେବ ହାସିମୋଟୋ ଥାଇରଏଡିଟିସ୍ ନାମକ ଏକ ରୋଗରେ ପୀଡ଼ିତ ଅଛନ୍ତି ବୋଲି ଶନିବାର ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅର୍ଜୁନ କହିଛନ୍ତି, ନିକଟରେ ତାଙ୍କ ଜୀବନରେ ଏପରି ଏକ ସମୟ ଆସିଥିଲା, ଯେତେବେଳେ ସେ ନିଜକୁ ଏକୁଟିଆ ଅନୁଭବ କରୁଥିଲେ। ଗତ କିଛି ଦିନ ହେବ ସେ ଅନେକ ଶାରୀରିକ ସମସ୍ୟା ଦେଇ ଗତି କରିଛନ୍ତି। ଅପେକ୍ଷାକୃତ ମୋଟା ଥିବା ଭାବି ସେ ଅନେକ ବର୍ଷ ଧରି ମାନସିକ ଚାପରେ ରହୁଥିଲେ। ଏହି କାରଣରୁ ସେ ନିଜ ଖାଦ୍ୟ ପ୍ରତି ଠିକ୍ ଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇ ନ ଥିଲେ ଏବଂ ଶରୀରର ଯତ୍ନ ମଧ୍ୟ ଠିକ୍‌ସେ ନେଇପାରି ନ ଥିଲେ। ଏକ ଅଟୋଇମ୍ୟୁନ ବ୍ୟାଧି କାରଣରୁ ତାଙ୍କୁ ଏସବୁକୁ ସାମ୍ନା କରିବାକୁ ପଡ଼ିଥିଲା ବୋଲି ଅର୍ଜୁନ କହିଛନ୍ତି। ସେ କହିଛନ୍ତି, ତାଙ୍କଠାରେ ହାସିମୋଟୋ ଥାଇରଏଡିଟିସ୍ ନାମକ ଏକ ରୋଗର ଲକ୍ଷଣ ରହିଛି। ଏହି ରୋଗ ଯୋଗୁ ଶରୀରରେ ଥିବା ଆଣ୍ଟିବଡି ନିଜ ବିରୋଧରେ ଲଢ଼ିଥାଏ। ତାଙ୍କ ମା' ଓ ଭଉଣୀଙ୍କର ମଧ୍ୟ ସମାନ ରୋଗ ଥିଲା ବୋଲି ଅର୍ଜୁନ କହିଛନ୍ତି। ସେ ଏବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ଏହି ରୋଗର ଚିକିତ୍ସା ଚଳାଇଛନ୍ତି।

ତେବେ ହାସିମୋଟୋ ଥାଇରଏଡିଟିସ୍ ହେଉଛି ଏକ ଅଟୋଇମ୍ୟୁନ ଡିସ୍‌ଅର୍ଡର, ଯେଉଁଥିରେ ପ୍ରତିରକ୍ଷା ପ୍ରଣାଳୀ ଥାଇରଏଡ ଗ୍ରନ୍ଥି ଉପରେ ଆକ୍ରମଣ କରିଥାଏ ଏବଂ ସେଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ। ତେବେ ଚିହ୍ନଟ ହେବା ପରେ ଏହି ରୋଗର ଚିକିତ୍ସା ସମ୍ଭବ।

## ରୋବୋ ସ୍ତ୍ରୀଙ୍କ ସହ ଷଷ୍ଠ ବିବାହ ବାର୍ଷିକୀ

ଟୋକିଓ

ଅନେକ ବର୍ଷ ଧରି ବିବାହ ପାଇଁ କନ୍ୟା ନ ମିଳିବାରୁ ଆଖିକୋ କୋଣ୍ଡୋ(୪୧) ନାମକ ଜଣେ ଜାପାନୀ ଏକ ଭର୍ଚୁଆଲ୍ ରୋବୋଟିକ୍ ମହିଳାଙ୍କୁ ବିବାହ କରିଥିଲେ। ସମ୍ପ୍ରତି ସେ ନିଜ ରୋବୋଟିକ୍ ସ୍ତ୍ରୀଙ୍କ ସହ ଷଷ୍ଠ ବିବାହ ବାର୍ଷିକୀ ପାଳନ କରିଛନ୍ତି। କୋଣ୍ଡୋ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏହାର ଏକ ପୋଷ୍ଟ ଶେୟାର କରିଛନ୍ତି। ଏହି ପୋଷ୍ଟରେ ସେ ବିବାହ ବାର୍ଷିକୀ କେକ୍ ସହ ତାଙ୍କ ଭର୍ଚୁଆଲ୍ ସ୍ତ୍ରୀ ହାଟସ୍ୟୁନ୍ ମିକୁଙ୍କର ଝଲକ ଦେଖାଇଛନ୍ତି। ଉକ୍ତ କେକ୍ ଉପରେ ଲେଖା ହୋଇଛି, ମିକୁକୁ ବହୁତ ଭଲ ପାଏ, ଆମର ଷଷ୍ଠ ବିବାହ ବାର୍ଷିକୀ। କୋଣ୍ଡୋ କହିଛନ୍ତି, ବିବାହ ପାଇଁ ଅନେକ ଯୁବତୀଙ୍କଠାରୁ ପ୍ରତ୍ୟାଖିତ ହେବା ପରେ ୨୦୧୮ରେ ସେ ମିକୁଙ୍କ ପ୍ରେମରେ ପାଗଳ ହୋଇ ତାଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସେ ହୃଦ୍‌ବୋଧ କରିଥିଲେ, ବିବାହ ପାଇଁ କନ୍ୟା ମିଳିବାର ସମସ୍ତ ଉପାୟ ଧୀରେ ଧୀରେ ବନ୍ଦ ହେବାକୁ ଲାଗିଛି। ତେଣୁ ସେ କାଳ ବିଳମ୍ବ ନ କରି ମିକୁଙ୍କୁ ନିଜ ଜୀବନସାଥୀ ଭାବେ ବାଛିଥିଲେ।



## ଶାନ୍ତି, ସୁସ୍ଥ ଭବିଷ୍ୟତ ପାଇଁ ବିଜ୍ଞାନ ଜରୁରୀ

ଆଜି ବିଶ୍ୱ ବିଜ୍ଞାନ ଦିବସ



**ଆ**ଜିକୁ ୪୫୦ କୋଟି ବର୍ଷ ତଳେ ପୃଥିବୀ ସୃଷ୍ଟି ହେଲା। ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ ମଣିଷ ଜାତି ପୃଥିବୀପୃଷ୍ଠରେ ଜନ୍ମ ନେଲା। ସେବେଠାରୁ ମଣିଷର ଗବେଷଣା ଜାରିରହିଛି। ସେହି ଗବେଷଣା ହେଉଛି ଆବିଷ୍କାର ଓ ଉଦ୍ଭାବନପୂର୍ବକ ନିଜକୁ ସୁଖ ଓ ସୁବିଧାରେ ରଖିବାର ଗବେଷଣା। ସେହି ଆଶା ନେଇ ଆଜିକୁ ୨୫୦ ବର୍ଷ ତଳେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା। ତେଣୁ ଆଜି ଯେଉଁ ଯୁଗକୁ 'ବିଜ୍ଞାନର ଯୁଗ' ବୋଲି କୁହାଯାଉଛି, ସେହି ଯୁଗ ଆରମ୍ଭ ହୋଇଛି ମାତ୍ର ୨୫୦ ବର୍ଷ ତଳେ। ତେବେ ନୂତନ ଆବିଷ୍କାର ଓ ଉଦ୍ଭାବନ ସମ୍ପର୍କିତ ସ୍ୱପ୍ନକୁ ସାକାର କରିବା ପାଇଁ ବୈଜ୍ଞାନିମାନେ ସେମାନଙ୍କର ପ୍ରୟାସ ଜାରି ରଖିଛନ୍ତି। ସାରା ବିଶ୍ୱରେ ଶାନ୍ତି ଓ ବିକାଶର ଧାରାକୁ ବଜାୟ ରଖିବା ପାଇଁ ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ ୨୦୦୧ ମସିହାରୁ ନଭେମ୍ବର ୧୦ ତାରିଖକୁ 'ବିଶ୍ୱ ବିଜ୍ଞାନ ଦିବସ' ଘୋଷଣା କରିଛି। ବିଜ୍ଞାନ ଦିବସ ପାଳନ ଅବସରରେ ଚଳିତ ବର୍ଷ ପାଇଁ ବାର୍ତ୍ତା ରହିଛି - 'ଯୁବକମାନେ ଆଗୁଆ'।

ବିଜ୍ଞାନ ଆମକୁ ସତ୍ୟର ସନ୍ଧାନ ଦିଏ। ଆମର କଥା ଓ ବିଶ୍ୱାସକୁ ଯୁକ୍ତିଯୁକ୍ତ କରେ। କିନ୍ତୁ ଦୁଃଖର କଥା, ଆଜି ବିଜ୍ଞାନ ଯୁଗରେ ମଧ୍ୟ ଅନେକ ଦେଶରେ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଛି। ଏହାକୁ ସମାଜରୁ ଦୂର କରିବା ଦିଗରେ ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେମାନେ ହେଉଛନ୍ତି ଯୁବସମାଜ। ଯୁବକମାନେ ଦେଶର ମେରୁଦଣ୍ଡ ଓ ଭବିଷ୍ୟତ । ସେମାନେ ସମାଜରେ ରହିଥିବା ବିଭିନ୍ନ ପ୍ରଥା ବିଷୟରେ ଜାଣିବା ଦରକାର । ସେସବୁ ପ୍ରଥାର ଭଲମନ୍ଦ ବିଷୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରିବା ଜରୁରୀ । ଖାଲି ଜାଣିଲେ ବା ପଢିଲେ ହେବନାହିଁ, ନିଜ ଘରେ ଓ ନିଜ ଗାଁରେ କୁପ୍ରଥା ଓ କୁସଂସ୍କାର ବିଷୟରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ। ତେବେ ଯାଇ ସମାଜରୁ ଅନ୍ଧବିଶ୍ୱାସ ଲୋପପାଇବ। ଆଉ ବିଜ୍ଞାନ ଦିବସ ପାଳନର ଅସଲ ଲକ୍ଷ୍ୟରେ ଆମେ ପହଞ୍ଚ ପାରିବା।

ବିଜ୍ଞାନର ଅପବ୍ୟବହାରକୁ ରୋକିବା ଆଜି ସାରା ବିଶ୍ୱ ପାଇଁ ଜରୁରୀ ହୋଇପଡ଼ିଛି। ଆଗାମୀ ବିଶ୍ୱକୁ ନିରାପଦ ଓ ସମୃଦ୍ଧ ରଖିବା ଦିଗରେ ବିଜ୍ଞାନର ସକାରାତ୍ମକ ବ୍ୟବହାର ଦିଗରେ ନିଜକୁ ନିୟୋଜିତ କରିବା ପାଇଁ ଏହି ଦିବସରେ ଯୁବସମାଜକୁ ସଚେତନ କରାଯାଇଛି। ସଚେତନ ଯୁବସମାଜ ବିଜ୍ଞାନର ସୁପ୍ରୟୋଗ ପୂର୍ବକ ସୁସ୍ଥ ସମାଜ ଗଠନ କରିପାରିବ।

-ଡ. କମଳାକାନ୍ତ ଜେନା
ମୋ : ୯୪୩୯୫୦୧୬୫୧

# ଶ୍ମଶାନରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଭୁବନେଶ୍ୱର,୯।୧୧
(ସୂର୍ଯ୍ୟକାନ୍ତ ବେହେରା)

- **ପୂର୍ବତନ ବିଧାୟକ ସ୍ୱର୍ଗତ ଅଜୟ ଜେନାଙ୍କ ସ୍ତ୍ରୀଙ୍କ ଶବଦାହକୁ ନେଇ ବିବାଦ**
- **ହତ୍ୟା ମାମଲା ରୁଜୁ କଲା ପୋଲିସ**
- **ଅଭିଯୋଗକୁ ଖଣ୍ଡନ କଲେ ବୋହୂ**





ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ଅଜୟ କୁମାର ଜେନାଙ୍କ ପତ୍ନୀ ଅଶ୍ରୁକଣା ପ୍ରଧାନ(୭୬)ଙ୍କ ଶନିବାର ଶବଦାହ ବେଳେ ବିବାଦ ଦେଖାଦେଇଛି। ପରିବାର ଓ ସମ୍ପର୍କୀୟଙ୍କୁ ନ ଜଣାଇ ବିଧବା ବୋହୂ ଉପାସନା ଷଡ଼ଙ୍ଗୀ ମୃତଶାଶୁ ଅଶ୍ରୁକଣାଙ୍କ ମୃତଦେହକୁ ସଂସ୍କାର କରିବାବେଳେ ଖାରବେଳନଗର ପୋଲିସ ପହଞ୍ଚି ଅଟକାଇଛି। ଏଥିସହ ଅଶ୍ରୁକଣାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ ସହ ଫୋରେନ୍‌ସିକ ଟିମ୍ ସହାୟତରେ ପଞ୍ଚନାମା କରି ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଫଳରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ମୃତା ଅଶ୍ରୁକଣାଙ୍କ ଭଉଣୀ ମନିକା ପ୍ରଧାନଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ. ୫୦୧/୨୦୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାନୁସାରେ ସ୍ୱର୍ଗତ ବିଧାୟକ ଅଜୟଙ୍କ ସ୍ତ୍ରୀ ହେଉଛନ୍ତି ଅଶ୍ରୁକଣା। ସେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧ ଥିଲେ। ଅଶ୍ରୁକଣା ତାଙ୍କ ବିଧବା ବୋହୂଙ୍କ ସହିତ ଭୁବନେଶ୍ୱର ମଧୁସୂଦନ ନଗରରେ ରହୁଥିଲେ। ଶନିବାର ସକାଳେ ଅଶ୍ରୁକଣାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ଉପାସନା ତାଙ୍କୁ ସଙ୍ଗେସଙ୍ଗେ ଏକ କ୍ଲିନିକକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଉପାସନା ପୋଷ୍ଟମର୍ଟମ ନ କରି ଏବଂ ଘଟଣା ବାବଦରେ କାହାକୁ ନ ଜଣାଇ ମୃତ ଅଶ୍ରୁକଣାଙ୍କ ମୃତଦେହ ଧରି ସତ୍ୟନଗର ଶ୍ମଶାନକୁ ଚାଲି ଆସିଥିଲେ। ସେଠାରେ ଶବଦାହ କରି ଦେଉଥିଲେ। ତେବେ ଭୁବନେଶ୍ୱରରେ ରହୁଥିବା ମୃତ ଅଶ୍ରୁକଣାଙ୍କ ସାନ ଭଉଣୀ ଏସମ୍ପର୍କରେ ଜାଣିପାରି ନିଜର ଭାଇ, ସ୍ୱାମୀ ଏବଂ ସମ୍ପର୍କୀୟଙ୍କୁ ଧରି ଶ୍ମଶାନରେ ପହଞ୍ଚି ବଡ଼ ଭଉଣୀଙ୍କ ଜୁଇ ଜଳୁଥିବା ଦେଖିବାକୁ ପାଇଥିଲେ। କିନ୍ତୁ ଶବଦାହ ବେଳେ ଉପାସନାଙ୍କ ବ୍ୟତୀତ ଆଉ କେହି ନ ଥିବାରୁ ସନ୍ଦେହ କରି ଖାରବେଳ ନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଶ୍ମଶାନରେ ପହଞ୍ଚି ଜୁଇ ନିଆଁ ଲିଭାଇ ମୃତଦେହ ଜବତ କରିଥିଲା। ଏନେଇ ମୃତ ଅଶ୍ରୁକଣାଙ୍କ ସାନ ଭଉଣୀ ମନିକା ନିଜ ପୁତୁରା ବୋହୂ ଉପାସନାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ବଡ ଭଉଣୀକୁ ଭେଟିବାକୁ ବୋହୂ ଦେଉ ନ ଥିଲେ। ଏପରିକି ଭଉଣୀଙ୍କୁ ଘରେ ତାଲା ପକାଇ ମାଡ଼ ମାରି ନିର୍ଯାତନା ଦେଉଥିଲେ। ଅଶ୍ରୁକଣାଙ୍କୁ ହତ୍ୟା କରି ପୁତୁରା ବୋହୂ ପ୍ରମାଣ ନଷ୍ଟ କରିବା ପାଇଁ ତରବରିଆ ଭାବେ ପୋଡ଼ି ଦେଉଥିବା ସେ ସନ୍ଦେହ କରୁଛନ୍ତି। ଘଟଣାର ତଦନ୍ତ ହେଲେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ମନିକା କହିଛନ୍ତି। ଅନ୍ୟପକ୍ଷରେ ସବୁ ଅଭିଯୋଗକୁ ଉପାସନା ଖଣ୍ଡନ କରି କହିଛନ୍ତି, ମୋ ଶାଶୁ ମୋ ପାଖରେ ରହିଥିଲେ। ଦେହ ଖରାପ ହେଲା ବୋଲି କ୍ଲିନିକ୍ ନେଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଘଟଣା ସଂକ୍ରାନ୍ତରେ ଦୁଇ ଜଣ ସମ୍ପର୍କୀୟ ଦେଢଶ୍ୱଶୁରଙ୍କୁ ଜଣାଇଥିଲି। ପରେ ମୃତଦେହକୁ ସତ୍କାର କରିବା ପାଇଁ ଶ୍ମଶାନକୁ ଆଣିଥିଲେ ବୋଲି ଉପାସନା କହିଛନ୍ତି। ଯେଉଁମାନେ ଅଭିଯୋଗ ଆଣିଛନ୍ତି, ସେମାନେ ଅସୁବିଧା ସମୟରେ ତାଙ୍କୁ କୌଣସି ସାହାଯ୍ୟ କରିନାହାନ୍ତି। ବରଂ ସବୁବେଳେ ସମ୍ପତ୍ତି ବିବାଦରେ ଛନ୍ଦି ଅସୁବିଧାରେ ପକାଇ ଚାଲିଛନ୍ତି ବୋଲି ଉପାସନା ପାଲଟା ଅଭିଯୋଗ କରିଛନ୍ତି।

## ଦିନ ଦ୍ୱିପ୍ରହରେ ଯୁବକଙ୍କୁ ହତ୍ୟା

ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସହର ପାଣିଟାଙ୍କିପଡ଼ାରେ ଶନିବାର ଦିନ ଦ୍ୱିପ୍ରହରରେ ଘଟିଛି ଏକ ହତ୍ୟାକାଣ୍ଡ। ଜଣେ ଯୁବକଙ୍କୁ ସଂଘବଦ୍ଧଭାବେ ୪ରୁ ୫ଜଣ ଯୁବକ ଆକ୍ରମଣ କରି ହତ୍ୟା କରିଛନ୍ତି। ମୃତକ ହେଲେ ପାଣିଟାଙ୍କିପଡ଼ାର ଶନି ଷଣ୍ଢ(୩୩)। ସକାଳେ ଘଟିଥିବା ଏକ ମାରପିଟ୍ ଘଟଣାରେ ପ୍ରତିଶୋଧପରାୟଣ ହୋଇ ଉକ୍ତ ଯୁବକମାନେ ତାଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଶନିବାର ସକାଳେ ସାମାନ୍ୟ ବଚସାରୁ ସାକ୍ଷୀପଡ଼ାର ଜଣେ ଯୁବକଙ୍କୁ ଶନି ମାଡ଼ ମାରିଥିଲେ। ମାଡ଼ ଖାଇଥିବା ଯୁବକ ତାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ୪ରୁ ୫ଜଣ ଯୁବକ ପାଣିଟାଙ୍କି ପଡାକୁ ଆସି ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ନ ପାଇ ସେଠାରୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସେମାନେ ପୁଣି ଥରେ ପଡାକୁ ଆସିଥିବା ବେଳେ ଶନିଙ୍କୁ ଦେଖି ତାଙ୍କ ଉପରେ ବିଭିନ୍ନ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସେମାନେ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ।


ପୋଲିସ ଦ୍ୱାରା ଚିହ୍ନଟ ହତ୍ୟାକାଣ୍ଡସ୍ଥଳ।

ଶନି ରକ୍ତ ଜୁଡୁବୁଡୁ ହୋଇ ତଳେ ପଡି ଯାଇଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ହେଲେ ସେଠାରେ ଡାକ୍ତର ଶନିଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ରଖାଯାଇଛି। ଏହାକୁ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧), ୩(୫)ରେ ଏକ ମାମଲା(ନଂ.୪୬୯/୨୪) ରୁଜୁ କରି ପୋଲିସ ତନାଘନା ଚଳାଇଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

## ଲକ୍ଷ୍ମୀନାରାୟଣପୁରରେ ମଦମୃତ୍ୟୁ ଅଭିଯୋଗ

ପିପିଲି,୯।୧୧(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

- **୨ ବେଆଇନ ମଦ ଦୋକାନ ଭଙ୍ଗାରୁଜା**
- **ଘଟଣାସ୍ଥଳରେ ପୋଲିସ ମୁତୟନ**
- **୬ ମାସରେ ଗଲାଣି ୫ ଜୀବନ**

ପିପିଲି ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ମଗଲପୁର ଗ୍ରାମର ରୁପୁଦେଇ ସାହିରେ ମଦ ମୃତ୍ୟୁକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ମଦପିଇ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଗାଁରେ ଥିବା ୨ ବେଆଇନ ମଦ ଦୋକାନ ଭଙ୍ଗାରୁଜା କରିଛନ୍ତି। ମୃତ ବ୍ୟକ୍ତି ଜଣଙ୍କ ହେଲେ କବୀନ୍ଦ୍ର ବେହେରା (୫୦)।

କବୀନ୍ଦ୍ର ବେହେରା ଶୁକ୍ରବାର ରାତିରେ ଉକ୍ତ ଦୋକାନରୁ ମଦପିଇ ଘରକୁ ଫେରିଥିଲେ। କିନ୍ତୁ ରାତିରେ କବୀନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରିବାର ଲୋକେ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଶନିବାର ସକାଳୁ ତାଙ୍କର ମୃତ୍ୟୁ ଘଟିଥିଲା। ବିଷାକ୍ତ ମଦ ପିଇ ମୃତ୍ୟୁ ହୋଇଥିବା କବୀନ୍ଦ୍ରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ପୋଲିସ ସନ୍ଦୀପ ଦାସ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଉତ୍ତ୍ୟକ୍ତ ଲୋକେ ଭ୍ୟାନ ଆଗରେ ପ୍ରତିବାଦ କରିଥିଲେ। ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟା ସମୟରେ ଫାଣ୍ଡି ଅଧିକାରୀ ଦାସ ମହିଳାଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଗ୍ରାମରୁ ସମ୍ପୂର୍ଣ୍ଣ ମଦ ଦୋକାନ ହଟାଇବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ଥମିଥିଲା।

ସୂଚନାଯୋଗ୍ୟ ଯେ, ମଗଲପୁର ଗ୍ରାମ ରୁପୁଦେଇ ସାହିରେ ୨ଜଣ ବ୍ୟକ୍ତି ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିପରି ପୂର୍ବରୁ ମଧ ଗ୍ରାମରେ ଏହି ବିଷାକ୍ତ ମଦ ପିଇ ୬ ମାସ ମଧ୍ୟରେ ୫ଜଣଙ୍କ ଜୀବନ ଯାଇଥିବା ଗ୍ରାମବାସୀ କହିଛନ୍ତି।


ଗ୍ରାମବାସୀଙ୍କ ଦ୍ୱାରା ଭଙ୍ଗାଯାଇଥିବା ମଦଦୋକାନ।

## ଯାତ୍ରା ଦର୍ଶକଙ୍କୁ ପିଟିଲା ପୋଲିସ

**ଟିକେଟ କାଉଣ୍ଟରରେ ଭିଡ଼**

ଚାନ୍ଦବାଲି,୯।୧୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି କାଳୀପୂଜାରେ ଯାତ୍ରା ଟିକେଟ କାଟିବାକୁ ଆସିଥିବା ଦର୍ଶକଙ୍କୁ ସର୍ବସମ୍ମୁଖରେ ପୋଲିସ ପିଟିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଚାନ୍ଦବାଲି କାଳୀପଡ଼ିଆ ଏବଂ ଦୁର୍ଗାପଡ଼ିଆରେ ବିଭିନ୍ନ ଅପେରା ଚାଲିଛି। ଯାତ୍ରା ଦେଖିବାକୁ ଶୁକ୍ରବାର ସକାଳେ ଟିକେଟ କାଉଣ୍ଟରରେ ଲୋକଙ୍କ ଭିଡ଼ ହୋଇଥିଲା। ଚାନ୍ଦବାଲି ଥାନାର କାର୍ଯ୍ୟରତ ଏଏସ୍‌ଆଇ ପି. କେ. ଜେନା ଟିକେଟ କାଉଣ୍ଟରରେ ଭିଡ଼ ଜମିବା କାରଣରୁ ଦର୍ଶକଙ୍କୁ ସର୍ବସମ୍ମୁଖରେ ଲାଠିରେ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରିବା ସହ ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣା ସମ୍ପର୍କରେ ଏଏସ୍‌ଆଇ ଜେନା କହିଛନ୍ତି, ସେହି ସମୟରେ ଆମ୍ବୁଲାନ୍ସ ଆସୁଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ନେବାକୁ ପଡ଼ିଥିଲା।

## ଅଭିଯୁକ୍ତ ମନ୍‌ସୁରୀ ଗିରଫ

**ଯୁବତୀଙ୍କୁ ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ ଘଟଣା**

ଭୁବନେଶ୍ୱର,୯।୧୧
(ସୂର୍ଯ୍ୟକାନ୍ତ ବେହେରା)

ନିଜ ଧର୍ମ ଓ ପରିଚୟ ଗୋପନ ରଖି ଜଗତ୍‌ସିଂହପୁର ରାହାମା ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ଲଭ୍ ଜିହାଦ ଜାଲରେ ଫସାଇ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଅନ୍ତରଙ୍ଗ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରି ବ୍ଲାକମେଲ କରିବା ଅଭିଯୋଗରେ ଅଟକ ଏମ୍‌ଡି ସମୀର ମନ୍‌ସୁରୀଙ୍କୁ(୩୪) ମହିଳା ଥାନା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ମନ୍‌ସୁରୀଙ୍କ ଘର ବିହାରର ଇଷ୍ଟ ଚମ୍ପାରନରେ ହୋଇଥିବାବେଳେ ସେ କଶ୍ମୀରରେ ଜଣେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ ବୋଲି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାସହ ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ, ଆଧାର କାର୍ଡ, ପ୍ୟାନ କାର୍ଡ ଜବତ ହୋଇଛି। ମୋବାଇଲ ଦୁଇଟିକୁ ଫୋରେନସିକ ଲ୍ୟାବକୁ ପଠାଯାଇଛି। ସେଠାରୁ ପ୍ରମାଣ ମିଳିବା ପରେ ତଦନ୍ତର ଅଗ୍ରଗତି ପାଇଁ ମନ୍‌ସୁରୀଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଡିସିପି କହିଛନ୍ତି। ଅଭିଯୁକ୍ତ ପୀଡ଼ିତାଙ୍କ ବ୍ୟତୀତ ଅନ୍ୟ କାହା ସହିତ ସମ୍ପର୍କ ରଖିଛନ୍ତି ନା ନାହିଁ ସେନେଇ ତଥ୍ୟ ସଂଗ୍ରହ କରାଯିବ।



ଏଥିସହ ପୁରୀରେ କେଉଁ କେଉଁ ହୋଟେଲରେ ସମୀର ପୀଡ଼ିତାଙ୍କୁ ନେଇ ରଖିଥିଲେ ସେ ସବୁ ହୋଟେଲକୁ ଯାଇ ପୋଲିସ ପଚରାଉଚରା କରିବ। ଯଦି ଜାଲ୍ ପ୍ରମାଣପତ୍ର ଆଧାରରେ ହୋଟେଲ କର୍ତ୍ତୃପକ୍ଷ ସମୀରଙ୍କୁ ରହିବାକୁ ଅନୁମତି ଦେଇଥିବେ, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିସିପି କହିଛନ୍ତି। କୋର୍ଟଚାଲାଣ ପୂର୍ବରୁ ଅଭିଯୁକ୍ତଙ୍କ କ୍ୟାପିଟାଲ ହସ୍ପିଟାଲରେ ଚେକ୍‌ଅପ କରାଯାଇଥିଲା। ସେହିପରି ପୀଡ଼ିତାଙ୍କ ମଧ ଡାକ୍ତରୀମାଇନା କରାଯାଇଥିବା ଡିସିପି କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ମସିହାରେ ପୀଡ଼ିତା ଏକ ଅନ୍‌ଲାଇନ ଗେମ ଦ୍ୱାରା ଅଭିଯୁକ୍ତଙ୍କ ସହ ପରିଚିତ ହୋଇଥିଲେ। ପରେ ଉଭୟେ ପରସ୍ପରଙ୍କ ମୋବାଇଲ ନମ୍ବର ସଂଗ୍ରହ କରିଥିଲେ। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। କିନ୍ତୁ ମନ୍‌ସୁରୀ ଫୋନରେ କଥା ହେବା ସମୟରେ ନିଜ ପରିଚୟ ବିଷୟରେ ଯୁବତୀଙ୍କୁ ଭୁଲ ତଥ୍ୟ ଦେଇ ତାଙ୍କର ଭରସା ଜିତିଥିଲେ। ୨୦୨୪ ମାର୍ଚ୍ଚରେ ଉଭୟଙ୍କର ପୁରୀରେ ସାକ୍ଷାତ ହୋଇଥିଲା। ଏହାପରେ ଯୁବତୀ ଜଣଙ୍କ ମନ୍‌ସୁରୀଙ୍କ ଅସଲ ପରିଚୟ ଜାଣିବାକୁ ପାଇଥିଲେ। ସେଠାରେ ଅଭିଯୁକ୍ତ ଜଣକ ତାଙ୍କ ଇଚ୍ଛା ବିରୋଧରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଅଭିଯୁକ୍ତ ଜଣକ ତାଙ୍କୁ ବିବାହ କରିବାକୁ ବାରମ୍ବାର ଚାପ ପକାଇଥିଲେ। ମାତ୍ର ପୀଡ଼ିତା ରାଜି ନ ହେବାରୁ ଅଭିଯୁକ୍ତ ମନ୍‌ସୁରୀ ତାଙ୍କର ଅଶ୍ଳୀଳ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇଥିଲେ। ପରେ ସେପୀଡ଼ିତାଙ୍କ ପରିବାରଙ୍କୁ ଇନ୍‌ଷ୍ଟାଗ୍ରାମରେ ସେମାନଙ୍କ ଅନ୍ତରଙ୍ଗ ଭିଡିଓ ପଠାଇବା ସହ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ ୧୮୨/୨୪ ରୁଜୁ କରି ଅଭିଯୁକ୍ତଙ୍କୁ ସ୍ପେଶାଲ ସ୍କାଡ ସହାୟତାରେ କଟକରୁ ଗିରଫ କରିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁସୁମ ପରଶରେ ପଟ ନିସ୍ତରେ।**

ଯେମିତି କଦଳୀ ପାଟୁକା ସାମାନ୍ୟ ଉପାଦାନ ହେଲେ ମଧ ଏହା ଯେଉଁପରି ଫୁଲ ସଂସ୍ପର୍ଶରେ ଆସି ଦେବତାଙ୍କ ଶିର ମଣ୍ଡନ କରେ, ସେମିତି ସାଧାରଣ ବ୍ୟକ୍ତି ଅସାଧାରଣ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ବଡ଼ ହୋଇଥିବାର ଜଣାଯାଇଥାଏ। ତେଣୁ ମହତ୍ ଲୋକ ସାଙ୍ଗ ଯୋଗୁ ନୀଚ ଲୋକଟି ମଧ ଉଚ୍ଚ ସ୍ଥାନ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କହି ଜାଣିଲେ କଥା ସୁନ୍ଦର,**
**ବାନ୍ଧି ଜାଣିଲେ ମଥା ସୁନ୍ଦର।**

କଥାର ସୌନ୍ଦର୍ଯ୍ୟ ପ୍ରକାଶ ଭଙ୍ଗୀର ଯଥାର୍ଥତା ଉପରେ ନିର୍ଭର କରେ। କଥାକୁ ବଖାଣିବାର ଢଙ୍ଗ ମନ କିଣି ନିଏ। ଯିଏ ବନେଇ ଚୁନେଇ, ରସେଇ ମଜେଇ କଥା କହି ଜାଣେ, ସିଏ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି ଇପ୍ସିତ କାର୍ଯ୍ୟ ହାସଲ କରିପାରେ। ସେହିପରି କେଶ ବିନ୍ୟାସର ଶୈଳୀ ଆଖିକୁ ମୋହିନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଗୁଳି ବିନିମୟରେ ଜଣେ ମାଓବାଦୀ ମୃତ

ମାଲକାନଗିରି, ୯।୧୧
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ଜିଲା ରେଖାପାଲୀ ଜଙ୍ଗଲରେ ଶୁକ୍ରବାର ହୋଇଥିବା ଗୁଳି ବିନିମୟରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଏଥିରେ ଆଉ ଜଣେ ମାଓବାଦୀଙ୍କ ମୃତଦେହ ବିଳମ୍ବିତ ରାତିରେ ଜବତ କରାଯାଇଛି। ମୃତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଛି । ସେ ହେଲେ ପ୍ଲାଟୁନ ନମ୍ବର ୧୦ର କମାଣ୍ଡର ଜୋଗା ମାଡଭି। ତେବେ ଅନ୍ୟ ୨ ମୃତକଙ୍କ ପରିଚୟ ମିଳିପାରିନାହିଁ । ସୂଚନା ଅନୁଯାୟୀ, ଶୁକ୍ରବାର ରେଖାପାଲୀ ଜଙ୍ଗଲରେ ଡିଆର୍‌ଜି, ପୋଲିସ ଓ କୋବ୍ରା ବାହିନୀ ପକ୍ଷରୁ ତଲାସି କରାଯାଉଥିବା ବେଳେ ଜଙ୍ଗଲରେ ଲୁଚିଥିବା ମାଓବାଦୀ ଯବାନଙ୍କୁ ଦେଖି ଗୁଳି ଚାଳନା କରିଥିଲେ। ଯବାନମାନେ ମଧ ଗୁଳି ଚଳାଇଥିଲେ। ଏଥିରେ ୩ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ଏସ୍‌ଏଲ୍‌ଆର ବନ୍ଧୁକ, ୧୨ ବୋର୍ ରାଇଫଲ, ପିସ୍ତଲ, ବିସ୍ଫୋରକ ସାମଗ୍ରୀ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହିତ ଦୁଇଟି ବିସ୍ଫୋରକ ମିଳିଥିବା ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି।

## ୨ କୋର୍ଟଚାଲାଣ, ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ଦାବି

ଯାଜପୁର,୯।୧୧
(ହର୍ଷବର୍ଦ୍ଧନ ବେହେରା)

**ସୂଚନା ଅଧିକାର କର୍ମୀ, ସ୍ତ୍ରୀଙ୍କୁ ମାଡ଼ ଘଟଣା**

- **ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ ପାଇଁ ସ୍ୱତନ୍ତ୍ର ଦଳ ଗଠନ**

ଯାଜପୁର ଜିଲା ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଓ ଅନୁଦାନ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ତଥ୍ୟ ମାଗିବାରୁ ସୂଚନାଧିକାର କର୍ମୀ ଓ ତାଙ୍କ ସ୍ତ୍ରୀଙ୍କ ରାସ୍ତାରେ ଘୋଷାଡି ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଅଭିଯୋଗ ହେବାପରେ ଦଶରଥପୁର ଥାନା ପୋଲିସ ୧୬୫/୨୦୨୪ ନମ୍ବରରେ ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାହାସୋଇ ଗ୍ରାମର ଦୀପ୍ତିରଞ୍ଜନ ପାଣିଗ୍ରାହୀ ଓ ମହେଶ୍ୱର ସେଠୀ। ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆବାହକ ପ୍ରଦୀପ ପ୍ରଧାନ, ସର୍ବେଶ୍ୱର ବେହୁରା ପ୍ରମୁଖ ଶନିବାର ଘଟଣାସ୍ଥଳ ପରିଦର୍ଶନରେ ଯାଇ ସତ୍ୟାସତ୍ୟ ଅନୁସନ୍ଧାନ କରିବା ସହ ଏଥିରେ ମୁଖ୍ୟ ଅଭିଯୁକ୍ତ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲ କହିଛନ୍ତି, ଘଟଣାକୁ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ୨ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ଅଭିଯୋଗ ଅନୁସାରେ, ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତର ଅଶୋକ କୁମାର ପତି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତିକୁ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଅଧୀନରେ ଚାଲିଥିବା କେତେକ ଉନ୍ନୟନ ପ୍ରକଳ୍ପକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସମର୍ଥକମାନେ ସୂଚନା ଅଧିକାର କର୍ମୀ ଅଶୋକ ପତି ଓ ତାଙ୍କ ସ୍ତ୍ରୀ ଲଳିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଲଳିତାଙ୍କୁ ଧକ୍କା ଦେବାରୁ ସେ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେବା ସହ ଲଳିତାଙ୍କୁ ଟଣାଓଟରା କରିଥିଲେ। ଭାଜପା ନେତ୍ରୀ ବବିତା ମଲ୍ଲିକ, ନିରଞ୍ଜନ ବେହୁରିଆ, ହୃଦାନନ୍ଦ କଦମସିଂହ, ଶ୍ରୀମନ୍ତ ପାତ୍ର, ବିକାଶ କୁମାର ଧଳ ପ୍ରମୁଖ ଅଶୋକ ଏବଂ ଲଳିତାଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହାସହ ସେମାନେ ଥାନାଧିକାରୀ ବଦ୍ରିକା ନାଥ ବେହେରାଙ୍କୁ ଭେଟି ମୁଖ୍ୟ ଅଭିଯୁକ୍ତ ତଥା ସରପଞ୍ଚଙ୍କ ସ୍ୱାମୀ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରାଯିବାକୁ ଦାବି କରିଛନ୍ତି ।

### ଏନ୍‌ଏଚ୍‌ଆର୍‌ସିରେ ମାମଲା

ପାଣିକୋଇଲି,୯।୧୧(ବିକାଶ ମଲ୍ଲିକ)

ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ତଥ୍ୟ ମାଗିଥିବାରୁ ସୂଚନା ଅଧିକାର କର୍ମୀ ଅଶୋକ କୁମାର ପତି ଓ ତାଙ୍କ ସ୍ତ୍ରୀଙ୍କୁ କେତେଜଣ ଅର୍ଦ୍ଧଉଲଗ୍ନ କରି ମାଡ଼ ମାରିଛନ୍ତି। ଏନେଇ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ଦଶରଥପୁରରେ ପହଞ୍ଚି ଘଟଣାର ସମୀକ୍ଷା କରିଛନ୍ତି। ପରେ ତାଙ୍କ ପରାମର୍ଶକ୍ରମେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଘଟଣାକୁ ନେଇ ଏକ ମାମଲା ଦାଏର କରାଯାଇଛି। ପାଣିକୋଇଲି ଅଞ୍ଚଳର ସୂଚନା ଅଧିକାର ଓ ମାନବାଧିକାର କର୍ମୀ ତାରିଣୀ କୁମାର ପଟ୍ଟନାୟକ ଏହି ମାମଲା ଦାଏର କରିଛନ୍ତି। ଏଥିରେ ସେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରି ପିଟିଶନ ଫାଇଲ କରିବା ସହିତ ଅଶୋକଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ମାନବ ଅଧିକାର କମିଶନ ଘଟଣାକୁ ଗୁରୁତ୍ୱର ସହ ନେଇ ଏକ ମାମଲା (୧୮୫୩୨/ଆଇ/ଏନ ୨୦୨୪) ରୁଜୁ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ମିଶ୍ର ଫଳ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଅଲ୍ ଇଣ୍ଡିଆ ଫେଡେରେଶନ୍ ଫର ଦି ବ୍ଲାଇଣ୍ଡ (ଏଆଇସିଏଫ୍‌ବି) ଆନୁକୂଲ୍ୟରେ ଗୁଜରାଟର ଅହମଦାବାଦରେ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ମିଶ୍ର ଫଳ ମିଳିଛି। ତୃତୀୟ ରାଉଣ୍ଡରେ ଓଡ଼ିଶା ଗୁଜରାଟ ବ୍ଲୁକୁ ୨.୫-୧.୫ରେ ହରାଇଥିବାବେଳେ ଚତୁର୍ଥ ମ୍ୟାଚରେ ମହାରାଷ୍ଟ୍ର ‘ଏ’ଠାରୁ ୧-୩ରେ ହାରି ଯାଇଛି। ପରେ ୫ମ ରାଉଣ୍ଡରେ ପଶ୍ଚିମବଙ୍ଗ ବିପକ୍ଷ ମ୍ୟାଚକୁ ଓଡ଼ିଶା ୨-୨ ପଏଣ୍ଟରେ ଡ୍ର ରଖିଛି। ୫ ରାଉଣ୍ଡ ଶେଷରେ ଓଡ଼ିଶା ୭ ପଏଣ୍ଟ ସହିତ ଅନ୍ୟ ୬ ଦଳସହ ମିଳିତ ତୃତୀୟ ସ୍ଥାନରେ ରହିଛି। ମହାରାଷ୍ଟ୍ର ‘ଏ’ ୯ ଓ ମହାରାଷ୍ଟ୍ର ‘ସି’ ୮ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନ ଅଧିକାର କରିଛନ୍ତି।

# ଓଡ଼ିଶାର ଆଉଏକ ଇନିଂସ ପରାଜୟ

**ରଣ୍‌ଜୀ ଟ୍ରଫି**

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଚଳିତ ରଣ୍‌ଜୀ ସିଜନରେ ଆଉ ଏକ ଇନିଂସ ପରାଜୟ ଲଭିଛି ଓଡ଼ିଶା। ଉଭୟ ବୋଲିଂ ଓ ବ୍ୟାଟିଂରେ ଖରାପ ପ୍ରଦର୍ଶନ କରି ମୁମ୍ବାଇ ନିକଟରୁ ଏକ ଇନିଂସ ଓ ୧୦୩ ରନରେ ପରାଜିତ ହୋଇଛି। ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ଗ୍ରାଉଣ୍ଡରେ ଶନିବାର ଶେଷ ହୋଇଥିବା ମ୍ୟାଚରେ ମୁମ୍ବାଇ ଏହାର ପ୍ରଥମ ଇନିଂସକୁ ୬୦୨/୪ରେ ଘୋଷଣା କରିଥିବାବେଳେ ଓଡ଼ିଶା ପ୍ରଥମ ଇନିଂସରେ ୨୮୫ ଓ ଦ୍ୱିତୀୟ ଇନିଂସରେ ୨୧୪ ରନରେ ଅଲ୍‌ଆଉଟ ହୋଇଛି। ପ୍ରଥମ ଇନିଂସରେ ୬ ଏବଂ ଦ୍ୱିତୀୟ ଇନିଂସରେ ୫ଟି ଉଇକେଟ ନେଇ ଓଡ଼ିଶାକୁ ପରାଜୟ ସ୍ୱାଦ ଚଖାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୁମ୍ବାଇ ସ୍ପିନର ଶାମ୍ସ ମୁଲାନୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏଥିସହ ଘରୋଇ ପ୍ରଥମଶ୍ରେଣୀ କ୍ରିକେଟରେ ୨୦୦ ଉଇକେଟ ପୂରଣ କରିଛନ୍ତି ମୁଲାନୀ।

ଚଳିତ ସିଜନରେ ଓଡ଼ିଶାର ଏହା ଦ୍ୱିତୀୟ ଇନିଂସ ପରାଜୟ। ଅଗରତାଲାରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଦ୍ୱିତୀୟ ମ୍ୟାଚ ଡ୍ର’ ରହିଥିଲା ଏବଂ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ଭଦୋଦରାରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚରେ ଗୋବିନ୍ଦ ପୋଦ୍ଦାରଙ୍କ ଦଳ ବରୋଦା ନିକଟରୁ ଏକ ଇନିଂସ ଓ ୯୮ ରନରେ ପରାସ୍ତ ହୋଇଥିଲା। ମୁମ୍ବାଇ ନିକଟରୁ ଇନିଂସ ପରାଜୟ ଫଳରେ ଓଡ଼ିଶା ୪ ମ୍ୟାଚରୁ ମାତ୍ର ୪ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଏଲିଟ ଗ୍ରୁପ୍ ‘ଏ’ ଟେବୁଲରେ ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କେବଳ ଓଡ଼ିଶା ବିପକ୍ଷ ମ୍ୟାଚରୁ ମୁମ୍ବାଇ ୭ ପଏଣ୍ଟ ପାଇଛି। ଫଳରେ ଏହି ଦଳର ପଏଣ୍ଟ ସଂଖ୍ୟା ୧୬ରେ ପହଞ୍ଚିଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୨୬/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୮୮ ରନ ଯୋଗକରି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଯୁବ ବ୍ୟାଟର କାର୍ତ୍ତିକ ବିଶ୍ୱାଳ ସତର୍କତାର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ୪୫ ରନରେ ଅପରାଜିତ ରହିଥିଲେ। ଆଶୀର୍ବାଦ ସ୍ୱାଇଁ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ ଅର୍ଦ୍ଧଶତକ ହାସଲ କରିବାପରେ ୫୧ ରନରେ ଆଉଟ ହୋଇଯାଇଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ମୁଲାନୀ ୫ଟି, ହିମାଂଶୁ ସିଂ ୪ଟି ଓ ରଷ୍ଟନ ଡିଆସ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୬୦୨/୪ (ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୨୮୫ (ଫଲୋଅନ)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୧୪/ଅଲଆଉଟ (ଆଶୀର୍ବାଦ ସ୍ୱାଇଁ-୫୧, କାର୍ତ୍ତିକ ବିଶ୍ୱାଳ-୪୫*, ସନ୍ଦୀପ ପଟ୍ଟନାୟକ-୩୯, ଶାମ୍ସ ମୁଲାନୀ-୫/୭୧, ହିମାଂଶୁ ସିଂ-୪/୭୭, ରଷ୍ଟନ ଡିଆସ-୧/୨୮)।

# ଚାମ୍ପିୟନ୍ସ ଟ୍ରଫି: ପାକିସ୍ତାନ ଯିବ ନାହିଁ ଭାରତ

**ନୂଆଦିଲ୍ଲୀ, ୯।୧୧ (ପି.ଟି.):** ଚାମ୍ପିୟନ୍ସ ଟ୍ରଫି ଖେଳିବା ଲାଗି ପାକିସ୍ତାନ ଯିବ ନାହିଁ ଭାରତ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ବିଧିବଦ୍ଧ ଭାବେ ଜଣାଇଛି। ତେବେ ଆଇସିସି ଏବିଷୟରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)କୁ ଜଣାଇବ କି ନା ଏହା ତାହା ଉପରେ ନିର୍ଭର କରେ। ଟୁର୍ନାମେଣ୍ଟ ଆୟୋଜନ କରିବାକୁ ହେଲେ ‘ହାଇବ୍ରିଡ୍ ମଡେଲ’ ବିନା ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆଗରେ ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ। ନିୟମାନୁସାରେ ଟୁର୍ନାମେଣ୍ଟର ୧୦୦ଦିନ ପୂର୍ବରୁ କାର୍ଯ୍ୟସୂଚୀ ଘୋଷଣା କରିବା ବିଧେୟ। ନିକଟରେ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ପାକିସ୍ତାନ ‘ହାଇବ୍ରିଡ୍ ମଡେଲ’କୁ ଅପାତତଃ ଗ୍ରହଣ କରିଛି।

# ନୀରଜଙ୍କ କୋଚ୍ ହେଲେ ଜାନ୍ ଜେଲେଜ୍‌ନି

**ନୂଆଦିଲ୍ଲୀ, ୯।୧୧ (ପି.ଟି.):** ଭାରତର ତାରକା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ କୋଚ୍ ଭାବରେ ଶନିବାର ଜାନ୍ ଜେଲେଜ୍‌ନିଙ୍କୁ ନିଯୁକ୍ତ କରାଯାଇଛି। ଚେକ୍ ରିପବ୍ଲିକର ଏହି କିମ୍ବଦନ୍ତୀ ଖେଳାଳି ଜଣକ ୩ ଥର ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ୫୮ ବର୍ଷୀୟ ଜେଲେଜ୍‌ନି ୧୯୯୨, ୧୯୯୬ ଓ ୨୦୦୦ ମସିହାରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିବା ବେଳେ ୧୯୯୩, ୧୯୯୬ ଓ ୨୦୦୧ ମସିହାରେ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ସହିତ ସେ ୯୮.୪୮ ମିଟରର ଥ୍ରୋ ସହିତ ବିଶ୍ୱ ରେକର୍ଡ ସେ ନିଜ ନାମରେ ରଖିଛନ୍ତି। ଦୀର୍ଘ ୫ବର୍ଷ ଧରି ଜର୍ମାନୀର କ୍ଲାଉସ୍ ବାର୍ଟିଓନେଜ୍‌ଙ୍କ ସହ ରହିବା ପରେ ଅଲଗା ହୋଇଥିଲେ ନୀରଜ। ପାରିବାରିକ କାରଣ ଦର୍ଶାଇ ବାର୍ଟିଓନେଜ୍ ଅଲଗା ହୋଇଥିଲେ। ବାର୍ଟିଓନେଜ୍‌ଙ୍କ ଅଧୀନରେ ପ୍ରଶିକ୍ଷଣ ନେବା ସମୟରେ ନୀରଜ ପ୍ରଥମ ଭାରତୀୟ ଆଥ୍‌ଲେଟ ଭାବରେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ପ୍ୟାରିସ୍ ୨୦୨୪ରେ ନୀରଜ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

# ପ୍ରଭାକରଙ୍କୁ ଡବଲ୍ ମେଡାଲ

**ଭୁବନେଶ୍ୱର, ୯।୧୧ (ସରୋଜ ଜେନା):** ପୁଣେର ବେଲୱାଡେସ୍ଥିତ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ପଞ୍ଚମ ଜୋନାଲ ପାରା ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରଭାକର ବେହେରା ଦୁଇଟି ପଦକ ଜିତିଛନ୍ତି। ଏହାସହିତ ସେ ପଞ୍ଚମ ଜାତୀୟ ପାରା ଶୁଟିଂ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଭାକର ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍-୨ ବର୍ଗରେ ୪୦୦ରୁ ୩୭୪ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ସ୍ଥାନରେ ରହି ସେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ୧୦ ମିଟର ପ୍ରୋନ୍ ମିକ୍ସ ଏୟାର ରାଇଫଲ ଏସ୍‌ଏଚ୍-୨ ବର୍ଗରେ ଅନ୍ୟ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୪୦୦ରୁ ୩୯୩ ପଏଣ୍ଟ ସ୍କୋର କରି ସେ ତୃତୀୟ ସ୍ଥାନରେ ରହିଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ):** ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ କିଟ୍ ଚାମ୍ପିୟନ ହୋଇଛି। ଟପ୍-୪ ଦଳ ମଧ୍ୟରେ ଅନୁଷ୍ଠିତ ସୁପର ଲିଗ୍‌ର ୩ଟି ଯାକ ମ୍ୟାଚରେ କିଟ୍ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଥିଲା। କୋଲକାତାର ଆଡାମ୍ସ ବିଶ୍ୱବିଦ୍ୟାଳୟ ୨ଟି ମ୍ୟାଚ୍ ଜିତି ପ୍ରଥମ ରନରଅପ୍ ଓ ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ଗୋଟିଏ ମ୍ୟାଚ୍ ଜିତି ଦ୍ୱିତୀୟ ରନରଅପ୍ ହୋଇଥିଲା। କୌଣସି ମ୍ୟାଚ୍ ଜିତିପାରି ନ ଥିବା ପଶ୍ଚିମବଙ୍ଗର ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ପ୍ରକାଶଯୋଗ୍ୟ, ଏହି ୪ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ମହିଳା ଭଲିବଲ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନ୍ସେଲର ଦେବାଶିଷ ବନ୍ଦୋପାଧ୍ୟାୟ ମୁଖ୍ୟ ଅତିଥି ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସର୍ବଭାରତୀୟ ଯୋଗ୍ୟତା ପାଇଥିବା ୪ ଦଳର ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


# Classified Everyday
0674-2580101, 2549949


MATRIMONIAL

## BRIDE WANTED

Wanted Fair Educated Bride for Baishya Karan Boy 31/6’0” of Puri District Amazon Software Professional in USA. Contact: 7992753867. D-1898

ଭୁବନେଶ୍ୱରରେ ରହୁଥିବା ବରପାତ୍ର ପାଇଁ ଅସହାୟ, ଶିକ୍ଷିତ, ସୁନ୍ଦର (Divorcee/Widow) Caste no bar, age above 40 ବରପାତ୍ରୀ ଆବଶ୍ୟକ। Mob- 9114932201. D-1834

Handsome Karan Boy 1995, 5’10”, B.Tech, Serving Manager SBI Bhubaneswar. “SUNASANSAR”. 9937512659, 8249969649. D-1856

Kayastha Groom, 30Yrs./5’8”, B.Tech (IIT) and M.Tech (IIT), Software Engineer, Father is Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact details- 9438479926, 9439189200. D-1865

“Brahmin groom working at Indore in an Automobile Company seeking fair, Educated and working bride from any higher caste. Early marriage preferred. Phone- 9437560347”. D-1861

## GROOM WANTED

ବାଙ୍ଗାଲୋରରେ ସଫଟ୍‌ୱେୟାର୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ୩୯ ବର୍ଷ କୈବର୍ତ୍ତ୍ୟ ତରୁଣୀଙ୍କ ପାଇଁ ଭୁବନେଶ୍ୱରରେ ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଯୋଗ୍ୟ କରଣ ପ୍ରାର୍ଥୀ ଆବଶ୍ୟକ। ଯୋଗାଯୋଗ- 9439308544. D-1847

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


REAL ESTATE

## SALE

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

Commercial Hall at Bhubaneswar Gajapati Nagar main road side ground floor approx 1000/- sft. near Kalinga Hospital Chhak for sale. Contact Ph No- 7008283108, no brokers. D-1887

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1889

ଘରବାରି ପାଚେରି ୩୦ଫୁଟ ରାସ୍ତା ଥାଇ ଟଙ୍କପାଣି ରୋଡ୍ ବାଲକାଟିରେ ପ୍ଲଟ୍ ମିଳୁଛି। **8249776268.** D-71393

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Genuine plots for sale at Pipili bypass overbridge(NH) within 300 metre, 30ft. road, near proposed Metro Rail station- 8984911275. D-1875

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9938015048.** D-1888

ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପାଖରେ ଷ୍ଟୁଡିଓ ଆପାର୍ଟମେଣ୍ଟ ବିକ୍ରି ହେବାକୁ ଅଛି। 8018702198. D-1890

ଭୁବନେଶ୍ୱର ନଖରା ତ୍ରିନାଥବଜାର ପାଖରେ ଘରବାରୀ ପ୍ଲଟ୍ ଏବଂ Duplex ମିଳୁଛି। 7855922165. D-76208


CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work. SNV Engineering. 9439295469.** D-76203




Around 800sft. Ground Floor for Office, commercial Godown at Chintamaniswar behind Mandap, Bhubaneswar walkable distance to Cuttack Road Railstation. 9348832682. D-1840




Newly open health benefits spa special offer @799 Bapujinagar. 8018429809. D-76167

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit in the Court of Executive Magistrate, Oupada, I Smt. Godabari Nayak, W/o- Baikuntha Pradhan of Haricharandapur, P.O.- Fatepur, P.S.- Oupada declare that in my Aadhaar & Voter ID Card my name mentioned as Godabari Nayak. But in LIC bond bearning Policy No.-599355934 my name recorded as Minati Pradhan. Both the name belongs to one & same person. D-1895

By virtue of an affidavit (Sl. No.- 353, dtd. 05.10.2024) before the Executive Magistrate, Jharsuguda I have change my name from PUJA JALAN to SHRADHA JALAN. Henceforth I shall be known as SHRADHA JALAN, W/o- ASHOK KUMAR JALAN, R/o- Ward No.-22, Mungapada, P.S./P.O./ Dist.- Jharsuguda, 768201 Odisha for all future purposes. Shradha Jalan D-1894

By virtue of an affidavit No.- 1496, dt-27.09.2024 sworn before the Executive Magistrate, Bhandaripokhari, I Gajendra Ojha (54), S/o- Nabaghan Ojha, Vill-Tulasipur, P.O./P.S.- Bhandaripokhari, Dist.- Bhadrak, declare that my real name is Gajendra Ojha Aadhaar xxxx xxxx 2497, in LIC Policy No.- 596991919 wrongly mentioned as Lambodar Ojha. So Gajendra Ojha & Lambodar Ojha is one and same person. D-1893

By virtue of an affidavit before Executive Magistrate, Tahasil, Darpan Dhanmandal, on 06.11.2024, I, Sukanti Dalei, W/o- Bhima Dalei of Vill- Manduka, P.O./ P.S.- Balichandrapur, Dist.- Jajpur aged about 49 years. I want to change my name and surname from Basanti Dalei to Sukanti Dalei is same and one person. I shall be known as Sukanti Dalei for all purpose. D-1900

# ମନେ ପଡ଼ନ୍ତି

**୨୨ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**
ବରୁଣେଇସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ- ୨୦୦୨
ବାପା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
—:ଶୋକସନ୍ତପ୍ତ:—
ଆପଣଙ୍କର ପିଲାମାନେ
ଧ-୧୮୩୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ**
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
ଅଁଳା ନବମୀ- ୨୦୨୪
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
—:ଶୋକସନ୍ତପ୍ତ:—
ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୮୯୭

**ଏକାଦଶାହ ଉପଲକ୍ଷେ**



**୰ସାହିତ୍ୟିକା ରେଣୁବାଳା ନାୟକ**
ବାହାବଳପୁର, ଚରମ୍ପା, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୫୩
ତିରୋଧାନ: ୩୧।୧୦।୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ- ସ୍ୱାମୀ: ଉମାକାନ୍ତ, ପୁଅ: ରଶ୍ମିକାନ୍ତ, ରଜତ, ବୋହୂ: କାଞ୍ଚନବାଳା ଓ ମଧୁମିତା, ଝିଅ: ରୂପଶ୍ରୀ, ପୁତୁରା: ରାଜକିଶୋର, ବ୍ରଜ, ତପନ, ଅଶୋକ, ପ୍ରଦୀପ୍ତ, ସୁଦୀପ୍ତ, ଦେବାଶିଷ, ଝିଆରୀ: ଭାରତୀ, ରୀତା, ମାମି, ମାଣିକ, କୁନି, ଝୁନି, ରୁନି, ନାତି: ନମମ୍, ଶିଖା, ଆରଧ୍ୟା, ଲିଜା, ପ୍ରତ୍ୟାଶା, ଦିବ୍ୟାଶା, ବନ୍ଧୁବାନ୍ଧବ, ପରିବାରବର୍ଗ।
ଧ-୧୯୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରାଧାମୋହନ ସ୍ୱାଇଁ**
ଖାନନଗର, କଟକ
ଆବିର୍ଭାବ: ୧୭।୦୫।୧୯୬୯
ତିରୋଧାନ: ୨୧।୧୧।୨୦୨୩
ବାପା, ତୁମର ସ୍ନେହ, ଶ୍ରଦ୍ଧା, ପ୍ରେରଣା, କର୍ତ୍ତବ୍ୟ ନିଷ୍ଠା ଓ ଶୁଭାଶୀର୍ବାଦ ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ପତ୍ନୀ: ସୁମିତ୍ରା ସ୍ୱାଇଁ, ଝିଅ: ଆଲିଶା ପ୍ରିୟଦର୍ଶିନୀ, ପୁଅ: ରିତେଶ କୁମାର ସ୍ୱାଇଁ
ଧ-୧୮୯୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ପଣ୍ଡିତ ଧ୍ରୁବ ଚରଣ ମିଶ୍ର**
ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ
ଜନ୍ମସ୍ଥାନ-ଗତାନଇ,ନଳଦିଆ ଶାସନ କେନ୍ଦ୍ରାପଡ଼ା
ବାସସ୍ଥାନ-ପୂର୍ଣ୍ଣେଶ୍ୱରୀ ସାହି, ନିମାପଡ଼ା,ପୁରୀ
ଆବିର୍ଭାବ- କାର୍ତ୍ତିକ ଏକବାର ୧୯୩୮
ସା-ଗତାନଇ, କେନ୍ଦ୍ରାପଡ଼ା
ତିରୋଧାନ -କାର୍ତ୍ତିକ ଅଁଳା ନବମୀ ୨୦୨୩
ସା-ନିମାପଡ଼ା, ପୁରୀ
ଶୋକସନ୍ତପ୍ତ : ପତ୍ନୀ- ସରୋଜିନୀ, ହତଭାଗ୍ୟ ପୁତ୍ର-ନାରାୟଣ ମିଶ୍ର, ନୃସିହ ନାଥ ମିଶ୍ର, ବନ୍ଧୁ ଓ ପରିବାରବର୍ଗ
ଧ-୧୮୯୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384 6@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ନୂଆ ଷ୍ଟାର୍ଟଅପ୍ ଆଉ ମାର୍କେଟିଂ



**କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ନିର୍ଦ୍ଧାରିତ ଦରମାରେ କାମ କରିବା ଅପେକ୍ଷା ନିଜର ଷ୍ଟାର୍ଟଅପ୍ ବିଜ୍‌ନେସ୍ ଆରମ୍ଭ କରି ସ୍ୱରୋଜଗାରକ୍ଷମ ହେବାକୁ ଆଜିର ଯୁବପିଢ଼ି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ଆଉ ଏଥିରେ ସଫଳ ହୋଇ ଅଧିକରୁ ଅଧିକ ରୋଜଗାର କରିବାରେ ସବୁଠୁ ବେଶି ସାହାଯ୍ୟ କରିଥାଏ ଏକ ଭଲ ମାର୍କେଟିଂ ପ୍ଲାନ୍...**

ବର୍ତ୍ତମାନ ଅଧିକାଂଶ ଯୁବପିଢି ନିଜର ଷ୍ଟାର୍ଟଅପ୍ ବିଜ୍‌ନେସ୍ ପ୍ରତି ଆଗ୍ରହୀ ହେଉଛନ୍ତି। ଏହାଦ୍ୱାରା ନା କାହା ଅଧିନରେ କାମ କରିବା ନା କେବେ ଚାକିରୀ ଯିବାର ଭୟ ରହୁଛି। ବରଂ ନିଜେ ରୋଜଗାରକ୍ଷମ ହେବା ସହ ସେମାନେ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ପନ୍ଥା ଯୋଗାଇ ପାରୁଛନ୍ତି। ତେବେ ଏମିତିରେ ନିଜ ବିଜ୍‌ନେସ୍‌କୁ ସଫଳ କରାଇ ଅଧିକ ଲାଭ ପାଇଁ ସେମାନେ ବିଭିନ୍ନ ମାର୍କେଟିଂ ଷ୍ଟ୍ରାଟେଜି ଉପରେ ନିର୍ଭର କରିଥାନ୍ତି। ଯଦି ନୂଆ ଷ୍ଟାର୍ଟଅପ୍ ଆରମ୍ଭ କରୁଥାନ୍ତି ତେବେ କିପରି ଭଲ ଭାବେ ମାର୍କେଟିଂ କରି ଲାଭବାନ ହୋଇପାରିବେ ଜାଣି ରଖନ୍ତୁ ଟିପ୍ସ...

**ସ୍ଥିର କରନ୍ତୁ ମାର୍କେଟିଂ ଲକ୍ଷ୍ୟ:** ଆପଣଙ୍କ ବିଜ୍‌ନେସ୍ ଅନୁଯାୟୀ ପ୍ରଥମେ ସର୍ଭେ କରିବା ପରେ ମାର୍କେଟିଂର ଲକ୍ଷ୍ୟ ସ୍ଥିର କରନ୍ତୁ। ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଉଭୟ ପାଇଁ ଭିନ୍ନ ଭିନ୍ନ ତଥା କ୍ରିଏଟିଭ୍ କଣ୍ଟେଣ୍ଟ ପ୍ରସ୍ତୁତ କରନ୍ତୁ ଯେମିତି ତାହା ଲୋକଙ୍କୁ ଉପଯୋଗୀ ମନେହେବ ଏବଂ ଆପଣଙ୍କ ବିଜ୍‌ନେସ୍ ଆଡକୁ ଧ୍ୟାନଆକର୍ଷଣ କରିବ। ସୋସିଆଲ୍ ମିଡିଆ ଜରିଆରେ ଏହା ଅଧିକରୁ ଅଧିକ ଲୋକଙ୍କ ପାଖକୁ ପହଞ୍ଚିବା ଲାଗି ଠିକ୍ ଭାବେ ଏସ୍‌ସିଓ କରନ୍ତୁ। ଏଥିପାଇଁ କୌଣସି ଅଭିଜ୍ଞଙ୍କ ସହାୟତା ନେବା ଭଲ।

**ଟାର୍ଗେଟ୍ ଅଡିଆନ୍ସ:** ଯେକୌଣସି ମାର୍କେଟିଂ ଷ୍ଟ୍ରାଟେଜିର ପ୍ରଥମ ଲକ୍ଷ୍ୟ ହୋଇଥାଏ ଏହାର ବିଜ୍ଞାପନ ଠିକ୍ ଲୋକଙ୍କ ପାଖରେ ପହଞ୍ଚୁ। ଉଦାହରଣ ସ୍ୱରୂପ ଯଦି ଆପଣ ଏକ ହେଲ୍‌ଥ୍ ଡ୍ରିଙ୍କ୍ ପ୍ରଡକ୍ଟ ଲଞ୍ଚ କରୁଛନ୍ତି ଏବଂ ଏହାର ଆଡ୍ ଜିମ୍ ଯାଉଥିବା ତଥା ବଡି ବିଲ୍ଡିଂ କରୁଥିବା ଯୁବପିଢ଼ିଙ୍କ ପାଖରେ ନ ପହଞ୍ଚି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚେ ତେବେ ତାହା ସେମାନଙ୍କ ପାଇଁ କୌଣସି କାମରେ ଆସିବ ନାହିଁ। ତେଣୁ ଭଲ ଭାବେ ମାର୍କେଟ୍ ରିସର୍ଚ୍ଚ କରି ନିଜର ଟାର୍ଗେଟ୍ ଅଡିଆନ୍ସ ପାଖରେ ପ୍ରଡକ୍ଟକୁ ପହଞ୍ଚାଇବାକୁ ଚେଷ୍ଟା କରନ୍ତୁ। ମାର୍କେଟିଂ ଠିକ୍ ଭାବେ ହୋଇପାରିଲେ ପ୍ରଡକ୍ଟର ସେଲ୍ ବଢ଼ିବା ସହ ଲାଭ ଅଧିକ ହେବ।

**ଚାନେଲ୍ କ୍ରିଏଟ୍ କରନ୍ତୁ:** ଠିକ୍ ଭାବେ ମାର୍କେଟିଂ କରିପାରିବା ଯେକୌଣସି ବିଜ୍‌ନେସ୍ ସଫଳ ହେବା ପାଇଁ ଏକ ରଣନୀତି ହୋଇପାରେ। ତେଣୁ ନିଜର ଟାର୍ଗେଟ୍ ଅଡିଆନ୍ସ କିଏ ଜାଣିବା ପରେ ପ୍ରଡକ୍ଟ ସେମାନଙ୍କ ପାଖକୁ ପହଞ୍ଚିବା ଲାଗି କେଉଁ ସୋର୍ସ ବା ମାଧ୍ୟମ ସବୁଠୁ ଭଲ ଜାଣିରଖନ୍ତୁ। ସେଥିରେ ଚାନେଲ୍ କ୍ରିଏଟ୍ କରି ନିଜର ବିଜ୍ଞାପନ ଏବଂ ପୋଷ୍ଟ ଶେୟାର କରନ୍ତୁ।

**ୟୁଏସ୍‌ପିକୁ ଦିଅନ୍ତୁ ଗୁରୁତ୍ୱ:** ଯେକୌଣସି ବିଜ୍‌ନେସ୍ ସଫଳ ହେବା ଲାଗି ମାର୍କେଟିଂରେ ୟୁଏସ୍‌ପି(ୟୁନିକ୍ ସେଲିଂ ପ୍ରପୋଜିଶନ୍)ର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଦର୍ଶାଇଥାଏ ଗ୍ରାହକଙ୍କୁ ଆପଣଙ୍କ ପ୍ରଡକ୍ଟର ଆବଶ୍ୟକତା କାହିଁକି ରହିଛି। ଏଥିରେ ଏମିତି କ'ଣ ବିଶେଷତ୍ୱ ରହିଛି ଯାହା ଅନ୍ୟ ପ୍ରତିଯୋଗୀ କମ୍ପାନୀର ପ୍ରଡକ୍ଟ କିମ୍ବା ସର୍ଭିସ୍‌ଠାରୁ ଭଲ। ଫଳରେ ଗ୍ରାହକଙ୍କୁ ଏହା ଆପଣଙ୍କ ପ୍ରଡକ୍ଟ ପ୍ରତି ଆକୃଷ୍ଟ କରିପାରିବ ଏବଂ ସେଲ୍ ବଢ଼ିବ।







**ଖୋଲନ୍ତୁ ନିଜ ୱେବ୍‌ସାଇଟ୍:** କୌଣସି ଷ୍ଟାର୍ଟଅପ୍ କରୁଥିଲେ ମାର୍କେଟିଂ ଓ ସେଲ୍ ପାଇଁ ନିଜର ୱେବ୍‌ସାଇଟ୍ ଖୋଲିବା ସବୁଠୁ ବୁଦ୍ଧିମତାର କାମ। ଏହାଦ୍ୱାରା ଆପଣଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡି ନ ଥାଏ, କାରଣ ଏଥିରେ ପର୍ସନାଲ ଡିଜିଟାଲ ସ୍ପେଶ୍ ରହିଥାଏ।

**ରୁହନ୍ତୁ ଅପ୍‌ଡେଟ୍:** ଦିନକୁ ଦିନ ମାର୍କେଟ୍‌କୁ ନୂଆ ନୂଆ ପ୍ରଡକ୍ଟ ଆସୁଛି। ତେଣୁ କ'ଣ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି ଏବଂ ତାହାକୁ ଆଖିଆଗରେ ରଖି ନିଜ ପ୍ରଡକ୍ଟରେ କ'ଣ ପରିବର୍ତ୍ତନ ଆବଶ୍ୟକ ରହିଛି ଜାଣିରଖନ୍ତୁ। ମାର୍କେଟ୍ ସହ ସବୁବେଳେ ଅପ୍‌ଡେଟ୍ ନ ରହିଲେ ଏହି ଫିଲ୍ଡରେ ଆଗକୁ ବଢ଼ିବା କଷ୍ଟକର ହୋଇପାରେ।

**ନିଅନ୍ତୁ କଷ୍ଟମରଙ୍କ ଫିଡ୍‌ବ୍ୟାକ୍ :** ବିଜ୍‌ନେସ୍ ମାର୍କେଟିଂରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ। କାରଣ ଆପଣଙ୍କ ପ୍ରଡକ୍ଟ କେତେ କାର୍ଯ୍ୟ କରୁଛି ଅବା କେତେ ପସନ୍ଦ ଆସୁଛି ତାହା କଷ୍ଟମରଙ୍କ ଫିଡ୍‌ବ୍ୟାକ୍‌ରୁ ଜଣା ପଡ଼ିଥାଏ। ତେଣୁ ଯଥା ସମ୍ଭବ ଅଧିକରୁ ଅଧିକ ଫିଡ୍‌ବ୍ୟାକ୍ ନେବାକୁ ଚେଷ୍ଟା କରନ୍ତୁ। ସେହି ଅନୁଯାୟୀ ପ୍ରଡକ୍ଟର ମାନ ପରିବର୍ତ୍ତନ କରନ୍ତୁ। ପ୍ରଡକ୍ଟକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେଲିବ୍ରିଟି ଏବଂ ଇନ୍‌ଫ୍ଲୁଏନ୍ସରମାନଙ୍କୁ ଏନ୍‌ଗେଜ୍ କରନ୍ତୁ। ଏହି ମାର୍କେଟିଂ ଷ୍ଟ୍ରାଟେଜି ଆପଣଙ୍କ ବିଜ୍‌ନେସ୍‌କୁ ବୁଷ୍ଟ କରିବାରେ ବହୁତ କାମରେ ଆସିବ।





## ୟୁଥ୍ ଆଲର୍ଟ

# ହ୍ୱାଟ୍ସଆପ୍ ପ୍ରିଭେସି

**ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏବେ ସମସ୍ତଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଗଲାଣି। ବିଶେଷ କରି ହ୍ୱାଟ୍ସଆପ୍ ବ୍ୟବହାର ବିନା ଯେମିତି ଦିନ ଅଧୁରା ଲାଗୁଛି। ହେଲେ ଏହାକୁ ବ୍ୟବହାର କରି ବର୍ତ୍ତମାନ ଅନେକ ଚୋର ତଥା ଅସାମାଜିକ ବ୍ୟକ୍ତି ଅନେକଙ୍କୁ ଠକୁଥିବାର ଘଟଣା ନଜରକୁ ଆସୁଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ହ୍ୱାଟ୍ସଆପ୍ ପ୍ରିଭେସି ସେଟିଂରେ କେତେକ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ...**



**ଅନ୍ କରନ୍ତୁ ଡିସ୍‌ଆପିୟରିଂ ମେସେଜ୍:** ନିଜ ହ୍ୱାଟ୍ସଆପ୍‌ରେ ଆସୁଥିବା ସମସ୍ତ ମେସେଜ୍‌କୁ ଅଧିକ ଦିନ ପର୍ଯ୍ୟନ୍ତ ରଖିବାକୁ ଚାହୁଁ ନ ଥିଲେ ଡିସ୍‌ଆପିୟରିଂ ମେସେଜ୍ ଫିଚରର ସାହାଯ୍ୟ ନିଅନ୍ତୁ। ଏହାଦ୍ୱାରା ପୁରୁଣା ମେସେଜ୍‌ଗୁଡିକ ଏକ ନିର୍ଦ୍ଧିଷ୍ଟ ସମୟ ପରେ କଟିଯାଇଥାଏ। ଏହାକୁ ସକ୍ରିୟ ରଖିବା ଲାଗି ଯାହାର ମେସେଜ୍ ଅଧିକ ଦିନ ନ ରହୁ ଆପଣ ଚାହୁଁଛନ୍ତି ତାଙ୍କ ନମ୍ବରରେ ଟ୍ୟାପ୍ କରି ଡିସ୍‌ଆପିୟରିଂ ମେସେଜ୍ ସିଲେକ୍ଟ କରି ଟାଇମ୍ ସେଟ୍ କରନ୍ତୁ।

**କରନ୍ତୁ ଲକ୍:** ବର୍ତ୍ତମାନ ସୁରକ୍ଷା ଦୃଷ୍ଟିରୁ ଆପ୍ ଲକ୍ ସିଷ୍ଟମ୍ ସବୁ ଫୋନ୍‌ରେ ଉପଲବ୍ଧ। ତେଣୁ କେବଳ ଫୋନ୍ ଲକ୍ ନ କରି ହ୍ୱାଟ୍ସଆପ୍‌କୁ ବି ଲକ୍ କରନ୍ତୁ। ଏଥିପାଇଁ ପାଟର୍ନ, ନମ୍ବର ଆଦି ନ ଦେଇ ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ଭେରିଫିକେଶନ୍ ଲକ୍ କରନ୍ତୁ। ଫଳରେ ଭୁଲ୍‌ରେ ଫୋନ୍ କାହା ହାତରେ ପଡିଗଲେ ସେ ଏହାର ଅପବ୍ୟବହାର କରିପାରିବ ନାହିଁ।

**ସିକ୍ୟୁରିଟି କୋଡ୍ ନୋଟିଫିକେଶନ୍ :** ସିକ୍ୟୁରିଟି କୋଡ୍ ଦ୍ୱାରା ନିଜ ଚାଟ୍‌ର ଏନ୍‌କ୍ରିପ୍ସନ ଚେକ୍ କରନ୍ତୁ। ଯଦି କେହି ଅନ୍ୟ ଡିଭାଇସ୍‌ରେ ଆପଣଙ୍କ ହ୍ୱାଟ୍ସଆପ୍ ଆକ୍ସେସ୍ ପାଇଁ ଚେଷ୍ଟା କରୁଛି ତେବେ ନୂଆ ସିକ୍ୟୁରିଟି କୋଡ୍ ଜେନେରେଟ୍ କରିବା ପାଇଁ ଯେପରି ମେସେଜ୍ ଆସିବ ସେଥିପାଇଁ ପ୍ରିଭେସି ସେଟିଂରେ ଶୋ ସିକ୍ୟୁରିଟି ନୋଟିଫିକେଶନ୍ ଅନ୍ କରନ୍ତୁ।

**ଟୁ ଷ୍ଟେପ୍ ଭେରିଫିକେଶନ୍:** ସବୁବେଳେ ଡାଟା ସୁରକ୍ଷିତ ରଖିବା ଲାଗି ହ୍ୱାଟ୍ସଆପ୍ ସେଟିଂରେ ଟୁ ଷ୍ଟେପ୍ ଭେରିଫିକେଶନ୍ ଏନାବଲ୍ କରନ୍ତୁ। ୬ ଡିଜିଟ୍ ପାସ୍‌ୱାର୍ଡ ବା ପିନ୍ କରି ନିଜ ଇମେଲ୍ ଆଡ୍ରେସ୍ ଯୋଡନ୍ତୁ।

**ରଖନ୍ତୁ ଗୋପନୀୟତା:** ହ୍ୱାଟ୍ସଆପ୍ ସେଣ୍ଟିଂରେ ପ୍ରିଭେସିକୁ ଯାଇ ରିଡ୍ ରିସିପ୍ଟ ଅଫ୍ କରି ଦିଅନ୍ତୁ।



## ଏ ସପ୍ତାହର ପ୍ରଶ୍ନ

୧– ସିହ୍ମାଚଳମ୍ ମନ୍ଦିର ....... ରାଜ୍ୟରେ ଅବସ୍ଥିତ ?
୨– ଇଣ୍ଡିଆନ୍ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ ପକ୍ଷରୁ ସାର୍ଟିଫିକେଟ୍ ପାଇଥିବା ପ୍ରଥମ ଜୁଲୋଜିକାଲ୍ ପାର୍କ ............... ?
୩– 'ଖାକି ମେଁ ସ୍ଥିତପ୍ରଜ୍ଞ' ପୁସ୍ତକର ଲେଖକ ............. ?
୪– ପୃଥିବୀର ସବୁଠୁ ଦ୍ରୁତ ଧାବକ ................. ?
୫– ଅଜରାଖ୍ ଟେକ୍ସଟାଇଲ୍ କ୍ରାଫ୍ଟ ............... ରାଜ୍ୟର ହସ୍ତତନ୍ତ ?

## ଗତ ଥରର ଉତ୍ତର

୧ କେରଳ
୨ ବୁରୁଣ୍ଡି
୩ ଚେତନ ଭଗତ୍
୪ ଗ୍ୟାସୋଲିନ୍
୫ କାଲିଷ୍ଟୋ

## ଉତ୍ତରଦାତା



ପ୍ରୀତିରଞ୍ଜନ ବରାଳ, ଯାଜପୁର



ବିଷ୍ଣୁ ଚରଣ ପ୍ରଧାନ, ସୋନପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଭଲ ଚେସ୍ ଖେଳାଳି–୨୦୨୪



ମ୍ୟାଗ୍ନସ୍ କାର୍ଲସେନ

୧– ଗ୍ରାଣ୍ଡ ମାଷ୍ଟର ମ୍ୟାଗ୍ନସ୍ କାର୍ଲସେନ୍ ................................ ନର୍‌ୱେ
୨– ଗ୍ରାଣ୍ଡ ମାଷ୍ଟର ଫାବିଆନୋ କାରୁଆନା ............................ ଆମେରିକା
୩– ଗ୍ରାଣ୍ଡ ମାଷ୍ଟର ହିକାରୁ ନାକାମୁରା ................................ ଆମେରିକା
୪– ଗ୍ରାଣ୍ଡ ମାଷ୍ଟର ଅର୍ଜ୍ଜୁନ ଏରିଗାଇସି .................................... ଭାରତ
୫– ଗ୍ରାଣ୍ଡ ମାଷ୍ଟର ଗୁକେଶ ଡୋମାରାଜୁ .................................... ଭାରତ
୬– ଗ୍ରାଣ୍ଡ ମାଷ୍ଟର ନୋଦିର୍ବେକ୍ ଅବ୍‌ଦୁସାତୋରୋଭ୍ ................ ଉଜ୍‌ବେକିସ୍ତାନ
୭– ଗ୍ରାଣ୍ଡ ମାଷ୍ଟର ଆଲିରେଜା ଫିରୋଉଜା .................................. ଫ୍ରାନ୍ସ
୮– ଗ୍ରାଣ୍ଡ ମାଷ୍ଟର ଇଆନ୍ ନେପୋନିଆଚି .................................. ରୁଷିଆ
୯– ଗ୍ରାଣ୍ଡ ମାଷ୍ଟର ୱି ୟି ......................................................... ଚାଇନା
୧୦–ଗ୍ରାଣ୍ଡ ମାଷ୍ଟର ବିଶ୍ୱାନାଥନ୍ ଆନନ୍ଦ ..................................... ଭାରତ

## ଜାଣନ୍ତୁ ଦୁନିଆ

# ଧଳା କୋଠାର ସହର

**ପୃଥିବୀରେ ଏମିତି ଏକ ସହର ଅଛି ଯେଉଁଠି ସମସ୍ତ କୋଠାର ରଙ୍ଗ ଧଳା। ଯେଉଁଥିପାଇଁ ଏହି ଆକର୍ଷଣୀୟ ସହର 'ଦି ସିଟି ଅଫ୍ ହ୍ୱାଇଟ୍ ମାର୍ବଲ' ବା 'ଧଳା ମାର୍ବଲ୍‌ର ସହର' ନାଁରେ ବିଶ୍ୱ ପ୍ରସିଦ୍ଧ। ତୁର୍କମେନିସ୍ତାନର ରାଜଧାନୀରେ ରହିଛି ଏହି ମାର୍ବଲ ସହର ଆସଗାବାଦ୍। ଜାଣିବା ଏହି ସହର ସମ୍ପର୍କରେ କିଛି ତଥ୍ୟ...**



- ଏହି ସହରରେ ରହିଛି ଧଳା ରଙ୍ଗର ମାର୍ବଲରେ ତିଆରି ଅନେକ କୋଠା। କେବଳ କୋଠା ନୁହେଁ ଷ୍ଟାଚ୍ୟୁ ବା ପ୍ରତିମୂର୍ତ୍ତିଗୁଡ଼ିକ ମଧ୍ୟ ଏକ ଧଳାରଙ୍ଗର ଗ୍ରାଣ୍ଡିଓଜ୍ ମାର୍ବଲରେ ନିର୍ମିତ।
- ସହରଟିର ଆକର୍ଷଣ ବୃଦ୍ଧି କରେ ଏଠାରେ ଅଧିକାଂଶ ସ୍ଥାନରେ ଧାଡ଼ି ଧାଡ଼ି ହୋଇ ଲାଗିଥିବା ଗଛ ସାଙ୍ଗକୁ ଅନେକ ସ୍ଥାନରେ ସୁସଜ୍ଜିତ ମନଲୋଭା ଫାଉଣ୍ଟେନ୍‌ସବୁ।
- ଏଥିପାଇଁ ଏହି ସହର ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ମଧ୍ୟ ସ୍ଥାନ ପାଇଛି।
- ସହରର ପ୍ରାୟ ୭୦ ପ୍ରତିଶତ ସ୍ଥାନ ମରୁଭୂମିରେ ଆଚ୍ଛାଦିତ, ସେଥିପାଇଁ ଏଠାକୁ ଖୁବ୍ କମ୍ ଲୋକ ଅର୍ଥାତ୍ ବାର୍ଷିକ ହାରାହାରି ୧୫ ହଜାର ଲୋକ ଆସିଥାଆନ୍ତି। ଯେଉଁଥିପାଇଁ ଏହାକୁ ସିଟି ଅଫ୍ ଡେଥ୍ ବୋଲି ବି କୁହାଯାଏ।
- ଏଠାରେ 'ମେଲନ୍' ବା ଖରଭୁଜ ପ୍ରଚୁର ପରିମାଣରେ ମିଳିଥାଏ। ଏହା ବହୁତ ମିଠା ହେବା ସହ ଏଠାକାର ଅଧିବାସୀମାନଙ୍କର ପ୍ରିୟ ଖାଦ୍ୟ । ସେଥିପାଇଁ ପ୍ରତି ବର୍ଷ ଅଗଷ୍ଟ ମାସ ଦ୍ୱିତୀୟ ରବିବାର ସଭିଏ 'ମେଲନ୍' ଖାଇବା ସହ ଏହି ଦିନକୁ 'ମେଲ୍‌ନ ଦିବସ'ରୂପେ ପାଳନ କରି ଜାତୀୟ ଛୁଟି ମନେଇଥାଆନ୍ତି।
- ଏହି ମରୁଭୂମିରେ ଥିବା 'ଡାର୍‌ଭାଜ୍ ଗେଟ୍ କାଟର୍'କୁ "ଡୋର୍ ଟୁ ହେଲ୍" ବା " ନର୍କକୁ ଦ୍ୱାର"କୁହାଯାଏ। କାରଣ, ମରୁଭୂମିରେ ଥିବା ଏହି ସ୍ଥାନଟି ହେଉଛି ବିଶ୍ୱର ସବୁଠାରୁ ବୃହତ୍ତମ ସ୍ଥାନ, ଯାହା ପ୍ରାକୃତିକ ଗ୍ୟାସ୍ ଦ୍ୱାରା ଆଚ୍ଛାଦିତ। ବେଳେବେଳେ ଏହି ସ୍ଥାନଟି ପ୍ରାକୃତିକ କାରଣରୁ ଜଳି ଉଠେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ନଭେମ୍ବର ୧୦/୨୦୨୪ Bhubaneswar, Sunday, November 10/ 2024

# ଆଗାଫୋନୋଭ-ବୋବରୋଭ ଚାମ୍ପିୟନ



ଅତିଥିଙ୍କ ସହ ଆଇଟିଏଫ୍ ୱାର୍ଲ୍ଡ ଟେନିସ ପୁରୁଷ ଡବଲ୍ସର ଚାମ୍ପିୟନ ଓ ରନରଅପ୍ ଖେଳାଳି।

ଭୁବନେଶ୍ୱର,୯।୧୧ (ତପନ ସ୍ୱାଇଁ)

## ଆଇଟିଏଫ୍ ୱାର୍ଲ୍ଡ ଟେନିସ

## କବିର-ରିଷଭ ରନରଅପ୍

ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୍୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍-୨୦୨୪ର ଡବଲ୍ସ ଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଓଡ଼ିଶାର କବିର ହଂସ ଓ ରିଷଭ ଅଗ୍ରୱାଲଙ୍କ ଯୋଡ଼ି ଟପ୍ ସିଡ୍ ଇଗର ଆଗାଫୋନୋଭ ଓ ବୋଗଡାନ ବୋବରୋଭଙ୍କଠାରୁ ୪-୬, ୩-୬ ସେଟ୍‌ରେ ହାରି ରନରଅପ୍ ହୋଇଛନ୍ତି। କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ପି.ଏମ. ପ୍ରସାଦ ମୁଖ୍ୟ ଅତିଥି ଓ ମହାନଦୀ କୋଲ୍‌ଫିଲଡ୍ସର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଓ ଏମ୍‌ସିଏଲ୍‌ର ଅର୍ଥ ବିଭାଗ ନିର୍ଦ୍ଦେଶକ ଅଜିତ ବେହୁରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଆଇଟିଏଫ୍ ସୁପରଭାଇଜର ଅଭିଷେକ ମୁଖାର୍ଜୀ ଓ ଓଟିଏ ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ସିଙ୍ଗଲ୍ସ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଏଥିରେ ଚେକ୍ ରିପବ୍ଲିକର ଡାଲିବର ଭର୍ସିନା ଓ ଆମେରିକାର ନିକ୍ ଚାପେଲଙ୍କ ମଧ୍ୟରେ ମୁକାବିଲା ହେବ। ଶନିବାର ପ୍ରଥମ ସେମିଫାଇନାଲରେ ଭର୍ସିନା ୬-୦, ୬-୪ରେ ଆର୍ଯ୍ୟନ ଶାହା ଓ ଦ୍ୱିତୀୟ ସେମିରେ ଚାପେଲ ୬-୨, ୬-୩ ସେଟ୍‌ରେ ବୋଗଡାନ ବୋବରୋଭଙ୍କୁ ପରାସ୍ତ କରିଛନ୍ତି।

# ପୂର୍ବାଞ୍ଚଳ ରୋଲବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ): କୋଲକାତାରେ ୧୧ ବର୍ଷରୁ କମ୍ ଜାତୀୟ ପୂର୍ବାଞ୍ଚଳ ରୋଲବଲ୍ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ ଅଂଶଗ୍ରହଣ କରିଛି। ବାଳିକା ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିମାନେ ହେଲେ ସୁଦୀକ୍ଷା ସ୍ୱାଇଁ (ଅଧିନାୟିକା), ଅନଭି ସୁଦୀପ କୁମାର, ଅଭୀପ୍ସା ବସ୍ତୁ, ଲଗ୍ନିକା ମହାପାତ୍ର, ଆଦ୍ୟା ଆରାଧନା ଷଡ଼ଙ୍ଗୀ, ଅନନ୍ୟା ଭରତିଆ, ପ୍ରଣବୀ ଶନୟା ବେହେରା, ଅମୃତା ବରାଳ, ସନଭି ନଓ୍ୱାଲ, ଆର୍ଯ୍ୟା ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ ଓ ସାକ୍ଷୀ ପାତ୍ର। ସେହିପରି ପୁରୁଷ ଦଳରେ ଶ୍ରେୟାଶ ଅଧିକାରୀ (ଅଧିନାୟକ), ଶ୍ରେୟାଂଶ ପାତ୍ର, ଶିବେଶ ସୋଭନ ଗାରିଆ, ଆର୍ଯ୍ୟନ ଓଝା, ଆର.ଏନ. ଆୟନ, ଅଶ୍ଳେଷ ନାୟକ, ଅନିକେତ ପତି, ସୀତାଂଶୁ ସାହୁ, ମନନ କଶ୍ୟପ, ରୁଦ୍ରାଂଶ ଖୁଣ୍ଟିଆ, ଅର୍ଜିତ ଅନୁରାଗ ଦାସ ଓ ରୋନକ ମଲିକ ସ୍ଥାନ ପାଇଛନ୍ତି। ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବିଡିଏ ରୋଲବଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା, କୋଚ୍ ଅଭିଜିତ ସ୍ୱାଇଁ ଓ ମ୍ୟାନେଜର ସାହିଲ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର 'ଏ' ଚାମ୍ପିୟନ

ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)

## ଆନ୍ତଃସ୍କୁଲ କ୍ରିକେଟ

## ମୃତ୍ୟୁଞ୍ଜୟ ଶ୍ରେଷ୍ଠ ବୋଲର, ପ୍ରନ୍ତିକ ଶ୍ରେଷ୍ଠ ବ୍ୟାଟର




ଶ୍ରେଷ୍ଠ ବୋଲର ମୃତ୍ୟୁଞ୍ଜୟ ରାୟ ଓ ଶ୍ରେଷ୍ଠ ବ୍ୟାଟର ପ୍ରନ୍ତିକ ନାୟକ।

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ଆନ୍ତଃ ସ୍କୁଲ କ୍ରିକେଟ (୫୦ ଓଭର) ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର 'ଏ' ୧୧୬ ରନ୍‌ରେ ଅବଶିଷ୍ଟ ଓଡ଼ିଶା 'ସି'କୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର 'ଏ' ୪୯.୨ ଓଭରରେ ୨୦୫ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ପ୍ରନ୍ତିକ ନାୟକ ସର୍ବାଧିକ ୭୧ ରନ କରିଥିଲେ। ବିପକ୍ଷ ଦଳର ଦିବ୍ୟଜ୍ୟୋତି ମଲିକ ଓ ଅର୍ଜୁନ ମୁର୍ମୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅବଶିଷ୍ଟ ଓଡ଼ିଶା 'ସି' ୩୫.୫ ଓଭରରେ ୮୯ ରନକରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ସେକ୍ ନକିବ ସର୍ବର ୩ଟି ଉଇକେଟ ଅକ୍ତିଆର କରିଥିଲେ। ପୂରା ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ମୃତ୍ୟୁଞ୍ଜୟ ରାୟ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ସେ ୫ ମ୍ୟାଚରୁ ୧୪ଟି ଉଇକେଟ ନେଇଥିଲେ। ଅର୍ଜୁନ ମୁର୍ମୁ ଓ ନକିବ ସର୍ବର ୧୧ଟି ଲେଖାଏ ଉଇକେଟ ନେଇ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ସେହିପରି ପ୍ରନ୍ତିକ ନାୟକ ସର୍ବାଧିକ ୨୧୧ ରନକରି ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ସ୍ୱାଗତ ମିଶ୍ର ୨୦୮ ଓ ରୋଶନ ଚୌଧୁରୀ ୧୭୯ ରନକରି ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ସଦସ୍ୟ ଅଞ୍ଜନ କୁମାର ଖୁଣ୍ଟିଆ, ଅଭିଜିତ ପାଲ, ତଡିତ ରାଉତ, ନିର୍ବାଣ ରୟ, ଅମିତ ବେହେରା, ସୁଶାନ୍ତ ମହାନ୍ତି, ଶିବବ୍ରତ ମଲିକ, ଗୌତମ ଗଜପତି ଓ ସ୍ୱାଗତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବରାଜ ସିଂ କ୍ରିକେଟ ଏକାଡେମୀ ପାଇଁ ଖେଳାଳି ଚୟନ ଶିବିର

ଖୋର୍ଦ୍ଧା, ୯।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଯୁବରାଜ ସିଂ କ୍ରିକେଟ ଏକାଡେମୀ ପାଇଁ ପୂର୍ବାଞ୍ଚଳ କ୍ରିକେଟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬ ବର୍ଷରୁ ୨୦ବର୍ଷ ବୟସର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ପଞ୍ଜାବର ପ୍ରଶିକ୍ଷକ ବିଶାଲ ଭାଟିଆ, ବେଙ୍ଗଲର ପ୍ରଶିକ୍ଷକ ସତିନ୍ଦର୍ ସିଂଙ୍କ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ହୋଇଥିଲା। ପରବର୍ତ୍ତୀ ସମୟରେ ସିଲିଗୁଡ଼ି, ପାଟନା ଏବଂ କୋଲକାତାରେ ଚୟନ ଶିବିର ଅନୁଷ୍ଠିତ ହୋଇ ଖେଳାଳିମାନଙ୍କୁ ମୁଖ୍ୟ ଏକାଡେମୀ ପାଇଁ ମନୋନୟନ କରାଯିବ। ଏହି ଶିବିରକୁ ମର୍ଲିନ ରାଇଜ ସ୍ପୋର୍ଟ୍ସ କୋଲକାତା ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ଶିବିର ପରିଚାଳନାରେ ସହାୟତା



କରିଥିଲେ। ଆସୋସିଏଶନର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ପ୍ରୟାସ ଯୋଗୁ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଏହି ଶିବିରରେ ଯୋଗଦେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ।

# ଆଡ୍‌ଭାନୀଙ୍କୁ ରେକର୍ଡ ବିଶ୍ୱ ଟାଇଟଲ

ନୂଆଦିଲ୍ଲୀ, ୯।୧୧ (ପି.ଟି.)

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଦୋହାଠାରେ ଚାଲିଥିବା ଆଇବିଏସ୍ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ଇଂଲଣ୍ଡର ରବର୍ଟ ହଲ୍‌ଙ୍କୁ ୪-୨ରେ ହରାଇ ଦେଇଛନ୍ତି। ଏଥିସହିତ ସେ କ୍ରମାଗତ ୭ଥର ଏବଂ ମୋଟ ଉପରେ ୨୮ଥର ବିଶ୍ୱ ଟାଇଟଲ ହାସଲ କରି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆଡ୍‌ଭାନୀ ୨୦୧୬ରୁ ଟାଇଟଲ ଜିତି ଆସୁଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଦୁଇବର୍ଷ (୨୦୨୦, ୨୦୨୧) ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ନ ଥିଲା। ଶନିବାର ଫାଇନାଲରେ ଆଡ୍‌ଭାନୀ ୧୫୧ (୭୧)-୯୪ (୮୭), ୧୫୧ (୧୪୭)-୦, ୧୫୦-୮୪, ୭୪ (୭୪)-୧୫୧ (୧୫୧), ୬-୧୫୪ (୧୫୪), ୧୫୨ (୧୦୫)-୪୬ ସ୍କୋରରେ ରବର୍ଟଙ୍କୁ ପରାସ୍ତ କରିଛନ୍ତି। କ୍ରମାଗତ ବିଶ୍ୱ ବିଲିୟାର୍ଡ୍ସ ଟାଇଟଲ ଜିତି ସେ ଖୁବ୍ ଆନନ୍ଦିତ ବୋଲି ଆଡ୍‌ଭାନୀ କହିଛନ୍ତି। ଏହି ସଫଳତା ହାସଲ କରିବା ସେତେଟା ସହଜ ନ ଥିଲା। ପ୍ରତିଯୋଗିତା କଷ୍ଟସାଧ୍ୟ ଥିଲା। ଯେତେବେଳେ ତାଙ୍କ ପ୍ରଦର୍ଶନରେ ଧିମା ପରିଲକ୍ଷିତ ହେଉଥିଲା, ତାଙ୍କ ଭାଇ ଶ୍ରୀ, ଯିଏ କି ଜଣେ କ୍ରୀଡ଼ା ମନସ୍ତତ୍ତ୍ୱବିତ୍ ସେ ତାଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସିଥିଲେ। ତାଙ୍କ ଯୋଗୁ ବିଜୟ ସମ୍ଭବ ହୋଇପାରିଛି। ସେ ତାଙ୍କ ଦେଶ ଓ ପରିବାର ପାଇଁ ଏହି ବିଜୟ ହାସଲ କରିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ